# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମେ' ୪/୨୦୨୩ (୧୪ ପୃଷ୍ଠା) Bhubaneswar, Thursday, May 4/2023 Page 14 ₹ 7.00

୪୯ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 158 ମୂଲ୍ୟ₹୭/-




**ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ**

ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ବିପକ୍ଷ ଇଣ୍ଡିଆନ ଓମେନ୍ସ ଲିଗ୍ ମ୍ୟାଚରେ ଓଡ଼ିଶା ଏଫ୍‌ସିର ଯଶୋଦା ମୁଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।

୧୪

୦୨

**ଅଜୟ ବଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ**

ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଅଜୟ ବଙ୍ଗାଙ୍କୁ ବୁଧବାର ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେ ଏହି ପଦରେ ୫ ବର୍ଷ କାର୍ଯ୍ୟ କରିବେ।





ପ୍ୟାରିସ୍‌ରେ ଶ୍ରମିକ ଦିବସରେ ବିକ୍ଷୋଭ ବେଳେ ପୋଲିସ ଉପରକୁ ପେଟ୍ରୋଲ ବୋମା ଫିଙ୍ଗିଛନ୍ତି ନୂଆ ପେନ୍‌ସନ ଆଇନ ବିରୋଧୀ ବିକ୍ଷୋଭକାରୀ। (ରିପୋର୍ଟ: ପୃଷ୍ଠା-୨)

# ବର୍ତ୍ତିଯାଇପାରେ ଓଡ଼ିଶା

## ବାତ୍ୟା: ବାଂଲାଦେଶ, ମ୍ୟାନ୍‌ମାର ମୁହାଁଇପାରେ

**ଭୁବନେଶ୍ୱର,୩ା୫(ବ୍ୟୁରୋ)**

ଆସନ୍ତା ୬ କିମ୍ବା ୭ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଧୀରେ ଧୀରେ ଘନୀଭୂତ ହୋଇ ୮ ତାରିଖରେ ଲଘୁଚାପରେ ପରିଣତ ହେବ। ମେ ୯ କିମ୍ବା ୧୦ ତାରିଖ ବେଳକୁ ଏହା ସିଭିୟର ସାଇକ୍ଲୋନିକ ଷ୍ଟର୍ମ ବା ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହୋଇପାରେ। ଯଦି ବାତ୍ୟା ହୁଏ, ତା'ହେଲେ ଏହାର ନାଁ ରହିବ 'ମୋଚା'। ତେବେ ଏହାର ଗତି ଓ ବେଗ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି ) ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେବେ ୱିଣ୍ଡି ୱେଦର ଭଳି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପାଣିପାଗ ମଡେଲ ସୂଚନା ଅନୁଯାୟୀ ବାତ୍ୟା ବାଂଲାଦେଶ କିମ୍ବା ମ୍ୟାନ୍‌ମାର ଆଡ଼େ ମୁହାଁଇବା ଅଧିକ ସମ୍ଭାବନା ରହିଛି। ଓଡ଼ିଶା ପ୍ରତି ବିପଦ ନ ଥିବା କୁହାଯାଇଛି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଆସନ୍ତା ମେ ୬ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ। ୭ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଲଘୁଚାପ ଘନୀଭୂତ ହୋଇ ୮ତାରିଖ ବେଳକୁ ଅବପାତର ରୂପ ନେଇପାରେ। ଲଘୁଚାପ କ୍ରମେ ଘନୀଭୂତ ହୋଇ ଉତ୍ତର ଦିଗକୁ ଗତି କରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୯ ତାରିଖ ବେଳକୁ ବାତ୍ୟାର ରୂପ ନେଇପାରେ। ବାତ୍ୟା କୁଆଡ଼େ ଯିବ ଓ ଏହାର ତୀବ୍ରତା କେତେ ରହିବ ସେ ନେଇ ଆକଳନ ହୋଇନାହିଁ। ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲା ପରେ ଏ ନେଇ ସ୍ପଷ୍ଟ ହେବ। ବର୍ତ୍ତମାନ ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନାହିଁ। ଓଡ଼ିଶା ଉପକୂଳ ପାଇଁ ବର୍ଷା କିମ୍ବା ପବନର ସତର୍କ ସୂଚନା ଜାରି କରାଯାଇ ନାହିଁ। ଏ ନେଇ ଜନସାଧାରଣ ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି। ୭ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ। ଏହି ସମୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ନ ଯିବାକୁ ଆଇଏମ୍‌ଡି ଡିଜି ପରାମର୍ଶ ଦେଇଛନ୍ତି।

ଲଗାତର ଭାବେ ମେ ମାସରେ ବାତ୍ୟା ହେଉଛି। ତେବେ ଏହାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି। ସତର୍କ ରହିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ☞ପୃଷ୍ଠା-୪

# ସ୍ୱାଭାବିକ ହୋଇନାହିଁ ବ୍ୟବସାୟ

**ସମ୍ବଲପୁର ଦଙ୍ଗା ଘଟଣା**

**ସମ୍ବଲପୁର,୩ା୫(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ପଥର ମାଡ଼, ପୋଡ଼ାଜଳା, ଆକ୍ରମଣ, ହତ୍ୟା ଭଳି ଘଟଣା ଘଟିଥିଲା। ଏହାକୁ ନେଇ ଜିଲା ପ୍ରଶାସନ ଏପ୍ରିଲ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ କର୍ଫ୍ୟୁ ଲଗାଇଥିଲା। ନେଟ୍‌ସେବା ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏଥିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ବ୍ୟବସାୟ ଉପରେ ପ୍ରଭାବ ପଡ଼ିଥିଲା। ସମସ୍ତ ଛୋଟବଡ଼ ବ୍ୟବସାୟକୁ ଠପ୍ କରିଦେଇଥିଲା। ବ୍ୟବସାୟୀଙ୍କ ସମେତ ଏଥିରେ ନିୟୋଜିତ କର୍ମଚାରୀ, ଶ୍ରମିକ ବର୍ଗଙ୍କ ଘୋର ଆର୍ଥିକ କ୍ଷତି ଘଟିଛି। ଏବେ ଶାନ୍ତି ଫେରିଥିଲେ ମଧ୍ୟ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିନାହିଁ। ବ୍ୟବସାୟ ସ୍ୱାଭାବିକ ହୋଇପାରି ନାହିଁ।

ଗ୍ରାଣ୍ଡ ଶିବା ହୋଟେଲ ନିର୍ଦ୍ଦେଶକ ହରିଶଙ୍କର ସିଲା କହିଛନ୍ତି, ସମ୍ବଲପୁର ସହର ରାଜ୍ୟର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଦଙ୍ଗା ହେବା ଫଳରେ ବିଶେଷ ଭାବେ ହୋଟେଲ ବ୍ୟବସାୟ ଉପରେ ପ୍ରଭାବ ପକାଇଛି। ପ୍ରଶାସନର କଟକଣା ଯୋଗୁ ପ୍ରାୟ ୧୨ଦିନ ଧରି ହୋଟେଲ ବନ୍ଦ ରହିଥିଲା। ସହରକୁ ଗମନାଗମନ ଉପରେ ରୋକ ଲାଗିଥିଲା। ତେଣୁ କେହି ଆସୁ ନ ଥିଲେ। ଯେଉଁ କେତେଜଣ ଲୋକ ରହିଥିଲେ ନେଟ୍‌ସେବା ବନ୍ଦ ହେବାରୁ ସେମାନେ ହୋଟେଲ ଛାଡି ପାଖ ଜିଲାକୁ ଚାଲିଯାଇଥିଲେ। ହୋଟେଲର ଦୈନିକ ଖର୍ଚ୍ଚ ସାଙ୍ଗକୁ କର୍ମଚାରୀଙ୍କ ଦରମା ବହନ କରିବାକୁ ପଡ଼ିଥିଲା। ଶାନ୍ତି ଫେରିଥିବା ସ୍ଥାନୀୟ ଲୋକେ ଜାଣିଥିଲେ ମଧ୍ୟ ବାହାରୁ ଆସୁଥିବା ଲୋକେ ଆଜି ମଧ୍ୟ ଭୟ ଭିତରେ ରହିଛନ୍ତି। ପ୍ରଶାସନ କୋହଳ କରିଥିଲେ ବି ୯ଦିନ ବିତିଯାଇଥିଲେ ମଧ୍ୟ ବ୍ୟବସାୟ ସ୍ୱାଭାବିକ ହୋଇନାହିଁ ବୋଲି ହରିଶଙ୍କର କହିଛନ୍ତି। ମୁଦିପଡ଼ାର ଆଳୁମୁଢ଼ି ବିକ୍ରି କରୁଥିବା ବିଜୟ ସିଂହ କହିଛନ୍ତି, କଟକଣା ☞ପୃଷ୍ଠା-୪

# ୫ରେ ଓଡ଼ିଶା ଆସିବେ ନୀତୀଶ

**ଭୁବନେଶ୍ୱର,୩ା୫(ବ୍ୟୁରୋ)**

ବିହାର ମୁଖ୍ୟମନ୍ତ୍ରୀ ତଥା ଜନତା ଦଳ (ୟୁନାଇଟେଡ) ମୁଖ୍ୟ ନୀତୀଶ କୁମାର ଆସନ୍ତା ୫ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଏହି ଅବସରରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ



ନୀତୀଶ କୁମାର

କରିବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ବିରୋଧରେ ଏକାଠି କରି ଏକ ଦୃଢ଼ ବିରୋଧୀ ମେଣ୍ଟ କରିବା ଲକ୍ଷ୍ୟରେ ନୀତୀଶ ଓଡ଼ିଶା ଗସ୍ତରେ ଆସୁଥିବା ସୂଚନା ମିଳିଛି। ତେବେ ଉଭୟ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ କୌଣସି ବୈଠକର ଯୋଜନା ହୋଇ ନ ଥିବା ଜଣାପଡ଼ିଛି। ☞ପୃଷ୍ଠା-୪

# ଅନୁକମ୍ପା ସହାୟତା ରାଶି ବଢ଼ିଲା

**ମଣିଷ-ବନ୍ୟପ୍ରାଣୀ ସଂଘର୍ଷ**

- **ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି**
- **ଗୃହପାଳିତ ପ୍ରାଣୀ ମୃତ୍ୟୁ, ଫସଲ କ୍ଷତି ପାଇଁ ମିଳିବ ଅଧିକ ଟଙ୍କା**

**ଭୁବନେଶ୍ୱର,୩ା୫(ବ୍ୟୁରୋ)**

ବନ୍ୟପ୍ରାଣୀ ଆକ୍ରମଣରେ ମୃତାହତ ବ୍ୟକ୍ତିଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ଅନୁକମ୍ପା ରାଶି ତଥା ସମ୍ପତ୍ତି କ୍ଷୟକ୍ଷତି ପାଇଁ ସହାୟତା ରାଶି ବୃଦ୍ଧି କରାଯାଇଛି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅନୁମୋଦନ କରିଛନ୍ତି ।

ନୂତନ ନିଷ୍ପତ୍ତି ଅନୁଯାୟୀ ବନ୍ୟପ୍ରାଣୀ ଆକ୍ରମଣରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ଅନୁକମ୍ପାମୂଳକ ରାଶିର ପରିମାଣ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗୁରୁତର ଆହତଙ୍କ କ୍ଷେତ୍ରରେ ସହାୟତା ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ୬୦ ପ୍ରତିଶତରୁ କମ୍ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୧ ଲକ୍ଷ ଟଙ୍କାରୁ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ☞ପୃଷ୍ଠା-୪

# ଆଜିଠୁ ରାଷ୍ଟ୍ରପତିଙ୍କ ୩ ଦିନିଆ ମୟୂରଭଞ୍ଜ ଗସ୍ତ

**ବାରିପଦା ଅଫିସ,୩ା୫**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାରଠାରୁ ୩ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସୁଛନ୍ତି। ଜନ୍ମମାଟିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରିବା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶାଶୁଘର ଗାଁ ପାହାଡ଼ପୁରଠାରୁ ଆରମ୍ଭକରି ରାଇରଙ୍ଗପୁର ବାସଭବନ,



ଦ୍ରୌପଦୀ ମୁର୍ମୁ

ଶିମିଳିପାଳ ଅଭୟାରଣ୍ୟ ଓ ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସେ ଯୋଗଦେବେ। ପୂର୍ବାଞ୍ଚଳ ଡିଆଇଜି ହିମାଂଶୁ ଲାଲ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ସକାଳ ୭ଟାରେ ରାଷ୍ଟ୍ରପତି ରାଇସିନାରୁ ବାହାରିବେ। ପାଲାମ ଏୟାରପୋର୍ଟରୁ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଇଏସ୍‌ଜି ରେଟିଂର ଆବଶ୍ୟକତା**

# ମାଳଦ୍ୱୀପରେ ଓଡ଼ିଆ ହୋଟେଲ ବ୍ୟବସାୟୀଙ୍କ ସଫଳତା



ସଲିଳ ପାଣିଗ୍ରାହୀ



**ଭୁବନେଶ୍ୱର,୩ା୫(ବ୍ୟୁରୋ)**

ବଡ଼ ସଫଳ କାହାଣୀଗୁଡ଼ିକ ପଛରେ ଅନେକ ସମୟରେ ବୃହତ୍ ସ୍ୱପ୍ନ ଓ ଭାବାବେଗ ରହିଥାଏ। ଓଡ଼ିଶାରେ ଜନ୍ମିତ ସଲିଳ ପାଣିଗ୍ରାହୀ ମାଳଦ୍ୱୀପରେ ନିଜକୁ ସବୁଠୁ ସଫଳ ହୋଟେଲ ବ୍ୟବସାୟୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି। ୩ ଦଶନ୍ଧି ପୂର୍ବରୁ ସେ ଓବେରୋଇ ହୋଟେଲ୍ସ ଆଣ୍ଡ ରିସର୍ଟସ୍‌ର ଫାଇନାନ୍ସ ବିଭାଗରେ ଏକ ଛୋଟମୋଟ କାମ ସହ ହସ୍ପିଟାଲିଟିରେ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ ମାଳଦ୍ୱୀପରେ ସିକ୍ସ ସେନ୍ସେସ୍ ଗ୍ରୁପ୍‌ରେ ଯୋଗଦେଇଥିଲେ। ଏହି ସୁନ୍ଦର ଦ୍ୱୀପ ପ୍ରତି ଭଲପାଇବା ଓ କିଛି ବଡ଼ କରିବା ପାଇଁ ସଲିଳଙ୍କୁ ପ୍ରେରଣା ଦେଇଥିଲା। ସେ ତାଙ୍କ ପିଲାଦିନର ମଧ୍ୟବିତ୍ତ ଚଳଣି, ମୂଲ୍ୟବୋଧକୁ କଦାପି ଭୁଲି ନ ଥିବା କହିଛନ୍ତି। ତାଙ୍କ ମତରେ ଏକ ବିନୟୀ କ୍ଷୁଦ୍ର ଅୟମାରମ୍ଭ ଛୋଟ ସଫଳତାକୁ ସମ୍ମାନ ଦେବା ଶିଖାଇଥାଏ ଏବଂ ଉଚ୍ଚ ସୋପାନକୁ ଯିବାରେ ସହାୟକ ହୋଇଥାଏ।

୧୯୬୮ରେ ଜନ୍ମିତ ସଲିଳ ପେସାରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ତାଲିମ ନେଉଥିଲେ। ସେହି ସମୟରେ ସେ ବିଭିନ୍ନ ହୋଟେଲ କମ୍ପାନୀର ଅଡିଟ୍ କରିବାର ସୁଯୋଗ ପାଇଥିଲେ। ଫଳରେ ତାଙ୍କଠାରେ ଆତିଥେୟତା ଜଗତ ପ୍ରତି ସ୍ୱତନ୍ତ୍ର ଆଗ୍ରହ ସୃଷ୍ଟି ହେଲା। ହୋଟେଲିୟର ହେବାର ନିଶା ଯୋଗୁ ୨୦୧୩ରେ ସେ କାନିଫୁଶି ଦ୍ୱୀପରେ ଆଟମୋସ୍ପିୟର ☞ପୃଷ୍ଠା-୪




## ସଂକ୍ଷେପରେ

### ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ପିଟି ହତ୍ୟା

ରାଞ୍ଚି,୩।୫(ଆଇଏଏନ୍ଏସ୍): ଝାଡ଼ଖଣ୍ଡର ଲାଟେହାର ଜିଲା ଅନ୍ତର୍ଗତ ଫସ୍‌ଲା ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଏକ ଦମ୍ପତିଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ସେମାନଙ୍କ ଗୁଣିଗାରେଡ଼ି ପାଇଁ ଗ୍ରାମ ଗୁରୁତର ପ୍ରଭାବିତ ହେଉଥିବା ଅଭିଯୋଗ କରି ପଞ୍ଚାୟତ ସେମାନଙ୍କୁ ପିଟି ମାରିବାକୁ ନିର୍ଦ୍ଦେଶ ଦେଇଥିଲା। ମୃତକ ହେଲେ ଶିବଲ ଗଞ୍ଜୁ ଓ ତାଙ୍କ ସ୍ତ୍ରୀ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମଙ୍ଗଳବାର ରାତିରେ ପଞ୍ଚାୟତ ବସିଥିଲା। ସେଠାରେ ଦମ୍ପତିଙ୍କୁ ହାଜର କରାଯିବା ପରେ ସେମାନଙ୍କୁ ପିଟି ମାରିଦିଆଯାଇଥିଲା। ଝାଡ଼ଖଣ୍ଡରେ ଗୁଣିଗାରେଡ଼ି ଅଭିଯୋଗରେ ପ୍ରତିବର୍ଷ ହାରାହାରି ୬୦ରୁ ୭୦ ଜଣଙ୍କ ମୃତ୍ୟୁ ଘଟୁଛି। ୨୦୧୫ରୁ ଇତିମଧ୍ୟରେ ୫,୦୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି।

### ଅଜୟ୍ ବଙ୍ଗା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ

ୱାଶିଂଟନ୍,୩।୫: ଭାରତୀୟ-ଆମେରିକୀୟ ବିଜ୍‌ନେସ୍ ଲିଡର ଅଜୟ୍ ବଙ୍ଗାଙ୍କୁ ବୁଧବାର ବିଶ୍ୱବ୍ୟାଙ୍କର ନୂଆ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେ ଏହି ପଦରେ ୫ ବର୍ଷ କାର୍ଯ୍ୟ କରିବେ। ଉକ୍ତ ବୈଶ୍ୱିକ ଆର୍ଥିକ ସଂସ୍ଥାର ନେତୃତ୍ୱ ନେବାରେ ବଙ୍ଗା ହେଉଛନ୍ତି ପ୍ରଥମ ଭାରତୀୟ ବଂଶୋଦ୍ଭବ। ବିଶ୍ୱବ୍ୟାଙ୍କ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର୍ସ ପକ୍ଷରୁ ତାଙ୍କ ନିଯୁକ୍ତିକୁ ଅନୁମୋଦନ



କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ପ୍ରକାଶ ଯେ, ଗତ ଫେବୃୟାରୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ପଦ ପାଇଁ ୬୩ ବର୍ଷୀୟ ଅନୁଭବୀ ବିଜ୍‌ନେସ୍ ଲିଡର ତଥା ଜେନେରାଲ ଆଟ୍‌ଲାଣ୍ଟିକ୍ ଉପାଧ୍ୟକ୍ଷ ଥିବା ବଙ୍ଗାଙ୍କ ନାମ ଘୋଷଣା କରିଥିଲେ। ବଙ୍ଗା ଏହା ପୂର୍ବରୁ ୨୪,୦୦୦ କର୍ମଚାରୀ ନିୟୋଜିତ ଥିବା ବୈଶ୍ୱିକ ସଙ୍ଗଠନ ମାଷ୍ଟରକାର୍ଡର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୬ରେ ବଙ୍ଗାଙ୍କୁ ଭାରତ ସରକାର ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ।

### ବୋଲସୋନାରୋଙ୍କ ଘରେ ପୋଲିସ ଚଢ଼ାଉ

ବ୍ରାସିଲିଆ,୩।୫: ବ୍ରାଜିଲର ଫେଡେରାଲ ପୋଲିସ ବୁଧବାର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ଘରେ ଚଢ଼ାଉ କରିବା ସହ ତାଙ୍କ ଫୋନ୍‌କୁ ଜବତ କରିଛି। ଏଥିସହିତ ତାଙ୍କର ଘନିଷ୍ଠ କୁହାଯାଉଥିବା ମ୍ୟାଉରୋ ସିଡ୍‌ଙ୍କୁ ଗିରଫ କରାଯାଇଛି। ବୋଲସୋନାରୋଙ୍କୁ ଫେଡେରାଲ ପୋଲିସ ମୁଖ୍ୟାଳୟରେ ହାଜର



ଜୈର ବୋଲସୋନାରୋ

କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କୋଭିଡ୍-୧୯ ଟିକା ସମ୍ପର୍କିତ ଜାଲ୍ ତଥ୍ୟ ପ୍ରଦାନ ନେଇ ରିଓ ଡି ଜନେଇରୋର ୧୬ଟି ସ୍ଥାନରେ ଫେଡେରାଲ ପୋଲିସ ଚଢ଼ାଉ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ବ୍ରାସିଲିଆରେ ଥିବା ବୋଲସୋନାରୋଙ୍କ କଣ୍ଡୋମିନିଅମ୍ କମ୍ପ୍ଲେକ୍ସରେ ପୋଲିସ ଚଢ଼ାଉ ସମୟର ଫଟୋ ଗ୍ଲୋବୋ ବ୍ରଡକାଷ୍ଟରେ ପ୍ରସାରିତ ହୋଇଛି।



ଗାଜାରୁ କରାଯାଇଥିବା ରକେଟ୍ ମାଡ଼ରେ ଇସ୍ରାଏଲ୍‌ର ସେରୋଟ୍‌ରେ ନଷ୍ଟ ହୋଇଯାଇଥିବା ଏକ କାର୍ ନିକଟରେ ଜଣେ ୫ ବର୍ଷୀୟା ଝିଅ ଛିଡ଼ା ହୋଇଛନ୍ତି।

# ପୁଟିନ୍‌ଙ୍କୁ ୟୁକ୍ରେନ୍‌ର ହତ୍ୟା ଉଦ୍ୟମ

ମସ୍କୋ/କିଭ୍,୩।୫



ଭ୍ଲାଡିମିର ପୁଟିନ୍

■ଡ୍ରୋନ୍ ଆକ୍ରମଣରୁ ବର୍ତ୍ତିଲେ ରୁଷିଆ ରାଷ୍ଟ୍ରପତି
■ଅଭିଯୋଗକୁ ଖଣ୍ଡନ କଲା କିଭ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଉପରେ ୟୁକ୍ରେନ୍ ପକ୍ଷରୁ ଡ୍ରୋନ୍ ଆକ୍ରମଣ କରାଯାଇଥିବାବେଳେ ମସ୍କୋ ଏହାକୁ ପଣ୍ଡ କରିଥିବା ଅଭିଯୋଗ ଆଣିଛି। ବୁଧବାର ସକାଳେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣ ପୁଟିନ୍‌ଙ୍କୁ ହତ୍ୟା ପାଇଁ ଉଦ୍ଦିଷ୍ଟ ଥିଲା। ୟୁକ୍ରେନ୍‌କୁ ଏହି ବିଫଳ ହତ୍ୟା ଉଦ୍ୟମର ଜବାବ ଦିଆଯିବ ବୋଲି ରୁଷିଆ କହିଛି।

ଡ୍ରୋନ୍ ଆକ୍ରମଣ ବେଳେ ପୁଟିନ୍ କ୍ରେମ୍‌ଲିନ୍‌ରେ ନ ଥିଲେ। ସେ ମସ୍କୋ ବାହାରେ ଥିବା ନୋଭୋ-ଓଗାରୟୋଭୋ ବାସଭବନରେ ଥିଲେ। ତେବେ ୨ଟି ଡ୍ରୋନ୍ ଷ୍ଟ୍ରାଇକ୍ କରିବା ପୂର୍ବରୁ ଏହାକୁ ରୁଷୀୟ ସେନା ଓ ସୁରକ୍ଷା ବଳ ଖସାଇ ଦେଇଥିଲେ। ଏଥିରେ କେହି ମୃତାହତ ହୋଇ ନ ଥିବା ପୁଟିନ୍‌ଙ୍କ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ମସ୍କୋ ମେୟର ସର୍ଗେଇ ସୋବ୍ୟାନିନ୍ ରାଜଧାନୀ ମସ୍କୋ ଆକାଶରେ ବିନା ଅନୁମତିରେ ଡ୍ରୋନ୍ ଉଡ଼ାଣ ଉପରେ ନିଷେଧାଦେଶ ଜାରି କରିଛନ୍ତି। ଅନ୍ୟପକ୍ଷେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମୁଖପାତ୍ର ପୋଡୋଲ୍‌ୟାକ୍ ଏଥିରେ କିଭ୍‌ର ସମ୍ପୃକ୍ତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଡ୍ରୋନ୍ ଆକ୍ରମଣ ସହ ୟୁକ୍ରେନ୍‌ର କିଛି ସମ୍ପର୍କ ନାହିଁ। ରୁଷିଆ ୟୁକ୍ରେନୀୟ ସହରଗୁଡ଼ିକରେ ରକେଟ ମାଡ଼ କରି ନିରୀହ ଲୋକଙ୍କୁ ଟାର୍ଗେଟ କରୁଥିବାବେଳେ ଏପରି ଓଲଟା ଅଭିଯୋଗ ଆଣିଥିବା ସେ କହିଛନ୍ତି। ରୁଷିଆ-ୟୁକ୍ରେନ୍ ମଧ୍ୟରେ ୧୪ ମାସ ଧରି ଚାଲିଥିବା ଯୁଦ୍ଧକୁ ଏହି ଡ୍ରୋନ୍ ଆକ୍ରମଣ ଆହୁରି ଉସୁକାଇବ ବୋଲି କୁହାଯାଉଛି।

# ପେନ୍‌ସନ ଆଇନ ପ୍ରତ୍ୟାହାର କର

ପ୍ୟାରିସ୍,୩।୫

### ରାଷ୍ଟ୍ରପତି ମାକ୍ରଁଙ୍କ ଇସ୍ତଫା ଦାବି ଜୋର୍ ଧରିଲା



### ଦ୍ୱିତୀୟ ଫରାସୀ ବିପ୍ଳବ

### ୧୦୮ ପୋଲିସ ଆହତ, ୨୯୧ ବିକ୍ଷୋଭକାରୀ ଗିରଫ

ଫ୍ରାନ୍ସରେ ନୂଆ ପେନ୍‌ସନ ଆଇନ ପ୍ରତିବାଦରେ ଆନ୍ଦୋଳନ ଜାରି ରହିଥିବାବେଳେ ମେ' ୧ ଶ୍ରମିକ ଦିବସରେ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ବଡ଼ ବିକ୍ଷୋଭ କରିଛନ୍ତି। ରାଜଧାନୀ ପ୍ୟାରିସ୍ ସମେତ ଅନ୍ୟ ସହରଗୁଡ଼ିକର ରାସ୍ତାରେ ସରକାର ବିରୋଧୀ ବିକ୍ଷୋଭ ବ୍ୟାପକ ହୋଇଥିବାବେଳେ ଆନ୍ଦୋଳନକାରୀଙ୍କ ଆକ୍ରୋଶର ଶିକାର ହୋଇଛି ପୋଲିସ। ଫ୍ରାନ୍ସ ପୋଲିସ ସେମାନଙ୍କୁ ଘଉଡ଼ିବାକୁ ଯାଇ ଲୁହବୁହା ବାଷ୍ପ ସହ ବଳ ପ୍ରୟୋଗ କରିଥିଲା। ଫଳରେ ପୋଲିସ-ଆନ୍ଦୋଳନକାରୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଏଥିରେ ଅନ୍ୟୂନ ୧୦୮ ପୋଲିସ ଆହତ ହୋଇଛନ୍ତି। ଆକ୍ରମଣ ଅଭିଯୋଗରେ ୨୯୧ ଜଣଙ୍କୁ ଅଟକ ରଖାଯାଇଥିବା ଆଭ୍ୟନ୍ତରୀଣ ମନ୍ତ୍ରୀ ଗେରାଲ୍ଡ ଡର୍ମାନିନ୍ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନକୁ ଦ୍ୱିତୀୟ ଫରାସୀ ବିପ୍ଳବର ଆଖ୍ୟା ଦିଆଯାଇଛି। ଫ୍ରାନ୍ସରେ ସରକାରୀ କର୍ମଚାରୀଙ୍କ ଅବସର ବୟସ ସୀମା ୬୨ରୁ ୬୪କୁ ବୃଦ୍ଧି କରାଯିବା ନେଇ ଆଗତ ପେନ୍‌ସନ ସଂସ୍କାର ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହେବା ପରଠୁ ଆନ୍ଦୋଳନ ଲାଗି ରହିଛି। ଏପ୍ରିଲ ୧୫ରେ କନ୍‌ଷ୍ଟିଚ୍ୟୁଶନାଲ କାଉନ୍‌ସିଲ ଏହାକୁ ମଞ୍ଜୁରୀ ଦେବା ପରେ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଅନୁମୋଦନ ସହ ପେନ୍‌ସନ ବିଲ୍ ଆଇନରେ ପରିଣତ ହୋଇଛି। ଆସନ୍ତା ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକାରୀ ହେବାକୁ ଥିବା ଏହି ବିବାଦୀୟ ଆଇନକୁ ପ୍ରତ୍ୟାହାର କରାଯିବା ଦାବିରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ୟାରିସ୍‌ରେ ମେ' ଦିବସରେ ଟ୍ରେଡ୍ ୟୁନିୟନ୍ ନେତୃତ୍ୱାଧୀନ ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିଲା। ଏଥିରେ ଅନେକ ପରିବାର ସାମିଲ ହୋଇଥିଲେ। ସେମାନଙ୍କ ହାତରେ ଥିବା ବ୍ୟାନରରେ ସାମାଜିକ ନ୍ୟାୟର ଆହ୍ୱାନ ଦିଆଯାଇଥିଲା। ବିକ୍ଷୋଭକାରୀମାନେ ରାଷ୍ଟ୍ରପତି ମାକ୍ରଁଙ୍କ ଇସ୍ତଫା କିମ୍ବା ତାଙ୍କ ପେନ୍‌ସନ ଆଇନର ପ୍ରତ୍ୟାହାର ଦାବି କରିଥିଲେ। ବସ୍ ଷ୍ଟପ୍‌ଗୁଡ଼ିକରେ ପୋଲିସ ବିରୋଧୀ ସ୍ଲୋଗାନ ଲେଖାଯାଇଥିଲା। ପ୍ଲେସ୍ ଡେ ଲା ନେଶନ୍‌ରେ ଶୋଭାଯାତ୍ରା ପହଞ୍ଚିଥିବାବେଳେ ପୋଲିସ ଟିଅର ଗ୍ୟାସ୍ ଛାଡ଼ିବା ସହ ଭିଡ଼କୁ ଠେଲାପେଲା କରିଥିଲା। ସଂଘର୍ଷ ବେଳେ ବିକ୍ଷୋଭକାରୀମାନେ ପେଟ୍ରୋଲ ବୋମାମାଡ଼ କରିଥିଲେ। ଏଥିରେ ୨୫ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଜଣେ ଅଧିକାରୀଙ୍କ ହାତ ଓ ମୁହଁରେ ବୋମାମାଡ଼ ହେବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଡର୍ମାନିନ୍ ବିକ୍ଷୋଭକାରୀଙ୍କ କାଣ୍ଡକୁ ନିନ୍ଦା କରିଛନ୍ତି। ପ୍ୟାରିସ୍‌ରେ ପ୍ରାୟ ୨,୦୦୦ ଓ ଲିଓନ୍ ସହରରେ ୧,୦୦୦ 'ବ୍ଲାକ୍ ବ୍ଲକ୍ସ' ସଦସ୍ୟ ପୋଲିସକୁ ଆକ୍ରମଣ କରିଥିବାରୁ ସେମାନଙ୍କୁ କଡ଼ା ଦଣ୍ଡ ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପଶ୍ଚିମ ଫ୍ରାନ୍ସର ନାନ୍‌ଟେସ୍‌ରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ମାର୍ସେଇଲ୍‌ରେ ଶତାଧିକ ବିକ୍ଷୋଭକାରୀଙ୍କ ଏକ ଗୋଷ୍ଠୀ ଏକ ବିଳାସପୂର୍ଣ୍ଣ ହୋଟେଲକୁ ନିଜ ଦଖଲକୁ ନେଇଯାଇଥିଲେ। ସେମାନଙ୍କୁ ପୋଲିସ କର୍ମଚାରୀମାନେ ଘଉଡ଼ାଇଦେଇଥିଲେ। ଏକ୍ସଟିନ୍‌ଶନ୍ ରେବେଲିଅନ୍‌ର ପରିବେଶ କର୍ମୀମାନେ ପ୍ୟାରିସ୍‌ର ଫୋଣ୍ଡେଶନ୍ ଲୁଇସ୍ ଭୁଇଟୋନ୍ ମ୍ୟୁଜିୟମ୍ ସମ୍ମୁଖଭାଗରେ କମଳା ରଙ୍ଗର ପେଣ୍ଟ୍ ସ୍ପ୍ରେ କରିଥିଲେ। ଏଭଳି ହିଂସା ଆଦୌ ଗ୍ରହଣୀୟ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ଏଲିଜାବେଥ୍ ବର୍ନ ଟୁଇଟ୍ କରିଛନ୍ତି। ସରକାରଙ୍କ ମତରେ ଦେଶବ୍ୟାପୀ ଆନ୍ଦୋଳନରେ ମୋଟ ୭,୮୨,୦୦୦ ବିକ୍ଷୋଭକାରୀ ସାମିଲ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପ୍ୟାରିସ୍‌ରେ ୧,୧୨,୦୦୦ ଜଣ ଥିଲେ। କିନ୍ତୁ ସିଜିଟି ୟୁନିୟନ୍ ବିକ୍ଷୋଭକାରୀଙ୍କ ପ୍ରକୃତ ସଂଖ୍ୟା ୩ ଗୁଣ ଅଧିକ ହେବ ବୋଲି କହିଛି। ସରକାର ଏନେଇ ଅଧିକ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ୟୁନିୟନ୍‌ଗୁଡ଼ିକ ଏଥିରେ ଅଣାଯାଇଥିବା ସଂଶୋଧନକୁ ରଦ୍ଦ କରିବା ଦାବିରେ ଅଡ଼ିବସିଛନ୍ତି। ତେଣୁ ତୁରନ୍ତ ସମାଧାନର ରାସ୍ତା ଦେଖାଯାଉ ନାହିଁ।

### ବିଅନ୍ତ ସିଂ ହତ୍ୟା ମାମଲା

### ରାଜୋଆନାଙ୍କ ମୃତ୍ୟୁଦଣ୍ଡ କୋହଳ ହେବନି

ନୂଆଦିଲ୍ଲୀ,୩।୫(ପି.ଟି.)

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ବଲୱନ୍ତ ସିଂ ରାଜୋଆନାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ ଜେଲଦଣ୍ଡରେ ପରିଣତ କରିବା ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଅଗ୍ରାହ୍ୟ କରିଦେଇଛନ୍ତି। ୧୯୯୫ରେ ବିଅନ୍ତ ସିଂଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଦୋଷୀ ରାଜୋଆନାଙ୍କ କ୍ଷମା ଆବେଦନକୁ ଉପଯୁକ୍ତ କର୍ତ୍ତୃପକ୍ଷ ବିଚାର କରିପାରିବେ ବୋଲି ଜଷ୍ଟିସ ବି.ଆର୍. ଗଭାଇ, ବିକ୍ରମ ନାଥ ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ କହିଛନ୍ତି। ରାଜୋଆନା ୨୬ ବର୍ଷ ହେଲା ଜେଲରେ ଅଛନ୍ତି। ମାର୍ଚ୍ଚ ୨ରେ ଅଦାଲତ ରାଜୋଆନାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଏବଂ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ।

### କଂଗ୍ରେସ ନେତାଙ୍କ ଭାଇ ଘରେ ଆୟକର ଚଢ଼ାଉ

### ଗଛରୁ ମିଳିଲା କୋଟିଏ ଟଙ୍କା

ବେଙ୍ଗାଲୁରୁ,୩।୫

କର୍ଣ୍ଣାଟକର ଜଣେ କଂଗ୍ରେସ ନେତାଙ୍କ ଭାଇ ଘରେ ବୁଧବାର ଆୟକର ବିଭାଗ ଚଢ଼ାଉ କରିଛି। ଚଢ଼ାଉ ବେଳେ ଗଛରେ ଲୁଚାଯାଇଥିବା ୧ କୋଟି ଟଙ୍କା ଜବତ ହୋଇଛି। କଂଗ୍ରେସ ନେତା ଅଶୋକ କୁମାର ରାୟ ପୁତ୍ତୁର ଆସନରୁ ବିଧାନସଭା ନିର୍ବାଚନ ଲଢ଼ୁଥିବାବେଳେ ତାଙ୍କ ଭାଇ ସୁବ୍ରମନିଆ ରାୟଙ୍କ ମହୀଶୂର ଘର ଉପରେ ଆୟକର ଅଧିକାରୀମାନେ ଚଢ଼ାଉ କରିଥିଲେ। ଏହି ସମୟରେ ଗଛରେ ଟଙ୍କା ଭର୍ତ୍ତି ବାକ୍ସ ଲୁଚାଯାଇଥିବା ଦେଖିବାକୁ ମିଳିଥିଲା। ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ପରଠୁ ୧୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହେଲାଣି।

# ଝାଡ଼ଖଣ୍ଡ କୋର୍ଟରେ ରାହୁଲଙ୍କୁ ମିଳିଲାନି ଆଶ୍ୱସ୍ତି

ରାଞ୍ଚି, ୩।୫



ରାହୁଲ ଗାନ୍ଧୀ

### ମାନହାନି ମାମଲାରେ ହାଜର ନ ହେବା ଆବେଦନ ଖାରଜ

ମୋଦି ସାଙ୍ଗିଆ ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଝାଡ଼ଖଣ୍ଡ କୋର୍ଟରେ ଦାଏର ମାନହାନି ମାମଲାରେ ସେ ବ୍ୟକ୍ତିଗତ ଭାବେ ହାଜର ନ ହେବା ଲାଗି କରିଥିବା ଆବେଦନ ଖାରଜ ହୋଇଯାଇଛି। ୨୦୧୯ର ଉକ୍ତ ମାମଲା ପାଇଁ ସୁରଟର ଏକ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରି ୨ ବର୍ଷ ଜେଲଦଣ୍ଡାଦେଶ ଦେବା ପରେ ତାଙ୍କର ଲୋକସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ୨୦୧୯ରେ କର୍ଣ୍ଣାଟକର କୋଲାରଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ବେଳେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି ବୋଲି ରାହୁଲ କହିଥିଲେ। ଫଳରେ ଆଇନଜୀବୀ ପ୍ରଦୀପ ମୋଦି କଂଗ୍ରେସ ନେତା ରାହୁଲଙ୍କ ବିରୋଧରେ ରାଞ୍ଚିର ଏକ ଅଦାଲତରେ ମାନହାନି ମାମଲା ଦାଏର କରିଥିଲେ। ରାହୁଲଙ୍କ ବିରୋଧରେ ଝାଡ଼ଖଣ୍ଡର ଚାଇବାସାରେ ଗୋଟିଏ ଏବଂ ରାଞ୍ଚିରେ ଦୁଇଟି ମାନହାନି ମାମଲା ବିଚାରାଧୀନ ରହିଛି।

# ସମଲିଙ୍ଗୀ ଯୋଡ଼ିଙ୍କ ସମସ୍ୟା ଅନୁଧ୍ୟାନ କରିବ କମିଟି

ନୂଆଦିଲ୍ଲୀ,୩।୫

### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

ସମଲିଙ୍ଗୀ ଯୋଡ଼ିଙ୍କ ବିବାହର ଆଇନଗତ ମାନ୍ୟତା ପ୍ରସଙ୍ଗକୁ ନ ଯାଇ ସେମାନଙ୍କ ବିଭିନ୍ନ ସମସ୍ୟାର କିପରି ସମାଧାନ କରାଯାଇପାରିବ, ତା'ର ଉପାୟ ଖୋଜି ବାହାର କରିବା ପାଇଁ କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବ। କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ ଏହା କହିଛନ୍ତି। ଏ ନେଇ ସରକାରଙ୍କର ସକାରାତ୍ମକ ମନୋଭାବ ରହିଥିବା କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ୫ ଜଣିଆ ସାମ୍ବିଧାନିକ ପୀଠକୁ କହିଥିଲେ। ଉକ୍ତ ପ୍ରସଙ୍ଗରେ କେତେକ ମାନବୀୟ ଚିନ୍ତା ରହିଛି। ପ୍ରଶାସନିକ ସ୍ତରରେ ତାହାର କିପରି ସମାଧାନ କରାଯାଇପାରିବ, ତାହା ଉପରେ ବିଚାରବିମର୍ଶ କରାଯାଉଛି। କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଆବେଦନକାରୀମାନଙ୍କ ବିଭିନ୍ନ ପ୍ରସ୍ତାବର ସମାଧାନ ସୂତ୍ର ବାହାର କରିବ ବୋଲି ମେହେଟ୍ଟା କହିଛନ୍ତି।

# ୯ ଜଣଙ୍କୁ ହତ୍ୟାକଲେ ନାବାଳକ

ବେଲ୍‌ଗ୍ରେଡ୍,୩।୫

■ବେଲ୍‌ଗ୍ରେଡ୍ ସ୍କୁଲରେ ଗୁଳି
■ମୃତକଙ୍କ ମଧ୍ୟରେ ୮ ଶିଶୁ

ସର୍ବିଆ ରାଜଧାନୀ ବେଲ୍‌ଗ୍ରେଡ୍‌ସ୍ଥିତ ଏକ ସ୍କୁଲରେ ଜଣେ ସ୍ୱଳ୍ପବୟସ୍କ ବାଳକ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ତାଙ୍କ ଗୁଳିମାଡ଼ରେ ୮ ଶିଶୁ ଓ ସ୍କୁଲର ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଏହି ଆକ୍ରମଣରେ ଅନ୍ୟ ୬ ଶିଶୁ ଓ ଜଣେ ଶିକ୍ଷକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ



ଅଭିଯୁକ୍ତଙ୍କୁ ଗିରଫ କରି ନେଉଛି ପୋଲିସ।

ଅଛନ୍ତି। ନିଜ ବାପାଙ୍କ ବନ୍ଧୁକରୁ ଗୁଳିମାଡ଼ କରିଥିବା କେ.କେ.ଙ୍କୁ ସ୍କୁଲ ପରିସରରେ ପୋଲିସ ଗିରଫ କରିଛି।

୧୪ ବର୍ଷୀୟ କେ.କେ. ସ୍ଥାନୀୟ ସମୟ ବୁଧବାର ପୂର୍ବାହ୍ନ ୮ଟା ୪୦ରେ ବେଲ୍‌ଗ୍ରେଡ୍‌ର ଭ୍ଲାଡିସ୍ଲାଭ୍ ରିବ୍‌ନିକାର୍ ପ୍ରାଥମିକ ବିଦ୍ୟାଳୟକୁ ଯାଇ ଅବିଚାରିତ ଭାବେ ଗୁଳି ଚଳାଇଥିଲେ। ହଠାତ୍ କ'ଣ ହେଲା ବୋଲି କେହି କିଛି ବୁଝି ପାରି ନ ଥିଲେ। ପରେ ଏ ନେଇ ପୋଲିସ ନିକଟକୁ ଫୋନ୍ କଲ୍ ଯାଇଥିଲା। ପୋଲିସ ପହଞ୍ଚିଲାବେଳକୁ ୮ ଶିଶୁ ଓ ଜଣେ ସ୍କୁଲ୍ ଗାର୍ଡଙ୍କ ମୃତ୍ୟୁ ଘଟିସାରିଥିଲା। ଅଭିଯୁକ୍ତ ବାଳକଙ୍କୁ ସୁରକ୍ଷା କର୍ମୀମାନେ ଗିରଫ କରିଛନ୍ତି। ଗୁଳିକାଣ୍ଡ ପଛର ଉଦ୍ଦେଶ୍ୟ ଖୋଜାଚାଲିଛି ବୋଲି ପୋଲିସ କହିଛି। ସର୍ବିଆରେ ବନ୍ଧୁକ ବ୍ୟବହାରକୁ ନେଇ କଠୋର ଆଇନ ଥିବାରୁ ଏଭଳି ଗୁଳିକାଣ୍ଡ ବିରଳ। ୨୦୧୩ରେ କେନ୍ଦ୍ରୀୟ ସର୍ବିଆର ଏକ ଗାଁରେ ଜଣେ ବାଲ୍‌କାନ୍ ଯୁଦ୍ଧ ଭେଟେରାନ୍ ଆଖିବୁଜା ଗୁଳି ଚଳାଇବାରୁ ୧୩ ଜଣ ନିହତ ହୋଇଥିଲେ।

# ଅଧିକାର ମାଗୁଛନ୍ତି ହଲିଉଡ୍ ଲେଖକ

**ବୃହତ୍ ଷ୍ଟୁଡିଓ ତଥା ଷ୍ଟ୍ରିମିଂ ସର୍ଭିସ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଲାଏନ୍ସ ଅଫ୍ ମୋଶନ ପିକ୍ଚର୍ସ ଆଣ୍ଡ ଟେଲିଭିଜନ୍ ପ୍ରଡ୍ୟୁସର୍ସ (ଏଏମ୍‌ପିଟିପି) ଏବଂ ୟୁନିୟନ୍ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ହଲିଉଡ୍ ଫିଲ୍ମ ଓ ଟିଭି ଶୋ' ଲେଖକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଇଣ୍ଡଷ୍ଟ୍ରିର ୧୧,୫୦୦ ସଦସ୍ୟ ମଙ୍ଗଳବାର ଅପରାହ୍ନରୁ ଲେଖିବା ବନ୍ଦ କରିଦେଇଥିବା ରାଇଟର୍ସ ଗିଲ୍ଡ ଅଫ୍ ଆମେରିକା (ଡବ୍ଲ୍ୟୁଜିଏ) ପକ୍ଷରୁ ଘୋଷଣା କରାଯାଇଛି। ଦୀର୍ଘ ୧୫ ବର୍ଷ ପରେ ଏହା ହେଉଛି ହଲିଉଡ୍ ରାଇଟର୍ସଙ୍କ ପ୍ରଥମ କାର୍ଯ୍ୟ ବନ୍ଦ ଆନ୍ଦୋଳନ। ଆଗାମୀ ଦିନରେ ଟିଭି କାର୍ଯ୍ୟକ୍ରମ ଓ ଫିଲ୍ମଗୁଡ଼ିକ ଉପରେ ଏହାର ବହୁଳ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି।**

ୱାଶିଂଟନ୍,୩।୫

### ଇଣ୍ଡଷ୍ଟ୍ରିର ୧୧,୫୦୦ ସଦସ୍ୟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ





ଡବ୍ଲ୍ୟୁଜିଏ ଇଷ୍ଟ୍ ସଦସ୍ୟମାନେ ନ୍ୟୁୟର୍କର ପିକକ୍ ନ୍ୟୁଫ୍ରଣ୍ଟ ଷ୍ଟ୍ରିମିଂ ସର୍ଭିସ୍ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଛନ୍ତି।

ଡବ୍ଲ୍ୟୁଜିଏର ବୋର୍ଡ ଅଫ୍ ଡାଇରେକ୍ଟର୍ସ ମଙ୍ଗଳବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ରାଇଟର୍ସ ଗିଲ୍ଡ ଅଫ୍ ଆମେରିକା ୱେଷ୍ଟ ପକ୍ଷରୁ ଟୁଇଟ୍ କରାଯାଇଛି। ସ୍କ୍ରିନ୍‌ରାଇଟର୍ସଙ୍କ ପାଇଁ ରେସିଡ୍ୟୁଆଲ୍ସ ହେଉଛି ରୟାଲ୍ଟି ପାଉଣା ସଦୃଶ, ଯାହା ସେମାନେ ଉଭୟ ବ୍ରଡ୍‌କାଷ୍ଟ ଓ ଷ୍ଟ୍ରିମିଂରୁ ପାଇଥାଆନ୍ତି। କିନ୍ତୁ ସମ୍ପ୍ରତି ସେମାନେ ବ୍ରଡ୍‌କାଷ୍ଟରୁ ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି। ଷ୍ଟ୍ରିମିଂର ଚାହିଦା ବଢ଼ିବାରେ ଲାଗିଥିବାରୁ ଏହା ଅଧିକ ଲାଭଦାୟକ ହୋଇଛି। ଫଳରେ ଇଣ୍ଡଷ୍ଟ୍ରିରେ ଅସ୍ଥିରତା ସୃଷ୍ଟି ହୋଇଛି। କୌଣସି ଟେଲିଭିଜନ୍ ଶୋ'ର ଏକ ଅଧ୍ୟାୟ ଉଭୟ ରେଗୁଲାର ଟିଭି ଏବଂ ଷ୍ଟ୍ରିମିଂ ସର୍ଭିସ୍‌ରେ ପ୍ରସାରିତ ହେଲେ ଅଧିକାଂଶ କମ୍ପାନୀ ଷ୍ଟ୍ରିମିଂ ପାଇଁ କମ୍ ରେସିଡ୍ୟୁଆଲ୍ସ ଦେଇଥାଆନ୍ତି। ଷ୍ଟ୍ରିମିଂ ହେଉଥିବା ଶୋ' ହିଟ୍ ହେଉ କି ନ ହେଉ ଏହାର ଲେଖକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରଦାନ କରାଯାଇଥାଏ। କିନ୍ତୁ ବ୍ରଡ୍‌କାଷ୍ଟ ଟେଲିଭିଜନ୍ 'ରିୱାର୍ଡ ଫର୍ ସକ୍‌ସେସ୍' ମଡେଲ ଆପଣାଇଥାଆନ୍ତି। ପାଉଣା ପ୍ରଦାନର 'ସଫଳତା ପାଇଁ ପୁରସ୍କାର' ନମୁନା ଅନୁସାରେ କୌଣସି ଶୋ' ହିଟ୍ ହେଲେ ଲେଖକମାନେ ଅଧିକ ରେସିଡ୍ୟୁଆଲ୍ସ ବା ଅବଶିଷ୍ଟ ଅର୍ଥ ଆୟ କରିପାରନ୍ତି। ଡବ୍ଲ୍ୟୁଜିଏର ଯୁକ୍ତି ହେଉଛି, ସଫଳତାକୁ ଷ୍ଟ୍ରିମିଂ ରେସିଡ୍ୟୁଆଲ୍ସରେ ସାମିଲ କରାଯାଉ ନ ଥିବାରୁ ଅନୁଭବୀ ଲେଖକଙ୍କୁ ଉଚିତ ପାରିଶ୍ରମିକ ସହ ସ୍ୱୀକୃତି ମିଳୁନାହିଁ। ଏଭଳି ସମୟରେ ଷ୍ଟୁଡିଓ ଓ ଷ୍ଟ୍ରିମର୍ସ ଲେଖକଙ୍କ ପାଉଣା କାଟ୍ ପାଇଁ ଉଦ୍ୟମ ଚଳାଇଛନ୍ତି। ଷ୍ଟ୍ରିମିଂ ସେବାଗୁଡ଼ିକର ମିଶ୍ରଣ ଉପରେ ଗୁରୁତ୍ୱ ଦେଇ ସେମାନଙ୍କ କାଟାଲଗ୍‌ରୁ ପୁରୁଣା ଶୋ'ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦେବାରେ ଲାଗିଛନ୍ତି। ଫଳରେ ସେହି ଶୋ'ରୁ ଲେଖକମାନେ କିଛି ଆୟ କରିପାରିବେ ନାହିଁ। ଏହାର ପ୍ରତିବାଦରେ ଲେଖକମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେହିପରି ସ୍କ୍ରିପ୍ଟ ରାଇଟିଂରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଆଇଏ)ର ବ୍ୟବହାର ଉପରେ ମଧ୍ୟ ଆଇନ ପ୍ରଣୟନ କରାଯାଉ। ଏଏମ୍‌ପିଟିପିକୁ କାହାଣୀର ଉତ୍ସ ଭାବେ ବ୍ୟବହାର କରା ନ ଯାଉ ବୋଲି ଲେଖକମାନେ ଦାବି କରିଛନ୍ତି। ପ୍ରକାଶ ଯେ, ୨୦୦୭ରେ ହଲିଉଡ୍ ଲେଖକମାନେ କରିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦୦ ଦିନ ଧରି ଚାଲିଥିଲା। ଏଥିଯୋଗୁ ଫିଲ୍ମ ନିର୍ମାଣ ବନ୍ଦ ହୋଇଯିବାରୁ କାଲିଫର୍ନିଆର ଅର୍ଥନୀତିକୁ ୨.୧ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଥିଲା।

ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ

# ୧୬୧ ର୍ୟାଙ୍କ୍‌କୁ ଖସିଲା ଭାରତ

**ନୂଆଦିଲ୍ଲୀ, ୩।୫**



୨୦୨୩ ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ୧୬୧ତମ ସ୍ଥାନକୁ ଖସିଛି। ମୋଟ ୧୮୦ଟି ଦେଶକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ବିଶ୍ୱ ଗଣମାଧ୍ୟମ ଉପରେ ନଜର ରଖିଥିବା ରିପୋର୍ଟର୍ସ ୱିଦାଉଟ୍ ବର୍ଡର (ଆର୍‌ଏସ୍‌ଏଫ୍)ର ସଦ୍ୟତମ ରିପୋର୍ଟରୁ ଏହା ଜଣାପଡ଼ିଛି। ଅନ୍ୟ ପକ୍ଷରେ ଗଣମାଧ୍ୟମ ସ୍ୱାଧୀନତାରେ ପାକିସ୍ତାନ ୧୫୦ ର୍ୟାଙ୍କରେ ଥାଇ ଭାରତ ତୁଳନାରେ ଭଲ ସ୍ଥିତି ରହିଛି। ଗତବର୍ଷ ଭାରତ ୧୫୦ତମ ସ୍ଥାନରେ ରହିଥିଲା। ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତାରେ ଶ୍ରୀଲଙ୍କା ଚଳିତ ବର୍ଷ ୧୩୫ତମ ସ୍ଥାନରେ ରହିଛି, ଗତବର୍ଷ ଏହା ୧୪୬ତମ ସ୍ଥାନରେ ରହିଥିଲା। ନରୱେ, ଆୟର୍ଲାଣ୍ଡ, ଡେନ୍‌ମାର୍କ ପ୍ରେସ୍ ସ୍ୱାଧୀନତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପକ୍ଷରେ ଭିଏତ୍‌ନାମ, ଚାଇନା ଏବଂ ଉତ୍ତର କୋରିଆ ତାଲିକାର ସବାତଳେ ଅଛନ୍ତି। ଆର୍‌ଏସ୍‌ଏଫ୍ ପ୍ରତିବର୍ଷ ପ୍ରେସ୍ ସ୍ୱାଧୀନତାର ବିଶ୍ୱ ର୍ୟାଙ୍କିଂ ପ୍ରସ୍ତୁତ କରିଥାଏ। ପ୍ରେସ୍ ସ୍ୱାଧୀନତା ସୂଚକାଙ୍କରେ ଭାରତ ତଳକୁ ଖସିବାକୁ ନେଇ ଇଣ୍ଡିଆ ୱୁମେନ୍ସ ପ୍ରେସ୍ କର୍ପସ୍, ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ଏବଂ ପ୍ରେସ୍ ଆସିସିଏଶନ ଉଦ୍‌ବେଗ ପ୍ରକାଶ କରିବା ସହ ମିଳିତ ବିବୃତି ଜାରି କରିଛନ୍ତି। ଭାରତ ସମେତ ବିଭିନ୍ନ ଦେଶରେ ପ୍ରେସ୍ ସ୍ୱାଧୀନତା ନିମ୍ନଗାମୀ ହୋଇଥିବା ଆର୍‌ଏସ୍‌ଏଫ୍ ରିପୋର୍ଟରେ କୁହାଯାଇଛି। ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ବିକାଶଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଅସମାନତା ଜାରି ରହିଥିବାବେଳେ ଗଣମାଧ୍ୟମର ଭୂମିକାକୁ ନ୍ୟୂନ ଦର୍ଶାଯାଇପାରିବ ନାହିଁ। ପ୍ରେସ୍ ସ୍ୱାଧୀନତାକୁ ଅସୁରକ୍ଷିତ କାର୍ଯ୍ୟ ସ୍ଥିତିର କୌଣସି ଅବଦାନ ରହିପାରିବ ନାହିଁ ବୋଲି ଆର୍‌ଏସ୍‌ଏଫ୍ ରିପୋର୍ଟରେ କୁହାଯାଇଛି।

# ଏଇସି ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ଅଜିତ ମହାନ୍ତି

**ନୂଆଦିଲ୍ଲୀ,୩।୫**


ଅଜିତ କୁମାର ମହାନ୍ତି

ବରିଷ୍ଠ ପଦାର୍ଥ ବିଜ୍ଞାନୀ ଅଜିତ କୁମାର ମହାନ୍ତି ବୁଧବାର ଆଟମିକ୍ ଏନର୍ଜି କମିଶନ (ଏଇସି) ଅଧ୍ୟକ୍ଷ ଏବଂ ଆଣବିକ ଶକ୍ତି ବିଭାଗ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାବା ଆଟମିକ୍ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଥିବା ଅଜିତଙ୍କୁ କମଳେଶ ନୀଳକଣ୍ଠ ବ୍ୟାସଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଏହି ଅବସରରେ ସେ କହିଛନ୍ତି, ଆଣବିକ ଶକ୍ତିର ସୁବିଧାକୁ କାର୍ବନମୁକ୍ତ ବିଦ୍ୟୁତ୍‌ରୁ ଊର୍ଦ୍ଧ୍ୱକୁ ନେଇ ଜାତୀୟ ନିରାପତ୍ତା ଓ ସ୍ୱାସ୍ଥ୍ୟସେବା ପରିଚାଳନା, ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଉପଯୋଗ କରାଯିବ। ୨୦୨୫ ଅକ୍ଟୋବର ୧୦ରେ ୬୬ ବର୍ଷ ବୟସରେ ସେ ଅବସର ନେବେ ବୋଲି ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି। ୧୯୫୯ରେ ଓଡ଼ିଶାରେ ଜନ୍ମିତ ଅଜିତ ୧୯୭୯ରେ ବାରିପଦା ଏମ୍‌ପିସି କଲେଜରୁ ପଦାର୍ଥ ବିଜ୍ଞାନରେ ଅନର୍ସ ରଖି ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପରେ ସେ କଟକସ୍ଥିତ ରେଭେନ୍‌ଶା କଲେଜରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୧୯୮୩ରେ ଅଜିତ ବିଏଆର୍‌ସିର ନ୍ୟୁକ୍ଲିୟର ଫିଜିକ୍ସ ଡିଭିଜନରେ ଯୋଗଦେଇଥିଲେ।




# ଟ୍ରାକ୍ଟର ଓଲଟି ୩ ମୃତ, ୧୨ ଆହତ

**ଚିତ୍ରକୋଣ୍ଡା,୩।୫(ଡି.ଏନ୍.ଏ.):** ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୨ ଜଣ ଆହତ ହୋଇଛନ୍ତି। ମୃତାହତମାନେ ଚିତ୍ରକୋଣ୍ଡା ବ୍ଲକ ବଡପଦର ପଞ୍ଚାୟତ ପଡପଦର ଗ୍ରାମର ବୋଲି ଜଣାପଡିଛି। ପ୍ରକାଶ ଯେ, ପଡପଦର ଗ୍ରାମର ପ୍ରାୟ ୧୫ଜଣ ଏକ ଟ୍ରାକ୍ଟର ଯୋଗେ ସ୍ୱାଭିମାନ ଅଞ୍ଚଳ ଗାଜୁଲୁମାମୁଡି ପଞ୍ଚାୟତ ତଣ୍ଟାଗୁଡ଼ା ଗ୍ରାମସ୍ଥିତ ବନ୍ଧୁଙ୍କ ଘରେ ଚାଲିଥିବା ଭୋଜିରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇସାରି ସମସ୍ତେ ସନ୍ଧ୍ୟାରେ ଫେରୁଥିବା ବେଳେ ବଡ଼ପୁଟ ଘାଟି ପାଖରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ସମସ୍ତେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳକୁ ଯାଇ ସମସ୍ତଙ୍କୁ ଉଦ୍ଧାର କରି ଯାନବାଇ ମେଡିକାଲକୁ ନେଇଥିଲେ। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ୧୨ ଜଣ ଆହତଙ୍କର ଚିକିତ୍ସା ଚାଲିଛି। ଗୁରୁତରମାନଙ୍କୁ ଅନ୍ୟ ମେଡିକାଲ ସ୍ଥାନାନ୍ତର କରାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ପାପରମେଟେଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

# ୩ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

**ଭୁବନେଶ୍ୱର,୩।୫(ବ୍ୟୁରୋ):** ରାଜ୍ୟ ସରକାର ୩ ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀ ଓ ଅରୁଣ କୁମାର ଷଡ଼ଙ୍ଗୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ମିଳିଥିବାବେଳେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ଯୋଗେଶ ବାହାଦୁର ଖୁରାନିଆଙ୍କୁ ଡିଜି ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି। ଏହି ପଦୋନ୍ନତି ସହ ଡିଜି ପାହ୍ୟାରେ ଏବେ ଡିଜିପି ସୁନୀଲ କୁମାର ବଂଶଲଙ୍କ ସମେତ ମୋଟ ୯ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଅଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତ ମୋହନ ପ୍ରସାଦ ଓ ବି.ରାଧିକା ଏବଂ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ .ବି. ଖୁରାନିଆ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଅନ୍ୟ ୨ଜଣ ଡିଜି ପାହ୍ୟା ଅଫିସର ୧୯୮୮ ବ୍ୟାଚ୍‌ର ଅରୁଣ କୁମାର ରାୟ ଓ ୧୯୮୯ ବ୍ୟାଚ୍‌ର ଏସ୍.ଏମ୍. ନରୱଣେଙ୍କୁ ଗତ ସପ୍ତାହରେ ରାଜ୍ୟ ସରକାର ଗୃହ ବିଭାଗର ଓଏସ୍‌ଡି ଭାବେ ନିଯୁକ୍ତି ଦେଇଛନ୍ତି।

ସେହିପରି ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ବାଲିଗୁଡ଼ା ଏସ୍‌ଡିପିଓ ରୋହିତ ବର୍ମାଙ୍କୁ କେସିଙ୍ଗା ଏସ୍‌ଡିପିଓ ଭାବେ ବଦଳି କରାଯାଇଥିବା ବେଳେ ୨୦୨୦ ବ୍ୟାଚ୍ ଆଇପିଏସ୍ ଅଫିସର ତଥା କେସିଙ୍ଗା ଏସ୍‌ଡିପିଓ ଯାସପ୍ରତାପ ଶ୍ରୀମାଲଙ୍କୁ ବାଲିଗୁଡ଼ା ଏସ୍‌ଡିପିଓ ଭାବେ ବଦଳି କରାଯାଇଛି।







# ଓଡ଼ିଶାରେ ଆନ୍ଧ୍ର ଅଧିକାରୀଙ୍କ ପୁଣି ଅନୁପ୍ରବେଶ

- ଫାଟୁସିନେରିରେ ଆନ୍ଧ୍ର ପାର୍ବତୀପୁରମ ଜିଲା ଆଇଟିଡିଏ ପିଓ
- ଗାଁ ଚାଷୀଙ୍କ ଉତ୍ପାଦିତ ହଳଦୀ ବିକ୍ରିକୁ ଗୁରୁତ୍ୱ

**ପଟାଙ୍ଗି, ୩।୫(ଡି.ଏନ୍.ଏ.)**


ଗ୍ରାମବାସୀଙ୍କ ସହ ଆନ୍ଧ୍ର ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଓଡ଼ିଶାର ସୀମାନ୍ତ ଗ୍ରାମରେ ପୁଣି ଆନ୍ଧ୍ର ରାଜ୍ୟର ଉଚ୍ଚ ପଦାଧିକାରୀଙ୍କ ଅନୁପ୍ରବେଶ। ସୋମବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡ଼ିକା ରାଜନା ଦୋରା ଆସି ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା ଫେରିଥିଲେ। ବୁଧବାର ଆନ୍ଧ୍ର ପାର୍ବତୀପୁରମ୍ ଜିଲାର ଆଇଟିଡିଏ ପିଓ ସି.ବିଷ୍ଣୁ ଚରଣ ଏବଂ ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ଡାଇରେକ୍ଟର ୱାଇ ସତ୍ୟାମ୍ ନାଇଡୁ ଓ ଅନ୍ୟ ଅଧିକାରୀ କୋରାପୁଟ ଜିଲା ପଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଫାଟୁସିନେରି ଗ୍ରାମ ଗସ୍ତରେ ଆସିଛନ୍ତି। ସେମାନେ ଫାଟୁସିନେରି ଗ୍ରାମରେ ପହଞ୍ଚି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କ ସହ ଆଲୋଚନାକରି ଗ୍ରାମର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହଳଦୀ ଦେଖିଥିଲେ। ଉକ୍ତ ହଳଦୀ କିପରି ଉଚିତ ମୂଲ୍ୟରେ ଆନ୍ଧ୍ର ବଜାରରେ ବିକ୍ରି ହୋଇପାରିବ ସେ ନେଇ ଗୁରୁତ୍ୱ ଦେଇଛନ୍ତି। ଏ ନେଇ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନାକରି ଚାଷୀ ଯେପରି ଠିକ୍ ସମୟରେ ସେମାନଙ୍କ ପ୍ରାପ୍ୟ ପାଇପାରିବେ ସେଥିପ୍ରତି ଧ୍ୟାନଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ଉକ୍ତ ପଞ୍ଚାୟତ ସୀମାନ୍ତ ଗ୍ରାମ ଓ ପଞ୍ଚାୟତକୁ ଆନ୍ଧ୍ର ରାଜ୍ୟର ପଦାଧିକାରୀ ରାଜନେତା ବାରମ୍ବାର ଅନୁପ୍ରବେଶ କରୁଛନ୍ତି। କୋରାପୁଟ ଜିଲା ଓ ପଟାଙ୍ଗି ପ୍ରଶାସନର କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବା ପରିଲକ୍ଷିତ ହେଉଛି। ସୀମାନ୍ତ ଗ୍ରାମରେ ଉନ୍ନତୀକରଣ ଜାରି ରହିଥିବା ଦର୍ଶାଇ ଓଡ଼ିଶାର ପଦାଧିକାରୀମାନେ ରାଜ୍ୟ ସରକାରଙ୍କ ପାଖରେ ବାହାବା ନେଉଥିବା ବେଳେ ସେପଟେ ଆନ୍ଧ୍ରର ଉଚ୍ଚ ପଦାଧିକାରୀ ଅନୁପ୍ରବେଶକରି ନିଜ ଉପସ୍ଥିତ ଜାରି ରଖିଛନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ମେ', ୨୦୨୩



**ଆଜିର ମନ୍ତବ୍ୟ**

"କଂଗ୍ରେସ ହେଉଛି ଶାନ୍ତି ଓ ବିକାଶର ଶତ୍ରୁ। ଏହି ଦଳର ସମ୍ପୂର୍ଣ୍ଣ ରାଜନୀତି 'ବିଭାଜନ କର ଓ ଶାସନ କର' ନୀତି ଉପରେ ପର୍ଯ୍ୟବସିତ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସାରି ଘରର ପାରା,**
**ତାକୁ କୁଲା ଢାଉଁ ଢାଉଁ ଡରା।**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତିକରି ଜାଣେ ସେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କହି ଦେଉଥାଏ ପରକୁ,**
**ବୁଦ୍ଧି ନ ଦିଶଇ ଘରକୁ।**

ଅନ୍ୟକୁ ଉପଦେଶ ଦେବାରେ ସମସ୍ତେ ଧୁରନ୍ଧର। କିନ୍ତୁ ସେଇ ପ୍ରକାର ଅସୁବିଧାରେ ପଡ଼ିଲେ କ'ଣ କରିବାକୁ ହେବ ନିଜେ ସ୍ଥିର କରିପାରନ୍ତି ନାହିଁ। କେତେକେ ଅନ୍ୟକୁ ଉପରେ ପଡ଼ି ଉପଦେଶ ଦେବାକୁ ଭୁଲି ନ ଥାନ୍ତି, ଯେଉଁଟାକୁ ସେ ନିଜ ଜୀବନରେ କେବେ ବି ପ୍ରୟୋଗ କରି ନ ଥାନ୍ତି। ଅନ୍ୟକୁ କହିବା ସହଜ, କିନ୍ତୁ ତାକୁ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରେଇବା କଷ୍ଟକର। ପରକୁ ବୁଦ୍ଧି ଦେଉଥିବା ବ୍ୟକ୍ତି ନିଜ ବେଳକୁ ଥଳକୂଳ ପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସମୁଦ୍ରରେ ବୁଡ଼ି ବାପ, ପୁଅଙ୍କ ମୃତ୍ୟୁ

**ପୁରୀ ଅଫିସ, ୩।୫**

ପୁରୀ ସମୁଦ୍ରରେ ବୁଧବାର ଗାଧୋଉଥିବାବେଳେ ବୁଡ଼ିଯାଇ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ପର୍ଯ୍ୟଟକ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ପର୍ଯ୍ୟଟକ ଦ୍ୱୟ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲାର ରଞ୍ଜନ ଦାସ (୪୦) ଏବଂ ତାଙ୍କ ପୁଅ ରିଶଭ ଦାସ (୧୬)। ସେହିପରି ଗୁରୁତର ଆହତ ହୋଇଥିବା ପର୍ଯ୍ୟଟକ ଜଣକ ହେଲେ ପଶ୍ଚିମବଙ୍ଗ ହାୱଡ଼ା ଜିଲା ଚାଟାର୍ଜୀ ହାଟ ଅଞ୍ଚଳର ସୁନିଲ ଶେଖର ମାହାତୋ (୨୦)। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର କେତେଜଣ ପର୍ଯ୍ୟଟକ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ବୁଧବାର ମଧ୍ୟାହ୍ନ ସମୟରେ ୧୩ ନମ୍ବର ସେକ୍ଟର ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ପ୍ରାୟ ୧୨ଟା ୩୦ରେ ଏକ ବଡ଼ ଲହଡ଼ି ମାଡ଼ି ଆସିଥିଲା, ଯେଉଁଥିରେ ୫ଜଣ ପର୍ଯ୍ୟଟକ ଗଭୀର ସମୁଦ୍ରକୁ ଭାସିଯାଇଥିଲେ। ତେବେ ସେଠାରେ ଥିବା ଲାଇଫ୍‌ଗାର୍ଡମାନେ ପ୍ରଥମେ ଦୁଇଜଣଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରୁ ଉଦ୍ଧାର କରିଥିଲେ। ପରେ ଅନ୍ୟ ୩ ପର୍ଯ୍ୟଟକଙ୍କୁ ଗୁରତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ପରୀକ୍ଷା କରି ଦୁଇଜଣଙ୍କୁ ମୃତ ଘୋଷଣା କରିବା ସହ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨୫/୨୩ ଏବଂ ୨୬/୨୩ରେ ଦୁଇଟି ପୃଥିକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ସଚେତନତା ସତ୍ତ୍ୱେ ଅନେକ ସମୟରେ ପର୍ଯ୍ୟଟକମାନେ କଟକଣା ନ ମାନି ସମୁଦ୍ର ସ୍ନାନ କରୁଥିବାରୁ ଏଭଳି ଅଘଟଣ ଘଟୁଛି।

# ସିଙ୍ଗାପୁର, ବ୍ୟାଙ୍କକ୍‌କୁ ଅଗ୍ରିମ ଟିକେଟ ସେବା ଆରମ୍ଭ କଲେ ମୁଖ୍ୟମନ୍ତ୍ରୀ






**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଭୁବନେଶ୍ୱରରୁ ସିଙ୍ଗାପୁର ଓ ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକ୍ ସହରକୁ ସିଧାସଳଖ ବିମାନ ଚଳାଚଳର ଅଗ୍ରିମ ଟିକେଟ ସେବା ଆରମ୍ଭ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଇଣ୍ଡିଗୋ ପକ୍ଷରୁ ଏହି ବିମାନ ସେବା ଆସନ୍ତା ଜୁନ୍ ୩ରୁ ଆରମ୍ଭ ହେବ। ଯାତ୍ରୀଙ୍କୁ କମ ମୂଲ୍ୟରେ ଏହି ଅନ୍ତର୍ଜାତୀୟ ବିମାନ ସେବା ଯୋଗାଇବା ପାଇଁ ପ୍ରାରମ୍ଭିକ ଭାବରେ ଉଭୟ ସ୍ଥାନକୁ ଯିବା, ଆସିବା ପାଇଁ ଟିକେଟ ମୂଲ୍ୟ ୧୫ହଜାର ଟଙ୍କା ରଖାଯାଇଛି। ଏହି ସେବାକୁ ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥା, ଆଇଟି ଏବଂ ଆଇଟିଏସ୍ କ୍ଷେତ୍ର ସୁଦୃଢ଼ ହେବା ସହ ଯୁବପିଢ଼ିଙ୍କ ପାଇଁ ରୋଜଗାରର ବାଟ ଫିଟିବ। ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁବିଧାରେ ଯାତ୍ରା କରିବାକୁ ସହଜ ହେବ। ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ବିମାନ ଚଳାଚଳରେ ବିପୁଳ ଅଭିବୃଦ୍ଧି ଘଟିଛି। ଯଦିଓ ଘରୋଇ ବିମାନ ସଂଯୋଗରେ ଏକ ଉଲ୍ଲେଖନୀୟ ଉନ୍ନତି ଘଟିଛି, ତଥାପି ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ଭୁବନେଶ୍ୱର ଏବଂ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ମଧ୍ୟରେ ସିଧାସଳଖ ଆନ୍ତର୍ଜାତୀୟ ବିମାନ ସଂଯୋଗ ସୁନିଶ୍ଚିତ କରିବାର ନୂଆ ଧାରା ଆରମ୍ଭ ହୋଇଛି। ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଓ ଇଣ୍ଡିଗୋ ଏୟାରଲାଇନ୍ସକୁ ଧନ୍ୟବାଦ ଦେଇଛନ୍ତି।

### ଜୁନ୍ ୩ରୁ ସିଧାସଳଖ ଉଡ଼ିବ ବିମାନ

■ ମେ'୧୫ରୁ ଦୁବାଇକୁ ବିମାନ ସେବା

ପରିବହନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଅନ୍ତର୍ଜାତୀୟ ବିମାନ ସେବାକୁ ରାଜ୍ୟ ସରକାର ଅଗ୍ରାଧିକାର ଦେବା ସହ ଏ ନେଇ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଶ୍ୱ ଭ୍ରମଣର ସୁଯୋଗ ପାଇବେ ଓଡ଼ିଶାବାସୀ। ବିମାନ ସେବା ଯୋଗୁ ଜାତୀୟ ଜିଡିପି ତୁଳନାରେ ରାଜ୍ୟର ଜିଏସ୍‌ଡିପି କ୍ରମାଗତ ଦ୍ରୁତ ଗତିରେ ବଢ଼ିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ୫ଟି ସଚିବ ଭିକେ ପାଣ୍ଡିଆନ୍ ଓ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହା ସହ ମେ' ୧୫ରୁ ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ମଧ୍ୟ ଏହାର ଅଗ୍ରିମ ଟିକେଟ ସେବା ଆରମ୍ଭ କରିଥିଲେ। ଗୋଟିଏ ପାର୍ଶ୍ୱ ଯାତ୍ରା ଲାଗି ଟିକେଟ ମୂଲ୍ୟ ୧୦ହଜାର ଟଙ୍କା ଓ ଯିବାଆସିବା ପାଇଁ ୨୦ହଜାର ଟଙ୍କା ରହିଛି।

### ଭୁବନେଶ୍ୱର-ସିଙ୍ଗାପୁର ପାଇଁ ବିମାନ ସେବା

ଭୁବନେଶ୍ୱରରୁ ପ୍ରତି ମଙ୍ଗଳବାର ସକାଳ ୬ଟା ୨୫ରୁ ଓ ଶନିବାର ସକାଳ ୪ଟା ୧୦ରୁ ଉଡ଼ାଣ ଭରିବ। ସେହିପରି ସିଙ୍ଗାପୁରରୁ ଏହି ୨ଦିନ ଯଥାକ୍ରମେ ଅପରାହ୍ନ ୨ଟା ୧୦ ଓ ସକାଳ ୪ଟା ୧୦ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ କରିବ।

### ଭୁବନେଶ୍ୱର-ବ୍ୟାଙ୍କକ୍ ପାଇଁ ବିମାନ ସେବା

ଭୁବନେଶ୍ୱରରୁ ପ୍ରତି ମଙ୍ଗଳବାର ଅପରାହ୍ନ ୪ଟା ୫୦ ଓ ଶନିବାର ରାତି ୨ଟା ୫୦ରେ ବ୍ୟାଙ୍କକ୍ ଅଭିମୁଖେ ବିମାନଟି ଯାତ୍ରାରମ୍ଭ କରିବ। ସେହିପରି ବ୍ୟାଙ୍କକ୍‌ରୁ ବୁଧବାର ସକାଳ ୫ଟା ୩୫ରୁ ଓ ରବିବାର ରାତି ୨ଟା ୫୦ରୁ ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଭରିବ।

# ଫୁସ୍‌ଫୁସ୍ ରୋଗ ଚିହ୍ନିବ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଫୁସ୍‌ଫୁସ୍ ସମ୍ବନ୍ଧୀୟ ବିଭିନ୍ନ ରୋଗ ଚିହ୍ନଟ କରିବ। ନିକଟରେ କିମ୍ସ-ଭୁବନେଶ୍ୱରର ଶିଶୁରୋଗ ବିଶେଷଜ୍ଞ ଡ. ନିର୍ମଳ କୁମାର ମହାକୁଡ଼ ଓ ଦେଶର ଅନ୍ୟ ପ୍ରମୁଖ ଅନୁଷ୍ଠାନର ବିଶେଷଜ୍ଞଙ୍କ ଦ୍ୱାରା ମିଳିତ ଗବେଷଣାରେ ଏହା ଦାବି କରାଯାଇଛି। ଏହି ଗବେଷଣାରେ ବାୟୋସାଇନ୍ସ ଓ ବାୟୋମେଡିକାଲ ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଫେସର ହେମଚନ୍ଦ୍ର ଝା, ଆଇଆଇଟି ଇନ୍ଦୋର ଗଣିତ ବିଭାଗର ଆସୋସିଏଟ୍ ପ୍ରଫେସର ଏମ୍. ତନବିର ଓ କୋଇଥ୍ରାମ ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟରର ଡ. ସୁଚିତ୍ରା ପ୍ରମୁଖ ସାମିଲ ଅଛନ୍ତି। ନିକଟରେ ଏ ସମ୍ପର୍କରେ ଏକ ଜର୍ନାଲରେ ପ୍ରକାଶ ପାଇଥିବା ଖବର ଅନୁସାରେ 'ଏଆଇ' ଦ୍ୱାରା ଫୁସ୍‌ଫୁସ୍‌ର ସିଟି-ସ୍କାନ୍ ରିପୋର୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବାୟୋକେମିକାଲ ପାରାମିଟରଗୁଡିକୁ ଭଲଭାବେ ବିଶ୍ଳେଷଣ କରିହେବ। ଫଳରେ ଭବିଷ୍ୟତରେ ଫୁସଫୁସର ଅଂଶ ଉପରେ ଅଧିକ ଅଧ୍ୟୟନ କରାଯାଇପାରିବ। ୨୦୨୦ରୁ କିମ୍ସ କୋଭିଡ୍ ହସ୍ପିଟାଲକୁ ଆସିଥିବା କୋଭିଡ୍ ରୋଗୀଙ୍କ ସିଟି-ସ୍କାନ ରିପୋର୍ଟ ଅନୁଧ୍ୟାନ କରାଯାଇ ସେଥିରେ ଅଧିକାଂଶ ରୋଗୀଙ୍କ ଫୁସଫୁସ ବିଶେଷ ଭାବେ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ତେବେ 'ଏଆଇ'ର କାର୍ଯ୍ୟକାରିତା ଉପରେ ଅଧିକ ଗବେଷଣା ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ଇନ୍ଦୋର ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି ବୋଲି ଡ. ମହାକୁଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂଖ୍ୟାସୂଚକ ଓ ଗଣନାମୂଳକ ଅନୁସନ୍ଧାନ ଉପରେ ଆଧାରିତ ଏହି ଅନୁସନ୍ଧାନ ଅନୁସାରେ କୋଭିଡ କାରଣରୁ ଫୁସ୍‌ଫୁସ୍‌ରେ ହୋଇଥିବା କ୍ଷତିର ଆକଳନ କରିହେବ। ଏହି ଅନୁସନ୍ଧାନରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସର ଅଧକ୍ଷ ଡ. ଅମ୍ବିକା ପ୍ରସାଦ ମହାନ୍ତିଙ୍କ ସମେତ ଡ. ଅମୃତ ମହାପାତ୍ର, ଡ. ପ୍ରୀତିନନ୍ଦା ପରି ଏବଂ ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ରଙ୍କ ଅବଦାନ ରହିଥିବାବେଳେ ଆଇଆଇଟି ଇନ୍ଦୋରର ଡ. ତନବିର ଓ କିଟ ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ନମ୍ରତା ମିଶ୍ର, କାର୍ତ୍ତିକ ମୁଦୁଲି, ବିକାଶ ସାହୁ, ସେଲଭ୍ କୁମାର ଏଲାଙ୍ଗୋଭାନ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବର୍ତ୍ତିଯାଇପାରେ ଓଡ଼ିଶା....

ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଅଫିସ ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ପ୍ରାୟ ୧୦୦୦ଟି ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଉଛି। ସ୍କୁଲ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଚିହ୍ନଟ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ କହିଛନ୍ତି, ୧୭ଟି ଏନ୍‌ଡିଆର୍‌ଏଫ୍ ଓ ୨୦ଟି ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି। ପ୍ରଭାବିତ ହେବାକୁ ଥିବା ପଞ୍ଚାୟତ ନିମନ୍ତେ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବରେ ନିୟୋଜିତ କରାଯିବ। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମ ବାହିନୀଗୁଡ଼ିକୁ ବିପଦସଙ୍କୁଳ ସ୍ଥାନଗୁଡ଼ିକରେ ଆଗୁଆ ନିୟୋଜିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଇଏମ୍‌ଡିର ଆଲର୍ଟ ମେସେଜ୍ ପଠାଇବାକୁ ବିଏସ୍‌ଏନ୍‌ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୬ ତାରିଖଯାଏ ରାଜ୍ୟର ଅଧିକାଂଶ ଜିଲାରେ କାଳବୈଶାଖୀଜନିତ ବର୍ଷା ହେବା ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିବ। ତେବେ ୭ ତାରିଖରୁ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେବ। ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସକୁ ଟପିଯାଇପାରେ।

### ଅନୁକମ୍ପା ସହାୟତା ...

୬୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୨ ଲକ୍ଷ ୫୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସାମାନ୍ୟ ଆହତଙ୍କ କ୍ଷେତ୍ରରେ ପୂର୍ବରୁ ସହାୟତା ପରିମାଣ ୫ ହଜାର ଟଙ୍କା ଥିଲା। ବର୍ତ୍ତମାନ ଏକ ସପ୍ତାହରୁ ଅଧିକ ସମୟ ଧରି ଚିକିତ୍ସାର ଆବଶ୍ୟକତା ଥିଲେ, ସେ କ୍ଷେତ୍ରରେ ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୧୦ ହଜାର ଟଙ୍କା ସହାୟତା ଦିଆଯିବ। ଚିକିତ୍ସାର ସମୟ ଏକ ସପ୍ତାହରୁ କମ୍ ହେଲେ, ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୫ ହଜାର ଟଙ୍କା ସହାୟତା ଦିଆଯିବ।

ସେହିପରି ଗୋମହିଷାଦି ପ୍ରାଣୀଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ ସହାୟତା ରାଶି ବୃଦ୍ଧି ପାଇଛି। ଗାଈ ବା ମଇଁଷିଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ପରିମାଣ ୩୭,୫୦୦ ଟଙ୍କା ଏବଂ ବଳଦର ମୃତ୍ୟୁ କ୍ଷେତ୍ରରେ ସହାୟତା ୩୨,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ପୂର୍ବରୁ ଏହା ୫ ହଜାର ଟଙ୍କା ଥିଲା। ବାଛୁରୀ ମୃତ୍ୟୁ ପାଇଁ ସହାୟତା ପରିମାଣ ୨୫୦୦ ଟଙ୍କାରୁ ୫୦୦୦ ଟଙ୍କା, ଛେଳିମେଣ୍ଢାଙ୍କ ମୃତ୍ୟୁ କ୍ଷେତ୍ରରେ ୨୦୦୦ ଟଙ୍କାରୁ ୪୦୦୦ ଟଙ୍କା ଓ ମେଣ୍ଢାଛୁଆ ମୃତ୍ୟୁ କ୍ଷେତ୍ରରେ ୭୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି । ଫସଲ କ୍ଷୟକ୍ଷତି କ୍ଷେତ୍ରରେ ମଧ୍ୟ ସହାୟତା ପରିମାଣ ବଢ଼ିଛି। ଧାନ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଫସଲ କ୍ଷତିରେ ସହାୟତା ପରିମାଣ ଏକର ପିଛା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧିପାଇଛି । ଅର୍ଥକରୀ ଫସଲ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବଢ଼ିଛି। ସେହିପରି ଘରଗୁଡ଼ିକର ଆଂଶିକ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୨୦୦୦ ଟଙ୍କାରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି । ଘର ସମ୍ପୂର୍ଣ୍ଣ ଭାଙ୍ଗିଥିଲେ ବିଜୁ ପକ୍କାଘର କିମ୍ବା ସେହି ମୂଲ୍ୟର ଅର୍ଥ ସହିତ ଆହୁରି ୨୦ ହଜାର ଟଙ୍କା ସହାୟତା ଆକାରରେ ପ୍ରଦାନ କରାଯିବ। ପୂର୍ବରୁ ଏହି ସହାୟତା ପରିମାଣ ୧୦,୦୦୦ ଟଙ୍କା ଥିଲା । ରାଜ୍ୟରେ ବନ୍ୟପ୍ରାଣୀ ସହ ସଂଘର୍ଷ ଘଟି ପ୍ରତିବର୍ଷ ବହୁ ଲୋକ ମୃତାହତ ହେଉଛନ୍ତି। ଏଥିସହିତ ଘରଦ୍ୱାରା ଭାଙ୍ଗିବା ଓ ଫସଲ ନଷ୍ଟ ହେବା ସହିତ ଗୃହପାଳିତ ପ୍ରାଣୀମାନେ ମଧ୍ୟ ପ୍ରାଣ ହରାଉଛନ୍ତି। ଏହି କ୍ଷତିଗ୍ରସ୍ତ ଲୋକଙ୍କ ପରିବାର ପାଇଁ କେବଳ ଏକ ଅପୂରଣୀୟ କ୍ଷତି ନୁହେଁ, ବରଂ ସେମାନଙ୍କ ପ୍ରିୟଜନମାନଙ୍କୁ ହରାଇ ଗଭୀର ମାନସିକ ଚାପରେ ମଧ୍ୟ ରହିଆନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହାୟତା ରାଶି ବୃଦ୍ଧି କରିଛନ୍ତି।

### ଆଜିଠୁ ରାଷ୍ଟ୍ରପତିଙ୍କ ...

ଏକ ସ୍ୱତନ୍ତ୍ର ବିମାନ ଯୋଗେ ପଶ୍ଚିମବଙ୍ଗର କୋଲେଇକୁଣ୍ଡା ଏୟାରପୋର୍ଟରେ ୯ଟା ୧୫ରେ ଅବତରଣ କରିବେ। ସେଠାରୁ ୯ଟା ୨୫ରେ ପୁଣି ଏକ ଆଇଏଏଫ୍ ଏମ୍‌ଆଇ-୧୭ ହେଲିକପ୍ଟର ଯୋଗେ ଆସି ୧୦ଟା ୧୫ରେ ବାଦାମପାହାଡ଼ସ୍ଥିତ ଦିଘିଆବେଢ଼ା ହେଲିପ୍ୟାଡ୍‌ରେ ଓହ୍ଲାଇବେ। ୧୦ଟା୨୫ରେ ସ୍ୱତନ୍ତ୍ର କାର୍ ଯୋଗେ ଶାଶୁଘର ପାହାଡ଼ପୁର ଯିବେ। ଏହାପରେ ନିର୍ଦ୍ଧାରିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ।

## ପ୍ରଥମ ପୃଷ୍ଠାରୁ...

### ସ୍ୱାଭାବିକ ହୋଇନାହିଁ ...

ସମୟରେ ପରିବାର ଚଳାଇବା କଷ୍ଟକର ଥିଲା। ଏବେ ମଧ୍ୟ ଠିକ୍ ଭାବେ ରୋଜଗାର ହୋଇପାରୁ ନାହିଁ। କଟକଣା ସମୟରେ ଖାଇବା ପାଇଁ କରିଥିବା ଋଣ ପରିଶୋଧ ନେଇ ଏବେ ଚିନ୍ତାରେ। ସନ୍ଧ୍ୟାରେ ଭଲ ବ୍ୟବସାୟ ହେଉଥିଲା। ଦୈନିକ ୪ଶହରୁ ୬ଶହ ଟଙ୍କା ରୋଜଗାର ହେଉଥିଲା। ଏବେ ସନ୍ଧ୍ୟା ହେଲେ ମନରେ ଭୟ ଆସୁଛି। ବ୍ୟବସାୟ ସ୍ୱାଭାବିକ ହେବା ପାଇଁ ସମୟ ଲାଗିବ ବୋଲି ବିଜୟ କହିଛନ୍ତି। ଜିଲାପାଳଙ୍କ ଅଫିସ୍ ନିକଟରେ ଚା' ଜଳଖିଆ ଦୋକାନ କରିଥିବା ମନୋଜ ସାହୁ କହିଛନ୍ତି, କଟକଣା ସମୟର କ୍ଷତି ଭରଣା ହୋଇପାରିବ ନାହିଁ। ଲୋକମାନଙ୍କୁ ନେଇ ବ୍ୟବସାୟ ହୋଇଥାଏ । ବନ୍ଦ ହେବାରେ ବ୍ୟବସାୟ ଠପ୍ ହୋଇଯାଇଥିଲା । ପ୍ରତିଦିନ ଏକ ହଜାରରୁ ୧୨ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଥିଲା । ଏଥିରେ ପରିବାର ପ୍ରତିପୋଷଣ ହୋଇଥାଏ। କୋହଳ ହୋଇଥିଲେ ବି ବ୍ୟବସାୟ ଅନୁସାରେ ସମୟ ସ୍ଥିର ହୋଇ ନ ଥିଲା। କେବଳ ଆମ ବ୍ୟବସାୟ ନୁହେଁ, ସବୁ ପ୍ରକାର ବ୍ୟବସାୟ ଉପରେ ଆର୍ଥିକ ବୋଝ ପଡ଼ିଛି ବୋଲି ମନୋଜ କହିଛନ୍ତି।

କେବଳ ବ୍ୟବସାୟ ନୁହେଁ, ପିଲାଙ୍କ ପାଠପଢ଼ାରେ ମଧ୍ୟ ବାଧା ଉପୁଜିଥିଲା। ୱାର୍କ ଫ୍ରମ୍ ହୋମ କରୁଥିବା କର୍ମଚାରୀମାନେ ଜିଲା ଛାଡ଼ି ଅନ୍ୟ ଜିଲାକୁ ଚାଲିଯାଇଥିଲେ। ଜଣେ ଛାତ୍ରୀ କହିଛନ୍ତି, ସ୍କୁଲ କଲେଜ ବନ୍ଦ ରହିଥିଲା। ନେଟ୍‌ସେବା ମଧ୍ୟ ବନ୍ଦ କରି ଦିଆଯାଇଥିଲା। ୧୦ଦିନର ପାଠ୍ୟକ୍ରମ ପ୍ରଭାବିତ ହୋଇଥିଲା। କର୍ଫ୍ୟୁ ଲାଗିଥିବାରୁ କୋଚିଂ ସେଣ୍ଟର ମଧ୍ୟ ଯାଇହେଲା ନାହିଁ। ଏବେ ବିଗତ ଦିନଗୁଡିକର ପାଠ ଅଧିକ ଚାପ ପକାଉଛି ବୋଲି ସେ କହିଛନ୍ତି। ବ୍ୟବସାୟୀଙ୍କ କ୍ଷତି ସମ୍ପର୍କରେ ପଚରାଯିବାରୁ ସମ୍ବଲପୁର ସଦର ଉପଜିଲାପାଳ ପ୍ରଭାସ ଡନସନା କହିଛନ୍ତି, ଦଙ୍ଗାରେ ପୀଡ଼ିତ ଓ ପ୍ରଭାବିତମାନଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରାଯାଉଛି। ଏଥି ସକାଶେ ସର୍ଭେ ହୋଇସାରିଛି। ଚୂଡାନ୍ତ ନିଷ୍ପତ୍ତି ନିଆଯିବ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟବସ୍ଥା କରାଯାଇ ନାହିଁ ବୋଲି ସେ କହିଛନ୍ତି।

### ମାଳଦ୍ୱୀପରେ ଓଡ଼ିଆ ହୋଟେଲ...

ହୋଟେଲ୍ସ ଆଣ୍ଡ ରିସର୍ଟସ ଆରମ୍ଭ କଲେ। ଏକ ରିସର୍ଟ ମ୍ୟାନେଜମେଣ୍ଟ କମ୍ପାନୀ ଭାବେ ବଜାର ଅଭାବ ପୂରଣ କରିବା ଲାଗି ସେ ଭାରତ ମହାସାଗର ଅଞ୍ଚଳରେ ଏକ ଅନନ୍ୟ ଲଗ୍‌ଜୁରୀ ରିସର୍ଟ ବ୍ରାଣ୍ଡ ସୃଷ୍ଟି କଲେ। ସଲିଲ ୨୦୦୩ରୁ ଇଓଏନ୍ ରିସର୍ଟସ୍ ଗ୍ରୁପ୍‌ର ପ୍ରତିଷ୍ଠାତା ସହଯୋଗୀ, ନିର୍ଦ୍ଦେଶକ ଓ ମୁଖ୍ୟ ଅପରେଟିଂ ଅଫିସର ଥିଲେ। ଏହି ପଦବୀରେ ଥାଇ ସେ ମାଳଦ୍ୱୀପରେ ଡଜନେରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ରିସର୍ଟସର ବିକାଶ ଓ ପରିଚାଳନା ସହ ସକ୍ରିୟ ଭାବେ ସମ୍ପୃକ୍ତ ହୋଇଥିଲେ। ସବୁ ରିସର୍ଟ୍‌ସରେ ଗୃହ ଅନୁଭୂତି ସୃଷ୍ଟି କରିବା ଗ୍ରୁପ୍‌ର ଅତିଥି ଅଭିଜ୍ଞତାର ଗୁରୁତ୍ୱପୂର୍ଣ୍ଣ ଧାରଣା ରହିଥିଲା। ବେଳାଭୂମିରେ ପ୍ରତି ଇଣ୍ଟେରିୟରକୁ ଅନନ୍ୟ ଡିଜାଇନ, ପ୍ରାକୃତିକ ସୂର୍ଯ୍ୟାଲୋକ ସହ ନିର୍ମାଣ କରାଯାଇଥିଲା, ଯେପରି ଅତିଥିମାନେ ସର୍ବାଧିକ ଆରାମ ଓ ସ୍ମରଣୀୟ ଅନୁଭୂତି ପାଇପାରିବେ।

କାନିଫୁଶି ଦ୍ୱୀପରେ ଆଟମୋସ୍ପିୟର ହୋଟେଲ୍ସ ଆଣ୍ଡ ରିସର୍ଟସ ଆରମ୍ଭ ହେବାର ୭ ବର୍ଷ ମଧ୍ୟରେ ୨୦୨୦ରେ ସଲିଳଙ୍କ ନେତୃତ୍ୱାଧୀନ ଗ୍ରୁପ୍ ସାଉଥ୍ ମାଲେ ଆଟୋଲ୍‌ରେ ଓଜନ ରିଜର୍ଭ ବୋଲିଫୁସି ସମେତ ୬ଟି ରିସର୍ଟ ଆରମ୍ଭ କରିଥିଲା। ୨୦୨୧ରେ ଆଉ ଦୁଇଟି ରିସର୍ଟ ଶୁଭାରମ୍ଭ ହୋଇଥିଲା। ମାଳଦ୍ୱୀପରେ ବ୍ୟବସାୟ କରିବା ଚାଲେଞ୍ଜ ହୋଇଆସିଥିବା ସତ୍ତ୍ୱେ ସଲିଲ ସବୁବେଳେ ସେଥିରୁ ଶିକ୍ଷାଲାଭ କରି ସେଗୁଡ଼ିକୁ ସାମର୍ଥ୍ୟରେ ବଦଳାଉଥିଲେ। ୨୦୦୪ର ସୁନାମି, ୨୦୦୮ର ମାନ୍ଦାବସ୍ଥା ଏବଂ କୋଭିଡ୍ ମହାମାରୀରେ ମାଳଦ୍ୱୀପ ଗୁରୁତର ପ୍ରଭାବିତ ହେବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଉଲ୍ଲେଖନୀୟ ସାମର୍ଥ୍ୟ ଦେଖାଇ ପୂର୍ବସ୍ଥିତିକୁ ଫେରିପାରିଥିବା ସଲିଲ କହିଛନ୍ତି। ୨୦୧୯ ପର୍ଯ୍ୟନ୍ତ ଆଟମୋସ୍ପିୟର ପାଇଁ ରୁଷିଆ ସର୍ବାଧିକ ପର୍ଯ୍ୟଟକ ଯୋଗାଉଥିବାବେଳେ ନିକଟ ଅତୀତରେ ଭାରତ ଏହାର ସ୍ଥାନ ନେଇଛି। ଭାରତୀୟଙ୍କ ପାଇଁ ମାଳଦ୍ୱୀପ ସର୍ବାଧିକ ପସନ୍ଦ ପରିବାର ପର୍ଯ୍ୟଟନ କ୍ଷେତ୍ର। ସଲିଲଙ୍କୁ ପ୍ରବାସୀ ଭାରତୀୟ ସମ୍ମାନ ପୁରସ୍କାର-୨୦୨୧ରେ ସମ୍ମାନିତ କରାଯାଇଛି, ଯାହାକି ମାଳଦ୍ୱୀପ ପର୍ଯ୍ୟଟନକୁ ଜଣେ ପ୍ରବାସୀ ଭାରତୀୟଙ୍କ ଅବଦାନ ଏବଂ ଭାରତ-ମାଳଦ୍ୱୀପ ସମ୍ପର୍କକୁ ମଜଭୁତ କରିବାର ସର୍ବୋଚ୍ଚ ସ୍ୱୀକୃତି।

### ୫ରେ ଓଡ଼ିଶା ଆସିବେ ...

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ୍‌ରେ ନୀତୀଶ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ୍ କରିଥିଲେ। ଭାଜପା ବିରୋଧରେ ବିରୋଧୀମାନଙ୍କୁ ଏକାଠି କରିବା ପାଇଁ ସେ ବିଭିନ୍ନ ରାଜ୍ୟ ଗସ୍ତ କରିବେ ବୋଲି ସେ ସମୟରେ ଘୋଷଣା କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜାଙ୍କୁ ସାକ୍ଷାତ କରିଛନ୍ତି। ଏହି କ୍ରମରେ ଏବେ ନୀତୀଶ ଓଡ଼ିଶା ଆସୁଥିବା ଚର୍ଚ୍ଚା ହେଉଛି।

ଗତ ମାର୍ଚ୍ଚ ମାସରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସିଥିବାବେଳେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ଗସ୍ତକୁ ନେଇ ରାଜନୈତିକ ଉତ୍ସୁକତା ଦେଖାଦେଇଥିଲେ ମଧ୍ୟ ମମତା ଏହାକୁ ଏଡ଼େଇ ଦେଇଥିଲେ। ଗଣମାଧ୍ୟମକୁ ସେ କହିଥିଲେ ଯେ, ଆମ ଭିତରେ ବହୁ ପୁରୁଣା ସମ୍ପର୍କ ରହିଛି। ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। କୌଣସି ପ୍ରକାର ରାଜନୈତିକ ଆଲୋଚନା ହୋଇନାହିଁ। ୨୦୨୨ ଡିସେମ୍ବରରେ ଓଡ଼ିଶାରେ ହୋଇଥିବା ପୁରୁଷ ହକି ବିଶ୍ୱକପ୍ ମ୍ୟାଚ ଦେଖିବା ପାଇଁ ନବୀନ ଉଭୟ ମମତା ଓ ନୀତୀଶଙ୍କୁ ନିମନ୍ତ୍ରଣ କରିଥିଲେ।

ବିଜେଡି ଭାଜପା ଓ କଂଗ୍ରେସଠାରୁ ସମଦୂରତା ରକ୍ଷା କରି ଆସିଛି। ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ପୂର୍ବରୁ ହୋଇଥିବା ବିଭିନ୍ନ ବୈଠକରୁ ବିଜେଡି ନିଜକୁ ଦୂରେଇ ରଖିଛି। ତେବେ ବିଭିନ୍ନ ପ୍ରସଙ୍ଗରେ ବିଜେଡି କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କୁ ସମର୍ଥନ ଦେଇଆସୁଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ମମତାଙ୍କ ପରେ ନୀତୀଶ କୁମାରଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସକାଳୁ ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ସ୍ୱାର୍ଥସାଧନର ନୈରାଶ୍ୟତାର ଫଳ ସ୍ୱରୂପ ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ବ୍ୟବସାୟ, ପରିବହନ ତଥା ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ।

**ବୃଷ**
ସମସ୍ୟା ଆସିବାର ଜାଣି ମଧ୍ୟ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦଗ୍ରସ୍ଥ ହୋଇପାରନ୍ତି। ସଭାସମିତି, କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକାଂଶରେ ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ**
ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ, ଯାହାକି ନୂତନ ସମସ୍ୟାକୁ ଜନ୍ମ ଦେଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି ଯାହାକି କାମକୁ ଆସିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**
ପ୍ରଶାସନିକ ଆଲୋଚନାରେ ଅଂଶଗ୍ରହଣ କରି ସଂଯମତା ଅବଲମ୍ବନ ନ କଲେ ସମସ୍ୟା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ**
ଆଜିର କର୍ମକ୍ଷେତ୍ରରେ ମନକଥା ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ସନ୍ଧ୍ୟା ସମୟରେ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ। ଅଫିସ କାମରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି।

**କନ୍ୟା**
ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**
ମାନସିକ ଅସ୍ଥିରତା ହେତୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହେବନାହିଁ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହାକି ଅନର୍ଥର କାରଣ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ, ବିଭିନ୍ନ ଦିଗରୁ ଅର୍ଥ ପାଇପାରିବେ । କହିବି କହିବି ଚିନ୍ତା କଲେ ମଧ୍ୟ ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିପାରିବେ ନାହିଁ।

**ବିଛା**
ପ୍ରତ୍ୟେକ କାମ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ସମୟ ସ୍ରୋତରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରିତା ସୃଷ୍ଟି ହୋଇପାରେ। ଅର୍ଥ ସମ୍ପର୍କିତ ଆଲୋଚନାରେ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ସମ୍ଭାବନା ରହିଛି।

**ଧନୁ**
ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ। ମାନସିକ ଚାପଗ୍ରସ୍ଥ କାରଣରୁ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ। କଳ୍ପନା କରି ନ ଥିବା ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ମକର**
ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ଆଶା କରିପାରନ୍ତି। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ଆଶଙ୍କାକୁ ଏଡି ହେବନାହିଁ। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିବେ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନର ବଳ କମି ଯାଇପାରେ। ସକାଳ ସମୟଟି ପ୍ରାୟତଃ ଭଲ ରହିବ ଏବଂ ହାତକୁ ନେଇଥିବା କାମରେ କୌଣସି ଅସୁବିଧା ହେବନାହିଁ।

**ମୀନ**
ପରିସ୍ଥିତି ପ୍ରତି ସଜାଗ ରହି କାମ କରିଚାଲିଲେ ପ୍ରତିବନ୍ଧକ ବେଶି ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲଭିବେ। ଆଲୋଚନା ପ୍ରସଙ୍ଗରେ ସ୍ତ୍ରୀଙ୍କ ଅଭିଯୋଗ ଅମୂଳକ ନୁହେଁ ଏବଂ ଏହାକୁ ଗୁରୁତର ସହ ବିଚାର କରିବା ଭଲ ହେବ।

ଆଜି ବୈଶାଖ ଶୁକ୍ଳପକ୍ଷର ସର୍ବସମ୍ମତ ନୃସିଂହ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ମେ ୪ ତାରିଖ, ଦିବା ଘ.୦୯।୨୯ ପର୍ଯ୍ୟନ୍ତ ଚିତ୍ରା/କନ୍ୟା ତଦନ୍ତେ ତୁଳାଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ପ୍ରାତଃ ଘ.୦୫।୨୦ ଗତେ ଘ.୦୭।୦୨ ମଧ୍ୟେ, ଘ.୧୦।୨୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ୦୧।୧୯ ଗତେ ଘ.୦୨।୫୫ ମଧ୍ୟେ ରାହୁକାଳ।

ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ। -ଶ୍ରୀଅରବିନ୍ଦ

# ଇଏସ୍‌ଜି ରେଟିଂର ଆବଶ୍ୟକତା



ହାଜେଲ ଇଲାଙ୍ଗୋ

ମୋର୍ଗାନ ଷ୍ଟାନ୍‌ଲେ କ୍ୟାପିଟାଲ ଇଣ୍ଟରନ୍ୟାଶନାଲ ବା ଏମ୍‌ଏସ୍‌ସିଆଇ ଏକ ଫାର୍ମ ଯାହା ନିବେଶ ତଥ୍ୟ ଏବଂ ଆନାଲିଟିକ ସର୍ଭିସ ନିବେଶକଙ୍କୁ ଯୋଗାଇଦିଏ। ଏହା ପରିବେଶ, ସାମାଜିକ ଓ ଶାସନ ରେଟିଂ(ଇଏସ୍‌ଜି ରେଟିଂ)ର ସବୁଠୁ ପ୍ରଭାବଶାଳୀ ନିୟନ୍ତ୍ରକ। ଇଏସ୍‌ଜି ରେଟିଂ ଏକ କମ୍ପାନୀର ପରିବେଶ, ସାମାଜିକ ଏବଂ ଶାସନ ସମ୍ପର୍କିତ ପ୍ରତିବଦ୍ଧତା ଓ ସେସବୁର ସକ୍ରିୟ ସଞ୍ଚାଳନ ଉପରେ ଆକଳନ କରିଥାଏ। ଏମ୍‌ଏସ୍‌ସିଆଇ ଏକାବେଳକେ ହଠାତ୍ ୩୧,୦୦୦ ନିବେଶ ପାଣ୍ଠିର ଇଏସ୍‌ଜି ରେଟିଂକୁ ହ୍ରାସ କରିବାକୁ ଯାଉଛି। ଏମ୍‌ଏସ୍‌ସିଆଇ ତାହାର ନିୟମ ଆଧାରିତ କାର୍ଯ୍ୟପ୍ରଣାଳୀ ବା ମେଥଡଲୋଜି ନବୀକରଣ କରିବା ଏବଂ ଏଏ ରେଟିଂ ବା ହାଇ କ୍ରେଡିଟ୍‌କ୍ୱାଲିଟି ଏବଂ ନ୍ୟୂନତମ ଡିଫଲ୍ଟ ରିସ୍କ ପାଇଁ ଉନ୍ନତ ମାନକ ହାସଲ କରିବାକୁ ପାଣ୍ଠିର ଆବଶ୍ୟକତା ହେବା ପରେ ଏଭଳି ଉଲ୍ଲେଖନୀୟ ପଦକ୍ଷେପ ନେଇଛି। ଏଭଳି ଏକ ପ୍ରଭାବଶାଳୀ ପଦକ୍ଷେପର ବିତ୍ତୀୟ ମାର୍କେଟ ଉପରେ ଦୀର୍ଘମିଆଦୀ ପ୍ରଭାବକୁ ନିୟାମକଗୁଡ଼ିକ ଦ୍ୱାରା ପୂର୍ବରୁ ସାବଧାନତାର ସହ ଯାଞ୍ଚ କରିବ ବୋଲି ଆଶା କରାଯାଏ । ଅପରପକ୍ଷେ ଇଏସ୍‌ଜି ରେଟିଂ ପ୍ରୋଭାଇଡର(ଇଆର୍‌ପିଏସ୍)ଗୁଡ଼ିକ ନିୟାମକ ରାଡାର ଅଧୀନରେ ଅଧିକ କାମ କରୁଛନ୍ତି। ନିବେଶଭିତ୍ତିକ ନିଷ୍ପତ୍ତିକୁ ମାର୍ଗଦର୍ଶନ କରିବା ପାଇଁ ଇଏସ୍‌ଜି ରେଟିଂ ପ୍ରମୁଖ ଭୂମିକା ନେଇଥାନ୍ତି। କିନ୍ତୁ ଏମ୍‌ଏସ୍‌ସିଆଇ ଦ୍ୱାରା କରାଯାଇଥିବା ଇଏସ୍‌ଜି ରେଟିଂର ହ୍ରାସ ସୂଚନା ଦେଉଛି ଯେ, ସେମାନେ ଏବେ ଅତ୍ୟଧିକ ପ୍ରଭାବିତ ହୋଇଛନ୍ତି ଏବଂ ବହୁ ସମୟରେ ବ୍ୟୟ ବହୁଳ ହୋଇଯାଉଛି। ଅବଶ୍ୟ ବ୍ଲୁମ୍‌ବର୍ଗ ବିଜ୍‌ନେସୱିକ ଆନାଲିସିସ୍‌ର ୨୦୨୧ର ସମୀକ୍ଷାରେ ସାମିଲ ହୋଇଥିବା ଅଧିକାଂଶ କମ୍ପାନୀକୁ ଏମ୍‌ଏସ୍‌ସିଆଇ ଦ୍ୱାରା ଉନ୍ନତ ସ୍ତରକୁ କରାଯାଇଥିଲା। ଏମ୍‌ଏସ୍‌ସିଆଇର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଯୋଗୁ ଏହା ସମ୍ଭବ ହୋଇଥିଲା। ଏହାର ଠିକ୍ ୨ ବର୍ଷ ପରେ,ଏକ ନୂଆ ପର୍ଯ୍ୟାୟ ପରିବର୍ତ୍ତନ ଯୋଗୁ ଇଏସ୍‌ଜି ରେଟିଂର ଅତ୍ୟଧିକ ସମ୍ଭବ ହେଉଛି ଏବଂ ଏହାର ଭବିଷ୍ୟତର ଆଶା ଉପରେ ଅଧିକ ଅନିଶ୍ଚିତତା ଆଣୁଛି। ଏହି ସମସ୍ୟା ଏମ୍‌ଏସ୍‌ସିଆଇ ପାଇଁ ନିଆରା। ଇଏସ୍‌ଜି ରେଟିଂ ପ୍ରୋଭାଇଡରଗୁଡ଼ିକ ମୂଲ୍ୟାୟନ ଜନିତ ବିପଦର ବା ପ୍ରଭାବ ସମାଧାନ କରିବା ସମ୍ପୂର୍ଣ୍ଣ ଅସଙ୍ଗତ ବୋଲି ଇନଷ୍ଟିଚ୍ୟୁଟ ଫର୍ ଏନର୍ଜି ଇକୋନୋମିକ୍ସ ଆଣ୍ଡ୍ ଫାଇନାନ୍ସିଆଲ ଆନାଲିସିସ୍ (ଆଇଇଇଏଫ୍‌ଏ) ରିପୋର୍ଟରୁ ଜଣାପଡ଼ିଛି। ଭାଗୀଦାରି ମାନକଗୁଡ଼ିକର ଓ ସ୍ୱଚ୍ଛ କାର୍ଯ୍ୟପଦ୍ଧତିସବୁର ଅଭାବ ଯୋଗୁ ଷ୍ଟକ୍ ଏବଂ ବଣ୍ଡଗୁଡ଼ିକର ଭୁଲ୍ ମୂଲ୍ୟ ନିର୍ଦ୍ଧାରଣ ହେଉଛି ଏବଂ ନିବେଶ ନିୟାମକମାନଙ୍କ ଦ୍ୱାରା କରାଯାଉଥିବା ପ୍ରଭାବୀ ନୀତି ନିର୍ଦ୍ଧାରଣକୁ ଦୁର୍ବଳ କରୁଛି।




ଠିକ୍ ଏବଂ ଆକଳନଯୋଗ୍ୟ ଏକ ସ୍ଥାୟୀ ଏବଂ ବିଶ୍ୱସନୀୟ ଇଏସ୍‌ଜି ରେଟିଂ ବ୍ୟବସ୍ଥା ପ୍ରତିଷ୍ଠା କରିବା ଲାଗି ତୁରନ୍ତ ନିୟାମକ ବା ଆଇନଗତ ହସ୍ତକ୍ଷେପ ଲୋଡ଼ା। ପ୍ରଥମ ପଦକ୍ଷେପରେ ନିଶ୍ଚିତ କରିବାକୁ ହେବ ଯେ, ସମସ୍ତ ଇଆର୍‌ପିଏସ୍ ଦ୍ୱାରା ବ୍ୟବହାର କରାଯାଉଥିବା ନିୟମ ଆଧାରିତ କାର୍ଯ୍ୟପ୍ରଣାଳୀସବୁ ସ୍ୱଚ୍ଛ ଓ ଆରମ୍ଭରୁ ସେଗୁଡ଼ିକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯାଇଛି। ଯେଉଁ ରେଟିଂଗୁଡ଼ିକୁ ନିର୍ଦ୍ଧାରଣ କରିବାକୁ ଅଛି ସେଗୁଡ଼ିକୁ ସାହାଯ୍ୟ କରିବା ଏବଂ ସେଗୁଡ଼ିକର ମାନଦଣ୍ଡର ବୈଧତାକୁ ସହଯୋଗ କରିବା ପାଇଁ ଠୋସ୍ ତଥା ବ୍ୟବସ୍ଥିତ ତଥ୍ୟ ଯୋଗାଇଦେବାକୁ ନିୟାମକଗୁଡ଼ିକ ଲାଗି ଇଆର୍‌ପିଏସ୍ ଜରୁରୀ। ତେବେ ଏକ ଇଆର୍‌ପିଏସ୍‌ର ମେଥଡଲୋଜିରେ କିମ୍ବା ଆଭ୍ୟନ୍ତରୀଣ ଗାଇଡଲାଇନରେ ଯେ କୌଣସି ପରିବର୍ତ୍ତନକୁ ସ୍ୱାଧୀନ ଭାବେ ଆକଳନ କରାଯିବା ସହ ନିଶ୍ଚିତ କରାଯିବା ଉଚିତ। ବ୍ୟାପକ ରେଟିଂ ସମାୟୋଜନ କରିବା ଲାଗି ମେଥଡଲୋଜି କିମ୍ବା ମାନଦଣ୍ଡରେ ଯଦି କିଛି ପରିବର୍ତ୍ତନ କରାଯାଏ ତେବେ ନିୟାମକଗୁଡ଼ିକୁ ଏହାର ମୂଲ୍ୟାଙ୍କନ କରିବା ସହ ସ୍ୱୀକୃତି ଦେବା ଲାଗି ପଦକ୍ଷେପ ନେବା ଦରକାର।

ଏମ୍‌ଏସ୍‌ସିଆଇର ଇଏସ୍‌ଜି ଫଣ୍ଡ ରେଟିଂଗୁଡ଼ିକ ପ୍ରାୟତଃ ଅନିୟମିତ ଆକଳନ ଉପରେ ଆଧାରିତ। ଏହା ଇଏସ୍‌ଜିକୁ ପ୍ରଭାବିତ କରୁଥିବା ସ୍ଥିତିକୁ ଦେଖି କେବଳ କମ୍ପାନୀର ବିତ୍ତୀୟ ବିପଦକୁ ଅନୁଧ୍ୟାନ କରିଥାଏ। ଏହି ପଦକ୍ଷେପ କମ୍ପାନୀର ପରିବେଶ ଓ ସମାଜ ଉପରେ କ'ଣ ପ୍ରଭାବ ରହିଛି ତାହା କରି ନ ଥାଏ। ଫଳରେ କମ୍ପାନୀ ପାଇଁ ଏହା ବିପଦ ହୋଇଯାଏ। କେତୋଟି ଇଆର୍‌ପିଏସ୍ ପ୍ରକାଶ କରନ୍ତି ଯେ, ସେମାନଙ୍କ ରେଟିଂ ବ୍ୟାପକ ପ୍ରଭାବ ପାଇଁ ଉତ୍ତରଦାୟୀ ରହେ। ତେବେ ସେମାନଙ୍କ କାର୍ଯ୍ୟପ୍ରଣାଳୀରେ ଏଭଳି ଦାବିକୁ ଯାଞ୍ଚ କରିବା କଷ୍ଟକର। ପରିବେଶ ଓ ସମାଜ ଉପରେ ଜୀବାଶ୍ମ ଇନ୍ଧନ ସହ ଜଡ଼ିତ ଥିବା କମ୍ପାନୀର କ'ଣ ପ୍ରଭାବ ରହିଛି, ତାହାକୁ ଅଣଦେଖା କରି କେବଳ ବିତ୍ତୀୟ ବିପଦକୁ ଆକଳନ କରିବା ଫଣ୍ଡଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ହେବ ନାହିଁ। ଆଇଇଇଏଫ୍‌ଏର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଜୀବାଶ୍ମ ଇନ୍ଧନ ସହ ଜଡ଼ିତ ୮୫%ରୁ ଊର୍ଦ୍ଧ୍ୱ ନିବେଶ ପାଣ୍ଠିଗୁଡ଼ିକ ଉପରେ ଏମ୍‌ଏସ୍‌ସିଆଇ ଉଚ୍ଚସ୍ତରର ଇଏସ୍‌ଜି ରେଟିଂକୁ ଅନୁମତି ଦେଇଛି। ହେଲେ ଏହି ସବୁ ରେଟିଂ ଅତ୍ୟଧିକ ବିପଥଗାମୀ ହୋଇଛି, କାରଣ ସେମାନେ ଫାର୍ମଗୁଡ଼ିକ ସୃଷ୍ଟି କରୁଥିବା ବିପଦକୁ ଅଣଦେଖା କରୁଛନ୍ତି। ଏପରିକି ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା କିଛି ସକାରାତ୍ମକ ପ୍ରଭାବକୁ ବି ବିଚାରକୁ ନେଉନାହାନ୍ତି

ଜୀବାଶ୍ମ ଇନ୍ଧନ (ଫସିଲ ଫୁଏଲ) ଉପରେ ନିର୍ଭରଶୀଳତା ନିବେଶକମାନଙ୍କୁ ଜଳବାୟୁ ଜନିତ ବିପଦରେ ପକାଏ। ଯଦି ଏହାକୁ ଠିକ୍ ଭାବେ ଆକଳନ କରା ନ ଯାଏ ,ତେବେ ସୁଯୋଗ ନଷ୍ଟ ହୋଇ ବ୍ୟାପକ କ୍ଷତି ହେବା ସମ୍ଭାବନା ଅଛି। ଶେଷରେ ଉଚ୍ଚ ଇଏସ୍‌ଜି ରେଟିଂ ଫାର୍ମଗୁଡ଼ିକୁ ସେମାନଙ୍କ ପୂର୍ବ ସ୍ଥିତି ତୁଳନାରେ ଅଧିକ ସବୁଜ କରିବ। ଏହା ମଧ୍ୟ ଆଗୁଆ ନିବେଶକମାନଙ୍କୁ ପରିବେଶଗତ କାର୍ଯ୍ୟକଳାପରେ ଦୁର୍ବଳ ଥିବା ଫାର୍ମଗୁଡ଼ିକୁ ସେମାନଙ୍କ ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱ ଦେବ। ଇଆର୍‌ପିଏସ୍ ପରିବେଶ ଓ ସମାଜ ଭଳି ଦୁଇଟି ଦୃଷ୍ଟିକୋଣକୁ ଗ୍ରହଣ କରିବା ଉପରେ ବିଚାରକଲେ ଏହା ସମାଜ ଓ ପୃଥିବୀ ଉପରେ ଏକ ଫାର୍ମର ପ୍ରଭାବକୁ ପ୍ରକାଶ କରିବ। କେବଳ ଏଭଳି ଦୃଷ୍ଟିକୋଣ ସହ କଠୋର ନିୟାମକ ଦାୟିତ୍ୱବୋଧ ଇଏସ୍‌ଜି ରେଟିଂ କମ୍ପାନୀର ତ୍ରୁଟିପୂର୍ଣ୍ଣ ପରିବେଶଗତ କାର୍ଯ୍ୟ ଦୂରକରିବା ସହ ବାସ୍ତବରେ ପରିବେଶ ଉପଯୋଗୀ ନିବେଶକୁ ଉତ୍ସାହିତ କରିବ।

ସମସ୍ୟାର ଗମ୍ଭୀରତାକୁ ଅଣଦେଖା କରିବା ଉଚିତ ନୁହେଁ। ନଚେତ୍ ଇଏସ୍‌ଜି ରେଟିଂ ପୁଞ୍ଜିବଜାରରେ ଆବଣ୍ଟିତ ଟ୍ରିଲିୟନ ଡଲାରକୁ ପ୍ରଭାବିତ କରିବ। ଏକପାଖିଆ ଭାବେ ଗଢ଼ାଯାଇଥିବା ନିୟମ ଓ ଅପରଦର୍ଶୀ କାର୍ଯ୍ୟପଦ୍ଧତି ଏବଂ ସଂଗହୀତ ଗଭୀର ପକ୍ଷପାତ ସମ୍ବଳିତ ତଥ୍ୟ ଉପରେ ଆଧାରିତ ତ୍ରୁଟିପୂର୍ଣ୍ଣ ରେଟିଂସବୁ ବିପର୍ଯ୍ୟୟର କାରଣ ହୋଇପାରେ। ଏପରିକି ୨୦୦୮ ବୈଶ୍ୱିକ ବିତ୍ତୀୟ ସଙ୍କଟର ତ୍ରୁଟିଯୁକ୍ତ ରେଟିଂର ଭୟଙ୍କର ପରିଣାମଠାରୁ ଅଧିକ ହୋଇପାରେ । ଏଣୁ ଇଏସ୍‌ଜି ରେଟିଂ ଇଣ୍ଡଷ୍ଟ୍ରୀର ଉତ୍ତମ ସଞ୍ଚାଳନ ଜରୁରୀ। ଆଗାମୀ ଦିନରେ ବିତ୍ତୀୟ ସଙ୍କଟ ଦୂର କରିବା ସହ ପରିବେଶ କ୍ଷେତ୍ରରେ ବାସ୍ତବ ପ୍ରଗତି ଯୋଗାଇଦେବା ପାଇଁ ଏହାର ଆବଶ୍ୟକତା ଅଧିକ। ଭଲ ଖବର ହେଉଛି, ୟୁନାଇଟେଡ୍ କିଙ୍ଗଡମ (ୟୁକେ)ର ଫାଇନାନ୍ସିଆଲ କଣ୍ଡକ୍ଟ ଅଥରିଟି, ଭାରତର ଦି ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ, ୟୁରୋପିଆନ କମିଶନ ଏବଂ ଜାପାନର ଫାଇନାନ୍ସିଆଲ ସର୍ଭିସ ଏଜେନ୍ସି ଇଏସ୍‌ଜି ରେଟିଂ ଉପରେ କଠୋର ମାନଦଣ୍ଡ ପାଇଁ ଉପାୟ ବାହାର କରିସାରିଲେଣି। ନିବେଶକ ଓ ପୃଥିବୀର ଲାଭ ପାଇଁ ଅନ୍ୟ ମାର୍କେଟ ନିୟାମକ ବା ସଞ୍ଚାଳକମାନେ ଏହି ପଥ ଅନୁସରଣ କରିବା ଭଲ ହେବ।

**ଏନର୍ଜି ଫାଇନାନ୍ସ ଆନାଲିଷ୍ଟ,**
**ଇନ୍‌ଷ୍ଟିଚ୍ୟୁଟ ଫର୍ ଏନର୍ଜି ଇକୋନୋମିକ୍ସ ଆଣ୍ଡ୍**
**ଫାଇନାନ୍ସିଆଲ ଆନାଲିସିସ**

## ଏଇ ଭାରତରେ

ତିନି ବନ୍ଧୁ ଗ୍ରାମୀଣ ଅଞ୍ଚଳର ରୋଗୀମାନଙ୍କୁ ମାତ୍ର ୧ ଟଙ୍କାରେ ଇ-କ୍ଲିନିକ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା କରିଛନ୍ତି। ଆଙ୍କାଶ ଟଣ୍ଡନ ଏବଂ ତାଙ୍କର ଦୁଇ ବନ୍ଧୁ ସକେତ ଆସତି ଓ ଅଙ୍କୁର ଚୌରାସିଆ ଡିଗିକ୍ୟୁରେ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଉକ୍ତ ଷ୍ଟାର୍ଟଅପ୍‌କୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ସେ ଟେଲିକନ୍‌ସଲଟେଶନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାରେ ରୋଗୀମାନଙ୍କୁ ସାହାଯ୍ୟ କରୁଛନ୍ତି । ଏଥିପାଇଁ ଲୋକମାନଙ୍କୁ ସକ୍ଷମ କାର୍ଡ ଦିଆଯାଉଛି, ଯାହାଦ୍ୱାରା ସେମାନେ ଏହି ସେବା ପାଉଛନ୍ତି। ଏ ପର୍ଯ୍ୟନ୍ତ ତିନିବନ୍ଧୁ ମଧ୍ୟପ୍ରଦେଶର ୨୦,୦୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦେଇସାରିଲେଣି। ସେମାନେ ଲୋକମାନଙ୍କୁ ବି ଡିଜିଟାଲ ପ୍ରେସ୍କ୍ରିପଶନ ଏବଂ ଲାବ୍ ଟେଷ୍ଟ ସର୍ଭିସ ମଧ୍ୟ ଯୋଗାଇ ଦେଉଛନ୍ତି । ଏପରି କି ଆବଶ୍ୟକ ପଡ଼ିଲେ ରୋଗୀଙ୍କୁ ତାଙ୍କ ସହଭାଗୀ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରୁଛନ୍ତି । ୩୬୫ ଟଙ୍କା ଦେଲେ ଲୋକେ ବର୍ଷସାରା ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଡିଗିକ୍ୟୁରେ ୧୦ ହସ୍ପିଟାଲର ୬୦ ଜଣ ଡାକ୍ତର ଯୋଡି ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୪ ମେ ୧୯୯୮

- କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଉମା ବଲ୍ଲଭ ରଥ ବହିଷ୍କୃତ।
- ଆସାମର କୋକ୍ରାଝର ଜିଲାରେ ବୋଡୋ ଉଗ୍ରପନ୍ଥୀମାନେ ଏକ ବସ୍‌କୁ ନିଛାଟିଆ ଜଙ୍ଗଲ ସ୍ଥାନରେ ଅଟକାଇ ସେଥିରେ ଯାତ୍ରା କରୁଥିବା ୨୫ ଜଣ ସାନ୍ତାଳଙ୍କୁ ହତ୍ୟା କରିଛନ୍ତି।
- 'ଦି ଷ୍ଟୋରି ଅଫ୍ ଓ' ଉପନ୍ୟାସର ଲେଖିକା ଡୋମିନିକ୍ ଅରିଙ୍କ ୯୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | 8 | | 1 | |
| | | | | | 1 | | 5 | |
| | | 3 | | 6 | 4 | | | |
| | | 7 | | | | 2 | | 6 |
| 9 | | 4 | 5 | | | | | |
| | | | | | | | | |
| 6 | | | | 3 | | | | 1 |
| | 7 | 9 | | | | 5 | | |
| | 4 | | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 3 | 4 | 7 | 2 | 6 | 1 | 5 |
| 2 | 7 | 1 | 6 | 9 | 5 | 3 | 8 | 4 |
| 5 | 6 | 4 | 1 | 3 | 8 | 2 | 7 | 9 |
| 1 | 2 | 9 | 7 | 8 | 6 | 5 | 4 | 3 |
| 6 | 5 | 7 | 2 | 4 | 3 | 8 | 9 | 1 |
| 3 | 4 | 8 | 5 | 1 | 9 | 7 | 2 | 6 |
| 4 | 9 | 2 | 3 | 6 | 7 | 1 | 5 | 8 |
| 7 | 1 | 6 | 8 | 5 | 4 | 9 | 3 | 2 |
| 8 | 3 | 5 | 9 | 2 | 1 | 4 | 6 | 7 |

ଗତକାଲିର ଉତ୍ତର

# ବିଦ୍ୟାଳୟ ଶିକ୍ଷାର ସ୍ଥିତି



ରବିନାରାୟଣ ସାମଲ

ଦେଶର ସରକାରୀ ବିଦ୍ୟାଳୟରେ ୨୦୧୮-୧୯ରେ୧୦ଲକ୍ଷ୮୩ହଜାର ଛାତ୍ରୀଛାତ୍ର ଥିଲା ବେଳେ ୨୦୨୦-୨୧ରେ ଏହା ହ୍ରାସ ପାଇ୧୦ ଲକ୍ଷ ୩୨ ହଜାରରେ ପହଞ୍ଚିଛି। ଅନ୍ୟ ପକ୍ଷରେ ଘରୋଇ ବିଦ୍ୟାଳୟରେ ୨୦୧୮-୧୯ରେ ୩ ଲକ୍ଷ ୨୫ ହଜାର ଛାତ୍ରୀଛାତ୍ର ଥିଲା ବେଳେ ଏହା ୨୦୨୦-୨୧ରେ ବୃଦ୍ଧି ପାଇ ୩ ଲକ୍ଷ ୪୦ ହଜାରରେ ପହଞ୍ଚିଛି। ସ୍ୱଚ୍ଛଳ ବର୍ଗର ଅଭିଭାବକମାନେ ଯେ ଘରୋଇ ବିଦ୍ୟାଳୟମୁହାଁ, ଏଥିରେ କେହି ଦ୍ୱିମତ ହେବେ ନାହିଁ। ମାଗଣା ପୋଷାକ, ମାଗଣା ବହି ଓ ମାଗଣା ମଧ୍ୟାହ୍ନ ଭୋଜନ ସେମାନଙ୍କୁ ଆକର୍ଷିତ କରିପାରି ନାହିଁ। ଉନ୍ନତ ମାନର ଶିକ୍ଷା ଆଶା ରଖି ସେମାନେ ବେସରକାରୀ ଅନୁଷ୍ଠାନରେ ନାମ ଲେଖାଇଛନ୍ତି। ସରକାରଙ୍କ ନୀତି ମଧ୍ୟ ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି।

ୟୁଡାଇସ୍ ତଥ୍ୟ ଅନୁଯାୟୀ ତୃତୀୟ ଶ୍ରେଣୀରେ ପଢୁଥିବା ଶତକଡ଼ା ୨୦.୫ଭାଗ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ିପାରନ୍ତି, ଅର୍ଥାତ୍ ତୃତୀୟ ଶ୍ରେଣୀର ୮୦ ଭାଗ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢ଼ି ପାରନ୍ତି ନାହିଁ। ସେହିପରି ତୃତୀୟ ଶ୍ରେଣୀର ୭୫ ଭାଗ ପିଲା ଫେଡ଼ାଣ କରି ପାରୁ ନ ଥିଲା ସ୍ଥଳେ ପଞ୍ଚମ ଶ୍ରେଣୀର ୭୫ ଭାଗ ପିଲା ହରଣ କରିପାରନ୍ତି ନାହିଁ। ପଞ୍ଚମ ଶ୍ରେଣୀର ଶତକଡ଼ା ୫୭ଭାଗ ପିଲା ନିଜ ଶ୍ରେଣୀର ବହି ପଢ଼ି ପାରୁ ନ ଥିବା ସ୍ଥଳେ ଅଷ୍ଟମ ଶ୍ରେଣୀର ୩୦ ଭାଗ ପିଲା ନିଜ ବହି ପଢ଼ି ପାରନ୍ତି ନାହିଁ। ସବୁଠାରୁ ବେଶି ଉଦ୍‌ବେଗଜନକ କଥା ହେଉଛି ଯେ ଦଶମ ଶ୍ରେଣୀର ଶହକେ ୭୦ ଜଣ ପିଲା ନିଜ ନାମ ଠିକ୍ କରି ଲେଖି ପାରନ୍ତି ନାହିଁ।

ଇଏ ତ ଗଲା ଦେଶର କଥା। କିନ୍ତୁ ଆମ ରାଜ୍ୟର ଅବସ୍ଥା ଆହୁରି ଦୟନୀୟ। ୬-୧୪ ବର୍ଷ ବୟସର ୨ଲକ୍ଷରୁ ଊର୍ଦ୍ଧ୍ୱ ପିଲା ବିଦ୍ୟାଳୟ ମାଟି ମାଡ଼ୁ ନ ଥିବା ଜଣାପଡ଼ିଛି। ଆବଶ୍ୟକ ଛାତ୍ରୀଛାତ୍ର ନ ଥିବା ଦର୍ଶାଇ ଆମ ରାଜ୍ୟରେ ୧୧ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ସରକାର ଇତି ମଧ୍ୟରେ ବନ୍ଦ କରିଦେବା ଫଳରେ ଅନେକ ପିଲା ବସ୍ତାନିରେ ଡୋରି ବାନ୍ଧିଛନ୍ତି। ଫଳରେ ମାଧ୍ୟମିକ ସ୍ତରରେ ଡ୍ରପ୍‌ଆଉଟ୍ ଶତକଡ଼ା ୨୭.୨୬ରେ ପହଞ୍ଚିଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ନ ଦେଇ୧୮ ହଜାରରୁ ଊର୍ଦ୍ଧ୍ୱ ପିଲା ଉଭାନ ହୋଇଯିବା ଘଟଣା ଡ୍ରପ୍‌ଆଉଟ୍‌ର ନଗ୍ନ ରୂପକୁ ପରିପ୍ରକାଶ କରିଛି।

ଆଠଟି ଶ୍ରେଣୀକୁ ଜଣେ ଶିକ୍ଷକ- ଏପରି ବିକଳ ଚିତ୍ର ଆମ ରାଜ୍ୟରେ କେବଳ ଦେଖିବାକୁ ମିଳେ। କୌଣସି ଗୋଟିଏ ହେଲେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ରହିଥିବାର ନଜିର ନାହିଁ। ଶିକ୍ଷକ ବିନା କେତେକ ବିଦ୍ୟାଳୟ ଅଚଳ ହୋଇଗଲାଣି। ତଥାପି ସରକାର ନିର୍ବିକାର। ବିଧାନସଭା ବସିଲେ ଶିକ୍ଷକ ନିଯୁକ୍ତି କଥା ମନେପଡ଼େ। ଗୋଟିଏ କୋଠରିରେ ତିନି-ଚାରିଟି ଶ୍ରେଣୀର ପିଲା ଏକାଠି ବସି ପାଠ ପଢୁଥିବାର ଦୃଷ୍ଟାନ୍ତ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଏହି ଅବସ୍ଥା। ଏପରିକି ରାଜ୍ୟର ୨୩୩ଟି ଉଚ୍ଚ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପିଛା ବଖରାଏ କୋଠରି ବି ନାହିଁ। ସେଠି ପିଲା ପାଠ ପଢୁଥିବେ କ'ଣ ?

ପ୍ରାଥମିକ ବିଦ୍ୟାଳୟରେ ପ୍ରତି ୩୦ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତି ୩୫ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ନିଯୁକ୍ତ ହେବାର ନିୟମ ଆମ ଦେଶରେ ଅଛି। ଆମ



ବିଚାରରେ ଏହି ଅନୁପାତ ଗୁଣାତ୍ମକ ଶିକ୍ଷା ଦୃଷ୍ଟିରୁ ଆଦୌ ଉପଯୋଗୀ ନୁହେଁ। ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ଯଦି ପାଞ୍ଚଟି ଶ୍ରେଣୀରେ ମୋଟ ୩୦ ଜଣ ପିଲା ପଢୁଥାନ୍ତି, ତେବେ ନିୟମ ଅନୁଯାୟୀ ସେଠାରେ ଜଣେ ମାତ୍ର ଶିକ୍ଷକ ନିଯୁକ୍ତ ହେବେ ଏବଂ ସେ ପାଞ୍ଚଟିଯାକ ଶ୍ରେଣୀରେ ଏକକାଳୀନ ଶିକ୍ଷାଦାନ କରିବେ। ଏହା କେଉଁ ପ୍ରକାର ବୈଜ୍ଞାନିକ ପଦ୍ଧତି ? ଗୁଣାତ୍ମକ ଶିକ୍ଷା ତ ଦୂରର କଥା, ସେହି ଜଣେ ଶିକ୍ଷକଙ୍କ ଦ୍ୱାରା ସର୍ବନିମ୍ନ ଶିକ୍ଷାଦାନ ବି ସମ୍ଭବ ନୁହେଁ। ଅଧିକନ୍ତୁ ଶିକ୍ଷକ ଜଣକ କ'ଣ ଏମ୍‌ବିବିଏସ୍ ଡାକ୍ତର ହୋଇଛନ୍ତି ଯେକୌଣସି ରୋଗୀ ପହଞ୍ଚିବେ ତାଙ୍କୁ ଚିକିତ୍ସା କରି ଛାଡ଼ିଦେବେ ? ସରକାରଙ୍କ ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ଏହି ଯେଉଁ ତରିକା ନିରୂପଣ କରାଯାଇଛି ତାହାର ପରିବର୍ତ୍ତନ ଜରୁରୀ। ନଚେତ୍ ଶିକ୍ଷାର ମୂଳଦୁଆ ସେହିପରି ଦୁର୍ବଳ ହୋଇ ଭୁଶୁଡ଼ୁ ଥିବ। ସରକାର ନଈରେ ହଜାଇ ପୋଖରୀରେ ଖୋଜୁଥିବେ। ବିଏ ପାସ୍ କରିଥିବା ପିଲା ଦରଖାସ୍ତ ଖଣ୍ଡେ ଲେଖି ପାରୁ ନାହାନ୍ତି, ଏହା ଲୋକକଥା ହୋଇଗଲାଣି। କାହିଁକି ?

ସର୍ବଶିକ୍ଷା ଅଭିଯାନ ଆରମ୍ଭ ହେବା ଦିନଠାରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ଧରଣର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବର୍ଷକ ବାର ମାସ ଶିକ୍ଷକମାନଙ୍କର ଟ୍ରେନିଂ ଚାଲିଛି। ଫଳରେ ଜଣେ ଅଧେ ଶିକ୍ଷକରେ ପାଠପଢ଼ା ଚାଲୁଛି। ସେଥିରେ ପିଲାମାନେ ଯାହା ପଢୁଥିବେ! ୟୁଡାଇସ୍‌ଠାରୁ ଆରମ୍ଭ କରି ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ, ଏଲ୍‌ଆର୍‌ପି ସହିତ ଦୈନିକ ମଧାହ୍ନ ଭୋଜନ ଓ ପ୍ରାକ୍ଟିକାଲ ପରୀକ୍ଷାର ଅନ୍‌ଲାଇନ୍-ଅଫ୍‌ଲାଇନ୍ ରେକର୍ଡ ପ୍ରସ୍ତୁତିରେ ଶିକ୍ଷକମାନଙ୍କ ଶ୍ରମ ଓ ସମୟ ଅପଚୟ ହେଉଛି । ଏଥି ପାଇଁ ଜଣେ ସ୍ୱତନ୍ତ୍ର କର୍ମଚାରୀ ନ ଥିବାରୁ ଶିକ୍ଷକମାନଙ୍କୁ ସବୁ କାମ କରିବାକୁ ପଡୁଛି। ଏହା ବାଦ୍ ଜନଗଣନା, ଭୋଟର ତାଲିକା ସଂଶୋଧନ, ଆଧାର ସଂଯୋଗୀକରଣ, ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା ଓ ବଟିକା ବଣ୍ଟନ ଭଳି କେତେକ ଅଣଶୈକ୍ଷିକ ଦାୟିତ୍ୱ ମଧ୍ୟ ଶିକ୍ଷକମାନଙ୍କୁ ତୁଲାଇବାକୁ ପଡୁଛି। ଫଳରେ ବହୁ ଚର୍ଚ୍ଚିତ ଗୁଣାତ୍ମକ ଶିକ୍ଷା ଏଠାରେ ଋଣାତ୍ମକ ହୋଇଯାଇଛି। ପ୍ରମାଣ ସ୍ୱରୂପ ୨୦୧୮ତୁଳନାରେ ୨୦୨୨ରେ ବିଦ୍ୟାଳୟ ଶିକ୍ଷାର ମାନ ହ୍ରାସ ପାଇଛି ବୋଲି ଏଏସ୍‌ଇଆର୍ ରିପୋର୍ଟରେ ପ୍ରକାଶ ପାଇଛି। ଇତି ମଧ୍ୟରେ ଜାତୀୟ ସାକ୍ଷରତା ଅଭିଯାନ, ଅଣଆନୁଷ୍ଠାନିକ ଶିକ୍ଷା, ଜିଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ ପରି କାହିଁରେ କେତେ ଅଭିଯାନ ସରିଗଲାଣି, ରାଜକୋଷରୁ ହଜାର ହଜାର କୋଟି ଅର୍ଥ ବ୍ୟୟ ହେଲାଣି, ମାତ୍ର ଶିକ୍ଷାର ଆଶାନୁରୂପ ଅଗ୍ରଗତି ହୋଇପାରି ନାହିଁ। କିଛି ବର୍ଷ ପୂର୍ବେ ସରକାର ଶିକ୍ଷାର ବିକାଶ ପାଇଁ ୧୦+୨+୩ ପ୍ରବର୍ତ୍ତନ କରିଥିଲେ । ତାହା ଚୂଡ଼ାନ୍ତ ରୂପ ନେବା ପୂର୍ବରୁ ପୁଣି ୫+୩+୩+୪ ଆରମ୍ଭ ହେବାକୁ ବସିଲାଣି। ବାର୍ଷିକ ଓ ଷାଣ୍ମାସିକ ପରୀକ୍ଷା ପ୍ରଥା ଉଠାଇ ଦେଇ ବର୍ତ୍ତମାନ ଫର୍ମେଟିଭ୍ ଓ ସମ୍ମେଟିଭ୍ ଚାଲିଛି। ତାହା ପୁଣି ଉଠିଯାଇ କୁଆଡ଼େ ସେମିଷ୍ଟର୍ ହେବ। ଏମିତି ସଂସ୍କାର ପରେ ସଂସ୍କାର ଚାଲିଛି, ମାତ୍ର ଫଳ ନିମ୍ନଗାମୀ।

ଆମ ରାଜ୍ୟରେ ତ ଅଭିଜ୍ଞ ଶିକ୍ଷାବିତ୍‌ଙ୍କର ଅଭାବ ନାହିଁ। ନିଜର ସ୍ୱତନ୍ତ୍ର ଶିକ୍ଷା ପଦ୍ଧତି ପ୍ରବର୍ତ୍ତନ ନ କରି ବିଏସ୍‌ଇ କାହିଁକି ସିବିଏସ୍‌ଇକୁ ହନୁକରଣ କରୁଛି ? ଏବେ ବି ସମୟ ଅଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟରତ ଶିକ୍ଷକ, ଶିକ୍ଷାବିତ୍ ଓ ସମାଜବିଜ୍ଞାନୀଙ୍କୁ ନେଇ ଜିଲାସ୍ତରରୁ କର୍ମଶାଳାମାନ ଆୟୋଜନ କରି ନୂତନ ପଦ୍ଧତି ନିର୍ଦ୍ଧାରଣ କରୁ।

**ମୋ: ୭୯୭୫୦୪୬୪୮୬**

## ପାଠକ ଶ୍ରେଷ୍ଠ ବିଚାରକ

### ମେଡିକାଲ ସ୍ୱଚ୍ଛତାର ତଦାରଖ ଜରୁରୀ

ମହାଶୟ,

ରାଜ୍ୟର ଶହ ଶହ ଛୋଟ ବଡ଼ ସରକାରୀ ଚିକିତ୍ସାଳୟର ମାଟିତଳ ନାଳନର୍ଦ୍ଦମାଗୁଡ଼ିକୁ ପୁନରୁଦ୍ଧାର ସହିତ ସଠିକ୍ ତଦାରଖ କରାଯାଉ। ଏକାଧିକ ବଡ଼ ବଡ଼ ମେଡିକାଲ, ସରକାରୀ ଡାକ୍ତରଖାନାଗୁଡ଼ିକରେ ମଇଳା ଜଳ ନିଷ୍କାସନ ଠିକ୍ ଭାବେ ହେଉଥିବା ଦୃଷ୍ଟିଗୋଚର ହେଉନାହିଁ। ଏହା ସ୍ୱଚ୍ଛତା ପ୍ରତି ଏକ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଅନେକ ସମୟରେ ପ୍ଲାଷ୍ଟିକ ପଲିଥିନ, ଜରି ତଥା ଅଦରକାରୀ ଅଳିଆ ଏଣେତେଣେ ଠୁଳ ହେବା ଫଳରେ ପରିବେଶ ପ୍ରଦୂଷିତ ହେଉଛି । ଏହାଫଳରେ ହସ୍ପିଟାଲ ପରିବେଶରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସରକାରୀ ସ୍ତରରେ ସ୍ୱଚ୍ଛତାକୁ ନେଇ କୌଣସି କାର୍ଯ୍ୟ ନିଷ୍ଠା ସହ ସମ୍ପନ୍ନ କରାଯାଇପାରିଲେ ମେଡିକାଲ ପରିସରରେ ଜନତା ତଥା ରୋଗୀମାନେ ଉପକୃତ ହୁଅନ୍ତେ । ସରକାର ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେବା ସତ୍ତ୍ୱେ ପ୍ରତ୍ୟେକ କାର୍ଯ୍ୟ ଅଧୁରା ହେବା ସହ ଯୋଜାନା ବାଟବଣା ହେଉଛି । ବୃହତ୍ ଚିକିତ୍ସାଳୟରେ ଏକାଧିକ ୱାର୍ଡରେ ରୋଗୀଙ୍କ ଶଯ୍ୟା, ଶିଶୁ ରୋଗୀଙ୍କ ଶଯ୍ୟାର ଅଭାବ ପରିଲକ୍ଷିତ ହୋଇଛି। ଏଣୁ ଏହି ସବୁ ସମସ୍ୟାର ସମାଧାନ ଅପରିହାର୍ଯ୍ୟ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସହାସ୍ୟ ଜୀବନ



ଇଂ. ସଚ୍ଚିଦାନନ୍ଦ ନନ୍ଦ

ବିରସ ବଦନ ରହିବା ବା ଦେଖିବାକୁ କେହି ପ୍ରାୟ ଭଲ ପାଆନ୍ତି ନାହିଁ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ି ଯାଏ ସହାସ୍ୟ ଜୀବନଯାପନ କଲେ। ନିଜ ଦର୍ପଣ ନିଜ ଚେହେରାକୁ ପ୍ରଶଂସାପତ୍ର ଦେବା ସଙ୍ଗେ ସଙ୍ଗେ ସାଥୀ, ବନ୍ଧୁବାନ୍ଧବମାନେ ମଧ୍ୟ ବିନା କାରଣରେ ଖୁସି ହୁଅନ୍ତି ଗୋଟିଏ ସରସ ବଦନ ବ୍ୟକ୍ତିଙ୍କୁ ଦେଖିଲେ। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା ଜନ୍ମର ଧର୍ମ। ଛୋଟ ପିଲା ହୋଇ ସମସ୍ତେ ଜନ୍ମ ଲାଭ କରିଥାନ୍ତି ଏବଂ ସେହିଦିନଠାରୁ ସେ ଖୁସିରେ ହିଁ ତା'ର ଦିନ ଅତିବାହିତ କରେ। ଯଦି ସେ କାନ୍ଦେ, ଯାହା ତା'ପାଇଁ ସ୍ୱାଭାବିକ ନୁହେଁ, ସମସ୍ତେ ବ୍ୟସ୍ତ ହୋଇ ଖୋଜି ବସନ୍ତି ତାହାର କାରଣ। ପିଲାକୁ ଭୋକ ହେଲାଣି ବା ପରିସ୍ରା କରି ଦେଇଥିବ ବା ଶଯ୍ୟାରେ କିଛି ବାହ୍ୟ ପଦାର୍ଥ ତା' ଦେହକୁ କଷ୍ଟ ଦେଉଥିବ ଇତ୍ୟାଦି ଇତ୍ୟାଦି। କହିବାର ତାତ୍ପର୍ଯ୍ୟ ହେଉଛି କିଛି ଗୋଟିଏ ଅସ୍ୱାଭାବିକ ପରିସ୍ଥିତି ନ ପଡ଼ିଲେ ପିଲା ତା' ସ୍ୱଭାବବଶତଃ ଖୁସିରେ ଦୋଳାରେ ଖେଳିବା କଥା। କିଛି ଗୋଟିଏ ଅଘଟଣ ନ ଘଟିଲେ କାହିଁକି ବା କାନ୍ଦନ୍ତା ? ସେଇ ପିଲା ବଡ଼ ହୋଇ ଆମ୍ଭମାନଙ୍କ ପରି ହୋଇଛି। ଆମର ମଧ୍ୟ ସ୍ୱଭାବ ହେଉଛି ଖୁସିରେ ରହିବା। ଦୁଃଖିତ ହେବା ପଛରେ କିଛି ଗୋଟିଏ ଅସ୍ୱାଭାବିକ ଘଟଣା ଥିବ ନିଶ୍ଚିତ।

ସହାସ୍ୟ ବଦନ ଓ ସରସ ଜୀବନ ଏକ ମାନସିକତା। ଜଣେ ଇଚ୍ଛା କଲେ, ମନ କଲେ, ଯେ କୌଣସି ପରିସ୍ଥିତିରେ ବି ଖୁସି ରହିପାରିବ। ପ୍ରତିକୂଳ ପରିସ୍ଥିତିରେ ବି ତାହାର ସ୍ୱଭାବ ଛାଡ଼ିବ ନାହିଁ। ଦୁଃଖ କଲେ କ'ଣ ହୋଇଯିବ, କିଏ ଆଣି ଦେଇଯିବ, ଲୋକେ ସହାନୁଭୂତିମୂଳକ କଥା କହିବେ ସିନା ଦୁଃଖୀର ଦୁଃଖ କେତେ ପରିମାଣରେ ଲାଘବ ହେବ ? ହେବ କେବଳ ନିଜ ମାନସିକତା ଦ୍ୱାରା। ଖୁସି ରହିବାର ମାନସିକତାକୁ ସମର୍ଥନ ଦିଏ ଆଧ୍ୟାତ୍ମିକତା। ମଣିଷ ଭଗବାନଙ୍କୁ ପାଇବାକୁ ସାଧନା କରି ନ ପାରେ, କିନ୍ତୁ ସୁଖଶାନ୍ତି ପାଇବାକୁ ନ ଚାହିଁବା କେଉଁଠାରେ କେବେ ହେଲେ ଦେଖାଯାଇନାହିଁ। ସେହି ସୁଖ ଶାନ୍ତି ପାଇବାର କେତେକ ସୂତ୍ର ଅଛି। ତାହାକୁ ପାଇବା ଓ ପାଳିବାକୁ ପଡ଼ିବ। ଟିକିଏ ହସ ସମସ୍ତଙ୍କ ପାଇଁ ମୂଲ୍ୟବାନ। ଭାରତୀୟମାନଙ୍କ ରକ୍ତରେ ଆଧ୍ୟାତ୍ମିକତା ପ୍ରବାହିତ, ଭାରତୀୟମାନେ ପାନ କରୁଥିବା ଜଳରେ ଆଧ୍ୟାତ୍ମିକତା, ତାଙ୍କ ଶ୍ୱାସ ପ୍ରଶ୍ୱାସର ବାୟୁରେ ଆଧ୍ୟାତ୍ମିକତା, ତାଙ୍କ ଭାତ ପଖାଳରେ ଆଧ୍ୟାତ୍ମିକତା, ସେମାନଙ୍କ ମାତାପିତା ଠାକୁର ଠାକୁରାଣୀ, ସହୋଦର ସହୋଦରା ଠାକୁରଙ୍କ ପ୍ରତିରୂପ। ସେମାନଙ୍କ ବାସଗୃହ ଭଗବାନଙ୍କ ନିଳୟ। ସେଥିପାଇଁ ହସିବା ତାଙ୍କ ପାଇଁ ସହଜାତ ଓ ସହଜ। ଆଧ୍ୟାତ୍ମିକତାର ଯଦି କିଛି ମୂଲ୍ୟ ଥାଏ ହସର ମୂଲ୍ୟ ମଧ୍ୟ ସେତିକି। କାରଣ ଆଧ୍ୟାତ୍ମିକ ସାଧନା ସେତିକି ଗଭୀରତର ହେଲେ ଯାଇ ଜଣେ ମଧୁର ହସ ହସିପାରିବ। କୃତ୍ରିମ ହସ, ଅଭିନୟ ହସ, ଅଭିସନ୍ଧିମୂଳକ ହସ କ'ଣ ଆଧ୍ୟାତ୍ମିକ ହସ ସହ ତୁଳନା ହୋଇପାରିବ ? କେବେହେଲେ ନୁହେଁ।

ଆଉ ଏକ ମାର୍ଗ ଅଛି ଅତି ସହଜ, ସାଧନା ସାପେକ୍ଷ ନୁହେଁ ତାହାପାଇଁ କିଛି ତ୍ୟାଗ କରିବାକୁ ପଡ଼ିବ ନାହିଁ, କିଛି ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ, କୌଣସି ଡିଗ୍ରୀ ହାସଲ କରିବାକୁ ପଡ଼ିବ ନାହିଁ, ଉଚ୍ଚ କୁଳରେ ଜନ୍ମ ହେବାକୁ ପଡ଼ିବ ନାହିଁ, ଦୀକ୍ଷା ନେବାକୁ ପଡ଼ିବ ନାହିଁ, ବ୍ରତ ପିନ୍ଧିବାକୁ ପଡ଼ିବ ନାହିଁ, ତାହା ହେଉଛି ନିରୋଳା ଭଲ ପାଇବା। ନିଃସ୍ୱାର୍ଥ, ନୀରଭିମାନ, ନରହଂକାର ପ୍ରେମଭାବ। କୌଣସି ପ୍ରତ୍ୟାଶା ନ ରଖି କେବଳ ଭଲ ପାଇବା, ଜୀବନ ପରିସର ଭିତରକୁ ଯିଏ ଆସିଲା ତାକୁ ଭଲ ପାଇବା, ଆମକୁ ହତାଦର କରୁଥିବା ଲୋକକୁ ମଧ୍ୟ ଭଲ ପାଇବା। ଏହି ମାର୍ଗରେ ଚାଲୁ ଚାଲୁ କୌଣସିଠାରେ ଠୋକର ଖାଇବାକୁ ପଡ଼ିପାରେ। କିନ୍ତୁ ନିଜ ପ୍ରେମଭାବ ଅତୁଟ ରଖିବାକୁ ହେବ। ଆମେ ତ କାହା ଦେହକୁ ପ୍ରେମ କରୁନେ, କାହାଧନକୁ ପ୍ରେମ କରୁନେ, ଜଣଙ୍କର ଦେହ, ମନ ବୁଦ୍ଧି, ବିଚକ୍ଷଣତା, ପାରଦର୍ଶିତା ପ୍ରଭୃତି ଯାହାଦ୍ୱାରା ଚଳତଶକ୍ତି ପ୍ରାପ୍ତ ହୋଇଛି ସେହି ଅଦୃଶ୍ୟ ଆତ୍ମାକୁ ପ୍ରେମ କରୁଛୁ। ସେହି ଆତ୍ମା ହିଁ ପ୍ରେମ୍ୟ। ଯେଉଁ ପ୍ରତିକୂଳ ପରିସ୍ଥିତିମାନ ଆସିଛି ତାହା ମଧ୍ୟ ସେହି ଈଶ୍ୱରଙ୍କ ଉପହାର ଆମ ପ୍ରତି। ପ୍ରତିକୂଳ ପରିସ୍ଥିତିରେ ଭଲ ଭଲ ଜ୍ଞାନ ଉଦୟ ହୁଏ। ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାର ବୁଦ୍ଧି ପ୍ରତିକୂଳ ପରିସ୍ଥିତିରୁ ମୁକୁଳିବା ପାଇଁ ପ୍ରାର୍ଥନାକୁ ବଳବତ୍ତର କରିବାର ଇଚ୍ଛା ଦୃଢ଼ରୁ ଦୃଢ଼ତର ହୋଇଥାଏ। ଭଗବାନଙ୍କ ପ୍ରିୟ ହେବା ନ ହେବା ସବୁ କିଛି ମଣିଷ ହାତରେ ହିଁ ଅଛି। ତେଣୁ ଗୀତା କହେ 'ସନ୍ତୁଷ୍ଟ ସତତଂ ଯୋଗୀ' ସର୍ବଦା ସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ, ତେବେ ଯାଇ ଜଣେ ସର୍ବଦା ହସିପାରିବ।

**ଅଲିଶା ବଜାର, କଟକ,**
**ମୋ :୯୪୩୭୫୧୧୨୩୦**

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ମେ', ୨୦୨୩



## ଟ୍ରକ୍ ଚାପାରେ ୨ ଡ୍ରାଇଭର ମୃତ

କେନ୍ଦୁଝର,୩।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ଏନ୍‌ଏଚ୍-୨୦ ରାଜ୍ଜି ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତି ପ୍ରାୟ ସାଢେ ୯ଟା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ରାସ୍ତାକଡ଼ରେ ଠିଆ ହୋଇଥିବା ଲୋକଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ଟ୍ରକ୍ ଚାଳକ ବୋଲି ଜଣାପଡ଼ିଛି। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ପରିଚୟ ମିଳିପାରିନାହିଁ। ଟାଉନ ଥାନା ଏସ୍‌ଆଇ ଏମ୍. କେରକେଟା କହିଛନ୍ତି, ଟ୍ରକ୍‌ଟି ଘଟଗାଁ ପଟୁ ଯୋଡ଼ା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ଟ୍ରକ୍ ଓ ମୃତଦେହକୁ ଜବତକରି ତଦନ୍ତ ଚାଲିଛି।

# ମହାନଦୀରେ ବ୍ୟାରେଜ କରି ୧୯୪୭ ବ୍ୟବସ୍ଥାର ଉଲ୍ଲଂଘନ କରିଛି ଛତିଶଗଡ଼

## ଟ୍ରିବ୍ୟୁନାଲରେ ଓଡ଼ିଶାର ଅଭିଯୋଗ

ନୂଆଦିଲ୍ଲୀ, ୩।୫

ଛତିଶଗଡ଼ ସରକାର ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ୧୧ ନିୟୁତ ଏକର ଫୁଟ୍ (ଏମ୍‌ଏଏଫ୍) ଜଳ ଧରି ରଖିଛି, ଯାହାକି ଉକ୍ତ ରାଜ୍ୟ ପାଇବାକୁ ଥିବା ଭାଗଠାରୁ ଅଧିକ। ଫଳରେ ତଳ ମୁଣ୍ଡରେ ଥିବା ରାଜ୍ୟ ଆବଶ୍ୟକ ଜଳ ପାଇବାରୁ ବଞ୍ଚିତ ହୋଇଛି। ଏହା ୧୯୪୭ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଓଡ଼ିଶା ସରକାର ମହାନଦୀ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରିଛନ୍ତି। ଛତିଶଗଡ଼କୁ ୧୬ ଏମ୍‌ଏଏଫ୍ ଜଳଧାରଣ କ୍ଷମତା ବିଶିଷ୍ଟ ଭବିଷ୍ୟତ ପ୍ରୋଜେକ୍ଟ ନିର୍ମାଣ ଲାଗି ଅନୁମତି ଦିଆଗଲେ ଓଡ଼ିଶା ବର୍ଷାଦିନେ ଗୁରୁତର କ୍ଷତିର ସମ୍ମୁଖୀନ ହେବ ବୋଲି ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ଆଇନଜୀବୀମାନଙ୍କୁ ନେଇ ରାଜ୍ୟର ୨୦ ଜଣିଆ ଟିମ୍ ଟ୍ରିବ୍ୟୁନାଲରେ ଅଭିଯୋଗ ଉପସ୍ଥାପନ କରିଛି। ୧୯୪୭ର ହୀରାକୁଦ ପ୍ରୋଜେକ୍ଟ ଡିପିଆର୍ ଅନୁଯାୟୀ ଛତିଶଗଡ଼ର ସମାନୁପାତିକ ଜଳ ଭାଗ ହେଉଛି ୮.୩୩ ଏମ୍‌ଏଏଫ୍। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବୁଧବାର ଛତିଶଗଡ଼ରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ପରିଦର୍ଶନ ଶେଷ କରିଛି। ଉପର ମୁଣ୍ଡରେ ଥିବା ରାଜ୍ୟକୁ ୯ ଦିନିଆ ଗସ୍ତ ଅବସରରେ ଟ୍ରିବ୍ୟୁନାଲର ବିଚାରପତି ମହାନଦୀ ବେସିନ୍‌ରେ ଛତିଶଗଡ଼ ନିର୍ମାଣ କରିଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଟ୍ରିବ୍ୟୁନାଲ ସଦସ୍ୟଙ୍କ ସହ ଓଡ଼ିଶା ଓ ଛତିଶଗଡ଼ର ଟିମ୍ ରହିଥିଲେ। ବେଆଇନ ଭାବେ ଭିତ୍ତିଭୂମି ସମ୍ପ୍ରସାରଣ କରି ଛତିଶଗଡ଼ ୧୩ରୁ ୧୪ ଏମ୍‌ଏଏଫ୍ ଜଳ ବ୍ୟବହାର କରୁଥିବା ଓଡ଼ିଶା ପକ୍ଷରୁ କୁହାଯାଇଛି। ଫଳରେ ଅଣମୌସୁମୀ ଋତୁରେ ମହାନଦୀରେ ଜଳର ଘୋର ଅଭାବ ଦେଖାଦେଉଛି। ସେହିପରି ଆବଶ୍ୟକତା ନ ଥାଇ ରବିଶଙ୍କର ଶୁକ୍ଳା, ମୁରୁମସିଲି ଡ୍ୟାମ୍, ମିନିମାତା ଡ୍ୟାମ୍ ଆଦିରେ ଛତିଶଗଡ଼ ସାମର୍ଥ୍ୟଠାରୁ ୫୦ରୁ ୬୦ ପ୍ରତିଶତ ଅଧିକ ଜଳ ଧରି ରଖୁଛି। ଉପରୋକ୍ତ ଜଳଭଣ୍ଡାରରେ ଅତ୍ୟଧିକ ଜଳ ଗଚ୍ଛିତ କରି ରଖିବା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳ ସଙ୍କଟ ଦେଖାଦେଇଛି। ଏହା ବ୍ୟତୀତ ରାଜୀବ ସାମୋଦା, ବସନ୍ତପୁର, କଳମା ଆଦି ଶିଳ୍ପ ବ୍ୟାରେଜ ଅଣମୌସୁମୀ ଋତୁରେ ଓଡ଼ିଶା ପାଇଁ ଅଧିକ କ୍ଷତି ପହଞ୍ଚାଉଥିବା ଓଡ଼ିଶା ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଛି।

# ଗୋଆ ବିମାନବନ୍ଦରରେ ୧୪୪ ଧାରା

ପଣଜୀ,୩।୫

ବିମାନବନ୍ଦର ପ୍ରକଳ୍ପ ଲାଗି ଜମି ହରାଇଥିବା ଲୋକେ ରାସ୍ତା ଅବରୋଧ କରିବାକୁ ଆହ୍ୱାନ ଦେଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଉତ୍ତର ଗୋଆ ଜିଲା ପ୍ରଶାସନ ମନୋହର ଅନ୍ତର୍ଜାତୀୟ ବିମାନବନ୍ଦର ଓ ଏହାର ଆଖପାଖ ଗାଁରେ ଦୁଇମାସ ପାଇଁ ୧୪୪ ଧାରା ଜାରି କରିଛି। ବେଆଇନ ସମାବେଶ ରୋକିବା ଲାଗି ଏଭଳି କଟକଣା ଲାଗୁ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ଡିସେମ୍ବରରେ ଉକ୍ତ ବିମାନବନ୍ଦର ଉଦ୍‌ଘାଟନ କରିଥିଲେ। ତେବେ ଜମି ହରାଇଥିବା ଲୋକେ ସେମାନଙ୍କ ଦାବି ପୂରଣ ଲାଗି 'ଗୁଗେଦର ଫର୍ ପେଡ୍‌ନେକର୍ସ' ବ୍ୟାନରରେ ଆନ୍ଦୋଳନ ଚଳାଇଛନ୍ତି। ମୋପାରେ ଥିବା ବିମାନବନ୍ଦରକୁ ଟ୍ୟାକ୍ସି ସେବା ଲାଗି ସେମାନଙ୍କୁ ପ୍ରାଥମିକତା ଦେବା ଓ ସ୍ୱତନ୍ତ୍ର କାଉଣ୍ଟର ଖୋଲିବା, ଓଲା ଏବଂ ଉବେର ଟ୍ୟାକ୍ସି ସେବାକୁ ଅନୁମତି ନ ଦେବା ପାଇଁ ସେମାନେ ଦାବି କରୁଛନ୍ତି। ସେମାନେ ନାଗଜାର ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଏକାଠି ହୋଇ ମନୋହର ଇଣ୍ଟରନ୍ୟାଶନାଲ ଏୟାରପୋର୍ଟକୁ ଥିବା ରାସ୍ତା ଅବରୋଧ କରିବା ସହ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି କରିବା ଆଶଙ୍କା ଥିବାରୁ ପ୍ରଶାସନ ୧୪୪ ଧାରା ଜାରି କରିଛି।

# ତେନ୍ତୁଳିଗୁଡ଼ା ଗାଁରେ ଅଜଣା ରୋଗ, ଜଣେ ମୃତ

- ଗାଁର ଅନ୍ୟ ୨ ଆକ୍ରାନ୍ତ
- ମୃତ ଗୋରୁ ମାଂସ ଖାଇ ଆନ୍ଥ୍ରାକ୍ସ ହୋଇଥିବା ସନ୍ଦେହ
- ଗାଁରେ ପହଞ୍ଚିଲା ପ୍ରାଣୀ ଚିକିତ୍ସକ ଓ ସ୍ୱାସ୍ଥ୍ୟ ବିଭାଗ ଟିମ୍

ଦଶମନ୍ତପୁର, ୩।୫( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତ ତେନ୍ତୁଳିଗୁଡ଼ା ଗାଁରେ ଅଜଣା ରୋଗ ଆତଙ୍କ ଦେଖାଦେଇଛି। ଗାଁର ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଆକ୍ରାନ୍ତଙ୍କୁ ଚିକିତ୍ସା କରାଯାଉଛି। ମୃତକ ହେଲେ ଗାଁର ବଜ ସାଉଁନ୍ତା (୩୦)। ଗେରସନ ସାଉଁନ୍ତା (୨୮) ଏବଂ ରାଜେନ୍ଦ୍ର ସାଉଁନ୍ତା (୩୫) ଆକ୍ରାନ୍ତ ଅଛନ୍ତି। ଗାଁରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଛି। ଏଥିସହ କେତେଜଣଙ୍କର ରକ୍ତ ନମୁନା ମଧ୍ୟ ସଂଗ୍ରହ କରାଯାଇଛି। ଆନ୍ଥ୍ରାକ୍ସ ହୋଇଥିବା ସନ୍ଦେହରେ ପ୍ରାଣୀ ଚିକିତ୍ସକଙ୍କ ଗୋଟିଏ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରୁଛନ୍ତି।

କିଛିଦିନ ତଳେ ତେନ୍ତୁଳିଗୁଡ଼ା ନିକଟସ୍ଥ ଗୁଲିମୂଷା ଗାଁରେ କୌଣସି କାରଣରୁ ଦୁଇଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଗୁଲିମୂଷାବାସୀ ଉକ୍ତ ମୃତ ଗୋରୁ ୨ଟିକୁ ଆଣି ତେନ୍ତୁଳିଗୁଡ଼ା ଗାଁରେ ଦେଇଯାଇଥିଲେ। ଉକ୍ତ ଗୋରୁର ମାଂସକୁ ବଜ ଆଣି ଖାଇଥିବା ତାଙ୍କ ସ୍ତ୍ରୀ ସାଲାଇ ସାଉଁନ୍ତା କହିଛନ୍ତି। ଏହାପରେ ୨ ଦିନ ଆଗରୁ ବଜଙ୍କ ବାମହାତରେ ପୋଡ଼ା ଭଳି ଏକ ଘା' ହୋଇଥିଲା। ଉକ୍ତ ଘା ବିନ୍ଧାହେବାରୁ ବଜ ଦଶମନ୍ତପୁର ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଜଙ୍କ ମୃତ୍ୟୁ ହୋଇଥିବା ସାଲାଇ କହିଛନ୍ତି। ବଜଙ୍କ ମୃତ୍ୟୁ ଖବରପାଇ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରବି ନାରାୟଣ ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ବିଚିତ୍ର ମୋହନ ଦାଶ, ଜିଲା ପରୀକ୍ଷାଗାରାଧିକାରୀ ଡାକ୍ତର ସୁପ୍ରିୟା ଦାଶ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ ନାୟକ, ପ୍ରାଣୀଧନ ନିରୀକ୍ଷକ ଅଶୋକ ନାୟକ ପ୍ରମୁଖ ସେଠାରେ ପହଞ୍ଚି ଗୋରୁ କଟାଯାଇଥିବା ସ୍ଥାନରୁ ଗାଈ ଚମଡ଼ା ଏବଂ ହାଡ଼ ଆଦିକୁ ଗାତକରି ପୋତିବା ସହ ନମୁନା ସଂଗ୍ରହ କରିଛନ୍ତି। ଗାଁର ୨୫ ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଛି। କେତେଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି।

# ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା କ୍ୟାଡର ଭେଟେରିନାରି ଅଧିକାରୀଙ୍କୁ ଚେତାବନୀ

**ସେମାନଙ୍କ କୌଣସି ଛୁଟି ଏବଂ ଗଣଛୁଟି ଆବେଦନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର, ୩।୫(ବ୍ୟୁରୋ)

ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା କ୍ୟାଡରର ଭେଟେରିନାରି ଅଧିକାରୀମାନେ ଗତ ୧ ତାରିଖରୁ ସରକାରୀ କାର୍ଯ୍ୟରେ ଡିଜିଟାଲି ବୟକଟ୍ କରିବା ସହ ସମୂହ ଛୁଟି ଓ ଇସ୍ତଫା ପ୍ରଦାନର ଯୋଜନା କରୁଥିବା ବିଭାଗ ଦୃଷ୍ଟିକୁ ଆସିଛି। ଏନେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଜିଲାପାଳମାନଙ୍କୁ ଚିଠି ଲେଖି ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟକ୍ରମ ଉପରେ ଦୃଷ୍ଟି ରଖିବାକୁ ଅନୁରୋଧ କରିଛନ୍ତି। ଅନ୍ୟ ଏକ ପତ୍ରରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଯେଦୁଲ୍ଲା ବିଜୟ ନିର୍ଦ୍ଦେଶାଳୟ ଅଧୀନ ସମସ୍ତ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ନିର୍ଦ୍ଦେଶାଳୟର ବିନା ଅନୁମତିରେ ସଦର ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ଅଧୀନରେ କାର୍ଯ୍ୟରତ ଓଡ଼ିଶା ପ୍ରାଣୀ ଚିକିତ୍ସାସେବା କ୍ୟାଡର କର୍ମଚାରୀଙ୍କ କୌଣସି ଛୁଟି ଏବଂ ଗଣଛୁଟି ଆବେଦନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ସ୍ୱାର୍ଥରକ୍ଷା ଦୃଷ୍ଟିରୁ କର୍ମଚାରୀଙ୍କୁ ଛୁଟି ବାତିଲ କରାଯାଇପାରିବ। ଏହି ପରିପ୍ରେକ୍ଷୀରେ ପ୍ରାଣୀଚିକିତ୍ସା ସେବା କ୍ୟାଡର ଅଧିକାରୀଙ୍କୁ ଜନସାଧାରଣଙ୍କ ଶାନ୍ତି ଓ ସ୍ୱାର୍ଥ ବ୍ୟାହତ ହେଉଥିବା କୌଣସି ଆନ୍ଦୋଳନ, ବିକ୍ଷୋଭ, ଶୋଭାଯାତ୍ରାରେ ସାମିଲ ନ ହେବା ପାଇଁ କଡ଼ା ଚେତାବନୀ ଦିଆଯାଇଛି। ଡିଜିଟାଲି ସରକାରୀ କାର୍ଯ୍ୟରେ କୌଣସି ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ଅବଗତ କରିବେ।


**OFFICE OF THE REGULATED MARKET COMMITTEE**
**NARASINGHPUR**
No. 53 Dt. 02.05.2023
**e-Procurement Notice**
**Bid Identification No. RMC/Narasinghpur-02/2022-23**

**1.** The Sub-Collector, Athgarh-cum-Chairman, R.M.C. Narasinghpur invites percentage rate bids in single & double cover system in **ONLINE** from eligible contractors for the work "**Construction of Multipurpose 100 MT Godown at Bindhanima PACS and Gadadharpur PACS of Tigiria Block**", "**Construction of Multipurpose 100 MT Godown at Nizigarh PACS of Narasinghpur Block**" & "**Construction of Multipurpose 100 MT Godown at Jodumu PACS, Ragadipada PACS and Ratapat PACS of Baramba Block under RMC Narasinghpur**".
**2.** Nature of works:- Civil Constrution work as per DTCN. **3.** Nos of works:- 03 (three). **4.** Tender paper cost:- 10,000/- & 6,000/-. **5.** Class of Contractors:- "B" & "A" & "C". **6.** Availability of Bid documents in the website:- From 10.00 AM of 05.05.2023 to 5.00 PM of 16.05.2023. **7.** Date of opening of Bid:- Dt.17.05.2023 at 11.30 AM.
The bidders have to participate in ONLINE bidding only. Further details can be seen from the website: - http://www.tendersodisha.gov.in. Any addendum/corrigendum/ cancellation of tender can also be seen in the said website.

**Sd./- Sub-Collector, Athgarh-cum-Chairman**
**R.M.C., Narasinghpur**



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 03 of 2023-24**

No. O-108: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 02 Nos.
3. Estimated Cost : Rs.104.59 lakh to Rs.213.19 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 03 of 2023 - 24 | Dt.08.05.2023 at 11.00 hrs. | Dt.22.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- Superintending Engineer**
**RWS&S Division, Balangir**
**OIPR-25033/11/0004/2324**



**OFFICE OF THE DEAN & PRINCIPAL**
**GOVERNMENT MEDICAL COLLEGE & HOSPITAL, SUNDARGARH**
**At/P.O.: Sankara, Dist.: Sundargarh, PIN - 770020**
**e-mail: sundargarhmc@gmail.com**
**Letter No. 747/GMCH/SNG** **Dated: 02.05.2023**

**TENDER FOR HIRING OF VEHICLES**

No. E-73: Sealed quotations/tenders are invited from reputed travel agency private individuals for providing one Zest/Tigor/ Swift Dzire/Xcent/Etios (AC/Non-AC) Petrol driven vehicle or any model of similar mileage and one 32 seater Bus. The quotation paper so as to reach in the Office of the undersigned on or before 17.05.2023 by 2 P.M. The details are available in the **Sundargarh.nic.in**. Interested bidders can submit tender/ quotation documents accordingly. Incomplete quotations/ tenders document in any respect shall not be entertained. The undersigned reserves the right to cancel the tender in full or parts any time without assigning any reason thereof. Sealed tenders through Speed Post/Registered Post/Courier shall only be acceptable.

**Sd./- Dean & Principal**
**Govt. Medical College & Hospital,**
**Sundargarh**
**OIPR-10217/11/0001/2324**



NATIONAL HEALTH MISSION
**CHIEF DISTRICT MEDICAL & PUBLIC HEALTH OFFICER**
**KEONJHAR**
**Advt. No. 1236/CDM & PHO, Keonjhar** **Date: 03.05.2023**
**DMO (MS)**

**RE-TENDER CALL NOTICE**

No. E-76:- Sealed tenders are hereby invited from the intending manufacturers or their authorized stockiest / Distributors for Supply of Drugs & Medical Consumables, Laboratory Chemicals & Reagents and Office furniture to Keonjhar District & Govt. Medical College & Hospital, Keonjhar for the year 2022-23.

The eligible bidders may submit their tender papers on or before 23.05.2023 by 1.00 P.M. through Registered Post / Speed Post / Courier only to the undersigned, with reference to this office Tender Call Notice No. 2782 dt 06.10.2022. The Technical Bid documents will be opened on 24.05.2023 at 11.30 A.M. Those who will qualify in the Technical Bid, the date of opening Financial Bids will be intimated later on. The details in this connection are available in the district website: www.kendujhar.nic.in.

The authority will not be responsible for any postal delay. The undersigned reserves the right to reject or cancelled any or all the tender without assigning any reason thereof.

**Sd./- Chief District Medical & Public Health Officer,**
OIPR-10033/11/0005/2324 **Keonjhar**



MISSION ଶକ୍ତି — MISSION Shakti
**OFFICE OF THE COLLECTOR & DISTRICT MAGISTRATE, BHADRAK**
**(Mission Shakti)**
**District Project Monitoring Unit (DPMU), Mission Shakti, Bhadrak**
**Contact No. 7008115949/ 7978305265**
**Email: bhadrak.missionshakti@gmail.com**
**Advt No.1006** **Date:03.05.2023**

**TENDER CALL NOTICE**

**No.CAD-441:** Quotations in sealed cover are invited from registered firms/ dealers having upto date GST, Income Tax Return, ISO 9001 & Bid specific authorization (Only for Laptop, Projector & LED TV) for supply of items and equipments to 7 Nos. of Mission Shakti Bhawans at Seven Blocks of Bhadrak District. Details regarding the items/format for submission of tender may be downloaded from the district website www.bhadrak.nic.in. The tender documents should reach the office of the undersigned latest by 25.05.2023 up to 1.00 PM through Speed Post/ Registered Post only. The undersigned reserves the right to accept or reject any/all bids without assigning any reason thereof. The undersigned will not be held responsible for any postal delay.

**Sd./-CDO-cum-EO,**
**Zilla Parishad, Bhadrak**
**OIPR-19230/11/0001/2324**



**OFFICE OF THE CHIEF EXECUTIVE OFFICER, WATCO**
**Ground Floor, Unnati Bhawan,**
**H.B. Colony, Satyanagar, Bhubaneswar-751007, Odisha, India**
**Telefax:- +91-674-2391444;**
**E-mail- mail@watcoodisha.in, md@watcoodisha.in**
WATCO
**No. C-223**

**INVITATION FOR BID (IFB)**
**Bid Identification No. WATCO (W) - 08/2023-24 Dtd. 02.05.2023**
**WATCO No. 2558 Date 02.05.2023**

1. Name of the work:- **1- Improvement & renovation of PH Works for Urban Community Health Center at Patia, Bhubaneswar.**
2. Estimated Cost :- (1) Rs.124.44 Lakh
3. Period of completion :- 04 (Four) Months
4. Date & time of availability of bid document in the portal :- From 11.00 AM of Dt.10.05.2023 to 5.00 PM of Dt.25.05.2023.
5. Last date/time of receipt of bids in the portal :- 5.00 PM of 25.05.2023.
6. Date & time of opening of technical bids :- 12.30 PM of 26.05.2023.
7. Name and address of the Officer Inviting Bid :- CEO, WATCO, Telefax:- 0674-2391444, E-mail: mail@watcoodisha.in md@watcoodisha.in, mail to: eephibbsr@ori.nic.in
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in

OIPR-13194/11/0015/2324 **Sd./- (CEO), WATCO**



**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
**No. CAD-426**
**Tender Call Notice No. IDCO: H.O./P&C/EST/E-2260/01/2023/13416** **Dated: 01.05.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of CC Road and Strom Water Drainage at Old Jagatpur Industrial Estate, Cuttack, Odisha
2. Value of the Work : Rs.37.71 lakhs
3. Period of Completion : 02 (Two) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar - 751022 | P&C/EST/E-17/ 2023-24 | 09.05.2023 at 17.00 hrs. | 22.05.2023 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**

**OIPR-14003/11/0028/2324** **Sd./- Chief General Manager (P&C), IDCO, Bhubaneswar**



**No. W-02**

न्याय सब के लिए — ACCESS TO JUSTICE FOR ALL

**ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୩**
**ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)**

**ବିଶେଷ ସୂଚନା**

୧. ଆଜ୍ଞା, କୌଣସି କଚେରିରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨. ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତର ସହାୟତା ନିଅନ୍ତୁ।
୩. ତା୧୩।୦୫।୨୦୨୩ରିଖ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଏବଂ ତାଲୁକ୍‌ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।
୪. ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ପୈଠ ବିଲ୍ ସମ୍ବନ୍ଧୀୟ ମାମଲା ଓ ଅନ୍ୟାନ୍ୟ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ଅବସରକାଳୀନ ପ୍ରାପ୍ୟ), ରାଜସ୍ୱ ମକଦ୍ଦମା, ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦି ଓ ଅନ୍ୟାନ୍ୟ ଫୌଜଦାରି ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।
୫. କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (କଚେରିରେ ଦାୟର ହୋଇନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ଭରଣପୋଷଣ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।
୬. ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ।
୭. ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।
୮. ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ।
୯. ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ୍ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ
ଆଇନ୍ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
**ଯୋଗାଯୋଗ:**
ମୋ.: ୯୪୩୮୫୭୮୫୮୬/୯୪୩୭୯୫୯୭୩୧
ଇ-ମେଲ୍: **oslsa2020@gmail.com**
**OIPR-18008/11/0005/2324**



**OFFICE OF THE COLLECTOR AND DISTRICT MAGISTRATE, KALAHANDI, BHAWANIPATNA - 766001 (ODISHA)**
**(Social Welfare Section)**
**No. 1291/W.W., XVI-54/2023** **Dt.01.05.2023**

**NOTICE FOR EXPRESSION OF INTEREST**

No. g-22: Applications are invited in the Prescribed Format in Sealed Cover from the interested/eligible Non-Government Organizations (NGOs) for selection of Agency to manage the **Swadhar Greh at Bhawanipatna** - "A Scheme that caters to primary needs of women in difficult circumstances".
The prescribed format of application, detail eligibility criteria, terms and conditions as per guidelines issued by Ministry of Women and Child Development Department, Govt. of India, New Delhi are available in the district website **www.kalahandi.nic.in**.
The application completed in all respect must reach to the office of the District Social Welfare Officer, Kalahandi by Registered Post/Speed Post only on or before Dt.15.05.2023, at 01.00 P.M. and the applications will be opened on Dt.25.05.2023, at 11.00 A.M. in the conference hall of Collectorate, Kalahandi by the District Level Project Appraisal Committee (DLPAC), Kalahandi. The applications other than Regd. Post/Speed Post will not be entertained. The applications received after the due date or lack of required information will be rejected.

**Sd./- Collector, Kalahandi**
**OIPR-19208/11/0002/2324**



**OFFICE OF THE MUNICIPAL COUNCIL, SONEPUR**
**"e" Procurement Notice**
**BID Identification No: SNP-MUN-12/2023-24**
**TENDER ID: 2023_ORULB_88650**
**Tender Call Notice No. 1534 / Date. 02.05.2023**

**No.C-227:** Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in.

1. Name of the Work : As per DTCN
2. No. of works : 35 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt.03.05.2023 from 11.00 A.M.
6. Last Date & Time for Receipt of tenders through online : On or before Dt.14.05.2023 up to 05.00 PM
8. Bids received online shall be opened on : On Dt.15.05.2023 at 11.00 AM
9. Name and address of the Officer inviting Bid : Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in.**

**Sd./- Executive Officer**
OIPR-13098/11/0001/2324 **Sonepur Municipality**



**COLLECTORATE, KHORDHA**
**No. 6006/2023 Red Cross** **Dated: 01.05.2023**

**QUOTATION CALL NOTICE**

No. E-74: Sealed quotations/Tenders having valid GST Registration Certificate are invited in the prescribed format (Given in Annexure - I, II & III) from interested reputed Service Providers for providing two Nos. of Dead Body Carrier as per the specification given below to be used at Capital Hospital, Bhubaneswar & District Headquarter Hospital, Khordha.

| Sl. No. | Type of Vehicle | Nos. of Vehicle Required | Positioning of Vehicle |
|---|---|---|---|
| 1 | Dead Body Carrier with Stretcher arrangement in rear seating area **(Bolero Maxi Truck)** | 02 | 1. Capital Hospital, Bhubaneswar 2. District Headquarter Hospital, Khordha |

The terms and conditions for engagement of Dead Body carriers under disposal of Director, Capital Hospital, BBSR & CDM & PHO, Khordha are quoted as here under in pursuance of Letter No. GAD-CMRF-PROP-0033-201/13702/CMRF Dt.18.05.2021 & Letter No. 3631/Gen., Dt.10.02.2023 of G.A. & P.G. Deptt. (Annexure - I)

1. The vehicle must be in Road Worthy Condition, shall not be more than 3 years old from the date of initial registration by 16.05.2023 and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Certificate and Proof of uptodate tax payment etc. which are mandatory for plying of the vehicle.
2. The Driver of the vehicle must have a valid Driving licence for driving light Transport Passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature. The mobile number of the driver so engaged by the successful bidder should be available and open all times, so that he can be informed during emergency time as and when required.
4. The selected service provider shall be paid with a monthly fixed cost comprising of cost engagement of Driver, fuel cost as per actual K.M. travelled during the month and hiring charges.
5. The services of DBCs shall be functional (24×7) for use of General Public.
6. The details of the make and year of manufacture of the vehicle, Registration No., Mileage (Kms. covered per litre) and name of the Driver with Driving Licence No. and period of validity should be specifically provided in the general bid information to be furnished with the quotation/tender (Annexure - II).
7. The quotation completed in all respect should reach the undersigned on or before 16.05.2023 at 12.00 P.M. by hand/by Registered Post addressed to "Quotation/Tender for hiring of DBCs and shall be opened on the same day at 12.30 P.M. in presence of the bidders or their authorized representatives. No quotation will be entertained after the due date and time. Office will not responsible for any postal delay. The sealed envelope superscribed as "Quotation/ Tender for hiring of vehicle" the authority has the right to cancel the quotation without assigning any reason thereof.
8. Vehicle will be stationed inside the premises of Capital Hospital, Bhubaneswar & DHH, Khordha, So that the same can be utilized as and when required by the authority.
9. In case of emergency, the driver will have to report for duty. No extra payment shall be demanded.
10. The application form of quotation/tender containing general bid information and terms and conditions for hiring vehicles etc. will be available with Red Cross Section, Collectorate, Khordha from 02.05.2023 to 16.05.2023 or the same can be downloaded from the Dist. website for submission of quotation/tender shall be submitted to this office by Regd. Post/by hand in sealed cover along with Annexure - I & II complete in all respect with signature of the bidder.

**Seal & Signature of**
**Sd./- Collector & District Magistrate, Khordha**
COLKHD-IRCS-MISC-0002-2022/7/2023 **OIPR-24351/11/0007/2324**

## ସଂକ୍ଷେପରେ

### ଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଥମ ସମାବର୍ତ୍ତନ ଉତ୍ସବ

ବାରଙ୍ଗ,୩।୫(ଡି.ଏନ୍.ଏ.)- ରାଜଧାନୀ ଉପକଣ୍ଠ ଓସ୍ତପଡ଼ା ଗ୍ରାମରେ ଅବସ୍ଥିତ ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ଦ୍ୱିତୀୟ ପରିସରରେ ପ୍ରଥମ ବାର୍ଷିକୋତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅନ୍ନପୂର୍ଣ୍ଣା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଅନୁଷ୍ଠାନର ମହତ୍ ଉଦ୍ଦେଶ୍ୟ ଓ ଗ୍ରାମବାସୀଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ଏଥିରେ ପାଞ୍ଚ ପଞ୍ଚାୟତର ଲୋକ ପ୍ରତିନିଧି ଓ ବହୁ ମୁରବି ଅତିଥିଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ମାର୍ଗଦର୍ଶକ ତଥା ସଂଯୋଜକ ଅଲେଖ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ତଥା ସମ୍ପାଦକ ପ୍ରଦୀପ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁନନ୍ଦା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣରେ କରିଥିଲେ।

### ବ୍ୟାଟେରି ଚୋରି ଅଭିଯୋଗରେ ୪ ଗିରଫ

ଭୁବନେଶ୍ୱର,୩।୫ (ବ୍ୟୁରୋ) : ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ କେନ୍ଦ୍ର, ନାଲ୍କୋ ଭବନ ଏବଂ ଯୁବଦୋୟ ସମ୍ମୁଖ ସାଇଟରେ ଥିବା ଜଙ୍କସନ ବାକ୍ସ ସବୁକୁ ଶାବଳରେ ଭାଙ୍ଗି ୧୫ଟି ଏକ୍ସାଇଡ ବ୍ୟାଟେରି, ୫ଟି ୟୁପିଏସ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ଚୋରି କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଚୋରି ସାମଗ୍ରୀ ରଖିଥିବା ଜଣେ ବ୍ୟକ୍ତିଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକର ସନ୍ଦୀପ ଭାରତୀ, ୟୁନିଟ-୯ରେ ରହୁଥିବା ପୁନିଆ ନାୟକ ଓ ରାଜା ନାୟକ, ସାଲିଆ ସାହିରେ ରହୁଥିବା ଉତ୍ତରପ୍ରଦେଶର ସୁରଜ କୁମାର ଗୌଡ଼। ସେମାନଙ୍କଠାରୁ ୧୪ ଟି ବ୍ୟାଟେରି, ଗୋଟିଏ ଅଟୋ, ଏକ ଶାବଳ ଜବତ ହୋଇଛି।

### ନାଟକ ଚାଖି ଖୁଣ୍ଟିଆ ମଞ୍ଚସ୍ଥ

ଭୁବନେଶ୍ୱର,୩।୫(ବ୍ୟୁରୋ) - ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ବୁଧବାର ଭଞ୍ଜକଳା ମଣ୍ଡପରେ ନାଟ୍ୟଧାରାର ତୃତୀୟ ସନ୍ଧ୍ୟାରେ ନାଟକ 'ଚାଖି ଖୁଣ୍ଟିଆ' ମଞ୍ଚସ୍ଥ ହୋଇଯାଇଛି। ପଞ୍ଚମବେଦ ପକ୍ଷରୁ ପରିବେଷିତ ଏହି ନାଟକରେ ଚନ୍ଦନ ହଜୁରୀ ଅର୍ଥାତ ଚାଖି ଖୁଣ୍ଟିଆ ନାମରେ ପରିଚିତ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ସିପାହି ବିଦ୍ରୋହର ଯୋଦ୍ଧାଙ୍କୁ ଦେଖିବାକୁ ମିଳିଛି। ଜନ୍ମଠୁ ନେଇ ଯୋଦ୍ଧା ଭାବେ ସିପାହୀ ବିଦ୍ରୋହରେ ଯୋଗଦେବା, ଜେଲ୍ ଯିବା ଓ ୧୮୫୮ରୁ କାରାଗାରରୁ ମୁକ୍ତ ହୋଇ ପୁରୀଠାରେ ନିଜକୁ ଜଗନ୍ନାଙ୍କ ପାଖରେ ସମର୍ପି ଦେବାର ଦୃଶ୍ୟ ଏହି ନାଟକରେ ରହିଛି। ପ୍ରକାଶ ମହାରଣାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ମୁକ୍ତିକାନ୍ତ ମହାପାତ୍ର, ମୋନାଲିସା ରାଉତ, କାବେରୀ ଶତପଥୀ, ଗୋବିନ୍ଦ ମହାପାତ୍ର, ସୁନୀଲ ନାୟକ, ଶୁଭ୍ରାଶିଷ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟକାର ହରେନ୍ ସାହୁ, ରବିନାରାୟଣ ବେହେରା, ସୁରେନ୍ଦ୍ର ନାଥ ଦାଶ, ସିମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶୁଭକାନ୍ତ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।

# ବାଉନ୍ସର ଗ୍ୟାଙ୍ଗ୍ ମୁଖ୍ୟ ରାଘବ ଜେନା ଗିରଫ

ଭୁବନେଶ୍ୱର,୩।୫(ବ୍ୟୁରୋ)

**ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା**

- ଆଉ ଜଣେ ସହଯୋଗୀ ଗିରଫ ହେଲେ
- ଏପ୍ରିଲ ୧୧ରେ ରାଘବଙ୍କ ୪୦ ଘର ଭଙ୍ଗାଯାଇଥିଲା
- ୨୧ରେ ପହଞ୍ଚିଲା ଗିରଫ ସଂଖ୍ୟା

ଭୁବନେଶ୍ୱରରେ ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଭାଙ୍ଗି ଲୁଟ୍ ଘଟଣାରେ ଫେରାର ଥିବା ବାଉନ୍ସର ଗ୍ୟାଙ୍ଗର ମୁଖ୍ୟ ରାଘବ ଜେନା ଦେଢ଼ମାସ ପରେ କମିଶନରେଟ ପୋଲିସ ହାତରେ ଧରାପଡ଼ିଛନ୍ତି। ନୟାପଲ୍ଲୀ ଥାନା ପୋଲିସ ରାଘବ ଓରଫ ବିଶ୍ୱନାଥ ଜେନା (୫୦) ଓ ତାଙ୍କ ସହଯୋଗୀ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ସୌମ୍ୟରଞ୍ଜନ ରାଣାସିଂ (୩୦)ଙ୍କୁ ବାଙ୍କୀରୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ପରେ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୧୯ଜଣ ଗିରଫ ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୨୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ସୁପାରି ଦେଇଥିବା ରଞ୍ଜିତ ଦାସପୁରିଆଙ୍କୁ ମଧ୍ୟ ଗିରଫ କରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ନିକଟରେ ଥିବା ବିବାଦୀୟ ପ୍ଲଟ୍ ନଂ.୧୪୭୦ରେ ଥିବା ଘରକୁ ସୁବାସ ଅଗ୍ରୱାଲ ଓ ସୁବାସ ସାମଲ ଭଡ଼ା ନେଇ ଦୋକାନ କରିଥିଲେ। ଏହି ବିବାଦୀୟ ଜମିକୁ ଅକ୍ତିଆର କରିବା ପାଇଁ ମାଲିକ ରଞ୍ଜିତ ଦାସପୁରିଆ ୨ବ୍ୟକ୍ତିଙ୍କୁ ଦାୟିତ୍ୱ ଦେଇଥିଲେ। ପରେ ଉକ୍ତ ୨ଜଣ ରାଘବଙ୍କ ସହଯୋଗ ଲୋଡ଼ିଥିଲେ। ରାଘବ ଏଥିପାଇଁ ୨୦ ଲକ୍ଷ ଟଙ୍କା ଦାବି କରି ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ନେଇଥିବା ବେଳେ ବାକି ଟଙ୍କା କାମ ହେବା ପରେ ନେବେ ବୋଲି କଥା ଛିଡ଼ିଥିଲା। ଗତ ମାର୍ଚ୍ଚ ୨୪ ବିଳମ୍ବିତ ରାତିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବାଉନ୍ସର ବସ୍, ଜେସିବି ଓ ବାଇକ୍‌ରେ ଆସି ହଠାତ ଦୋକାନକୁ ଭାଙ୍ଗିଦେବା ସହ ବହୁ ଟଙ୍କାର ଜିନିଷ ଚୋରିକରି ନେଇଥିଲେ। ଏ ନେଇ ଏତଲା ପରେ ପୋଲିସ ୪ଟି ମାମଲା ରୁଜୁ କରି ତଦନ୍ତ କରିଥିଲା। ରାଘବ ଝାରପଡ଼ାସ୍ଥିତ ସରକାରୀ ଜମିରେ ଘର କରି ଭଡ଼ା ବାବଦକୁ ପାଉଥିବା ଲକ୍ଷାଧିକ ଟଙ୍କାରେ ଆପରାଧିକ କାର୍ଯ୍ୟକଳାପ ଚଳାଉଥିବା ଜଣାପଡ଼ିବା ପରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।



### ରାଘବଙ୍କ ନାଁରେ ୧୬ ମାମଲା, ରିମାଣ୍ଡରେ ଆସିବେ

ରାଘବଙ୍କ ନାମରେ ନୟାପଲ୍ଲୀ ଥାନାରେ ରୁଜୁ ହୋଇଥିବା ୪ ମାମଲାକୁ ମିଶାଇ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ମୋଟ ୧୬ଟି ମାମଲା ରହିଛି। ହତ୍ୟା ଉଦ୍ୟମ, ଡକାୟତି, ବଟି ଆଦାୟ, ବେଆଇନ ମାରଣାସ୍ତ୍ର ରଖିବା ଆଦିରେ ଏସବୁ ମାମଲା ରୁଜୁ ହୋଇଛି। ସେହିପରି ସହଯୋଗୀ ସୌମ୍ୟଙ୍କ ନାମରେ ମଧ୍ୟ ଖଣ୍ଡଗିରି ଥାନାରେ ୨ଟି ମାମଲା ରହିଛି। ତେବେ ରାଘବଙ୍କ ଅନ୍ୟ ସହଯୋଗୀଙ୍କୁ ଧରିବା ସହ ମାମଲାରେ ଅଧିକ ତଥ୍ୟ ଯୋଗାଡ଼ ପାଇଁ ପୋଲିସ ତାଙ୍କୁ ରିମାଣ୍ଡରେ ଆଣିବ ବୋଲି ଜୋନ-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି। ଏଥିସହ ରାଘବ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଚାର କରାଯାଉଥିବା ସୂଚନା ଦିଆଯାଇଛି।

### ୧୦ ସ୍ଥାନ ବଦଳାଇ ବାଙ୍କୀସ୍ଥିତ ସମ୍ପର୍କୀୟଙ୍କ ଘରେ ଲୁଚିଥିଲେ

ନୟାପଲ୍ଲୀ ଘଟଣା ପରେ ରାଘବଙ୍କୁ ଧରିବାକୁ ସ୍ପେଶାଲ ସ୍କ୍ୱାଡ୍ ଓ ନୟାପଲ୍ଲୀ ଥାନା ପୋଲିସ ୩ଟି ଟିମ୍ ଗଠନ କରି ଚଢ଼ାଉ ଆରମ୍ଭ ହୋଇଥିଲା। ତେବେ ରାଘବ ଏହା ଜାଣିବା ପରେ ଗିରଫଦାରୀ ଭୟରେ ପୋଲିସକୁ ଭୁଆଁ ବୁଲାଇ ବାରମ୍ବାର ସ୍ଥାନ ବଦଳାଇବା ସହ ବିଭିନ୍ନ ସ୍ଥାନରେ ଲୁଚି ରହୁଥିଲେ। ଏପରିକି କିଛିଦିନ ତଳେ ମା'ଙ୍କ ମୃତ୍ୟୁରେ ମଧ୍ୟ ଝାରପଡ଼ାସ୍ଥିତ ଘରକୁ ରାଘବ ଆସି ନ ଥିଲେ। ସାତପଡ଼ା, ପୁରୀ, ବ୍ରହ୍ମଗିରି, ଚିଲିକା ଆଦି ୧୦ ସ୍ଥାନରେ ରହିବା ପରେ ଗତ କିଛିଦିନ ହେବ ରାଘବ ବାଙ୍କୀସ୍ଥିତ ଜଣେ ସମ୍ପର୍କୀୟଙ୍କ ଘରେ ସହଯୋଗୀ ସୌମ୍ୟଙ୍କ ସହ ଲୁଚି ରହିଥିଲେ। ଏ ନେଇ ପୋଲିସ ଟିମ୍ ଜାଣିବା ପରେ ମଙ୍ଗଳବାର ରାତିରେ ସେଠାରେ ଚଢ଼ାଉ କରିଥିଲା।

ବିଏମ୍‌ସି ଜଏଣ୍ଟ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ପୋଲିସ ଏପ୍ରିଲ ୧୨ରେ ରାଘବଙ୍କ ୪୦ଟି ଘର ସମେତ ସେଠାରେ ଜବରଦଖଲରେ ଗଢ଼ି ଉଠିଥିବା ମୋଟ ୯୩ଟି ଘର ଭାଙ୍ଗି ଦେଇଥିଲା।

### ମୋ ବସ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିପାଟଣା,୩।୫(ଡି.ଏନ୍.ଏ.)

ଦୀର୍ଘ ଦିନର ଦାବି ପରେ ବନମାଳୀପୁରକୁ ମୋ ବସ୍ ସେବା ଆରମ୍ଭ ହୋଇଛି। ବାଲିପାଟଣା ପ୍ରେସ୍ କ୍ଲବ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର ପୂର୍ବାହ୍ନରେ ମୋ ବସ୍ ବରମୁଣ୍ଡାରୁ ଆସି ବାଲିପାଟଣା ଛକରେ ପହଞ୍ଚିବା ପରେ ସେଠାରେ ଚାଳକ ଓ କଣ୍ଡକ୍ଟରଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରେ ଖବରଦାତା ଗଙ୍ଗାଧର ଓଝା, ରମେଶ ଚନ୍ଦ୍ର ରଥ, ଅଜିତ ପାରକରାୟ, ପୂର୍ଣ୍ଣଚନ୍ଦ୍ର ଜେନା, ଅଭିମନ୍ୟୁ ନାୟକ, ଏସ୍‌କେ ଜାହାଙ୍ଗିର, ମିଟୁ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ବନମାଳୀପୁରକୁ ମୋ ବସ ଚଳାଚଳ ପଦକ୍ଷେପ ନେଇଥିବାରୁ ଅଞ୍ଚଳବାସୀ ସରକାରଙ୍କୁ ବଧେଇ ଜଣାଇଛନ୍ତି। ସେହିପରି ବନମାଳୀପୁରଠାରେ ମଧ୍ୟ ମୋ ବସ୍‌ର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବସକୁ ପୂଜାର୍ଚ୍ଚନା କରାଯାଇଥିଲା। ସମିତିସଭ୍ୟ ବାହୁ ଚରଣ ପାତ୍ର, ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା ବସ୍ ଚଳାଚଳକୁ ନେଇ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲୀଙ୍କୁ ପ୍ରଶଂସା କରିଥିଲେ। ପ୍ରତିଦିନ ମାତ୍ର ଗୋଟିଏ ବସ୍ ବଦଳରେ ଅତି କମ୍‌ରେ ୩ଟି ବସ୍ ଚଳାଚଳ କରିବାକୁ ସ୍ଥାନୀୟ ପ୍ରେସକ୍ଲବ ସଭାପତି ଦିଲୀପ ଓଝା କ୍ରୁଟ ନିକଟରେ ଦାବି କରିଛନ୍ତି।



ଖୋର୍ଦ୍ଧା ଜିଲା ବାଲିଅନ୍ତା ଥାନା ଅନ୍ତର୍ଗତ ଭିଙ୍ଗାରପୁରଠାରେ ବୁଧବାର ସ୍ଥାନାନ୍ତରିତ ଶିଶୁମାନଙ୍କୁ ନେଇ ଆୟୋଜିତ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ 'କଳିକା'ରେ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି।

### କିଟ୍ ଓ ଜର୍ଜ ୱାଶିଂଟନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୩।୫(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର ଜର୍ଜ ୱାଶିଂଟନ ବିଶ୍ୱବିଦ୍ୟାଳୟ ସ୍କୁଲ ଅଫ୍ ବିଜିନେସ୍ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଏବଂ ଜର୍ଜ ୱାଶିଂଟନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ପ୍ରୋଭୋଷ୍ଟ ତଥା ଏକାଡେମିକ ଆଫାୟାର୍ସ କାର୍ଯ୍ୟକାରୀ ଉପସଭାପତି ଖ୍ରୀଷ୍ଟଫର୍ ବ୍ରାକେ ସ୍ୱାକ୍ଷର କରିଛନ୍ତି। ବୁଝାମଣାପତ୍ର ଅନୁଯାୟୀ ଉଭୟ ଅନୁଷ୍ଠାନ ଉଚ୍ଚଶିକ୍ଷିତ ବ୍ୟକ୍ତିମାନଙ୍କୁ ଆକାଉଣ୍ଟିଂ ଆନାଲିଟିକ୍ସ, ବିଜିନେସ ଆନାଲିଟିକ୍ସ, ଫାଇନାନ୍ସ, ଇନଫରମେଶନ ସିଷ୍ଟମ, ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ଏବଂ ଇଣ୍ଟର ଡିସିପ୍ଲିନାରି ବିଜିନେସ୍ ଷ୍ଟଡିଜ ଆଦି କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ କରିବେ।

## ଭିଡିଓ ଜାରି କରି ସ୍ପଷ୍ଟୀକରଣ ରଖିଲା କ୍ରୁଟ୍

**ଅତିରିକ୍ତ ଜିଲାପାଳଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେବା ଘଟଣା**

ଭୁବନେଶ୍ୱର,୩।୫(ବ୍ୟୁରୋ)

କଟକର ଅତିରିକ୍ତ ଜିଲାପାଳ (ଏଡିଏମ୍) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେବା ପ୍ରସଙ୍ଗରେ ବୁଧବାର କ୍ୟାପିଟାଲ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବୁଧବାର ସିସିଟିଭି ଭିଡିଓ ଜାରି କରାଯାଇ ସ୍ପଷ୍ଟୀକରଣ ରଖାଯାଇଛି। ଟୁଇଟର୍‌ରେ ଏକ ପୋଷ୍ଟର ରିପ୍ଲାଇରେ କ୍ରୁଟ୍‌ର ଆକାଉଣ୍ଟରୁ ଏହି ଭିଡିଓ ଛଡ଼ାଯାଇ ମୋ ବସ୍ ଡ୍ରାଇଭରଙ୍କ କୌଣସି ଭୁଲ ନ ଥିବା ଦର୍ଶାଯାଇଛି। ଏଥିସହ ଡ୍ରାଇଭର ନିୟନ୍ତ୍ରଣରେ ଗାଡ଼ି ଚଳାଉଥିଲେ ବୋଲି କୁହାଯାଇଛି। ଉକ୍ତ ଭିଡିଓରେ ଦେଖାଯାଉଛି, ମୋ ବସ୍ ନିର୍ଦ୍ଧାରିତ ବେଗରେ ଆଗକୁ ଯାଉଥିବାବେଳେ ଏଡିଏମ୍‌ଙ୍କ ଗାଡ଼ି ପାର୍ଶ୍ୱ ରାସ୍ତାକୁ ଦ୍ରୁତ ଗତିରେ ଯାଉଛି। ମୋ ବସ୍ ଯିବା ବେଳେ ଏଡିଏମ୍‌ଙ୍କ ଗାଡ଼ିର ପଛ ପଟ ପିଟି ହେଇ ବୁଲିଯାଉଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ଏଡିଏମ୍ ମିଶ୍ର ମଙ୍ଗଳବାର ମଧ୍ୟାହ୍ନରେ ନିଜ କାର୍ ଯୋଗେ କଟକରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଉଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଲାଉଥିଲେ। ୟୁନିଟ-୬ ପଟୁ ଏଡିଏମ୍‌ଙ୍କ ଗାଡ଼ି ଆସୁଥିଲା। ଏହି ସମୟରେ ଭୁବନେଶ୍ୱର ରେଳଷ୍ଟେଶନରୁ ସମ୍ ହସ୍ପିଟାଲ ଯାଉଥିବା ରୁଟ ନଂ ୨୩ର ଏକ ମୋ ବସ୍ ଏଜି ଛକରୁ ଯାଉଥିଲା। ଏଡିଏମ୍‌ଙ୍କ ଗାଡ଼ି ରାଜଭବନ ଗୋଲେଇ ବୁଲି ଏୟାରପୋର୍ଟ ଆଡ଼େ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଫଳରେ ଏଡିଏମ୍‌ଙ୍କ ଗାଡ଼ି ୩ ଘେରା ବୁଲିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ। ଏଥିରେ ଏଡିଏମ୍ ମିଶ୍ର ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ମୋ ବସ୍ ଡ୍ରାଇଭର ଏବଂ ଏଡିଏମ୍‌ଙ୍କ ଡ୍ରାଇଭର ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ତେବେ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିଲା।


କ୍ରୁଟ୍ ପକ୍ଷରୁ ଜାରି ଭିଡିଓରେ ଦୁର୍ଘଟଣା ସମୟର ଦୃଶ୍ୟ।

**ଟ୍ରେନ୍ ଟଏଲେଟ୍‌ରେ ମହିଳାଙ୍କୁ ହତ୍ୟା ଘଟଣା**

## ସିସିଟିଭିରୁ ରାଉରକେଲାରୁ ଚଢ଼ିଥିବା ସନ୍ଦେହ

ଭୁବନେଶ୍ୱର,୩।୫(ବ୍ୟୁରୋ)

- ୨ ସପ୍ତାହ ପରେ ବି ମିଳୁନି ପରିଚୟ, ଚିନ୍ତାରେ ଜିଆର୍‌ପି
- ଅପମୃତ୍ୟୁକୁ ବଦଳାଇ ହତ୍ୟା ମାମଲା ରୁଜୁ କରାଗଲା

ଭୁବନେଶ୍ୱର ରେଳ ଷ୍ଟେଶନରେ ଅଟକିଥିବା ଧାନବାଦ୍ ଏକ୍ସପ୍ରେସ୍ ଟଏଲେଟରେ ଅଚିହ୍ନା ମହିଳାଙ୍କୁ ହତ୍ୟା ଘଟଣାକୁ ବୁଧବାର ୨ସପ୍ତାହ ବିତିଛି। ହେଲେ ଏପର୍ଯ୍ୟନ୍ତ ସରକାରୀ ରେଲ୍‌ୱେ ଥାନା ପୋଲିସ (ଜିଆର୍‌ପି)କୁ ମୃତା ମହିଳାଙ୍କ ପରିଚୟ ମିଳିପାରୁ ନାହିଁ। ତେଣୁ ତାଙ୍କ ପରିଚୟ ପାଇବା ପାଇଁ ଜିଆର୍‌ପି ବିଭିନ୍ନ ଦିଗକୁ ନେଇ ଅଧିକ ଅନୁସନ୍ଧାନ ଚଳାଇଛି। ଜିଆର୍‌ପି ପୂର୍ବରୁ ଏକ ଅପମୃତ୍ୟୁ ମାମଲା (ନଂ. ୨୮/୨୦୨୩) ରୁଜୁ କରି ତଦନ୍ତ କରୁଥିଲା। ହେଲେ ସାଇଣ୍ଟିଫିକ୍ ଓ ବ୍ୟବଚ୍ଛେଦ ରିପୋର୍ଟ ଆଦିରୁ ମହିଳାଙ୍କୁ ହତ୍ୟା କରାଯାଇଥିବା ପ୍ରମାଣ ମିଳିବା ପରେ ପୋଲିସ ଏହାକୁ ବଦଳାଇ ଏକ ହତ୍ୟା ମାମଲା (ନଂ.୫୬/୨୦୨୩) ରୁଜୁ କରି ତଦନ୍ତ କରୁଛି। ତେବେ ଇତିମଧ୍ୟରେ ପୋଲିସକୁ ଆଉ ଏକ ବଡ଼ ପ୍ରମାଣ ମିଳିଛି। ଟ୍ରେନ୍ ଆସୁଥିବା ବିଭିନ୍ନ ଷ୍ଟେଶନର ସିସିଟିଭି ଦୃଶ୍ୟକୁ ତର୍ଜମା କରିବା ପରେ ମୃତା ମହିଳା ଜଣଙ୍କ ରାଉରକେଲା ଷ୍ଟେଶନରୁ ଟ୍ରେନ୍‌ରେ ଚଢ଼ିଥିବା ସନ୍ଦେହ କରାଯାଉଛି। ହେଲେ ପୋଲିସ ଏ ଦିଗରେ ଶତପ୍ରତିଶତ ସ୍ପଷ୍ଟ ହୋଇପାରିନାହିଁ। ଥାନାଧିକାରୀ ଜୟଦେବ ବିଶ୍ୱଜିତ କହିଛନ୍ତି, ସମ୍ପୃକ୍ତା ମୃତା ମହିଳାଙ୍କ ପରି ଦେଖାଯାଉଥିବା ଜଣେ ମହିଳା ଏପ୍ରିଲ ୧୯ ତାରିଖ ସନ୍ଧ୍ୟାରେ ଟ୍ରେନ୍‌ରେ ଚଢୁଥିବା ଦେଖାଯାଉଛି। ହେଲେ ସେ ଏହି ମୃତା ମହିଳା କି ନୁହେଁ ତାହା ଜାଣିବାକୁ ଅଧିକ ଯାଞ୍ଚ ଚାଲିଛି। ଏଥିସହ ବିଭିନ୍ନ ସ୍ଥାନରେ ପୋଷ୍ଟର ମରାଯିବା ସହ ଟ୍ରେନ୍ ଯାତ୍ରୀଙ୍କୁ ଫୋନରେ ଯୋଗାଯୋଗ କରାଯାଇ ମୃତାଙ୍କ ପରିଚୟ ଜାଣିବାକୁ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ତେବେ ପୋଲିସ ବିଭିନ୍ନ ଦିଗକୁ ତଦନ୍ତ ଜାରି ରଖିଥିବା ବେଳେ ମହିଳାଙ୍କ ପରିଚୟ ମିଳୁ ନ ଥିବାରୁ ଏହା ଅସମାହିତ ହତ୍ୟା ମାମଲା ହୋଇ ରହିଯିବ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ଏପ୍ରିଲ ୧୯ ଅପରାହ୍ନ ୪ଟାରେ ଟ୍ରେନ୍‌ଟି ଧାନବାଦ୍‌ରୁ ଆସି ୨୦ ତାରିଖ ସକାଳ ୮ଟା ୬ରେ ଭୁବନେଶ୍ୱର ରେଳଷ୍ଟେଶନରେ ପହଞ୍ଚିଥିଲା। ମଧ୍ୟାହ୍ନରେ ଟ୍ରେନ୍‌ଟିକୁ ସତ୍ୟନଗରସ୍ଥିତ କୋଚିଂ ୟାର୍ଡକୁ ନିଆଯାଇ ସଫା କରାଯାଉଥିବା ବେଳେ ଏସ୍-୫ ବଗିର ଟଏଲେଟ୍ ଦ୍ୱାର ଖୋଲାଥିଲା। ସଫେଇ କର୍ମଚାରୀମାନେ ସେଠାକୁ ଯିବା ପରେ ଟଏଲେଟ୍‌ରେ ଉକ୍ତ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ଖବର ଦେଇଥିଲେ। ଜିଆର୍‌ପି ମୃତଦେହ ଜବତ କରିବା ପରେ ମହିଳାଙ୍କ ବେକକୁ କୌଣସି ଏକ ମୁନିଆ ଅସ୍ତ୍ର ଦ୍ୱାରା ଆକ୍ରମଣ କରି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ପରେ ମହିଳାଙ୍କ ପରିଚୟ ପାଇବାକୁ ପୋଷ୍ଟର ଲଗାଯିବା ସହ ସୂଚନା ପ୍ରଦାନ ପାଇଁ ସେଥିରେ ତଦନ୍ତକାରୀ ଅଧିକାରୀଙ୍କ ୩ଟି ମୋବାଇଲ ନମ୍ବର (୯୪୩୮୧୨୨୫୨୮, ୯୪୩୮୯୧୬୮୯୨ ଓ ୭୦୦୮୨୯୭୯୪୭) ଜାରି କରାଯାଇଛି।

## ଗ୍ୟାସ ଖନନବେଳେ ବାଧକ ସାଜିଲା ପଥର

ଗୋପ,୩।୫(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ପ୍ରାକୃତିକ ଗ୍ୟାସ, ଇନ୍ଧନ ଥିବାର ସନ୍ଧାନ ମିଳିବା ପରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଦୀର୍ଘ ମାସ ଧରି ଖନନ କାର୍ଯ୍ୟ ଚାଲୁଥିବା ବେଳେ ପ୍ରାୟ ୧୨ ଶହ ମିଟର ଖନନ ପରେ ତଳେ ଏକ ବିରାଟ ପଥର ଥିବା ଜଣାପଡୁଛି। ଯଦ୍ୱାରା ପଥର, ମାଟି ବାହାରିବାରୁ ଏହି ରିଗ ମେଶିନ ବାରମ୍ବାର ଭାଙ୍ଗୁଥିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ନେଇ ସୂଚନା ମିଳିଛି। ଫଳରେ ପ୍ରାକୃତିକ ଗ୍ୟାସ ସନ୍ଧାନ ପ୍ରକ୍ରିୟା ମଉଳିବାର ଆଶଙ୍କା ରହୁଛି। ତେବେ ଅଏଲ ଇଣ୍ଡିଆ କମ୍ପାନୀ ଗୋପ ବ୍ଲକ ନିକଟ ଚିତେରା ଗ୍ରାମରେ ପ୍ରାକୃତିକ ଗ୍ୟାସ ସନ୍ଧାନ ମିଳିଥିବାରୁ ସେଠାକୁ ସମସ୍ତ ଯନ୍ତ୍ରାଂଶ ଯିବା ଲାଗି ମଧ୍ୟ ବ୍ୟବସ୍ଥା ରହିଛି। ପ୍ରକାଶ ଯେ, ୨୦୨୦ ମସିହାରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ପୁରୀ ଜିଲାର ବିଭିନ୍ନ ସ୍ଥାନରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ବାହାରିବା ନେଇ ଖନନ କାର୍ଯ୍ୟ ଆରମ୍ଭ କରିଥିଲା। ପରେ ଗୋପ


ରିଗ ମେଶିନ ଖନନରେ ବାହାରିଥିବା ପଥର।

ପଞ୍ଚାୟତର କୁଶୁପୁରୁ ଓ ମହଲପଡାର ଚିତେରା ଗ୍ରାମରେ ପର୍ଯ୍ୟାପ୍ତ ପରିମାଣର ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବାର ସୂଚନା ମିଳିଥିଲା। ସମସ୍ତ ପରୀକ୍ଷା ପରେ କମ୍ପାନୀ ପକ୍ଷରୁ କାର୍ଯ୍ୟ ଆରମ୍ଭ ପୂର୍ବରୁ କୁଶୁପୁରୁ ମୌଜାର ଶତାଧିକ ଚାଷୀଙ୍କ ଚାଷ ଜମିକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟାଙ୍କ ମାଧ୍ୟମରେ ନିଆଯାଇ ୩ ବର୍ଷ ଲାଗି ଏଗ୍ରିମେଣ୍ଟ କରାଯାଇଥିଲା। ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ସନ୍ଧାନ ମିଳିଥିବା ସ୍ଥାନରେ ବାହାରୁ ଅତ୍ୟାଧୁନିକ ମେଶିନ ଆଣି କାମ ହୋଇଥିଲା। ୩ ହଜାର ତଳେ ଏହି ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ ଡିଜେଲ ଥିବାର ସୂଚନା ଆସିଥିବାରୁ ଫେବୃୟାରୀ ୧୫ରେ କମ୍ପାନୀ ପକ୍ଷରୁ ଏକ କାର୍ଯ୍ୟକ୍ରମ କରାଯାଇ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଅତ୍ୟାଧୁନିକ ରିଗ ମେଶିନ ଖନନ କାର୍ଯ୍ୟ ଲାଗି ଭୂମିପୂଜା କରାଯାଇଥିଲା। କମ୍ପାନୀ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୨୭୫ମିଟର ଖନନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ସେନେଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିବା ସହିତ ରିଗ ମେଶିନ ଖନନ କାର୍ଯ୍ୟ ଜାରି ରଖିଥିଲା। ୧୨ ଶହ ଖନନ ହେବା ପରେ ମାଟି ତଳେ ଏକ ବିରାଟ ପଥର ଥିବାରୁ ଖନନରେ ବାଧକ ସାଜିଥିଲା। ଏ ସମ୍ପର୍କରେ ଅଏଲ ଇଣ୍ଡିଆ କମ୍ପାନୀରୁ ଅବସର ନେଇଥିବା ଅଧିକାରୀ ବିଏନ ସାହୁ କୁହନ୍ତି, ତଳୁ ବାହାରିଥିବା ମାଟିକୁ ପରୀକ୍ଷା କରିବା ପରେ ଯାହା କରାଯିବ।

## ମଦ ନିଶାରେ ସାଥୀ ଡ୍ରାଇଭରଙ୍କୁ ହତ୍ୟା

ଭୁବନେଶ୍ୱର,୩।୫ (ବ୍ୟୁରୋ)

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩ ଅଟକ
- ଉପୁରି ଟଙ୍କାକୁ ନେଇ ପାଟିତୁଣ୍ଡ ହୋଇଥିବା ସୂଚନା

ଖଣ୍ଡଗିରି ଥାନା ଅନ୍ତର୍ଗତ ବାହାଦଲପୁରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ନିଶାରେ ସାଥୀ ଡ୍ରାଇଭରଙ୍କୁ ଲୁହା ଜଗ୍ ଓ ସାଇଲେନ୍ସର ପାଇପ୍ ଦ୍ୱାରା ପିଟି ହତ୍ୟା କରାଯାଇଛି। ମୃତ ଡ୍ରାଇଭର ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳର ଅଶୋକ ସେଠୀ। ଗୋଟିଏ ରୁମ୍‌ରେ ରହୁଥିବା ଅନ୍ୟଜଣେ ସାଥୀ ଡ୍ରାଇଭର ଜଗନ୍ନାଥ ଧିବର ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛନ୍ତି। ତେବେ ପୋଲିସ ତାଙ୍କ ସହ ଉକ୍ତ କୋଠାରେ ରହୁଥିବା ଅନ୍ୟ୨ଜଣ କେନାଲୁ ଭୋଇ ଓ ରାଜକୁମାରଙ୍କୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାସହ ଘଟଣାସ୍ଥଳରୁ ଆକ୍ରମଣରେ ବ୍ୟବହୃତ ହୋଇଥିବା ସାଇଲେନ୍ସର ପାଇପ୍ ଆଦିକୁ ଜବତ କରାଯାଇଛି। ଉପୁରି ଟଙ୍କାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ହୋଇଥିବା ପାଟି ତୁଣ୍ଡରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ଏନେଇ ଥାନା ଅଧିକାରୀ କହିଛନ୍ତି, ଏହି ଘଟଣାରେ ଏକ ହତ୍ୟା ମାମଲା (ନଂ.୧୯୪/୨୩) ରୁଜୁ କରାଯାଇଛି। ଜଗନ୍ନାଥ ହତ୍ୟା କରିଥିବା କହୁଥିବାବେଳେ ଅନ୍ୟ ୨ଜଣଙ୍କର ସମ୍ପୃକ୍ତି ରହିଛି କି ନାହିଁ ତାହାର ତଦନ୍ତ ଚାଲିଛି। ହତ୍ୟା ପଛର କାରଣ ଓ ଏଥିରେ କିଏ ସମ୍ପୃକ୍ତ, ତାହା ସ୍ପଷ୍ଟ ହେବା ପରେ ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ବାହାଦଲପୁରରେ ବିପିନ ବିହାରୀ ନାମକ ଜଣେ ବ୍ୟକ୍ତି କେତେକ ମଇଳା ଟାଙ୍କି ସଫେଇ ଗାଡି ରଖି ବ୍ୟବସାୟ କରୁଛନ୍ତି। ସେଠାରେ ତାଙ୍କର ଏକ ଗ୍ୟାରେଜ ସାଙ୍ଗକୁ ଷ୍ଟୋର ରୁମ୍ ରହିଛି। ସେଠାରେ ତାଙ୍କର ଡ୍ରାଇଭର ଓ ହେଲ୍‌ପର ରୁହନ୍ତି। ଉପର ମହଲାରେ କେନାଲୁ ଓ ରାଜକୁମାର ରହୁଥିବାବେଳେ ଅଶୋକ ଓ ଜଗନ୍ନାଥ ତଳ ମହଲାରେ ରହୁଥିଲେ। ମଙ୍ଗଳବାର ସମସ୍ତେ ଭୋଜି କରିବା ସହ ଉପର ମହଲାରେ ଖଟି କରୁଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଅଶୋକ ଓ ଜଗନ୍ନାଥଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସାଥିରେ ଥିବା ଅନ୍ୟ ଡ୍ରାଇଭର ଓ ହେଲପର ବୁଝାଶୁଝା କରିବା ପରେ ଅଶୋକ ନିଜ ରୁମକୁ ଆସି ଶୋଇଥିଲେ। ହେଲେ ଜଗନ୍ନାଥ ଅନ୍ୟ ଦୁଇଜଣଙ୍କ ସହ ଉପର ମହଲାରେ ଶୋଇଥିଲେ। ବିଳମ୍ବିତ ରାତିରେ ଜଗନ୍ନାଥ ଉପର ମହଲାରୁ ତଳକୁ ଆସି ଏକ ଲୁହା ଜଗ ଓ ସାଇଲେନ୍ସର ପାଇପ୍‌ରେ ଅଶୋକଙ୍କୁ ହତ୍ୟା କରି ପୁଣି ଉପର ମହଲାକୁ ଯାଇ ଶୋଇପଡିଥିଲେ। ସକାଳେ ଉପର ମହଲାରେ ଥିବା ଜଣେ ଡ୍ରାଇଭର ତଳ ମହଲାରେ ଥିବା ଶୌଚାଳୟକୁ ଆସିଥିବାବେଳେ ଅଶୋକଙ୍କୁ ଡାକିଥିଲେ। ସେ ନ ଉଠିବାରୁ ମାଲିକଙ୍କୁ ଜଣାଇଥିଲେ। ଗାଡି ମାଲିକ ବିପିନଙ୍କ କହିବାନୁଯାୟୀ, ଅଶୋକ ୨ ବର୍ଷ ହେବ ଆମ ସଂସ୍ଥାରେ ଡ୍ରାଇଭର ଭାବେ କାମ କରୁଥିଲେ। କିନ୍ତୁ ଜଗନ୍ନାଥ ପ୍ରାୟ ୪ଦିନ ହେବ ଆସି କାମ କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତି ଯାଏ ଉଭୟ ମଦ ପିଇଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବାବେଳେ ଜଗନ୍ନାଥ ପିଟି ପିଟି ଅଶୋକଙ୍କୁ ମାରି ଦେଇଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୭୩୦୦୦ ଚୋରି ଟଙ୍କା ଜବତ, ୩ ଗିରଫ

ଜଟଣୀ,୩।୫(ଡି.ଏନ୍.ଏ.): ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଟଣୀ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ରାଜାବଜାର ଫକଡ଼ବସ୍ତି ଅଞ୍ଚଳର ୱାହୁ ଓରଫ ୱାହିଦ ସାହା, ବାଲିଛକ ସାହି ବାଟ ମହାବୀର ଅଞ୍ଚଳର ସଲିମ ଓରଫ ଅବଦୁଲ ସଲିମ ଏବଂ ଡେଲାଙ୍ଗ ଥାନା ଘରୋ ବ୍ରହ୍ମଣ ସାହିର ହାପି ଓରଫ ବିକ୍ରମ କେଶରୀ ମିଶ୍ର। ସେମାନଙ୍କ ନିକଟରୁ ୭୩୦୦୦ ଟଙ୍କା ଜବତ କରିଛି ପୋଲିସ। ଏ ନେଇ ଥାନାରେ ନଂ. ୧୬୧/୨୩ ରେ ମାମଲା ରୁଜୁ କରିଛି। ଖବର ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସଂଥଲିଆ ଗତ ୩୦ ତାରିଖରେ ଦାଣ୍ଡମୁକୁନ୍ଦପୁର ଓ ପିପିଲି ଅଞ୍ଚଳରୁ ଅଖା ଆଣିବା ପାଇଁ ଏକ ମିନିଟ୍ରକ ଯୋଗାଡ କରିଥିଲେ। ଗାଡି ଚଳାଇବା ପାଇଁ ଉକ୍ତ ଅଭିଯୁକ୍ତମାନଙ୍କ ମଧ୍ୟରୁ ହାପିଙ୍କୁ ଡ୍ରାଇଭର ଭାବେ ଠିକ କରିଥିଲେ ଓ ସାଥୀରେ ହାପିଙ୍କୁ ସହଯୋଗ କରିବା ପାଇଁ ଜଣେ କର୍ମଚାରୀଙ୍କୁ ପଠାଇଥିଲେ। ଦାଣ୍ଡମୁକୁନ୍ଦପୁରରୁ ୪୧,୦୦୦ଟଙ୍କା ଓ ପିପିଲିରୁ ୫୦୦୦୦ଟଙ୍କା ସଂଗ୍ରହ କରିଥିଲେ। ଜଟଣୀ ଫେରିବା ରାସ୍ତାରେ ମଦ ପିଇବା ସହିତ କର୍ମଚାରୀ ଗାଡିର ସହାୟକ ସିଟରେ ଶୋଇପଡ଼ିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ହାପି ୯୧୦୦୦ଟଙ୍କାକୁ ଅନ୍ୟ ୨ ସହଯୋଗୀଙ୍କ ସହ ଭାଗ କରି ନେଇଥିଲେ। ଟଙ୍କା କମ୍ ଥିବା ଜାଣି ଶ୍ୟାମସୁନ୍ଦର ହାପିଙ୍କୁ ପଚାରିବାରୁ ଠିକ୍ ଉତ୍ତର ଦେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ‘ବିଦ୍ୟାର୍ଥୀ ଉଚିତ ଶିକ୍ଷା ଗ୍ରହଣ କରିବା ଜରୁରୀ’

ଜଟଣୀ,୩।୫(ଡି.ଏନ୍.ଏ.)- ଜଟଣୀ ପୌରାଞ୍ଚଳ ନିକଟ ହରିରାଜପୁରସ୍ଥ ବିକାଶ ପରିଷଦ ଶିଶୁ ମନ୍ଦିରର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମନାଥ ଦେବ ବିଦ୍ୟାପୀଠ ଖେଳ ପଡିଆ ପରିସରରେ ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡେଲାଙ୍ଗ ପଞ୍ଚାୟତ ସମିତି ଅଧକ୍ଷ ବାସନ୍ତୀ ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଜୋନ -୧୫ ଜିଲା ପରିଷଦ ସଭ୍ୟା ପ୍ରଜ୍ଞା ଛୋଟରାୟ, ସମ୍ମାନିତ ଅତିଥି ରୂପେ ଡେଲାଙ୍ଗ ସମିତି ଉପାଧକ୍ଷ ଦୁର୍ବାସା ନିଶଙ୍କ, ହରିପୁର ସରପଞ୍ଚ ରୀନାରାଣୀ ରାଉତରାୟ, ପୂର୍ବତନ ସରପଞ୍ଚ ପ୍ରସନ୍ନ ମହାରଥୀ ଏବଂ ଜଟଣୀ ବ୍ଲକ କନ୍ତିଆ ପଞ୍ଚାୟତ ସମିତି ସଭ୍ୟ ଭୀମସେନ ଭୁଜବଳ ପ୍ରମୁଖ ଯୋଗଦେଇଥିଲେ। ମଣିଷ ଯାହା ଧନ ସମ୍ପତ୍ତି ସଂଗ୍ରହ କରେ ତାହା କ୍ଷଣ ସ୍ଥାୟୀ। କିନ୍ତୁ ବିଦ୍ୟା ଏମିତି ଏକ ଧନ ଯାହାର କେବେ କ୍ଷୟ ହୋଇ ନ ଥାଏ। ତେଣୁ ବିଦ୍ୟାର୍ଥୀମାନେ ଉଚିତ ଶିକ୍ଷାଗ୍ରହଣ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ସମ୍ପାଦକ ଅକ୍ଷୟ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲାବେଳେ ରତିକାନ୍ତ କହଲସିଂ ସଭା ପରିଚାଳନା କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିକାଶ ପରିଷଦର ଯୁଗ୍ମ ସମ୍ପାଦକ ପ୍ରକାଶ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଦଳରେ ପରିପୂର୍ଣ୍ଣ ଗାଁ ପୋଖରୀ

## ଗାଧୋଇଲେ ଦେହ କୁଣ୍ଡେଇ ହୋଇ ଫଳିଯାଉଛି

ନିରାକାରପୁର,୩।୫(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ସୁବିଧା ପାଇଁ ଗ୍ରାମରେ ଥିବା ପୁରାତନ ପୋଖରୀଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ଅମୃତ ସରୋବର ପୋଖରୀ ଯୋଜନା ସରକାର ପ୍ରସ୍ତୁତ କରିଛନ୍ତି। ଏଥିସହିତ ନୂତନ ପୋଖରୀ ଖୋଳାଇବା ଏବଂ ପଙ୍କ ଉଦ୍ଧାର ନାମରେ ପ୍ରତି ବର୍ଷ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ତଳ ସ୍ତରରେ ଥିବା କେତେଜଣ ଅସାଧୁ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ସେଗୁଡ଼ିକ ଠିକ୍ ରୁପାୟନରେ ପହଞ୍ଚି ପାରୁନାହିଁ। ଯଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ପାଣି ଠିକ୍ ଭାବେ ପାଇପାରୁ ନ ଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରାମେଶ୍ୱର ପଞ୍ଚାୟତ ଖଜୁରିପଡା ଗ୍ରାମରେ ଥିବା ଦୁଇ ସଉତୁଣୀ ନାମକ ପୋଖରୀରେ ଦେଖିବାକୁ ମିଳିଛି। ପୋଖରୀଟି ବହୁ ପୁରାତନ ସମୟର ହୋଇଥିବା ବେଳେ


ଖଜୁରିପଡା ଗ୍ରାମରେ ଥିବା ପୋଖରୀ ଦଳପୂର୍ଣ୍ଣ ହୋଇଯାଇଛି।

ସଫାସୁତରା କରାଯାଇ ନ ଥିବାରୁ ଦଳରେ ଭର୍ତ୍ତି ହୋଇଯାଇଛି। ଏହି ପୋଖରୀଟି ଗ୍ରାମବାସୀଙ୍କ ଏକମାତ୍ର ନିର୍ଭରଯୋଗ୍ୟ ହୋଇଥିବାରୁ ପାଣି ପାଇଁ ନାନା ହଇରାଣ ହେଉଛନ୍ତି। ଏହାକୁ ସଫା କରିବା ସହ ପୁନରୁଦ୍ଧା କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ହିନ୍ଦୁ ମୁସଲମାନ ସମ୍ପ୍ରଦାୟର ପ୍ରାୟ ୨୫୦୦ରୁ ୩୦୦୦ ହଜାର ଲୋକ ଏକାଠି ବାସ କରନ୍ତି। କିନ୍ତୁ ଏମାନେ ପାଣି ପାଇଁ ଖଜୁରିପଡ଼ାରୁ ବଡପୋଖରିଆ ଯିବା ରାସ୍ତାକଡରେ ଥିବା ଏହି ପୋଖରୀଟିକୁ ବ୍ୟବହାର କରନ୍ତି। ଏହି ଅଞ୍ଚଳଟି ଏକପ୍ରକାର ପାହାଡିଆ ଅଞ୍ଚଳ ହୋଇଥିବାରୁ କୂଅଗୁଡିକ ଶୁଖିଯିବା, ଅନ୍ୟ କୌଣସି ପିଇବା ପାଣି ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ଏହି ପୋଖରୀ ଉପରେ ନିର୍ଭର କରି ଚଳିଆନ୍ତି। ଲୋକଙ୍କ ନିତ୍ୟକର୍ମଠାରୁ ଗୋରୁଙ୍କୁ ଗାଧୁଆ, ଗାଡ଼ି ଧୁଆ ସବୁ ଏହି ପୋଖରୀରେ ହେଉଥିବାରୁ ଏବେ ସମ୍ପୂର୍ଣ୍ଣ ଚିଙ୍ଗୁଡିଆ ଦଳରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ପୋଖରୀ ପାଣି ପୋଚା ହୋଇ ଦୁର୍ଗନ୍ଧ ହେବା ସହ ସେଥିରେ ଗାଧେଇଲେ ଦେହ ହାତ କୁଣ୍ଡେଇ ହେବା ସହିତ ଫଳିଯାଉଛି। ଏଥିରେ ଅନେକେ ଗାଧୋଇ ଚର୍ମ ରୋଗର ଶିକାର ମଧ୍ୟ ହୋଇଛନ୍ତି। ତେଣୁ ଏହାକୁ ଶୀଘ୍ର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ତହୁରଦ୍ଦିନ ସାହା କୁହନ୍ତି ଗ୍ରାମରେ ପାଣି ଅଭାବରୁ ଏହି ପୋଖରୀକୁ ଆମେ ନିର୍ଭର କରୁଛୁ। ତେଣୁ ସରକାରଙ୍କୁ ଅନୁରୋଧ ଏହାକୁ ସଫା କରିବା ସହ ଅନ୍ୟ ପାଣି ଯୋଗାଣ ବ୍ୟବସ୍ଥା ମଧ୍ୟ କରନ୍ତୁ। ଗ୍ରାମର ତୟନ ସାହା କୁହନ୍ତି, ଏହି ଗାଁ ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ପାନୀୟ ଜଳ ବ୍ୟବସ୍ଥା ସେତେଟା ହୋଇପାରି ନାହିଁ। ତେଣୁ ଏହି ଗୋଟିଏ ପୋଖରୀ ଭରସା। ତେଣୁ ପ୍ରଶାସନ ଏହାର ଶୀଘ୍ର ପୁନରୁଦ୍ଧାର କରାଗଲେ ଗ୍ରାମବାସୀ ଉପକୃତ ହୋଇପାରିବେ। ସେହିଭଳି ସାହା ମୁଜାକିର ହବିବୁଲ୍ଲା କୁହନ୍ତି, ଏଥିରେ ଯିଏ ଗାଧୋଇବ, ନିଶ୍ଚୟ ରୋଗାକ୍ରାନ୍ତ ହେବ। ତେଣୁ ଏହାର ନିରାକାରଣ ପାଇଁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନେବା ଦରକାର। ଖଜୁରିପଡା ସମ୍ପାଦକ ଅବଦୁଲ ଜାକିରହୁସେନ ସାହା କୁହନ୍ତି, ଏହି ପୋଖରୀରେ ଦଳ ଭର୍ତ୍ତି ହେବା ଯୋଗୁ ପାଣି ଦୁର୍ଗନ୍ଧ ହୋଇଯାଇଛି। ତେଣୁ କେହି ଗାଧେଇଲେ ଶରୀର ସାରା କୁଣ୍ଡେଇ ହେଉଛି, ଏଣୁ ଏହାକୁ ତୁରନ୍ତ ସଫା କରାଯିବାକୁ ପ୍ରଶାସନକୁ ଜଣାଇଛୁ।

# ଏମ୍‌ପିଙ୍କ ଦ୍ୱାରା ମଙ୍ଗଳାଯୋଡ଼ିରେ ନାଳ ଖନନ ଉଦ୍‌ଘାଟନ

ଟାଙ୍ଗୀ(ଖୋର୍ଦ୍ଧା),୩।୫(ଡି.ଏନ୍.ଏ.)

ମଙ୍ଗଳାଯୋଡିରୁ ଚିଲିକାକୁ ନାଳ ଖୋଳା କାର୍ଯ୍ୟର ଉଦ୍‌ଘାଟନ ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ହୋଇଯାଇଛି। ସୂଚନାଯୋଗ୍ୟ, ମତ୍ସ୍ୟଜୀବୀଙ୍କ ଭାତହାଣ୍ଡି ଚିଲିକାର ରକ୍ଷଣାବେକ୍ଷଣ ତଥା ପୁନରୁଦ୍ଧାରରେ ସରକାରଙ୍କ କାଳକ୍ଷେପଣ ନୀତି ଯୋଗୁ ମତ୍ସ୍ୟଜୀବୀ ନିଜର କୌଳିକ ପେସା ହରାଇ ଦାଦନ ଶ୍ରମିକ ପ୍ରଥାକୁ ଆଦରି ନେଉଥିବା ଦେଖିବାକୁ ମିଳିଛି। ମତ୍ସ୍ୟଜୀବୀଙ୍କ ବାରମ୍ବାର ଦାବି ପରେ ଭୂଷଣ୍ଡପୁରଠାରୁ ଚିଲିକା, ବାଲିପାଟପୁରଠାରୁ ଚିଲିକା ଓ ମଙ୍ଗଳାଯୋଡିଠାରୁ ଚିଲିକାକୁ ନାଳ ଖନନ ପାଇଁ ୨୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି। ପ୍ରଥମେ ବାଲିପାଟପୁରଠାରୁ ଚିଲିକା ନାଳ ଖନନ ପାଇଁ ଏମ୍‌ପି ଷଡ଼ଙ୍ଗୀ ଗତ ୨୯ତାରିଖରେ ବାଲିପାଟପୁରଠାରେ ଚିଲିକାକୁ ନାଳ ଖନନ ଶୁଭ ଉଦ୍‌ଘାଟନ କରିଥିବା ବେଳେ ବୁଧବାର ମଙ୍ଗଳାଯୋଡିରୁ ଚିଲିକାକୁ ନାଳ ଖନନର ଶୁଭାରମ୍ଭ କରିଛନ୍ତି। ତେବେ ମଙ୍ଗଳାଯୋଡିଠାରୁ ଚିଲିକା ଭିତରକୁ ୧୬ କିଲୋମିଟର ନାଳ ଖନନ କରାଯିବା ପାଇଁ ପ୍ରସ୍ତାବ ରହିଛି। ସରକାରଙ୍କ ଏହି ପଦକ୍ଷେପ ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡଇତରାୟ, ରଶ୍ମିରଞ୍ଜନ ମହାପାତ୍ର, ଅନାଦି ବେହେରା, ରୁଷିଆ ବେହେରା, ନିବାସୀ ବେହେରା, ଆନନ୍ଦ ବେହେରା, ଦନେଇ ବେହେରା ପ୍ରମୁଖ ମତ୍ସ୍ୟଜୀବୀ, ନେତା, ଭାଜପା କର୍ମକର୍ତ୍ତା ଯୋଗଦେଇଥିଲେ।


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳାଯୋଡ଼ି ନାଳ ଖନନର ଉଦ୍‌ଘାଟନୀ କରୁଛନ୍ତି।

# ବ୍ଲକସ୍ତରୀୟ କ୍ରିକେଟ, ଲଳିତାକୁଦି ଚାମ୍ପିୟନ


କୃଷ୍ଣପ୍ରସାଦ ବ୍ଲକର ଲଳିତାକୁଦି ଗ୍ରାମରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚରେ ଟ୍ରଫି ସହ ଖେଳାଳିମାନେ।

କୃଷ୍ଣପ୍ରସାଦ,୩।୫ (ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚାୟତ ଲଳିତାକୁଦି ଗ୍ରାମର ମା’ ସର୍ବ ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ହତିଆଶୁଣୀ ଷ୍ଟାଡିୟମଠାରେ ଚାଲିଥିବା ୧୮ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଦଳ ଲଳିତାକୁଦି ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମା’ ସର୍ବ ମଙ୍ଗଳା କ୍ରିକେଟ ଟିମ୍ ଲଳିତାକୁଦି ବନାମ ବାବା ଶନିଦେବ କ୍ରିକେଟ ଟିମ ରାମଲେଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମଲେଙ୍କା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଦଳ ଲଳିତାକୁଦି ଟିମ୍ ୯ ଓଭର ମଧ୍ୟରେ ୯୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଦିବସରେ ନିମନ୍ତ୍ରିତ ଅତିଥି ଭାବେ ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ଦାସ, କୁମୁଦ ଚନ୍ଦ୍ର ସାହୁ, ମଙ୍ଗୁଳି ଚରଣ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଅନ୍ତର୍ଜାତୀୟ ଶ୍ରମ ଦିବସ

ଖୋର୍ଦ୍ଧା ଅଫିସ,୩।୫:

ଖୋର୍ଦ୍ଧା ଜିଲା ଓକିଲ ସଂଘ ପାଠାଗାର କକ୍ଷରେ ଅନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ଶ୍ରମିକମାନଙ୍କ ଗୁରୁତ୍ୱ ଏବଂ ସେମାନଙ୍କ ସ୍ୱାର୍ଥ ନିହିତ ଆଇନ ସମ୍ବନ୍ଧୀୟ ବ୍ୟବସ୍ଥା ସମ୍ପର୍କରେ ସାକ୍ଷର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ୍ ଆଇନ ସେବା କମିଟିର ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥଲେ। ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରମ ଆଇନର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଶ୍ରମ ଅଧିକାରୀ ପ୍ରଜ୍ଞା ପରମିତା ସାହୁ, ମୋନାଲିସା ଜେନା ଓ ଶ୍ରମିକ ନିର୍ମାଣ ସଂଘର ସମ୍ପାଦକ ମିନତି ଭଟ୍ଟ ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ପ୍ରଶାସନିକସ୍ତରରେ ରହିଥିବା ସମସ୍ତ ପ୍ରକାର ଆଇନଗତ ସୁବିଧା ସମ୍ପର୍କରେ କହିଥିଲେ। ଜିଲା ବାର୍ ଆସୋସିଏଶନର ସଭାପତି ସର୍ବେଶ୍ୱର ସାହୁ, ସମ୍ପାଦକ ମନ୍ମଥ ମିଶ୍ର, ମୁରଲିଧର ସାମନ୍ତରାୟ, ବିକ୍ରମ କେଶରୀ ଚମ୍ପତି ପ୍ରମୁଖ ଶ୍ରମିକ ଦିବସର ଉପାଦୟତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ, ବରିଷ୍ଠ ଅଧିବକ୍ତା ଅଶୋକ କୁମାର ମହାପାତ୍ର ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସଯାତ୍ରା

ବୋଲଗଡ଼,୩।୫(ଡି.ଏନ୍.ଏ.)

ବୋଲଗଡ଼ ଆରାଧ୍ୟା ଦେବୀ ମା’ ମଙ୍ଗଳାଙ୍କର ଏକ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ବୁଧବାର କଳସଯାତ୍ରା ଅନୁଷ୍ଠିତ ହୋଇଛି। ବ୍ରାହ୍ମ ମୁହୂର୍ତ୍ତରେ ଶୁଦ୍ଧପୁତ ଭାବେ କଳସଧାରୀ ଭକ୍ତମାନେ ନିକଟସ୍ଥ ବନ୍ଧ ପୁଷ୍କରିଣୀ ନିକଟରେ ଉପସ୍ଥିତ ହୋଇ ପୂଜା ପାଠ ପରେ ଜଳପୂର୍ଣ୍ଣ କଳସ ମୁଣ୍ଡାଇ ସ୍ଥାନୀୟ ଶକ୍ତିପୀଠ ଗଡ଼ଚଣ୍ଡୀ ରାମଚଣ୍ଡୀ ଦେବୀ, ଶୈବ ପୀଠ ବାଲୁଙ୍କେଶ୍ୱର ଦେବ ପ୍ରମୁଖ ମନ୍ଦିର ସମେତ ଗ୍ରାମ୍ୟ ପ୍ରଦକ୍ଷଣ କରି ଦେବୀ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ସ୍ଥଳ ନିକଟ ଯଜ୍ଞ ବେଦିରେ କଳସ ସ୍ଥାପନ କରିଥିଲେ। ପରେ ଗ୍ରାମର ଇଷ୍ଟଦେବ ତୃତୀୟାଦେବଙ୍କୁ ବିରାଟ ଶୋଭାଯାତ୍ରାରେ ପୂଜାସ୍ଥଳୀକୁ ସୁସଜ୍ଜିତ ବିମାନରେ ଯଜ୍ଞ ନିକଟକୁ ଭକ୍ତମାନେ ପାଛୋଟି ଆଣିଥିଲେ। ବିଶେଷ କରି ମାଳିକା ପୀଠ ନେମାଳରୁ ମାଳିକା ପ୍ରବଚକମାନେ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମାଳିକାର ସତ୍ୟ ବଚନକୁ ଶ୍ରୋତାଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ସ୍ଥାନୀୟ କୋଟପଲ୍ଲୀ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ଭକ୍ତି ଭାବ ଜାଗ୍ରତ କରିଥିଲା। ବୋଲଗଡ ଗ୍ରାମବାସୀଙ୍କ ସକ୍ରୀୟ ସହଯୋଗରେ ଅନୁଷ୍ଠିତ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।


ବୋଲଗଡ଼ରେ ମା’ ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ନେଇ ବାହାରିଥିବା କଳସଯାତ୍ରା।

# ଶ୍ରମିକ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ

ଜଟଣୀ,୩।୫(ଡି.ଏନ୍.ଏ.):

ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ୟୁନିୟନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ୟୁନିୟନର ସାଧାରଣ ସମ୍ପାଦକଙ୍କ ନେତୃତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା, ସମ୍ମାନିତ ଅତିଥିଭାବେ ପୂର୍ବତଟ ରେଳପଥ ପ୍ରିନ୍ସିପାଲ ଚିଫ ପରସେନାଲ ଅଫିସର ଟି.କେ.ମଣ୍ଡଳ, ଫାଇନାନ୍ସିଆଲ ଆଡଭାଇଜର ଆର.ଏସ. ମିତ୍ର, ପ୍ରିନ୍ସିପାଲ ଚିଫ ଅପରେସନ ମ୍ୟାନେଜର ୟା.ଏନ. ବାବୁ, ପ୍ରିନ୍ସିପାଲ ଚିଫ ମେକାନିକାଲ ଇଞ୍ଜିନିୟର ବିଶ୍ୱଜିତ ମୋଇତ୍ର, ପ୍ରିନ୍ସିପାଲ ଚିଫ ଇଞ୍ଜିନିୟର ଏନ.ଏସ. ଉଇକି, ପ୍ରିନ୍ସିପାଲ ଚିଫ ମେଡିକାଲ ଡିରେକଟର ଡା. ଡି.ରାମ ରାଓ, ପ୍ରିନ୍ସିପାଲ ଚିଫ ମ୍ୟାଟେରିଆଲ ମାନଜେର ପି. ବି. ନିନାୱେ, ପ୍ରିନ୍ସିପାଲ ଚିଫ କମର୍ସିଆଲ ମାନଜେର ଭି. ଆର. ଲେଲିନ, ପ୍ରିନ୍ସିପାଲ ଚିଫ ସିଗନାଲ ଏବଂ ଟେଲିକମ ଇଞ୍ଜିନିୟର ଏସ. ମାଙ୍ଗା. ଭି, ପ୍ରିନ୍ସିପାଲ ଚିଫ ସେଫ୍ଟି ଅଫିସର ପି. ସି. ସାହୁ, ଖୋର୍ଦ୍ଧାରୋଡ ରେଳମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରୟ, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଆମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରାଯଇଥିଲା। ଖୋର୍ଦ୍ଧାରୋଡ ରେଳମଣ୍ଡଳ ମଣ୍ଡଳୀୟ ସଂଯୋଜକ ରଞ୍ଜିତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ଶ୍ରମିକ ୟୁନିୟନ ରେଳପ୍ରଶାସନର ଏକ ମୁଖ୍ୟ ଅଙ୍ଗ ବୋଲି ମୁଖ୍ୟ ଅତିଥି କହିଥିଲେ। ଅତିଥିମାନେ ୟୁନିୟନର କାର୍ଯଶୈଳୀ ଓ ଶୃଙ୍ଖଳାଗତ କାର୍ଯ୍ୟ ପରିଚାଳନା ପାଇଁ ପ୍ରଶଂସା କରିଥିଲେ। ଶ୍ରମିକ ୟୁନିୟନକୁ ମଜବୁତ ଓ ନିଷ୍ଠାପର ସେବା ପାଇଁ ଅନେକ ଅବସରପ୍ରାପ୍ତ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ପି. କେ. ପଣ୍ଡା, ଶିବ ବେହେରା, ଏମ. ଡି. ଜାକିରଉଦ୍ଦିନ, ସଚ୍ଚିଦାନନ୍ଦ ରାଉତ, ଏନ.ଏମ. ମୁରଲୀକ୍ରିଷ୍ଣା, ବି. ଡି. ଜେନା, ପ୍ରମୋଦ ରାୟ, ନିର୍ମଳ ପରିଡା, ପ୍ରଦୀପ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରମିକ ୟୁନିୟନ ସଭାପତି ଆର୍.ଭି.ଏସ.ଏସ. ରାଓ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧାରୋଡ ରେଳମଣ୍ଡଳ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ୮୫ ବର୍ଷ ବୟସରେ ଦୌଡୁଛନ୍ତି ବାଲ୍ମୀକି

ଖୋର୍ଦ୍ଧା ଅଫିସ,୩।୫ :

- ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ବୟସ
- ସାଉଁଟିଛନ୍ତି ଅନେକ ପୁରସ୍କାର, ପ୍ରଶଂସା

ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ବୟସ। ପରିଣତ ବୟସରେ ବି ସେ ବେଶ୍ ଚଳଚଞ୍ଚଳ। ୮୫ ବର୍ଷ ବୟସରେ ଦୌଡୁଛନ୍ତି ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଚାଚେରା ସାହିର ବାଲ୍ମୀକି ବିଶ୍ୱାଳ। ସ୍ପୋର୍ଟସ୍ ଟ୍ରାକ୍‌ରେ ଦୌଡ଼ି ସାଉଁଟୁଛନ୍ତି ଅନେକ ପୁରସ୍କାର ଓ ସମ୍ମାନ। ଗତ ଫେବୃୟାରୀରେ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ପଶ୍ଚିମବଙ୍ଗ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ସେ ଭାଗନେଇ ତୃତୀୟ ସ୍ଥାନ ପାଇଥିଲେ। ବିଭିନ୍ନ ସ୍ପୋର୍ଟସ୍ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ଦୌଡ଼ ପ୍ରତିଯୋଗିତାରେ କେବେ ପ୍ରଥମ ତ ଆଉକେବେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରୁଛନ୍ତି। ବରିଷ୍ଠ ନାଗରିକଙ୍କ ମଧ୍ୟରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ଦୌଡ଼ ପ୍ରତିଯୋଗିତାରେ ସେ ସଫଳତା ପାଇ ଅନେକ ପୁରସ୍କାର ହାତେଇଛନ୍ତି। ରାଜ୍ୟ ତଥା ଜାତୀୟ ସ୍ତରରେ ଆୟୋଜିତ ପ୍ରତିଯୋଗିତାରେ ଭାଗନେଇ ସଫଳତା ପାଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଷ୍ଟାଡିୟମରେ ଦୌଡ଼ି ପ୍ରତିଭା ସାଉଁଟିଛନ୍ତି। ବେଙ୍ଗାଲୁରରେ ହେବାକୁ ଥିବା ୭୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବର୍ଗରେ ଅଂଶଗ୍ରହଣ ଲାଗି ସେ ପ୍ରସ୍ତୁତି ଚଳାଇଛନ୍ତି। ତେଣୁ ଘର ନିକଟରେ ଥିବା ଖେଳ ପଡ଼ିଆରେ ପ୍ରାକ୍ଟିସ୍ କରୁଛନ୍ତି।



ବାଲ୍ମୀକି ଖୋର୍ଦ୍ଧା ଉଦ୍ୟାନ କୃଷି ବିଭାଗରେ ଚାକିରି କରି ୧୯୯୫ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ପ୍ରକୃତିପ୍ରେମୀ। ଘର ବାଡ଼ିବଗିଚାରେ ବିଭିନ୍ନ ପ୍ରକାର ଫୁଲ, ଫଳ, ପନିପରିବା ଚାଷ କରିଛନ୍ତି। ଏହାର ଯତ୍ନ ମଧ୍ୟ ନେଉଛନ୍ତି। ତାହା ସହିତ ଖେଳକୁଦ ଜାରି ରଖିଛନ୍ତି। ବାଲ୍ମୀକି ଜଣେ ଫୁଟବଲ ଖେଳାଳି। ଖୋର୍ଦ୍ଧା ଷ୍ଟାଡିୟମରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେହି ସମୟରେ କ୍ରୀଡ଼ାବିତ୍ ଉପେନ୍ଦ୍ର ନାଥ ଦାସଙ୍କ ସଂସ୍ପର୍ଶରେ ଆସିଥିଲେ। ବାଲ୍ମୀକି କହିଛନ୍ତି, ଚାକିରିରୁ ଅବସର ନେବା ପରେ ମୁଁ ଷ୍ଟାଡିୟମକୁ ବୁଲିବାକୁ ଗଲାବେଳେ ଉପେନ୍ଦ୍ର ବାବୁଙ୍କ ସହ ଭେଟ ହୁଏ। ଯୁବାବସ୍ଥାରେ ମୁଁ ଦୌଡ଼ାଦୌଡ଼ି କରୁଥିଲି। ଖେଳ ପ୍ରତି ମୋର ଆଗ୍ରହ ରହିଥିବା ଦେଖି ସେ ମୋତେ ବରିଷ୍ଠ ବର୍ଗର ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ପ୍ରେରଣା ଦେଇଥିଲେ। ସେହି ବର୍ଷ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ବରିଷ୍ଠ ନାଗରିକଙ୍କୁ ନେଇ ହେଉଥିବା ଏକ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ମିଳିଲା। ସେଠାରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଥିଲି। ମୋର ଦୌଡ଼ିବା ଦେଖି ଅନ୍ୟମାନେ ମୋତେ ଉତ୍ସାହିତ କରିଥିଲେ। ଏହି ସମୟରେ ମୁଁ ଅନେକ କ୍ରୀଡ଼ାବିତଙ୍କ ସଂସ୍ପର୍ଶରେ ଆସିଥିଲି। ପରେ ଆୟୋଜକଙ୍କ ପକ୍ଷରୁ ଆମନ୍ତ୍ରଣ ପାଇ ବିଭିନ୍ନ ସ୍ଥାନରେ ଚାଲିବା ଓ ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଲାଗିଲି। ଧୀରେ ଧୀରେ ଏହା ମୋର ନିଶାରେ ପରିଣତ ହୋଇଗଲା। ପରିବାର ସଦସ୍ୟଙ୍କ ଏଥିପ୍ରତି ସହମତି ରହିଥିଲା। ମୁଁ ଭାରତ ବୁଲି ସାରିଲାଣି। ଏପରି କୌଣସି ଷ୍ଟାଡିୟମ ନାହିଁ ଯେଉଁଠାରେ ଦୌଡ଼ିନି, ଅଥବା ପାଦ ପଡ଼ିନି।

ସକାଳର ପ୍ରଥମ ସୂର୍ଯ୍ୟକିରଣ ପଡ଼ିବା ପୂର୍ବରୁ ବାଲ୍ମୀକି ଉଠି ପଡ଼ନ୍ତି। ନିତ୍ୟକର୍ମ ସାରି ଜର୍ସି, ହାଫ୍ ପ୍ୟାଣ୍ଟ ପରିଧାନ କରି ପାଦରେ ସ୍ପୋର୍ଟସ୍ ବୁଟ ପିନ୍ଧି ପଡ଼ିଆକୁ ବାହାରି ପଡ଼ନ୍ତି। ସେଠାରେ ପହଞ୍ଚି ପ୍ରଥମେ ୩ରୁ ୫ ରାଉଣ୍ଡ ଚାଲିବା ପରେ ବ୍ୟାୟାମ କରନ୍ତି। ପଡ଼ିଆ ଚାରିପଟେ ଦୌଡ଼ନ୍ତି। ଏହା ଦେଖି ଅନେକ ଚକିତ ହୁଅନ୍ତି। ତାଙ୍କ ପ୍ରତିଭାକୁ ଅନେକ ପ୍ରଶଂସା ମଧ୍ୟ କରନ୍ତି। ଖେଳପଡ଼ିଆରେ ବ୍ୟାୟାମ ସାରି ସେ ଘରକୁ ଫେରି ଫୁଲଚାରାରେ ପାଣିଦେବା ସହ ବଗିଚା କାମ କରନ୍ତି। ଅନାବନା ଗଛଲତା ଉପାଡ଼ିବା ସହ ତାର ଯତ୍ନ ନିଅନ୍ତି। ସେଠାରୁ ସ୍ନାନାଦିସାରି ଠାକୁର ପୂଜାପାଠ କରନ୍ତି। ସକାଳ, ସନ୍ଧ୍ୟାରେ ପ୍ରାୟ ୩ରୁ ୪ କିମି ଚାଲନ୍ତି। ଏପରି ତାଙ୍କ ଦିନ ବିତିଥାଏ। ବାଲ୍ମୀକି କହିଛନ୍ତି, ମୋ ବୟସର ଅନେକ ସାଙ୍ଗସାଥୀ ପ୍ରାୟ ଆରପାରିକୁ ଚାଲିଗଲେଣି। ଦୌଡ଼ିବା ବେଳେ ମୋତେ ଦେଖି ଅନେକ ଥଟ୍ଟାମଜା କରନ୍ତି। କୁହନ୍ତି ଏ ବୟସରେ ବାଲ୍ମୀକି ଦୌଡୁଛି। ତେବେ ମୁଁ ଏହାକୁ କର୍ଣ୍ଣପାତ ନ କରି ଆଗକୁ ବଢିଚାଲିଛି। ଜୀବନର ଶେଷବିନ୍ଦୁ ରକ୍ତ ଥିବା ପର୍ଯ୍ୟନ୍ତ ସେ ଏଭଳି ଦୌଡୁଥିବେ ବୋଲି କହିଛନ୍ତି। ଦୈନିକ କସରତ, ଶାରୀରିକ ବ୍ୟାୟାମ ଦ୍ୱାରା ତାଙ୍କ ଶରୀର ସୁସ୍ଥ ରହିବା ସହ ଫୂର୍ତ୍ତି ଲାଗିଥାଏ। ଶହେରୁ ଊର୍ଦ୍ଧ୍ୱ ସାର୍ଟିଫିକେଟ ତାଙ୍କ ନିକଟରେ ରହିଥିବା ବେଳେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ କୌଣସି ପ୍ରୋତ୍ସାହନ ଦିଆଯାଇନାହିଁ। ତଥାପି ସେ ଥକି ନାହାନ୍ତି, ଶହେ ଅଙ୍କ ଛୁଇଁବା ପର୍ଯ୍ୟନ୍ତ ଦୌଡୁଥିବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଗୋପ ମହାବିଦ୍ୟାଳୟରେ ପ୍ରଥମ ଆଲୁମନି ବୈଠକ

ଗୋପ,୩।୫(ଡି.ଏନ୍.ଏ.) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଆମମାନଙ୍କୁ ପାଳନ କରିବାକୁ ପଡ଼ିବ। କାହିଁକି ନାଁ ମହାବିଦ୍ୟାଳୟର ଉନ୍ନତି ଆଗାମୀ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତ ଗଢ଼ିବା ସହିତ ପୁରାତନ ଛାତ୍ରୀଛାତ୍ରନଙ୍କ ସହଯୋଗ ସେମାନେଙ୍କ ଚରିତ୍ର ଗଠନ କରିପାରିବେ ବୋଲି ବୁଧବାର ଗୋପ ମହାବିଦ୍ୟାଳୟରେ ଆୟୋଜିତ ପ୍ରଥମ ଆଲୁମନି ବୈଠକରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ କହିଥିଲେ। ଅଧକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ବୈଠକରେ ଯୋଗଦେଇ ଥିବା ଛାତ୍ରୀଛାତ୍ରଙ୍କ ସହଯୋଗର ହାତ ବଢ଼ାଇବା ଲାଗି ଉପସ୍ଥିତ ଅଧାପକ, ଅଧାପିକାମାନେ କହିଥିଲେ। ସରକାରଙ୍କ ମୋ କଲେଜ ଅଭିଯାନ ସମ୍ପର୍କରେ ଅଧାପକ ଅରୁଣ ଚନ୍ଦ୍ର ମିଶ୍ର, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଏହି ମୋ କଲେଜ ଅଭିଯାନ ସମ୍ପର୍କରେ ଆଭିମୁଖ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଥିବାବେଳେ ଆଗାମୀ ବୈଠକରେ ମଧ ଅଧିକ ପୁରାତନ ଛାତ୍ରୀଛାତ୍ରୀ ଯୋଗଦେବାକୁ ଅଧକ୍ଷା ନିବେଦନ କରିଥିଲେ।

### ଶ୍ରୀମନ୍ଦିର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପୁରୀ ଅଫିସ, ୩।୫: ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟର ମୁଖ୍ୟ କିରାଣି ଧରଣୀଧର ନାୟକ, ଶ୍ରୀମନ୍ଦିର ଗାରଦ କାର୍ଯ୍ୟାଳୟର ସହକାରୀ କମାଣ୍ଡର ରଞ୍ଜନ କୁମାର ମହାନ୍ତି ଓ ଗଙ୍ଗାଧର ଦାଶ, ଶ୍ରୀମନ୍ଦିର ପୋଲିସ ଶଙ୍କର ମହାପାତ୍ର ଗତ ୩୦ ତାରିଖରେ ସେମାନଙ୍କ ସେବାରୁ ଅବସର ନେଇଛନ୍ତି। ଏହି ଉପଲକ୍ଷେ ଶ୍ରୀମନ୍ଦିର କର୍ମଚାରୀ ସଂଘ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଅବସର ନେଇଥିବା କର୍ମଚାରୀମାନେ କିପରି ନିଜ ନିଜ କ୍ଷେତ୍ରରେ ନୀରବ ସାଧକ ଭାବେ ସେବା ଯୋଗାଇ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ତା'ର ଅବତାରଣା ଉପସ୍ଥିତ କର୍ମଚାରୀ ତଥା ଅଧିକାରୀମାନେ କହିଥିଲେ। ଶେଷରେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର, ପ୍ରଶଂସାପତ୍ର ଫୁଲତୋଡା ଦେଇ କର୍ମଚାରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାରେ ସଂଘ ସମ୍ପାଦକ ସୁଦର୍ଶନ ସାହୁ, କାର୍ଯ୍ୟାଳୟ ଅଧୀକ୍ଷକ ରାମନାରାୟଣ ମିଶ୍ର, କ୍ଷିପ୍ର ଲେଖକ ସୁଧାକର ପ୍ରଧାନ, ଓଏସ୍‌ଡି ବୈକୁଣ୍ଠ ନାୟକ, ଓଆଇସି (ନୀତି) ରବିନ୍ଦ୍ର କୁମାର ଦାସ, ଜ୍ଞାନେଶ୍ୱର ଶୁକ୍ଳା, ରମେଶ ରଣସିଂ, ବାନାମ୍ବର ପ୍ରଧାନ ଏବଂ କାଳୁ ଗୁମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ୭୩ ହଜାର ଚୋରି ଟଙ୍କା ଜବତ, ୩ ଗିରଫ

ଜଟଣୀ,୩।୫(ଡି.ଏନ୍.ଏ.): ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଟଣୀ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫକରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଅଧୀନ ରାଜାବଜାର ଫକଡ଼ବସ୍ତି ଅଞ୍ଚଳର ୱାହୁ ଓରଫ ୱାହାଦ ସାହା, ବାଲିଛକ ସାହି ବାଟ ମହାବୀର ଅଞ୍ଚଳର ସଲିମ ଓରଫ ଅବଦୁଲ ସଲିମ ଏବଂ ଡେଲାଙ୍ଗ ଥାନା ଘରୋ ବ୍ରହ୍ମଣ ସାହିର ହାପି ଓରଫ ବିକ୍ରମ କେଶରୀ ମିଶ୍ର। ସେମାନଙ୍କ ନିକଟରୁ ୭୩୦୦୦ ଟଙ୍କା ଜବତ କରିଛି ପୋଲିସ। ଏ ନେଇ ଥାନାରେ ନଂ. ୧୬୧/୨୩ ରେ ମାମଲା ରୁଜୁ କରିଛି। ଖବର ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସଂଥଳିଆ ଗତ ୩୦ ତାରିଖରେ ଦାଣ୍ଡମୁକୁନ୍ଦପୁର ଓ ପିପିଲି ଅଞ୍ଚଳରୁ ଅଖା ଆଣିବା ପାଇଁ ଏକ ମିନିଟ୍ରକ ଯୋଗାଡ କରିଥିଲେ। ଗାଡି ଚଳାଇବା ପାଇଁ ଉକ୍ତ ଅଭିଯୁକ୍ତମାନଙ୍କ ମଧରୁ ହାପିଙ୍କୁ ଡ୍ରାଇଭର ଭାବେ ଠିକ କରିଥିଲେ ଓ ହାପିକୁ ସହଯୋଗ କରିବା ପାଇଁ ଜଣେ କର୍ମଚାରୀଙ୍କୁ ପଠାଇଥିଲେ।

# କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

## ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୩।୫:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଆସନ୍ତା ଜୁନ୍ ୨୦ ଓ ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୪ ତାରିଖରେ ଅନୁଷ୍ଠିତ ହେବ। ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତା କରିଥିଲେ। ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ କେନ୍ଦ୍ରାଞ୍ଚଳ ଆରଡ଼ିସିଙ୍କ ଅଧକ୍ଷତାରେ ସରିଯାଇଥିବାରୁ ତାହାର ନିର୍ଯାସ ଆଧାରରେ ସମସ୍ତ ବିଭାଗ ନିଜ ନିଜ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତବର୍ଷର ରଥଯାତ୍ରା ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ବିଭାଗଗୁଡ଼ିକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅସୁରକ୍ଷିତ ବିଲ୍ଡିଂ ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ ଇତ୍ୟାଦି ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ କରାଯାଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଜାତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଜିତ ପ୍ରସାଦ ମହାପାତ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ଏବଂ ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ।

# ଆଜି ଯନ୍ତାଗାଡ଼ ଖୋଲା, ଗୁଜ ଅନୁକୂଳ

## କମାରଶାଳରେ ତିଆରି ଚାଲିଛି ପନ୍ଦାରି ବଳା

**ରଥଖଳାରୁ ...**

ପୁରୀ ଅଫିସ, ୩।୫:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଭକ୍ତିମୟ ବାତାବରଣ ମଧ୍ୟରେ ଆଗେଇ ଚାଲିଛି। ରଥ ନିର୍ମାଣରେ ନିୟୋଜିତ ଥିବା ସେବକ ଏବଂ କାରିଗରମାନେ ଅତି ନିଷ୍ଠାର ସହ କାର୍ଯ୍ୟ ଜାରି ରଖିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ରଥ ନିର୍ମାଣ କାର୍ଯ୍ୟ ବୁଧବାର ଦଶମ ଦିନରେ ପହଞ୍ଚିଛି। ନିର୍ମାଣ ସରିଥିବା ୪୨ଟି ତୁମ୍ବର ଉଭୟ ପାର୍ଶ୍ୱ ମଧଭାଗରେ ପନ୍ଦାରିବଳା ବସିବା ପାଇଁ ତିନିରଥର ମହାରଣା ସେବକମାନେ ନିହାଣରେ ହାଣି ଗୋଲାକାର ଗାଡ଼ ନିର୍ମାଣ ଜାରି ରଖିଛନ୍ତି। ଗୁରୁବାର ନୃସିଂହ ଚତୁର୍ଦ୍ଦଶୀ ତିଥିରେ ତିନିରଥର ଭୋଇ ସେବକଙ୍କ ଦ୍ୱାରା ଯନ୍ତାଗାଡ଼ ଖୋଲା ଓ ଗୁଜ ଅନୁକୂଳ ନୀତି ସମ୍ପନ୍ନ ହେବ। ଏହି ତିଥିରେ ପରମ୍ପରା ଅନୁଯାୟୀ, ଗୁଜ, ଅର, ପଇ ଏବଂ ଯନ୍ତାପଟାରେ ବିନ୍ଧ ଅନୁକୂଳ ପୂଜା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିଲାଗି ରଥ ଅମିନ ଲକ୍ଷ୍ମଣ ମହାପାତ୍ର ରଥ ଚାଲିକୁ ଆବଶ୍ୟକ କାଠ ଯୋଗାଇ ଦେଇଛନ୍ତି।

ସେହିପରି ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ୪୨ଟି ତୁମ୍ବରେ ଅର ସଂଯୋଗ ପାଇଁ ଆବଶ୍ୟକ ଅରକଣ୍ଟା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୪୨ ଚକ ପାଇଁ ଆବଶ୍ୟକ ୮୪ ପନ୍ଦାରି ବଳା ତିଆରି ଚାଲିଛି। ବୁଧବାର ୬୯ ମହାରଣା, ୫୪ ଭୋଇ ସେବକ, ୪ କରତି ସେବକ, ଜଣେ ତୁମ୍ବବିନ୍ଧ କାରିଗର, ଜଣେ ପାହି ମହାରଣା, ୧୨ ଓଝା ବା କମାର ସେବକ ଏବଂ ଜଣେ ରଥ ଖଳା ସହାୟକ ଏହିପରି ମୋଟ ୧୩୯ କାରିଗର ଏବଂ ସେବକ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।



# କେପିପି ଉଚ୍ଚ ବିଦ୍ୟାଳୟରେ ୫ମ ଜାତୀୟ ଗ୍ରାମୀଣ ଉତ୍ସବ


ଗ୍ରାମୀଣ ଉତ୍ସବରେ ଜଣେ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଡେଲାଙ୍ଗ,୩।୫(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତସ୍ଥିତ କବି ପ୍ରସନ୍ନ ପାଟ୍ଟଶାଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱମୁକ୍ତି ଓ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ୫ମ ଜାତୀୟ ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ପ୍ରାୟୋଜିତ ଭାଇଚାରାର ମହାପର୍ବ ହେଉଛି ଏହି ଉତ୍ସବ। ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ ଅଧକ୍ଷ ତଥା ବିଶ୍ୱମୁକ୍ତିର ସଭାପତି କବି ପ୍ରସନ୍ନ ପାଟ୍ଟଶାଣୀ, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସ୍ଥାୟୀ ସମ୍ପାଦକ ଶଶାଙ୍କ ଶେଖର ଚୂଡାମଣି, ପୂର୍ବତନ ଶିଶୁ ସୁରକ୍ଷା ଆୟୋଗ ଅଧକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ନୂଆଦିଲ୍ଲୀ ଏନ୍‌ଜିଏମ୍‌ଏ ମହାନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ, ଆର୍‌ଏମ୍‌ଆରସିର ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି, ରୋଜାଲିନ୍ ସେନାପତି, କଣ୍ଠଶିଳ୍ପୀ ବିଚିତ୍ରାନନ୍ଦ ଦେଓ, ଅଭିନେତା ବବି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱମୁକ୍ତିର ସମ୍ପାଦକ ଚୂଡାମଣୀ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ମଞ୍ଚ ପରିଚାଳନା କରିଥିଲେ। ବୀରମାଟି ଡେଲାଙ୍ଗ ଗାଥା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଡେଲାଙ୍ଗ ମାଟିରେ ଦିଗ୍ ନାଗ ବୌଦ୍ଧଧର୍ମ ପ୍ରଚାରକ ଥିଲେ। ତାଙ୍କ ନାମରେ ଡେଲାଙ୍ଗ ନାମିତ ହୋଇଥିଲା। ଏହି ମାଟିରେ ପୂଜ୍ୟ ଗାନ୍ଧିଜୀ ୭ ଦିନ ଧରି ବେରବୋଇଠାରେ ରହିଥିବାରୁ ଦେଶ ସ୍ୱାଧୀନତାରେ ଡେଲାଙ୍ଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଧ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଗାନ୍ଧିଜୀଙ୍କ ବିଭିନ୍ନ ପ୍ରକାରର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଡ. ପାଟ୍ଟଶାଣୀଙ୍କ ପୁସ୍ତକ ତତେ ଭଲପାଏ ଓ ରୋଜାଲିନ୍‌ଙ୍କ ଲିଖିତ ପୁସ୍ତକ ନୀରବତା ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ଯୋଗ ଦେଇଥିଲେ।

# ଆଜି ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି

ପୁରୀ ଅଫିସ, ୩।୫:

ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତଥା ନୃସିଂହ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରେ ନୃସିଂହ ଜନ୍ମ ନୀତି ଅନୁଷ୍ଠିତ ହେବ। ଏହି ନୀତି ଅନୁଯାୟୀ ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ନୀତି ସମ୍ପନ୍ନ ହୋଇ ଯାତ ଭୋଗ ହେବ। ପରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଆଜ୍ଞାମାଳ ପାଇ ଚନ୍ଦନ ଯାତ୍ରା ନିମନ୍ତେ ଚନ୍ଦନ ଚକଡ଼ାକୁ ବିଜେ କରିବେ। ନରେନ୍ଦ୍ର ପୁଷ୍କରିଣୀରେ ଠାକୁର ଜଳକ୍ରୀଡ଼ା ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଏହାପରେ ପାଳିଆ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଦୋଳମଣ୍ଡପ ସାହି, ସୁଭାଷବୋଷ ଛକ ଦେଇ ଚକ୍ରତୀର୍ଥ ରୋଡସ୍ଥିତ ନୃସିଂହ ମନ୍ଦିରକୁ ଯିବେ। ସେଠାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀନୃସିଂହ ଦେବଙ୍କୁ ଲାଗି କରାଯିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାପରେ ଭୋଗ କରିବେ। ପରେ ସେବାୟତମାନେ ନୀତି ସାରି ଶ୍ରୀମନ୍ଦିରକୁ ବାହୁଡ଼ିବେ। ମହାପ୍ରଭୁଙ୍କ ମଇଲମ ହୋଇ ଆଳତି ବଢ଼ିବ। ତିନିବାଡ଼ରେ ଠାକୁରଙ୍କୁ ପଞ୍ଚାମୃତ ମହାସ୍ନାନ ହୋଇ ସର୍ବାଙ୍ଗ ବଢ଼ିବା ପରେ ଠାକୁର ନୂଆଲୁଗା ଲାଗିହୋଇ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯିବ। ପାଣି ପଡ଼ି ସନ୍ଧ୍ୟା ଧୂପ ନୀତି ବଢ଼ିବା ପରେ ମହାଜନ ସେବକ ଦକ୍ଷିଣୀ ଘରୁ ନୃସିଂହ ଠାକୁରଙ୍କୁ ଆଣି ରତ୍ନସିଂହାସନ ଉପରକୁ ବିଜେ କରାଯିବ। ସେଠାରୁ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ଉପରକୁ ନୃସିଂହ ଖଟୁଲିରେ ବିଜେ କରିବେ। ଅପରପକ୍ଷରେ ମୁକ୍ତିମଣ୍ଡପ ନିକଟ ନୃସିଂହ ମନ୍ଦିରରେ ପତିମହାପାତ୍ର ଏବଂ ମୁକ୍ତିମଣ୍ଡପ ଉପରେ ବିଜେ ନୃସିଂହଙ୍କ ପାଖରେ ପୂଜାପଣ୍ଡା ମହାସ୍ନାନ ପୂଜା କରିବେ। ଏହାପରେ ଉଭୟଙ୍କ ପାଖରେ ପଞ୍ଚ ଉପଚାରରେ ଶୀତଳ ଭୋଗ ମଣୋହି ହେବା ପରେ ବନ୍ଦାପନା ନୀତି ସମ୍ପନ୍ନ ହେବ। ମହାଜନ ସେବକ ନୃସିଂହଙ୍କୁ ହାତରେ ବିଜେ କରାଇ ଝୁଲଣମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇବେ। ବିମାନ ବଡୁମାନେ ନୃସିଂହଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରାଇବେ। ସେଠାରେ ବିଭିନ୍ନ ନୀତି ସହ ଭୋଗ ବନ୍ଦାପନା ସରିବା ପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ।

# ଅପହରଣ ଅଭିଯୋଗରେ ଯୁବକ ଗିରଫ

ଯାଁଳା,୩।୫(ଡି.ଏନ୍.ଏ.):

ଜଣେ ଯୁବକଙ୍କୁ ଅପହରଣ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବାଲିହୁଙ୍କା ଗ୍ରାମର ପ୍ରଦୀପ କୁମାର ରାଉତରାୟ (୩୭)। ଖବର ଅନୁଯାୟୀ, ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ନିକଟସ୍ଥ ଅରୁଣଦତି ବିହାରରେ ଅନିଲ ସାହୁ ରୁହନ୍ତି। ସେ କିଛି ଦିନ ହେଲା ପ୍ରଦୀପଙ୍କଠାରୁ କିଛି ଟଙ୍କା ଉଧାର ଆଣିଥିଲେ। ପରେ ଟଙ୍କା ଫେରସ୍ତ ନ କରିବାରୁ ପ୍ରଦୀପ କେତେଜଣ ଯୁବକଙ୍କୁ ସାଙ୍ଗରେ ଆଣି ଅନିଲଙ୍କୁ ଘରୁ ଡାକି ଅପହରଣ କରିନେଇଥିଲେ। ଏନେଇ ଅନିଲଙ୍କ ମାମୁ ପ୍ରଶାନ୍ତ ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବ୍ଲକସ୍ତରୀୟ କ୍ରିକେଟ: ଲଳିତାକୁଦି ଚାମ୍ପିୟନ

କୃଷ୍ଣପ୍ରସାଦ,୩।୫ (ଡି.ଏନ୍.ଏ.)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚାୟତ ଲଳିତାକୁଦି ଗ୍ରାମର ମା' ସର୍ବ ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ହତିଆଶୁଣୀ ଷ୍ଟାଡିୟମଠାରେ ଚାଲିଥିବା ୧୮ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଦଳ ଲଳିତାକୁଦି ଟିମ୍ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମା' ସର୍ବ ମଙ୍ଗଳା କ୍ରିକେଟ ଟିମ୍ ଲଳିତାକୁଦି ବନାମ ବାବା ଶନିଦେବ କ୍ରିକେଟ ଟିମ ରାମଲେଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାମଲେଙ୍କା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୮୯ ରନ ସଂଗ୍ରହ କରିଥିଲା। ଜବାବରେ ଆୟୋଜକ ଦଳ ଲଳିତାକୁଦି ଟିମ୍ ୯ ଓଭର ମଧ୍ୟରେ ୯୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏହି ଦିବସରେ ନିମନ୍ତ୍ରିତ ଅତିଥି ଭାବେ ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ପୂର୍ବତନ ସରପଞ୍ଚ ରବୀନ୍ଦ୍ରନାଥ ଦାସ, କୁମୁଦ ଚନ୍ଦ୍ର ସାହୁ, ମଙ୍ଗୁଳି ଚରଣ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


କୃଷ୍ଣପ୍ରସାଦ ବ୍ଲକର ଲଳିତାକୁଦି ଗ୍ରାମରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚରେ ଟ୍ରଫି ସହ ଖେଳାଳିମାନେ।

# ବେଳାମାର୍ଗରୁ ଷ୍ଟ୍ରିଟ୍ ଲାଇଟ ଚୋରି: ୩ ଅଟକ

## ଚିଙ୍ଗୁଡ଼ି ଘେରି ଉପରେ ପୋଲିସ ଚଢ଼ାଉ

କୋଣାର୍କ,୩।୫(ଡି.ଏନ୍.ଏ.)

କୋଣାର୍କ- ପୁରୀ ବେଳାମାର୍ଗର ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ମଧ୍ୟରେ ଥିବା ୫୦ଟି ଷ୍ଟ୍ରିଟ୍ ଲାଇଟ୍ ଚୋରି ଘଟଣାର ତଦନ୍ତରେ କୋଣାର୍କ ପୋଲିସ ରାମଚଣ୍ଡୀ ଥାନା ଅନ୍ତର୍ଗତ ବାଙ୍ଗୋର ମୌଜାର କୁଶଭଦ୍ରା ନଦୀପଠାରେ ଥିବା କେତେକ ଚିଙ୍ଗୁଡ଼ି ଘେରି ଉପରେ ବୁଧବାର ଚଢ଼ାଉ କରିଛି। ଘଟଣାସ୍ଥଳରୁ ୫ଟି ଷ୍ଟ୍ରିଟ୍ ଲାଇଟ୍ ଜବତ କରିବା ସହିତ ୩ ଜଣ ଘେରି ମାଲିକଙ୍କୁ ଉଠାଇ ଆଣି ପଚରାଉଚରା କରିଥିବା ଜଣାପଡିଛି। ଚଢ଼ାଉ ସମୟରେ ଅନ୍ୟ ୩ ଜଣ ଘେରି ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଲାଇଟ୍ ଚୋରିରେ ସମ୍ପୃକ୍ତ ଯୁବକଙ୍କଠାରୁ ଘେରି ମାଲିକମାନେ ଚୋରି ଲାଇଟ୍ କିଣିଥିବା ପ୍ରକାଶ କରିଛନ୍ତି। ଏହି ଘଟଣାରେ ଗୋଟିଏ ବଡ଼ ଗୋଷ୍ଠୀ ସମ୍ପୃକ୍ତ ଥିବା ଜଣାପଡ଼ିଥିବାବେଳେ ପୋଲିସ ଏବେ କାହାରିକୁ ଗିରଫ କରିନାହିଁ। ଗୋଟିଏ ଷ୍ଟ୍ରିଟ୍ ଲାଇଟ୍‌ର ମୂଲ୍ୟ ୧୦ହଜାର ଟଙ୍କାରୁ ଅଧିକ ହୋଇଥିବାରୁ କୋଣାର୍କ ଏନ୍‌ଏସିକୁ ଏହି ଘଟଣାରେ ୫ ଲକ୍ଷରୁ ଅଧିକ ଟଙ୍କା କ୍ଷତି ସହିବାକୁ ପଡ଼ିଛି। ଚଢ଼ାଉ ସମୟରେ ପୋଲିସ ଫୋର୍ସ ସମେତ କୋଣାର୍କ ଥାନା ଏସ୍‌ଆଇ ଅଶୋକ ଦାଶ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ମିଶ୍ର, ଯନ୍ତ୍ରୀ ଜଗଦୀଶ ନାୟକ ଉପସ୍ଥିତ ଥିଲେ।

# ଟୁଇଟରରେ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ପ୍ରଦ୍ୟୁମ୍ନ

କୃଷ୍ଣପ୍ରସାଦ,୩।୫(ଡି.ଏନ୍.ଏ.)

୫-ଟି ଓ ମୋ ସରକାରର ସଫଳ ରୂପାୟନ ଫଳରେ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। କିନ୍ତୁ ସଚେତନତାର ଅଭାବ ଯୋଗୁ ପୁରୀ ଜିଲାର ଚିଲିକା ଟାପୁ ମଧ୍ୟରେ ଥିବା କୃଷ୍ଣପ୍ରସାଦ ଲୋକେ ଯୋଜନାର ସୁବିଧା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ଟୁଇଟର ଜରିଆରେ ସରକାରଙ୍କ ନିକଟରେ ଉପସ୍ଥାପନ କରି ତାହାର ସମାଧାନ କରୁଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ। ପୁରୀ, ଗଞ୍ଜାମ, ନୟାଗଡ଼, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର ଅଧିବାସୀଙ୍କୁ ଟୁଇଟ ଜରିଆରେ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ସମସ୍ୟା ଟୁଇଟ କରି ସମାଧାନ କରିବାରେ ସଫଳ ହୋଇଛନ୍ତି।



ପୁରୀ ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ଶ୍ରମିକ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ।

# ସତ୍ୟବାଦୀ ବିଦ୍ୟାଳୟ ଛାତରୁ ପୁଣି ପ୍ଲାଷ୍ଟର ଖସିଲା

## ୨ ମାସରେ ୨ଥର ପ୍ଲାଷ୍ଟର ଖସିଲାଣି

ସାକ୍ଷୀଗୋପାଳ, ୩।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଗୃହ ଛାତରୁ ବୁଧବାର ପୁଣି ପ୍ଲାଷ୍ଟର ଖସିଛି। ପ୍ଲାଷ୍ଟର ଖଣ୍ଡଟି ସନ୍ଧ୍ୟା ସମୟରେ ଖସିଥିବାରୁ ସେ ସମୟରେ କେହି ସେଠାରେ ନ ଥିଲେ। ଫଳରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଏହାକୁ ମିଶାଇ ଦୁଇଥର ଏହି ସ୍ମାର୍ଟ ସ୍କୁଲରୁ ପ୍ଲାଷ୍ଟର ଖସିଥିବାରୁ ରାଜ୍ୟ ସରକାରଙ୍କ ୫- ଟି କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି। ପ୍ରକାଶଥାଉ କି, ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ବିଦ୍ୟାଳୟ ଭାବେ ୫-ଟିରେ ଅନ୍ତର୍ଭୁକ୍ତ ହେବା ସତ୍ତ୍ୱେ ବିପଦପୂର୍ଣ୍ଣ ଅବସ୍ଥାରେ ଶିକ୍ଷାଦାନ ଚାଲୁଛି। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷା ଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଜୀବନକୁ ପ୍ରଶାସନ ଗୁରୁତ୍ୱ ମନେ କରୁନାହାନ୍ତି। କୌଣସି ଅଘଟଣ ଘଟିବା ପରେ ଅଧିକାରୀ କେବଳ ବିଦ୍ୟାଳୟ ପରିଦର୍ଶନ କରି ପ୍ରତିଶ୍ରୁତି ଦେଇ ଚୁପ ରହିଯାଉଛନ୍ତି। ଫଳରେ ବାରମ୍ବାର ଏଠାରେ ପ୍ଲାଷ୍ଟର ଖସୁଥିବାରୁ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ମାର୍ଚ୍ଚ ୪ରେ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଅଫିସ ରୁମରୁ କଂକ୍ରିଟ ଖଣ୍ଡ ଖସି କିରାଣି ସୁମନ୍ତ କୁମାର ଷଡଙ୍ଗୀଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହି ଘଟଣା ଘଟିବା ପରେ ବିଡିଓ ଲୋଚନ ଦାଶ, ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ଭବମ ପ୍ରଧାନଙ୍କ ସମେତ ସ୍ଥାନୀୟ ଭାଜପା ନେତା ଦୀପକ ଶତପଥୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଡିଓ ଦାଶ କହିଥିଲେ ତୁରନ୍ତ ଏକ ବୈଷୟିକ କମିଟି ବିଦ୍ୟାଳୟକୁ ଆସି ରିପୋର୍ଟ ଦେବା ପରେ ଶୀଘ୍ର କାମ କରାଯିବ। ସେହିଭଳି ବ୍ଲକ ଶିକ୍ଷାଧିକାରୀ କହିଥିଲେ ବିଦ୍ୟାଳୟର ଏ ଅବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ୩ଟି ଚିଠି କରାଯିବା ସହ ୨ଥର ରିମାଇଣ୍ଡି ଚିଠି ଦିଆଯାଇଛି। ହେଲେ ଘଟଣାର ଦୁଇ ମାସ ବିତି ଯାଇଥିଲେ ମଧ ବିଦ୍ୟାଳୟର ଏ ପର୍ଯ୍ୟନ୍ତ ଅଧିକାରୀ କହିଥିବା କୌଣସି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଫଳରେ ବୁଧବାର ସନ୍ଧ୍ୟାରେ ବିଜ୍ଞାନ ଗୃହରେ ପ୍ଲାଷ୍ଟର ଖସିଥିଲା।


ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିଛି ।

## ରେଲୱେ ସାମଗ୍ରୀ ଚୋରି, ଅଭିଯୁକ୍ତ ଗିରଫ

**କଟକ ଅଫିସ:** ରେଲୱେ ସାମଗ୍ରୀ ଚୋରି କରିବା ଅଭିଯୋଗରେ କଟକ ଆର୍‌ପିଏଫ୍ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଣ୍ଡାପତି ଗ୍ରାମର ପରମେଶ୍ୱର ଦାସ। ତାଙ୍କ ନିକଟରୁ କେତେକ ଚୋରି ସାମଗ୍ରୀ ଜବତ କରାଯାଇଛି। ମଙ୍ଗଳବାର ରାତିରେ ଅଭିଯୁକ୍ତ ଜଣକ ରଘୁନାଥପୁର ରେଳଷ୍ଟେଶନ ଅଞ୍ଚଳରୁ ରେଲୱେ ସାମଗ୍ରୀ ଚୋରି କରୁଥିବାବେଳେ ପାଟ୍ରୋଲିଂ କରୁଥିବା ଆର୍‌ପିଏଫ୍ ହାତରେ ଧରାପଡିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୧୦/୨୩) ରୁଜୁ କରିଛି।

### ସଂକ୍ଷେପରେ

## ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ

**ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା**

**କଟକ ଅଫିସ,୩।୫:** ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ ୩ୟ ଥର ପାଇଁ ବୁଧବାର ହୋଇଛି। ଏହି ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ରହିବାରୁ ପରବର୍ତ୍ତୀ ଶୁଣାଣିରେ ପୁଣି ହେବ। ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ ଏପ୍ରିଲ ୨୬ ଓ ୨୭ ତାରିଖରେ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ପୂର୍ବରୁ ବିଧାୟକ ମୋକିମ ଓ ଦେବାଶିଷଙ୍କ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇ ସାକ୍ଷୀମାନଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି। ଆବେଦନକାରୀ ଦେବାଶିଷଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମ୍‌ଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଛନ୍ତି।

## ଚୌଦ୍ୱାରରେ ପ୍ରେସ୍ ସ୍ୱାଧୀନତା ଦିବସ

**ଚୌଦ୍ୱାର,୩।୫(ଡି.ଏନ୍.ଏ.):** ଚୌଦ୍ୱାରରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ସ୍ଥାନୀୟ କଳା ପ୍ରକାଶିନୀ କ୍ଲବରେ ଆୟୋଜିତ କାର୍ଯ୍ୟକ୍ରମରେ ଇମ୍ଫାର ଲୋକ ସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ସାମାଜିକ କର୍ମୀ ଶିବ ନାରାୟଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଖବରଦାତାମାନେ ନିର୍ଭୀକ ଭାବେ ସତ୍ୟ ଘଟଣା ଲୋକଲୋଚନକୁ ଆଣିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରେ କାର୍ଯ୍ୟରତ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

## ୪୪ କେଜି ଗଞ୍ଜେଇ ଜବତ, ୩ ଗିରଫ

**କଟକ ଅଫିସ,୩।୫:** ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଗୋଲେଇ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୪ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ଏହି କାରବାରରେ ଜଡ଼ିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗଞ୍ଜାମର ପ୍ରମୋଦ ବେହେରା, ନୟାଗଡ଼ର ବାବୁଲ ବେହେରା ଓ ଜଗତ୍‌ସିଂହପୁରର ଓମ୍‌କାର ନାୟକ। ଏହି ଗଞ୍ଜେଇ ବ୍ରହ୍ମପୁରରୁ ବାଲେଶ୍ୱରକୁ ଚାଲାଣ ହେଉଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୭୦/୨୩-୨୪) ରୁଜୁ ହୋଇଛି। ଅବକାରୀ ଡିଏସ୍‌ପି ପ୍ରତାପ କୁମାର ଦାସ, ଇନ୍ସପେକ୍ଟର ସତ୍ୟଜିତ ଖଟୁଆଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ନର୍ସିଂହୋମ୍ ସିଲ୍, ଡାଇଗ୍ନୋଷ୍ଟିକ୍ ସେଣ୍ଟରକୁ ଜରିମାନା

**ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗର ଚଢ଼ାଉ**

■ ୭ ଦିନ ମଧ୍ୟରେ କାଗଜପତ୍ର ଦାଖଲ ନିର୍ଦ୍ଦେଶ

କଟକ ଅଫିସ,୩।୫

କଟକ ମହାନଗର ନିଗମ(ସିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ବୁଧବାର ମଙ୍ଗଳାବାଗ ଅଞ୍ଚଳର ଦୁଇଟି ନର୍ସିଂହୋମ୍ ଓ ଗୋଟିଏ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଉପରେ ଚଢ଼ାଉ କରାଯାଇଛି। ନିୟମ ଉଲ୍ଲଂଘନ କରି ବ୍ୟବସାୟ କରିବା, କାଗଜପତ୍ର ନଥିବା ଏବଂ ପାର୍କିଂ ସ୍ଥାନ ନଥିବାରୁ ଉର୍ମିଳା ନର୍ସିଂହୋମ୍‌କୁ ସିଲ୍ କରାଯାଇଛି। ସେହିପରି ସାଇ ଜୀବନ ନାମକ ଅନ୍ୟ ଏକ ନର୍ସିଂହୋମ୍‌ଠାରୁ ୪୦ ହଜାର ଜରିମାନା, ନ୍ୟୁ ଲାଇଫ୍ କେୟାର ପଲ୍ଲୀ କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍‌ଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଉପରୋକ୍ତ ବ୍ୟବସାୟିକ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ୭ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

ସହରରେ କେତେକ ନର୍ସିଂହୋମ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ବେଆଇନ ଭାବେ ବ୍ୟବସାୟ କରୁଥିବା ସଂକ୍ରାନ୍ତରେ ଖବର ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ସତ୍ୟବ୍ରତ ଛୋଟରାୟ ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଫଳରେ ବୁଧବାର ପୂର୍ବାହ୍ନରେ ଉପରୋକ୍ତ ସଂସ୍ଥା ଉପରେ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଉକ୍ତ ସଂସ୍ଥା ନିକଟରେ ଏନ୍‌ଓସି, ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍, ଲ୍ୟାଣ୍ଡ ଏଗ୍ରିମେଣ୍ଟ, ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟିକସ ରସିଦ୍, ପାର୍କିଂ ସ୍ଥାନ ନ ଥିବାବେଳେ ସୁରକ୍ଷା ସଂକ୍ରାନ୍ତ ଆଇନ ଉଲ୍ଲଂଘନ କରିଥିବା ଜଣାପଡିଥିଲା। ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ରାଜସ୍ୱ ବିଭାଗ ଡେପୁଟି କମିଶନର ଅମିୟ କୁମାର ପଣ୍ଡା, ସିଟି ହେଲ୍‌ଥ ଅଫିସର ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଇନ୍‌ଚାର୍ଜ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ହୋଲ୍ଡିଂଟ୍ୟାକ୍ସ ଟିମ୍, ଲାଇସେନ୍ସ ବିଭାଗ ଟିମ୍ ସହ ଅନ୍ୟମାନେ ସାମିଲ ହୋଇଥିଲେ।


ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ନର୍ସିଂହୋମ୍ ଉପରେ ଚଢ଼ାଉ କରାଯାଉଛି।


୫-ଟି ହାଇସ୍କୁଲ ରୂପାନ୍ତରୀକରଣର ଅବ୍ୟବହିତ ପୂର୍ବରୁ କଟକ ରାଜାବଗିଚା ସିଟି ହାଇସ୍କୁଲର ନୂଆ ପାଚେରିକୁ ଜଣେ ଶିଳ୍ପୀ ଚିତ୍ରିତ କରୁଛନ୍ତି।

# ସିଡିଏରେ ସାମିଲ ହେଲା ୧୪୫ ରାଜସ୍ୱ ଗ୍ରାମ

କଟକ ଅଫିସ,୩।୫

କଟକ ସହରର ଉନ୍ନୟନ ପାଇଁ କାର୍ଯ୍ୟ କରୁଥିବା କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ପରିସୀମା ଏବେ ବୃଦ୍ଧି ପାଇଛି। ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଙ୍ଗଳବାର ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସହରର ଆଖପାଖରେ ଥିବା ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସାମିଲ ହୋଇଥିବା ଉକ୍ତ ଅଞ୍ଚଳଗୁଡିକ ସିଡିଏ ଅଧୀନକୁ ଯିବା ପରେ ସେଠାକାର ଉନ୍ନୟନମୂଳକ କାର୍ଯ୍ୟ ଯଥା-ରାସ୍ତାଘାଟ, ଭିତ୍ତିଭୂମି, ପାର୍କ, ଗୋଷ୍ଠୀ କେନ୍ଦ୍ର, ଜମି ଆବଣ୍ଟନ, ଗୃହ ନିର୍ମାଣ ଆଦି କାର୍ଯ୍ୟ ସିଡିଏ ଦ୍ୱାରା କରାଯିବ। ଏତଦ୍‌ବ୍ୟତୀତ ଏହିସବୁ ଅଞ୍ଚଳରୁ ସିଡିଏ ଜମିଜମା ରେଜିଷ୍ଟ୍ରେଶନ ବାବଦ ଷ୍ଟାମ୍ପ ଡ୍ୟୁଟି, ପ୍ଲାନ୍ ଆପ୍ରୁଭାଲ, ପ୍ଲଟ୍ ଡେଭଲପମେଣ୍ଟ ସ୍କିମ୍, ହାଉସିଂ କଲୋନୀ ଇତ୍ୟାଦିରୁ ରାଜସ୍ୱ ପାଇବ। ଉକ୍ତ ୧୪୫ଟି ରାଜସ୍ୱ ଗ୍ରାମ କଟକ ସଦର ତହସିଲ, ବାରଙ୍ଗ, କଣ୍ଟାପଡା, ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ଚୌଦ୍ୱାର, ଆଠଗଡ, ଡମପଡା ଓ ସାଲେପୁର ତହସିଲ ଅଞ୍ଚଳର ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ପ୍ରକାଶଥାଉ କି, ୨୦୨୨ରେ ସିଡିଏ ଅଧୀନରେ ଉପରୋକ୍ତ ଅଞ୍ଚଳଗୁଡିକୁ ସାମିଲ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଯାଇଥିଲା। ଏନେଇ ଅଭିଯୋଗ/ପରାମର୍ଶ ଦାଖଲ କରିବା ପାଇଁ ମଧ୍ୟ ୧ ମାସ ସମୟ ଦିଆଯାଇଥିଲା। ପରେ ସେସବୁ ଗ୍ରହଣ କରାଯାଇ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ବାର୍‌ହା ଉପଦ୍ରବ, ଲୋକେ ଭୟଭୀତ

ଫୁଲନଖରା,୩।୫(ଡି.ଏନ୍.ଏ.)

କଟକ ମହାନଗର ନିଗମ ଅନ୍ତର୍ଗତ ୫୮ନଂ. ୱାର୍ଡର ନୂଆଗଡ଼ ଗ୍ରାମରେ କିଛିଦିନ ହେବ ଏକ ଜଙ୍ଗଲୀ ବାର୍‌ହା ଉପଦ୍ରବ ଦେଖିବାକୁ ମିଳିଛି। ବାର୍‌ହା ଆକ୍ରମଣରେ ଏକାଧିକ ଗୃହପାଳିତ ପ୍ରାଣୀ ଆହତ ହୋଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସନ୍ଧ୍ୟା ହେଲେ ଗ୍ରାମର ଯୁବକମାନେ ଠେଙ୍ଗା ଧରି ନଦୀବନ୍ଧରେ ଜଗି ରହୁଛନ୍ତି। ତେବେ ବାର୍‌ହାଟି ଗ୍ରାମ୍ୟ ଜଙ୍ଗଲରେ ଏକ ଗାତ ଖୋଳି ରହିବା ଜଣାପଡିବାରୁ ଫୁଲନଖରା ବନ ବିଭାଗର ଏକ ଟିମ୍ ସେଠାରେ ଯନ୍ତା ବସାଇଛି। ହେଲେ ବାର୍‌ହା ଧରାପଡି ନ ଥିବା ଜଣାପଡିଛି।

## ବଡ଼ ଭଉଣୀ ଆଣିଲେ ହତ୍ୟା ଅଭିଯୋଗ

**ମହିଳାଙ୍କ ମୃତଦେହ ଜବତ**

କଟକ ସଦର,୩।୫(ଡି.ଏନ୍.ଏ.)

କିଶନ ନଗର ଥାନା ଅନ୍ତର୍ଗତ ବାବୁଜଙ୍ଗ (ମହାନ୍ତି ସାହି)ର ଏକ ଘରୁ ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି ନାମ୍ନୀ ମହିଳାଙ୍କ ମୃତଦେହକୁ ବୁଧବାର ସକାଳେ ପୋଲିସ ଜବତ କରିଛି। ଯୌତୁକ ଯୋଗୁ ଶାଶୁଘର ଲୋକେ ତାଙ୍କୁ ମାରିଦେଇଥିବା ଇନ୍ଦିରାଙ୍କ ବଡ଼ ଭଉଣୀ ନେମାଳ ଥାନା ଅନ୍ତର୍ଗତ ନାହଳପୁର ଗ୍ରାମର ବର୍ଷା ମହାପାତ୍ର ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା(ନଂ.୭୯/୨୩) ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନା ପଠାଯାଇଥିଲା। ଏହି ଘଟଣାରେ ଇନ୍ଦିରାଙ୍କ ଶଶୁରଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ବାବୁଜଙ୍ଗ ଗ୍ରାମର ଆଶୁତୋଷ ମହାନ୍ତିଙ୍କୁ ୨୦୧୭ରେ ଇନ୍ଦିରା ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଅଧିକ ଯୌତୁକ ଆଣିବା ପାଇଁ ଦାବି କରି ଇନ୍ଦିରାଙ୍କୁ ନିର୍ଯାତନା ଦେଉଥିଲେ। ବୁଧବାର ସକାଳେ ଇନ୍ଦିରା ବେକରେ ଶାଢି ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକେ ବର୍ଷାଙ୍କୁ ଜଣାଇଥିଲେ। ବର୍ଷା ଘଟଣାସ୍ଥଳରେ ପହଞ୍ଚିବାବେଳକୁ ଇନ୍ଦିରାଙ୍କ ମୃତଦେହ ଚଟାଣରେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ଥାନାଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ଇନ୍ଦିରାଙ୍କ ସ୍ୱାମୀ ସାଉଦିଆରବରେ ଚାକିରି କରୁଛନ୍ତି।

# ସହରରୁ କମ୍ ସମୟରେ ବର୍ଷାଜଳ ନିଷ୍କାସନ ହେବ

**ବକ୍ସ ଡ୍ରେନ୍ କାର୍ଯ୍ୟ ତଦାରଖ କଲେ ମେୟର, କମିଶନର**

କଟକ ଅଫିସ,୩।୫

ଆଗାମୀ ଦିନରେ ବକ୍ସ ଡ୍ରେନ୍ ଯାତାୟାତର ମୁଖ୍ୟ ମାଧ୍ୟମ ସାଜିବ। ଏଥିପାଇଁ ୪୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କଟକ ସହରରେ ବର୍ଷାଜଳ ଖୁବ୍ କମ୍ ସମୟରେ ନିଷ୍କାସନ ହୋଇଯିବ ବୋଲି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବୁଧବାର ମେୟର ସିଂ ଓ କମିଶନର ନିଖିଲ ପୱନ କଲ୍ୟାଣ ସ୍ଥାନୀୟ ପଚ୍ଚାପୋଲ, ବାରପଥର ନିକଟରେ ବକ୍ସ ଡ୍ରେନ୍ କାର୍ଯ୍ୟ ତଦାରଖ କରିବା ସହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଶେଷକରି ବର୍ଷା ଦିନେ ଡ୍ରେନ୍ କାର୍ଯ୍ୟକୁ ନେଇ ଜନସାଧାରଣ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ଧ୍ୟାନ ଦେବାକୁ ଉଭୟେ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ସେମାନେ ମେରିଆବଜାର ଅଞ୍ଚଳ ପରିଦର୍ଶନ କରିବା ସହ ବକ୍ସିବଜାର ବାଙ୍କାବଜାର ରୋଡରେ ପହଞ୍ଚି ବକ୍ସ ଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ବର୍ଷା ଦିନେ ମୁଖ୍ୟ ଡ୍ରେନ୍ ସ୍ରୋତ ଯେପରି ବାଧାପ୍ରାପ୍ତ ନ ହେବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ସେମାନେ ନିର୍ଦ୍ଦେଶ ଦେଇଥିଲେ। ଲଘୁଚାପଜନିତ ଲଗାଣ ବର୍ଷା, ପବନ ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ପ୍ରଶାସନ ଯଥେଷ୍ଟ ସଜାଗ ରହିଛି ବୋଲି କମିଶନର କହିଛନ୍ତି। ଏଥିସହ ସିଏମ୍‌ସି, ୱାଟ୍‌କୋ, ଜାଇକା ସମେତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସମସ୍ୟାଗୁଡିକର ତୁରନ୍ତ ସମାଧାନ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।


ସିଏମ୍‌ସି ମେୟର, କମିଶନର ବକ୍ସ ଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ଚୌଦ୍ୱାର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଚୌଦ୍ୱାର,୩।୫(ଡି.ଏନ୍.ଏ.)

ଚୌଦ୍ୱାର ରୂପଯାତ୍ରା ପଡ଼ିଆରେ ଅନୁଷ୍ଠିତ ଚୌଦ୍ୱାର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଟିମ୍ ଭାଗ ନେଇଥିବାବେଳେ ୩୪ଟି ମ୍ୟାଚ୍ ଖେଳା ଯାଇଥିଲା। ଚୌଦ୍ୱାର ନାଇଟ୍ ରାଇଡର ଓ ବ୍ଲାଷ୍ଟର ଟିମ୍ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଅମୀମାଂସିତ ରହିବାରୁ ସୁପରଓଭର ମ୍ୟାଚ ଖେଳାଯାଇଥିଲା। ଏଥିରେ ଚୌଦ୍ୱାର ନାଇଟ୍ ରାଇଡରକୁ ବିଜୟୀ ଘୋଷିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଇମ୍ଫାର ଉପସଭାପତି ବିନୟ କୁମାର ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ଖେଳାଳିମାନଙ୍କୁ ଚାମ୍ପିୟନ୍ ଟ୍ରଫି ସହ ୪୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ବ୍ଲାଷ୍ଟର ଟିମ୍‌କୁ ରନର୍ସ ଅପ୍ କପ୍ ସହିତ ୩୦ ହଜାର ଟଙ୍କା ଓ ଶୃଙ୍ଖଳିତ ଟିମ୍ ଭାବେ ଚୌଦ୍ୱାର ସନ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଇମ୍ଫାର ଜନ ସମ୍ପର୍କ ଡିଜିଏମ୍ ଧ୍ରୁବ ଚରଣ ରାଉତ, ପ୍ରିମିୟର ଲିଗ୍ ସଭାପତି ନରେଶ ସାହୁ, କାର୍ଯ୍ୟକାରୀ ସଭାପତି ଅଜିତ୍ କୁମାର ସାହୁ ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ରଙ୍କ ପ୍ରତିଭା ଉନ୍ମେଷ ଉପରେ ଗୁରୁତ୍ୱ


ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

**ଡ୍ରିମ୍‌ସରେ ଆନ୍ତଃ ମହାବିଦ୍ୟାଳୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ**

କଟକ ଅଫିସ, ୩।୫

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ମ୍ୟାନେଜମେଣ୍ଟ ଉଇଙ୍ଗ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ଡ୍ରିମ୍‌ସ ଓ ପଦ୍ମିନୀ କେୟାର ହସ୍ପିଟାଲର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ଅବସରରେ ଶିକ୍ଷା ଗ୍ରହଣ ବ୍ୟତୀତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଉନ୍ମେଷ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଯୋଗଦେଇ ଏଭଳି ପ୍ରତିଯୋଗିତା ଆୟୋଜନ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣାଦାୟକ ବୋଲି କହିଥିଲେ। ଅଧ୍ୟକ୍ଷ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. କଲ୍ୟାଣ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ କେ.ଆର. ସିଂ, ପ୍ରାଧ୍ୟାପିକା ପ୍ରତୀକ୍ଷା ତ୍ରିପାଠୀ, ଡ. ପ୍ରଣିତା ସାହୁ, ଡ. ଶ୍ୱେତପଦ୍ମା ଦାସ, ବିକଶିତା ମହାନ୍ତି, ଶିବଚରଣ ବାରିକ, ସବ୍ୟସାଚୀ ବାରିକ, ଚନ୍ଦନ କୁମାର ବାରିକ, ଦୁର୍ଗାପ୍ରସାଦ ନାୟକ, ବଳରାମ ରାଉତ, ସନ୍ତୋଷ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ ବାଦାମବାଡ଼ି ମୁଖ୍ୟ ରାସ୍ତାରେ ଜଳୁ ନ ଥିବା ଷ୍ଟ୍ରିଟ୍ ଲାଇଟ୍।

# ରାଜପଥରୁ ୪ ଲେନ୍ ରାସ୍ତାରେ ଆସିବେ ଯାତ୍ରୀ

**କଟକ ରେଳଷ୍ଟେଶନ ପୂର୍ବପାର୍ଶ୍ୱ ନବୀକରଣ**

କଟକ ଅଫିସ,୩।୫

କଟକ ରେଳଷ୍ଟେଶନର ପୂର୍ବପାର୍ଶ୍ୱ ଫାଟକ ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଣିକି ୧୬ ନଂ. ଜାତୀୟ ରାଜପଥଠାରୁ ରେଳଷ୍ଟେଶନକୁ ପୂର୍ବପାର୍ଶ୍ୱ ଫାଟକ ଦେଇ ସିଧାସଳଖ ଯାତ୍ରୀ ଆସିବେ। ଏଥିପାଇଁ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଜଣାପଡିଛି। ପ୍ରଶାସନର ସୂଚନା ଅନୁଯାୟୀ, କଟକ ରେଳଷ୍ଟେଶନର ପୂର୍ବପାର୍ଶ୍ୱ ଫାଟକ ଯାଏ ସିଧା ରାସ୍ତା ନିର୍ମାଣ ନିମନ୍ତେ ଦୀର୍ଘଦିନ ଧରି ରହିଥିବା ସମସ୍ୟାର ଅନ୍ତ ଘଟିଛି। ପ୍ରଶାସନର ତତ୍ପରତା ଯୋଗୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏହି କାର୍ଯ୍ୟ ୧ ମାସ ମଧ୍ୟରେ ଶେଷ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ କଟକ ବାହାରୁ ଆସୁଥିବା ରେଳଯାତ୍ରୀମାନେ ସିଧାସଳଖ ଷ୍ଟେଶନ ମଧ୍ୟକୁ ପ୍ରବେଶ କରିବା ସୁଗମ ହେବ। ଏତଦ୍‌ବ୍ୟତୀତ ଗଣ୍ଡରପୁର, ଜଗତ୍‌ପୁର, ଶିଖରପୁର, କଟକ ସଦର, ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ଅଞ୍ଚଳର ଲୋକମାନେ ଯାନିଯାତ୍ରା ସମୟରେ ଏହି ରାସ୍ତାରେ ଅନାୟାସରେ ଯାତାୟାତ କରିପାରିବେ। ଜିଲାପାଳ ଚୟନୀ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ, କଟକ ରେଳଷ୍ଟେଶନ ଜାତୀୟ ରାଜପଥର ଖୁବ୍ ନିକଟରେ ଅବସ୍ଥିତ। ପୂର୍ବରୁ ଜାତୀୟ ରାଜପଥ ସହ କୌଣସି ସଂଯୋଗୀ ରାସ୍ତା ରେଳଷ୍ଟେଶନର ପୂର୍ବ ଫାଟକକୁ ସଂଯୋଗ କରୁ ନ ଥିଲା। ଫଳରେ ଯାତ୍ରୀମାନେ ଓଏମ୍‌ପି ଛକ ଦେଇ ଏକ ଅଣଓସାରିଆ ରାସ୍ତାରେ ଷ୍ଟେଶନକୁ ପ୍ରବେଶ କରୁଥିଲେ। ଉକ୍ତ ରାସ୍ତା ଯାତାୟାତ ପାଇଁ ସୁବିଧାଜନକ ନ ଥିବାରୁ ଅଧିକାଂଶ ଲୋକ ପଶ୍ଚିମ ପାର୍ଶ୍ୱ ଫାଟକ ଦେଇ ଯିବାକୁ ପସନ୍ଦ କରୁଥିଲେ। ତେବେ ଗତବର୍ଷଠାରୁ ଆରମ୍ଭ ହୋଇଥିବା ପ୍ରବେଶ ପଥର ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ତୁରନ୍ତ ରାଜପଥକୁ ସଂଯୋଗୀ ରାସ୍ତାର ଆବଶ୍ୟକତା ରହିଥିଲା। ହେଲେ ଜମି ଅଧିଗ୍ରହଣ ହୋଇପାରି ନ ଥିବାରୁ ଜାତୀୟ ରାଜପଥକୁ ସଂଯୋଗୀ ରାସ୍ତା ନିର୍ମାଣ ହୋଇପାରୁ ନ ଥିଲା। ଏହି ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ ମଙ୍ଗଳବାରଠାରୁ ସେଠାରେ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ତ୍ୱରିତ ପଦକ୍ଷେପ ନେଇଛି। ତେବେ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ଚୟନୀ ପୂର୍ତ୍ତ ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲାପାଳ କହିଛନ୍ତି, ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସର୍ବସାଧାରଣ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ଦିଗରେ ପ୍ରଶାସନ ଗୁରୁତ୍ୱାରୋପ କରିଆସୁଛି। ସମ୍ପୃକ୍ତ ଅଞ୍ଚଳର ଲୋକମାନଙ୍କ ସହଯୋଗରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇଥିବାବେଳେ ଖୁବ୍‌ଶୀଘ୍ର ଏହି ରାସ୍ତାରେ ଲୋକେ ରେଳଷ୍ଟେଶନକୁ ଯାତାୟାତ କରିପାରିବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ମେ, ୨୦୨୩



**୪୪ କେଜି ଗଞ୍ଜେଇ ଜବତ, ୩ ଗିରଫ**

କଟକ ଅଫିସ: ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୁଳିଆ ଗୋଲେଇ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୪ କେଜି ଗଞ୍ଜେଇ ଓ ଏକ କାର ଜବତ କରାଯାଇଛି। ଏହି କାରବାରରେ ଜଡ଼ିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗଞ୍ଜାମର ପ୍ରମୋଦ ବେହେରା, ନୟାଗଡ଼ର ବାବୁଲ ବେହେରା ଓ ଜଗତ୍‌ସିଂହପୁରର ଓମ୍‌କାର ନାୟକ। ଏହି ଗଞ୍ଜେଇ ବ୍ରହ୍ମପୁରରୁ ବାଲେଶ୍ୱରକୁ ଚାଲାଣ ହେଉଥିଲା। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ. ୭୦/୨୩-୨୪) ରୁଜୁ ହୋଇଛି। ଅବକାରୀ ଡିଏସ୍‌ପି ପ୍ରତାପ କୁମାର ଦାସ, ଇନ୍ସପେକ୍ଟର ସତ୍ୟଜିତ ଖଟୁଆଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।






ବୁଧବାର ଅପରାହ୍ନରେ ରାଜଧାନୀ ଭୁବନେଶ୍ୱରରେ ହୋଇଥିବା ବର୍ଷାରେ ଜଳମଗ୍ନ ବମିଖାଲ-ରସୁଲଗଡ଼ ରାସ୍ତାରେ ଫସି ରହିଥିବା ଗାଡ଼ି ମୋଟର।



ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଜମିଥିବା ବର୍ଷାପାଣିରେ ଯାନବାହନ ଚଳାଚଳ କରୁଛି। (ଫଟୋ: ବିକାଶ)

## ସଂକ୍ଷେପରେ

### ଆଜି ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୩।୫(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମସି) ପକ୍ଷରୁ ଗୁରୁବାର ପ୍ରସ୍ତୁତି ବୈଠକ ବସିବ। ବୈଠକରେ ବାତ୍ୟା ମୁକାବିଲା ନେଇ ଆଲୋଚନା ସହ ବିଭିନ୍ନ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯିବ। ବିପଦ ସଂକୁଳ ଅବସ୍ଥାରେ ଥିବା ପରିବାରକୁ ସ୍ଥାନାନ୍ତରଣ, ଜରୁରୀକାଳୀନ ସୁବିଧା ସୁନିଶ୍ଚିତ କରିବା ଆଦି ଦିଗରେ ଆଲୋଚନା ହେବ। ଏନେଇ ପ୍ରତି ୱାର୍ଡରେ ୱାର୍ଡବାସୀଙ୍କ ସୁରକ୍ଷାକୁ ଦୃଷ୍ଟି ରଖି ୱାର୍ଡ ଅଫିସର ଓ କର୍ପୋରେଟରଙ୍କ ଠାରୁ ମତ ନିଆଯିବ। ସେହିପରି ବାତ୍ୟା ପରବର୍ତ୍ତୀ ସମସ୍ୟାର କିପରି ସମାଧାନ କରାଯାଇପାରିବ ସେ ନେଇ ନିଷ୍ପତ୍ତି ନିଆଯିବ। ସେହିପରି ଜରୁରୀକାଳୀନ ପରିସ୍ଥିତିରେ ଲୋକମାନେ କିପରି ସହାୟତା ପାଇଁ ଯୋଗଯୋଗ କରିବେ ସେ ସମ୍ପର୍କରେ ଆଲୋଚନା କରାଯିବା ପରେ ଲୋକଙ୍କୁ ଏ ଦିଗରେ ସଚେତନ କରିଯିବା ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

### ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟଗ୍ରହଣ ଅସମ୍ପୂର୍ଣ୍ଣ

**ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲା**

**କଟକ ଅଫିସ,୩।୫:** ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ଆବେଦନକାରୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ ୩ୟ ଥର ପାଇଁ ବୁଧବାର ହୋଇଛି। ଏହି ସାକ୍ଷ୍ୟ ଗ୍ରହଣ ଅସମ୍ପୂର୍ଣ୍ଣ ରହିବାରୁ ପରବର୍ତ୍ତୀ ଶୁଣାଣିରେ ପୁଣି ହେବ। ରିଟର୍ନିଂ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ ଏପ୍ରିଲ ୨୬ ଓ ୨୭ ତାରିଖରେ ହୋଇଥିଲା। ବିଚାରପତି ସଙ୍ଗମ କୁମାର ସାହୁଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ସୂଚନାଯୋଗ୍ୟ, ଗତ ବିଧାନସଭା ନିର୍ବାଚନରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ବିଜୟୀ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା କରିଥିବା ନେଇ ହାଇକୋର୍ଟରେ ଏକ ମାମଲା ଦାଏର କରିଥିଲେ। ପୂର୍ବରୁ ବିଧାୟକ ମୋକିମ ଓ ଦେବାଶିଷଙ୍କ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇ ସାକ୍ଷୀମାନଙ୍କ ସାକ୍ଷ୍ୟ ଗ୍ରହଣ ଚାଲିଛି।

# ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

**ଭୁବନେଶ୍ୱର,୩।୫**

ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସହଯୋଗୀ ସଂସ୍ଥା ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ଚଳିତ ବର୍ଷର ସାବିତ୍ରୀ ବ୍ରତ ଉପଲକ୍ଷେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୩ ଆରମ୍ଭ ହୋଇଛି। ସ୍ଥାନୀୟ ଏକାମ୍ର ହାଟଠାରେ ଖୋଲିଥିବା ଏହି ମେଳାକୁ ବୁଧବାର ଓଡ଼ିଶା ସରକାରଙ୍କ ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବିତ କୁମାର ଆଚାର୍ଯ୍ୟ ସଭାପତି ସମ୍ବଲପୁରୀ ବସ୍ତ୍ରାଳୟ ବରଗଡ଼, ଶିଶିର କୁମାର ନାଗ ପରିଚାଳନା ନିର୍ଦ୍ଦେଶକ ସମ୍ବଲପୁରୀ ବସ୍ତ୍ରାଳୟ, ସରୋଜ କୁମାର ପଟେଲ ପରିଚାଳନା ନିର୍ଦ୍ଦେଶକ ସେରିଫେଡ୍, ଦେବଜିତ ନନ୍ଦୀ ଯୁଗ୍ମ ନିର୍ଦ୍ଦେଶକ ବୟନ ଶିଳ୍ପ ଭୁବନେଶ୍ୱର ଏବଂ ହେମନ୍ତ କୁମାର ମିଶ୍ର ବାଣିଜ୍ୟ ଅଧିକାରୀ ସମ୍ବଲପୁରୀ ବସ୍ତ୍ରାଳୟ ବରଗଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ଼, କଟକ, ସୋନପୁର, ଆଠଗଡ଼, ବାରିପଦା, ବାଲେଶ୍ୱର, ପାଟଣାଗଡ଼, ନୟାଗଡ଼, ଖୋର୍ଦ୍ଧା ଓ ବୌଦ୍ଧ ବୟନ ମଣ୍ଡଳରୁ ୩୪ଟି ତନ୍ତବାୟ ସମିତି, ଏସ୍‌ଏଚ୍‌ଜି ପୋହିର ବୁଣାକାର ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନ ଓ ବିକ୍ରୟ କରିବା ପାଇଁ ଯୋଗଦାନ କରିଛନ୍ତି। ମେ ୨୧



ଉଦ୍‌ଘାଟନ ପରେ ଅତିଥିମାନେ ଏକ ଷ୍ଟଲ୍‌ରେ ଶାଢ଼ି ଦେଖୁଛନ୍ତି।

### ଲୁଗା ଉପରେ ୧୦% ରିହାତି

ପର୍ଯ୍ୟନ୍ତ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଚାଲିବ। ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟ ସହ ୧୦% ସରକାରୀ ରିହାତିରେ କିଣିପାରିବେ। ଏହି ମେଳା ପୂର୍ବାହ୍ନ ୧୧ରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୩ ଭୁବନେଶ୍ୱରସ୍ଥିତ ଏକାମ୍ର ହାଟଠାରେ ଆୟୋଜନ କରଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ତନ୍ତବାୟ ସମିତି ଏସ୍‌ଏଚ୍‌ଜି ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧିକରି ବୁଣାକାରଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପୋହି-୨୦୨୩-୨୪ ଯୋଜନାରେ ଏହା ଅନୁଷ୍ଠିତ ହୋଇଛି।

# ୬୬ ନଂ. ୱାର୍ଡରେ ଉଠିଲା ଜାଗା ମିଶନ ପ୍ରସଙ୍ଗ

**ଭୁବନେଶ୍ୱର,୩।୫ (ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଆରମ୍ଭ ହୋଇଥିବା 'ୱାର୍ଡରେ ଦିନେ କାର୍ଯ୍ୟକ୍ରମ'ରେ ଜାଗା ମିଶନ ପ୍ରସଙ୍ଗ ଉଠିଛି। ବୁଧବାର ୱାର୍ଡ-୬୬ରେ ମେୟର ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡବାସୀ ଯୋଗ ଦେଇ ୱାର୍ଡବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି କ୍ରମରେ ୱାର୍ଡରେ ଥିବା ୭ଟି ବସ୍ତିରୁ ବସ୍ତିବାସିନ୍ଦା ଯୋଗ ଦେଇ ଜାଗା ମିଶନ ଅଧୀନରେ ଭୂମି ପ୍ରମାଣପତ୍ରକୁ ନେଇ ପ୍ରଶ୍ନ ରଖିଥିଲେ। ଏହାର ଉତ୍ତରରେ ମେୟର କହିଥିଲେ ପ୍ରକୃତ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଏହି ଭୂମି ପ୍ରମାଣପତ୍ର ଦିଆଯିବ। ଜଣେ ବି ହିତାଧିକାରୀ ଏଥିରୁ ବଞ୍ଚିତ ହେବେ ନାହିଁ ବୋଲି ମେୟର ଆଶ୍ୱାସନା ଦେଇଥିଲେ। ଅନ୍ୟପଟେ ୱାର୍ଡରେ ଥିବା ୫ଟି କମ୍ୟୁନିଟି ସେଣ୍ଟରର ବିକାଶ କରାଯିବ ବୋଲି କହିଥିଲେ। ବିଏମସି ବା ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଦାୟିତ୍ୱ ସହରବାସୀଙ୍କର ବୋଲି ସେ କହିଥିଲେ। ସେହିପରି ସଂପୃକ୍ତ ଅଞ୍ଚଳର କେତେକ ସ୍ଥାନରେ ପରିମଳରେ ଖିଲାପ କ୍ଷେତ୍ରରେ ସଫେଇ ସଂସ୍ଥାର ଅନିୟମିତତା

**'ୱାର୍ଡରେ ଦିନେ' କାର୍ଯ୍ୟକ୍ରମ**

ଅଞ୍ଚଳବାସୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ସୂଚାଇଥିଲେ। ସେହିପରି ୱାର୍ଡରେ ଥିବା କେନାଲର ପୁନରୁଦ୍ଧାର ପାଇଁ ମତ ପ୍ରକାଶ ପାଇଥିଲା। ସେହିପରି ଭଡ଼ା ସମ୍ବନ୍ଧୀୟ ସମସ୍ୟା, ଖଣ୍ଡୁଆଳ ମନ୍ଦିର ନିକଟରେ ପାର୍କ ବ୍ୟବସ୍ଥା, ଡ୍ରେନ୍ ଉପରୁ ଜବର ଦଖଲ ଉଠାଇବା, ବର୍ଜ୍ୟ ପୃଥକୀକରଣ କରି ବିଏମ୍‌ସି ସଫା ଗାଡ଼ିକୁ ଦେବା, ଆଲୋକୀକରଣ ଆଦି ଦିଗରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ କର୍ପୋରେଟର ଛବି ଦାସ, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠୀ, ଡେପୁଟି କମିଶନର ମନୋରଞ୍ଜନ ସାହୁ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ, ସହକାରୀ କମିଶନର ମୃତ୍ୟୁଞ୍ଜୟ ମହାପାତ୍ର, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ସଫେଇ ଓ ପରିମଳ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସଫେଇ କର୍ମୀ ଏବଂ ସ୍ୱଚ୍ଛ ସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ମେୟର, ଅଧିକାରୀ ଏବଂ କର୍ମଚାରୀମାନେ ୱାର୍ଡର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୬ **ବିଜ୍ଞାପନ** ତା:୦୨।୦୫।୨୦୨୩

No. CAD-439: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ନୀଳମଣି ସାହୁ<br>ପିତା: ୰ବିଶ୍ୱନାଥ ସାହୁ<br>ସା/ପୋ.: ସୀମର<br>ଥାନା: ଖୋର୍ଦ୍ଧା<br>ଜି.: ଖୋର୍ଦ୍ଧା | ଘର ନଂ. ଏଚ୍.ଆଇ.ଜି.<br>(ଡି)-ସି-୫୭-<br>HIG(D)-C-57,<br>ବରମୁଣ୍ଡା ହାଉସିଂ ବୋର୍ଡ଼<br>କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ବାସନ୍ତୀ ସାହୁ (ସ୍ତ୍ରୀ)<br>୨. ପାର୍ଥ ସାରଥୀ ସାହୁ (ପୁତ୍ର)<br>୩. ଶ୍ରାବଣୀ ସାହୁ (ବି-କନ୍ୟା)<br>୪. ଶାଶ୍ୱତୀ ସାହୁ (ବି-କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0090/2324

# ସମ୍ଭାବ୍ୟ ବାତ୍ୟା କଥା ଶୁଣି ବୋହିନେଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ: କଳାବଜାରୀ ଆଶଙ୍କା

**ଭୁବନେଶ୍ୱର,୩।୫ (ବ୍ୟୁରୋ)**

ଆସନ୍ତା ୯ ତାରିଖରେ ଓଡ଼ିଶାରେ ବାତ୍ୟା ସମ୍ଭାବନା ରହିଥିଲେ ମଧ୍ୟ ବର୍ତ୍ତମାନ ପାଇଁ ରାଜ୍ୟକୁ ପାଣିପାଗ ବିଭାଗରୁ ଏନେଇ ସତର୍କ ସୂଚନା ଜାରି କରାଯାଇନାହିଁ। ଏହାସତ୍ତ୍ୱେ ବୁଧବାର ବାତ୍ୟା ଖବର ପାଇବା ମାତ୍ରେ ରାଜଧାନୀବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଆଶଙ୍କା କରି ଲୋକମାନେ ଆଗୁଆ ସାମଗ୍ରୀ କିଣି ନେଉଥିବା ଦେଖିବାକୁ ମିଳିଥିଲା। ଏହିକ୍ରମରେ ବୁଧବାର ୧ ନଂ. ହାଟ ସମେତ ବିଭିନ୍ନ ହାଟବଜାରରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପନିପରିବା ସହ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଲୋକ ବୋହି ନେଉଥିଲେ। ସେହିପରି ସହରର ଅନ୍ୟାନ୍ୟ ବଡ଼ ବଡ଼ ମାର୍କେଟରେ ମଧ୍ୟ ଲୋକମାନେ କିଣାବିକାରେ ବ୍ୟସ୍ତ ରହିଥିଲେ। ଫଳରେ ବଜାରରେ କୃତ୍ରିମ ଅଭାବ ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଛି।

**GOVT. OF ODISHA** No. i-103
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, KANTAPADA, CUTTACK**
Phone No.: 7008045394, Email ID: ori-kantapara@nic.in
**'E' - PROCUREMENT NOTICE**
No. 02 Dated: 02.05.2023

| | | |
|---|---|---|
| 1 | Name of Work | 1. Construction of Day care sub-centre cum Health & Wellness Centre at Nodha<br>2. Construction of Day care sub-centre cum Health & Wellness Centre at Taradapada<br>3. Construction of Day care sub-centre cum Health & Wellness Centre at Patsundarpur<br>4. 1. Construction of Day care sub-centre cum Health & Wellness centre at Uradha |
| 2 | Tender Cost | Rs.28.45 Lakh |
| 3 | Class of Contractor | C & B |
| 4 | Period of Completion | 8 Months |
| 5 | Date and time of availability of bid documents in the portal | 05.05.2023 at 10.00 A.M. |
| 6 | Last date/time for receipt of bids in the portal | 19.05.2023 upto 05.00 P.M. |
| 7 | Date and time of Opening of Bid | 20.05.2023 at 11.30 A.M. |
| 8 | Name and address of the Officer Inviting Bid | Block Development Officer, Kantapada, O/o. Panchayat Samiti, Kantapada, Cuttack |

Further details can be seen from the Govt. website **www.tendersodisha.gov.in.**
**Sd./- Block Development Officer, Kantapada**
**OIPR-19292/11/0004/2324**

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
**E-mail: seec.bbsr2010@gmail.com**
**Bid Identification No. S.E.E.C. (R&B) 03/2023-24**
**No. 658** **Date: 26.04.2023**

No. B-149: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.06.05.2023 at 05.00 P.M. to Dt.20.05.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.22.05.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B) Odisha, BBSR**
**OIPR-34006/11/0006/2324**

# ସାମ୍ବାଦିକଙ୍କ ସ୍ୱାଧୀନତା, ସୁରକ୍ଷା କ୍ଷୁଣ୍ଣ ଗଣତନ୍ତ୍ର ପ୍ରତି ବିପଦ



ରାଜ୍ୟ ସ୍ତରୀୟ ବିଶ୍ୱ ପ୍ରେସ ଦିବସ କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର,୩।୫( ବ୍ୟୁରୋ)**

**ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟ ସ୍ତରୀୟ ବିଶ୍ୱ ପ୍ରେସ ଦିବସ**

ବିଶ୍ୱରେ ସାମ୍ବାଦିକଙ୍କ ସ୍ୱାଧୀନତା ଓ ସୁରକ୍ଷା କ୍ଷୁର୍ଣ୍ଣ ହେଉଛି। ଏପରି ହେଲେ ଗଣତନ୍ତ୍ର ତିଷ୍ଠିବା ଅସମ୍ଭବ। ବୁଧବାର ସୂଚନା ଭବନଠାରେ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ପାଳନ ଏବଂ ବାର୍ଷିକ ସମ୍ମିଳନୀ ଅବସରରେ ଅତିଥିମାନେ ଏହା କହିଛନ୍ତି। ଏଥି ସହିତ ସାମ୍ବାଦିକଙ୍କ କଲ୍ୟାଣ ଓ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ସଂଘର ରାଜ୍ୟ ସଭାପତି ତଥା ଭାରତୀୟ ସାମ୍ବାଦିକ ସଂଘ (ଆଇଜେୟୁ)ର ଜାତୀୟ ସମ୍ପାଦକ ଶଶୀ ଭୂଷଣ ପ୍ରହରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡ. ପ୍ରସନ୍ନ କୁମାର ପାଟଶାଣୀ, ମୁଖ୍ୟବକ୍ତା ଭାବେ 'ସମୀକ୍ଷା'ର ସମ୍ପାଦକ ଡ. ମହେଶ୍ୱର, ସମ୍ମାନିତ ଅତିଥି ଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ସଂଘର ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ବାର୍ଷିକ ବୀବରଣୀ ପାଠ କରିଥିବାବେଳେ ରାଜ୍ୟ ଉପସଭାପତି ରମଣି ରଞ୍ଜନ ଦାଶ, ଦୀପକ କୁମାର ନାୟକ, ସମ୍ପାଦକ ରାଜକିଶୋର ତ୍ରିପାଠୀ, ବାଙ୍କ ବିହାରୀ ବିଶୋଇ, ରାଜ୍ୟ ସଂଯୋଜକ ମାନସ କୁମାର ଓଝା, ମହିଳା କନଭେନର ବିଜୟଲକ୍ଷ୍ମୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରି ଆସୁଥିବା ଗଞ୍ଜାମ ଜିଲା ସଭାପତି ରବୀନ୍ଦ୍ର ପଟ୍ଟନାୟକ ଏବଂ ବୌଦ୍ଧ ଜିଲା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିଭୁଦତ୍ତ ବୋଷଙ୍କୁ 'ସଂଘ ସେବାଶ୍ରୀ ସମ୍ମାନ' ତଥା ସୁବର୍ଣ୍ଣପୁର ଜିଲା ୟୁନିଟର ମନୋରଞ୍ଜନ ତ୍ରିପାଠୀ, ମହାଦେବ ମଲ୍ଲିକ, ରାଜକିଶୋର ତ୍ରିପାଠୀ ଏବଂ ନୀଳକମଳ ମିଶ୍ରଙ୍କୁ ଦଳଗତ ସଂଘ ସେବାଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସାମ୍ବାଦିକ ଦିଲୀପ କୁମାର ପାତ୍ର ଅତିଥି ପରିଚୟ ଓ ସଂଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE CDM & PHO-CUM-DISTRICT MISSION DIRECTOR**
**District Programme Management Unit, DPMU, NHM, Dist: Balangir - 767001**
**E-mail: nhmbalangir@gmail.com**
**Advt. No. 1627/NHM/2023** **Date: 03.05.2023**
**ADVERTISEMENT**

No. E-75: Applications are invited from the eligible candidates to fill up the different vacant posts like MO Ayush (Co-located), MO Ayush under MHT, MO Ayush under Addl. MHU & Accountant-cum-DEO under NHM, Balangir. The eligibility criteria, term & conditions, vacancy, monthly remuneration & application form for the vacant post can be downloaded from the district website. Interested candidates may log on to **https://balangir.nic.in** for detail information.

Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only. The application should reach to the CDM&PHO-cum-DMD, NHM, Balangir latest by 18.05.2023 (upto 01.00 P.M.). The undersigned is not responsible for postal delay. The envelope containing the application should be super scribed with the name of the post applied for ____________, the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information. The undersigned reserves the right to cancel/reject any or all the applications without assigning any reason thereof.

**Sd./- Dr. Kuber Chandra Mahanta**
**CDM & PHO-cum-DMD, Balangir**
**OIPR-10019/11/0002/2324**

**GOVERNMENT OF ODISHA**
**OFFICE OF RURAL WATER SUPPLY & SANITATION, DIVISION, BOUDH**
**E-mail ID: rwssboudh@gmail.com**
**NATIONAL COMPETITIVE BIDDING THROUGH E-Procurement**
**Tender Identification No. 02/S.E. RWSS, Boudh of 2023-24**

No. O-105: The Superintending Engineer, RWS&S Division, Boudh on behalf of the Government of Odisha invites Percentage Rate Bids in Single Cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted online in the website **www.tendersorissa.gov.in** separately for the work.

| | | |
|---|---|---|
| 1 | Nature of work | 0.20 MLD Capacity Water Filter House |
| 2 | Estimated Cost | 25.64 lakhs |
| 3 | No. of works | 01 No. |
| 4 | Tender Cost | 6000.00 |
| 5 | Class of Contractor | "C" & "B" |
| 6 | Availability of Bid document in the website | Dt.10.05.2023, 11 hours to 17.05.2023 17 hours |
| 7 | Date of seeking clarification | During the office hours of 10.05.2023 to 15.05.2023 |
| 8 | Date of Opening Bid | Dt.18.05.2023 at 11.00 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**RWS&S Division, Boudh**
**OIPR-25039/11/0002/2324**

## ସଂକ୍ଷେପରେ

### ଫାର୍ମାସିଷ୍ଟଙ୍କ ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ

**ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ**

ସାଲେପୁର,୩।୫(ଡି.ଏନ୍.ଏ.): ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ କଲେଜ ଆଣ୍ଡ ଟେକ୍‌ନୋଲୋଜିର ୪୦ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡ. ବ୍ରଜକିଶୋର ଦାଶ ଯୋଗଦେଇ ଫାର୍ମାସିଷ୍ଟମାନଙ୍କ ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ସେବା ହିଁ ମାନବ ଜୀବନର ପରମ ଧର୍ମ। ଫାର୍ମାସିଷ୍ଟମାନେ ଆଧୁନିକ ଦୁନିଆର ଅଶ୍ୱିନୀ କୁମାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ଫାର୍ମାସିଷ୍ଟମାନଙ୍କୁ ତୃତୀୟ ଈଶ୍ୱରର ଆଖ୍ୟା ଦେବା ସହ କଲେଜର ଭିତ୍ତିଭୂମି, ବିକାଶ ପାଇଁ ପରିଚାଳନା କମିଟି ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠିତ ସଭାରେ ପରିଚାଳନା କମିଟିର ଉପସଭାପତି ପ୍ରଫେସର ଦେବୀ ପ୍ରସାଦ ଦାସ, ସମ୍ପାଦକ ରବୀନ୍ଦ୍ରନାଥ କର ଓ ପୃଥ୍ୱିବଲ୍ଲଭ ପଟ୍ଟନାୟକ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଅଧକ୍ଷ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

### ଆଠଗଡ଼ ମହୋତ୍ସବର ସମୀକ୍ଷା ବୈଠକ



ଆଠଗଡ଼,୩।୫(ସ୍ୱ.ପ୍ର.): ଆଠଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଠଗଡ଼ ମହୋତ୍ସବର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ପ୍ରିୟବ୍ରତ ଦାସ, ଟ୍ରେଜେରି ଅଧିକାରୀ, ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି. ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ଯୋଗଦେଇଥିଲେ। ପ୍ରଥମଥର ପାଇଁ ଗତବର୍ଷ ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ପ୍ରଶାସନ ଦ୍ୱାରା ଆୟୋଜନ କରାଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ବିଭିନ୍ନ କମିଟି, ସବ୍‌କମିଟି ମଧ୍ୟରେ ସମନ୍ୱୟ ଯୋଗୁ ମହୋତ୍ସବ ଆକର୍ଷଣୀୟ ହୋଇ ପାରିଥିଲା। ମହୋତ୍ସବ ପାଇଁ ବିଭିନ୍ନ ସୂତ୍ରରୁ ମୋଟ ୧୦ ଲକ୍ଷ ୮୪ ହଜାର ୯୩ ଟଙ୍କା ଆଦାୟ ହୋଇଥିଲା। ଖର୍ଚ୍ଚ ୧୦ ଲକ୍ଷ ୩୪ ହଜାର ଟଙ୍କା ହୋଇଥିଲା ବେଳେ ୫୦ ହଜାର ଟଙ୍କା ବଳକା ରହିଛି। ଉପଜିଲାପାଳ ଓ ଟ୍ରେଜେରି ଅଫିସରଙ୍କ ନାମରେ ଯୁଗ୍ମ ଆକାଉଣ୍ଟ ଖୋଲାଯାଇଛି। ଆୟବ୍ୟୟର ହିସାବ ଚାର୍ଟାର୍ଡ ଫାର୍ମ ହାଉସରୁ ହୋଇଥିଲା। ସମୀକ୍ଷା ବୈଠକରେ ମହୋତ୍ସବର ବିଭିନ୍ନ କମିଟିର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ୪ ଦିନିଆ ରିମାଣ୍ଡରେ ମୌଲାନା କୈଫି ଖାନ୍

**ଗୁପ୍ତଧନ ଆଶା ଦେଖାଇ ଟଙ୍କା ଲୁଟ୍ ମାମଲା**

- ମଙ୍ଗଳାବାଗ ଥାନାରେ ପ୍ରଥମ ଦିନ ଜେରା
- ମାନିଲେନି ଅଭିଯୁକ୍ତ

କଟକ ଅଫିସ,୩।୫

ଘରୁ ଦୁଷ୍ଟଶକ୍ତି ବାହାର କରିବା ଓ ଗୁପ୍ତଧନ ମିଳିବା ଆଶା ଦେଖାଇ ଲକ୍ଷାଧିକ ଟଙ୍କା ଠକିଥିବା କଟକ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍‌ଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି ଚୌଦ୍ୱାର ଜେଲ୍ ପଠାଇଥିଲା। ଅଧିକ ତଥ୍ୟ ହାସଲ କରିବା ଲକ୍ଷ୍ୟରେ ପୋଲିସ ବୁଧବାରଠାରୁ ତାଙ୍କୁ ୪ ଦିନିଆ ରିମାଣ୍ଡରେ ଆଣିଛି। ପ୍ରଥମ ଦିନ ଜେରାବେଳେ କୈଫି ଲୋକଙ୍କୁ ଠକି ହାତେଇଥିବା ଲକ୍ଷାଧିକ ଟଙ୍କା କେଉଁଠି ନିବେଶ କରିଛନ୍ତି ପୋଲିସ ପଚାରିଥିଲା। ହେଲେ ସେ ଏହାକୁ ଅସ୍ୱୀକାର କରିଥିଲେ। ଫଳରେ ପୋଲିସକୁ କୌଣସି ସୁଫଳ ମିଳି ନ ଥିଲା। ୨ୟ ଦିନ ଜେରାରେ ପୋଲିସ ଅଧିକ ଯତ୍ନ ସହକାରେ ଉତ୍ତର ବାହାର କରିବାକୁ ଯୋଜନା କରୁଥିବା ଜଣାପଡିଛି।



ମଙ୍ଗଳାବାଗ ଥାନାରେ ମଙ୍ଗଳବାର ଆଉ ଗୋଟିଏ ମାମଲା ରୁଜୁ ହେବା ପରେ କଟକର ବିଭିନ୍ନ ଥାନାରେ କୈଫି ନାଁରେ ମୋଟ ୫ଟି ମାମଲା ରୁଜୁ ହୋଇଛି। ୨୦୧୮ରେ ଜଗତସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଦେବୀ ମହାନ୍ତି ନାମକ ବ୍ୟକ୍ତିଙ୍କ ଘରର ବାସ୍ତୁ ଠିକ୍ କରିବା ଓ ଅନିଷ୍ଟକାରୀ ଆତ୍ମା ଘଉଡ଼ାଇବା ସହ ଦୁବାଇରୁ କସ୍ତୁରୀ ଆଣିଦେବାକୁ କହି କୈଫି ପ୍ରାୟ ୨୨ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ସେ ମଙ୍ଗଳବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଅପରପକ୍ଷରେ ବର୍ତ୍ତମାନ ସୁଦ୍ଧା କୈଫିଙ୍କର ୧୧ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯାଇଛି। ଏଥିସହ କୈଫିଙ୍କ ଶେୟାର ମାର୍କେଟର ଡି ମାର୍ଟ ଆକାଉଣ୍ଟ ଅଚଳ କରିବା ପାଇଁ ସିକ୍ୟୁରିଟାଇଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି)କୁ ଲେଖାଯାଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି। କୈଫିଙ୍କ ଅନ୍ୟ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ଡିସିପି କହିବା ସହ କୈଫିଙ୍କ ଠକେଇର ଅନ୍ୟ କେହି ଶିକାର ହୋଇଥିଲେ ମଙ୍ଗଳାବାଗ ଥାନାରେ ଏତଲା ଦେବାକୁ ନିବେଦନ କରିଛନ୍ତି।

କଟକ ରାଣୀହାଟ ଅଞ୍ଚଳର ଜଣେ ମହିଳାଙ୍କ ଘରୁ ଦୁଷ୍ଟଶକ୍ତି ତଡିଦେବା ସହ ଗୁପ୍ତଧନ ପାଇବା ଆଶା ଦେଖାଇ ୬୨ ଲକ୍ଷ ଟଙ୍କା ଠକି ନେଇଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ମଙ୍ଗଳାବାଗ ପୋଲିସ ଅଭିଯୁକ୍ତ କୈଫିଙ୍କୁ ଗିରଫ କରି ଚୌଦ୍ୱାର ଜେଲ୍ ପଠାଇଥିଲା। ଏଥିସହ ତାଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ତାଙ୍କୁ ଜେରା କରିବା ପାଇଁ ପୋଲିସ୍ ଟିମ୍ ଗଠନ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ତାଙ୍କୁ ରିମାଣ୍ଡରେ ଅଣାଯିବା ପରେ ଏସିପି ଅମିତାଭ ମହାପାତ୍ର, ଏସିପି ତାପସ ପ୍ରଧାନଙ୍କୁ ନେଇ ଗଠିତ ପୋଲିସ ଟିମ୍ ଜେରା କରିଛି।

# ଭିଡିଓ ଜାରି କରି ସ୍ପଷ୍ଟୀକରଣ ରଖିଲା କ୍ରୁଟ୍



**ଅତିରିକ୍ତ ଜିଲାପାଳଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେବା ଘଟଣା**

ଭୁବନେଶ୍ୱର,୩।୫(ବ୍ୟୁରୋ)

କଟକର ଅତିରିକ୍ତ ଜିଲାପାଳ (ଏଡିଏମ୍) ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଗାଡ଼ିକୁ ମୋ ବସ୍ ଧକ୍କା ଦେବା ପ୍ରସଙ୍ଗରେ ବୁଧବାର କ୍ୟାପିଟାଲ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ବୁଧବାର ସିସିଟିଭି ଭିଡିଓ ଜାରି କରାଯାଇ ସ୍ପଷ୍ଟୀକରଣ ରଖାଯାଇଛି। ଟୁଇଟର୍‌ରେ ଏକ ପୋଷ୍ଟର ରିପ୍ଲାଇରେ କ୍ରୁଟ୍‌ର ଆକାଉଣ୍ଟରୁ ଏହି ଭିଡିଓ ଛଡ଼ାଯାଇ ମୋ ବସ୍ ଡ୍ରାଇଭରଙ୍କ କୌଣସି ଭୁଲ ନ ଥିବା ଦର୍ଶାଯାଇଛି। ଏଥିସହ ଡ୍ରାଇଭର ନିୟନ୍ତ୍ରଣରେ ଗାଡ଼ି ଚଳାଉଥିଲେ ବୋଲି କୁହାଯାଇଛି। ଉକ୍ତ ଭିଡିଓରେ ଦେଖାଯାଉଛି, ମୋ ବସ୍ ନିର୍ଦ୍ଧାରିତ ବେଗରେ ଆଗକୁ ଯାଉଥିବାବେଳେ ଏଡିଏମ୍‌ଙ୍କ ଗାଡ଼ି ପାର୍ଶ୍ୱ ରାସ୍ତାକୁ ଦ୍ରୁତ ଗତିରେ ଯାଉଛି। ମୋ ବସ୍ ଯିବା ବେଳେ ଏଡିଏମ୍‌ଙ୍କ ଗାଡ଼ିର ପଛ ପଟ ପିଟି ହେଇ ବୁଲିଯାଉଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ଏଡିଏମ୍ ମିଶ୍ର ମଙ୍ଗଳବାର ମଧ୍ୟାହ୍ନରେ ନିଜ କାର୍ ଯୋଗେ କଟକରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରକୁ ଯାଉଥିଲେ। ତାଙ୍କ ଡ୍ରାଇଭର ଗାଡ଼ି ଚଳାଉଥିଲେ। ୟୁନିଟ-୬ ପଟୁ ଏଡିଏମ୍‌ଙ୍କ ଗାଡ଼ି ଆସୁଥିଲା। ଏହି ସମୟରେ ଭୁବନେଶ୍ୱର ରେଳଷ୍ଟେଶନରୁ ସମ୍ ହସ୍ପିଟାଲ ଯାଉଥିବା ରୁଟ ନଂ ୨୩ର ଏକ ମୋ ବସ୍ ଏଜି ଛକରୁ ଯାଉଥିଲା। ଏଡିଏମ୍‌ଙ୍କ ଗାଡ଼ି ରାଜଭବନ ଗୋଲେଇ ବୁଲି ଏୟାରପୋର୍ଟ ଆଡ଼େ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଫଳରେ ଏଡିଏମ୍‌ଙ୍କ ଗାଡ଼ି ୩ ଘେରା ବୁଲିଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଥିଲେ। ଏଥିରେ ଏଡିଏମ୍ ମିଶ୍ର ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ମୋ ବସ୍ ଡ୍ରାଇଭର ଏବଂ ଏଡିଏମ୍‌ଙ୍କ ଡ୍ରାଇଭର ପରସ୍ପର ଉପରେ ଦୋଷ ଲଦାଲଦି ହୋଇଥିଲେ। ତେବେ ଏନେଇ ଥାନାରେ କୌଣସି ଏତଲା ଦିଆଯାଇ ନ ଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି: ଲୋକାୟୁକ୍ତ ଚଢ଼ାଉ

**ତିଲକଣା ପଞ୍ଚାୟତ**



ତିଲକଣା ପଞ୍ଚାୟତ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଉଛି।

ନିଶ୍ଚିନ୍ତକୋଇଲି,୩।୫(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଦୁର୍ନୀତି ନେଇ ୨ଟି ପଞ୍ଚାୟତରେ ୨ଦିନ ହେବ ଲୋକାୟୁକ୍ତଙ୍କ ପକ୍ଷରୁ ଚଢ଼ାଉ ଜାରି ରହିଛି। ମଙ୍ଗଳବାର ନତକାଇ ପଞ୍ଚାୟତରେ ଚଢ଼ାଉ ହୋଇଥିବା ବେଳେ ବୁଧବାର ପୂର୍ବାହ୍ଣରେ ତିଲକଣା ପଞ୍ଚାୟତରେ ଚଢ଼ାଉ ହୋଇଛି। କଟକ ଲୋକାୟୁକ୍ତ କାର୍ଯ୍ୟାଳୟର ମେକାନିକାଲ ନିର୍ଦ୍ଦେଶକ ମାନଗୋବିନ୍ଦ ବିଶ୍ୱାଳଙ୍କ ନେତୃତ୍ୱରେ ଯନ୍ତ୍ରୀ ସଞ୍ଜୟ ସାହୁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ଅଧିକାରିଣୀ ମାନସୀ ମଣ୍ଡଳ ସମେତ ୩ ଜଣିଆ ଟିମ୍ ମଙ୍ଗଳବାର ନତକାଇ ପଞ୍ଚାୟତ ବାଘୁଆ ପୋଖରୀ ଖନନରେ ହୋଇଥିବା ଦୁର୍ନୀତିର ତଦନ୍ତ କରିଥିଲେ। ବୁଧବାର ତିଲକଣା ପଞ୍ଚାୟତ ଯାଇ ଜୟଗୁରୁ ମନ୍ଦିର ପରିସରରେ ଥିବା ଏକ ଜାଗା ବୁଲି ଦେଖିଥିଲେ। ସେଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହୋଇଥିବା ସ୍ଥାନୀୟ ଲୋକେ କହିଥିଲେ। ପରେ ଉଭୟ ପକ୍ଷଙ୍କ ବୟାନ ଶୁଣିଥିଲେ। ଏହି ଟିମ୍ ସହ ସହକାରୀ ନିର୍ବାହୀଯନ୍ତ୍ରୀ ସତ୍ୟରଞ୍ଜନ ପଣ୍ଡାଙ୍କ ସମେତ ଜେଇ, ଏପିଓ, ଜିଆର୍‌ଏସ୍ ଓ ଗ୍ରାମସାଥୀ ଉପସ୍ଥିତ ଥିଲେ।

# ଚୋରି ଗାଡ଼ି ଜବତ, ୪ ଅଭିଯୁକ୍ତ ଗିରଫ

**ବଡ଼ମ୍ବା ସମବାୟ ଚିନି ଶିଳ୍ପ ଲିଃରୁ ଗାଡ଼ି ଚୋରି ଅଭିଯୋଗ**



ବଡ଼ମ୍ବା,୩।୫(ଡି.ଏନ୍.ଏ.)

କଟକ ଜିଲା ବଡ଼ମ୍ବା ସୁନାପାଳସ୍ଥିତ ସମବାୟ ଚିନି ଶିଳ୍ପ ଲିଃରୁ ବୁଧବାର ମଧ୍ୟାହ୍ନରେ ଏକ ମିନି ଲୋଡର ଗାଡ଼ି ଚୋରି ହୋଇ ଅନ୍ୟତ୍ର ଟ୍ରକ୍‌ରେ ଚାଲାଣ ହେଉଥିଲା। ସ୍ଥାନୀୟ କେତେଜଣ ଲୋକଙ୍କ ଦ୍ୱାରା ଗାଡ଼ି ଧରା ପଡ଼ିଥିଲା। ଖବରପାଇ ବଡ଼ମ୍ବା ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଓ ଅନ୍ୟ କର୍ମଚାରୀ ପହଞ୍ଚି ଚୋରି ଗାଡ଼ିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ଏ ସମ୍ପର୍କରେ ବଡ଼ମ୍ବା ସମବାୟ ଚିନି ଶିଳ୍ପ ଲିଃର ପରିଚାଳନା ନିର୍ଦ୍ଦେଶକ ତଥା ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ ଆଠଗଡ଼ ମଣ୍ଡଳ ବିଜେନ୍ଦ୍ର କୁମାର ମହାନ୍ତି ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ନଂ.୧୦୮/୨୩ରେ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଚିନି ଶିଳ୍ପ ବନ୍ଦ ରହିବାଠାରୁ ବିଭିନ୍ନ ସମୟରେ ବହୁ ମୂଲ୍ୟବାନ୍ ଯନ୍ତ୍ରାଂଶ ଚୋରି ଯାଇଥିବା ନଜିର ରହିଛି। ଅନ୍ୟପକ୍ଷରେ ଉକ୍ତ ଚିନି ଶିଳ୍ପକୁ ଏକ ଘରୋଇ ସଂସ୍ଥା ନେଇଥିବା ବେଳେ ଏହାକୁ ନ ଚଳାଇ ବିଭିନ୍ନ ଆଳ ଦେଖାଇ କୋଟି କୋଟି ଟଙ୍କା ଋଣକରି ପରିଶୋଧ କରିନାହିଁ। ସମ୍ପୃକ୍ତ ବ୍ୟାଙ୍କ ଚିନି ଶିଳ୍ପର ଚଳନ୍ତି ସମ୍ପତ୍ତିକୁ ନିଲାମ କରିବାକୁ ନୋଟିସ ଜାରି କରିଛି।

# ଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଥମ ସମାବର୍ତ୍ତନ ଉତ୍ସବ

ବାରଙ୍ଗ,୩।୫(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଓସ୍ତପଡ଼ା ଗାଁରେ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ପ୍ରଥମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଅନ୍ନପୂର୍ଣ୍ଣା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ଏଥିରେ ୫ ପଞ୍ଚାୟତର ଲୋକ ପ୍ରତିନିଧି ଓ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସଂଯୋଜକ ଅଲେଖ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ତଥା ସମ୍ପାଦକ ପ୍ରଦୀପ ପାଣି ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁନନ୍ଦା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୋପୀନାଥପୁର ଶାସନର ଠାକୁରଙ୍କୁ ବିମାନ ଶୋଭାଯାତ୍ରାରେ ମଣ୍ଡପକୁ ନିଆଯାଉଛି।

ଟିଗିରିଆ,୩।୫(ଡି.ଏନ୍.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ ଗୋପୀନାଥପୁର ଶାସନରେ ପ୍ରଭୁ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ପ୍ରାୟ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ବୈଶାଖ ମାସ ତ୍ରୟୋଦଶୀ ତିଥିରେ ଆରମ୍ଭ ହେଉଥିବା ଏହି ଯଜ୍ଞ ପୂର୍ଣ୍ଣିମାରେ ପୂର୍ଣ୍ଣାହୁତି ସହ ଶେଷ ହୋଇଥାଏ। ମଙ୍ଗଳବାର ମନ୍ଦିର ପରିସର ଯଜ୍ଞ ମଣ୍ଡପରେ ଅଙ୍କୁରାରୋପଣ ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ଯଜ୍ଞର ପ୍ରଥମ ଦିବସରେ ଶ୍ରୀ ଯଜ୍ଞନାରାୟଣ ଦେବଙ୍କ ଚଳନ୍ତି ପ୍ରତିମାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଜଳ ଯାତ୍ରା, ଶାଳା ମଣ୍ଡପ ପ୍ରତିଷ୍ଠା, ଦେବତା ଆବାହନ, ସୂର୍ଯ୍ୟପୂଜା, ଘଟାର୍ଚ୍ଚନ, ଅଗ୍ନି ସ୍ଥାପନ, ବିମ୍ବ ବେଦାହୁତି ନୀତି ଅନୁଷ୍ଠିତ ହୋଇଥିଲା। ଯଜ୍ଞ ୩ ଦିନରେ ବିଶ୍ୱର ମଙ୍ଗଳ ନିମନ୍ତେ ଚଣ୍ଡୀ ଯଜ୍ଞ, ଗୀତା ଯଜ୍ଞ, ମହାରୁଦ୍ର ଯଜ୍ଞ ଅନୁଷ୍ଠିତ ହେବ ବୋଲି ଯଜ୍ଞର ଆଚାର୍ଯ୍ୟ ପଣ୍ଡିତ ଅବିନାଶ ଦାଶ ସୂଚନା ଦେଇଛନ୍ତି। ଏହି ଯଜ୍ଞରେ ବ୍ରହ୍ମା ଭାବେ ଶ୍ୟାମ ସୁନ୍ଦର ମିଶ୍ର, ପ୍ରଦୀପ କୁମାର ମିଶ୍ର, ହୃଷୀକେଶ ମିଶ୍ର, ବିମଳ କୁମାର ମିଶ୍ର, ପ୍ରଭାକର ମହାପାତ୍ର, ମନୋରଞ୍ଜନ ମିଶ୍ର, ରାଜେନ୍ଦ୍ର କୁମାର ମହାପାତ୍ର, ସନ୍ତୋଷ କୁମାର ମିଶ୍ର, ସଞ୍ଜୟ ଦାଶ, ତ୍ରିବିକ୍ରମ ଦାଶ, ଶିବପ୍ରସାଦ ଦାଶ, ଦେବରାଜ ମିଶ୍ର, କଳ୍ପତରୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମର ସମ୍ପାଦକ ପୀତବାସ ଦାଶ, ଶିକ୍ଷାବିତ୍ ନାରାୟଣ ପ୍ରସାଦ ଦାଶ ଓ ସାମାଜିକ କର୍ମୀ ଅରୁଣ କୁମାର ମିଶ୍ରଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ଜମା ଟଙ୍କା ଫେରି ପାଇବାକୁ ଧାରଣା

**ସାଲେପୁର ତହସିଲ ଅଫିସରେ ଜମାକାରୀ**



ଜମାକାରୀମାନେ ଟଙ୍କା ପାଇବା ଲାଗି ଧାରଣା ଦେଇଛନ୍ତି।

ସାଲେପୁର,୩।୫(ଡି.ଏନ୍.ଏ.)

ସାଲେପୁର ତହସିଲ ଆଗରେ ଜମା ଟଙ୍କା ଫେରି ପାଇବା ପାଇଁ ଜମାକାରୀ ଧାରଣାରେ ବୁଧବାର ବସିଛନ୍ତି। ୨୦୧୭ ମସିହାରେ ସାଲେପୁର କ୍ରେଡିଟ୍ ସୋସାଇଟି ରୋଧପୁରରେ କାର୍ଯ୍ୟ କରୁଥିଲା। ଏହି ସଂସ୍ଥାରେ ଟଙ୍କା ରଖି ଅଦ୍ୟାବଧି ଟଙ୍କା ନ ପାଇବା ଏବଂ ସୋସାଇଟି ଏଠାରୁ ପଳାଇଯିବା ଘଟଣାରେ ହିତାଧିକାରୀ ଶେଷରେ ହତାଶ ହୋଇ ସାଲେପୁର ପୋଲିସ ସମେତ ବିଭିନ୍ନ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶେଷରେ ଜମା ଟଙ୍କା ଫେରି ପାଇବା ପାଇଁ ରୋଧପୁରର ସୁଶାନ୍ତ କୁମାର ଦାସ, ସିଲାରଞ୍ଜନ ମହାନ୍ତି, ଭାଗ୍ୟଧର ମହାପାତ୍ର ପ୍ରମୁଖ ତହସିଲ ଅଫିସ୍ ଆଗରେ ଧାରଣା ଦେଇଛନ୍ତି। ଟଙ୍କା ନ ପାଇବା ପର୍ଯ୍ୟନ୍ତ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ଚାଲିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ସୁଶାନ୍ତଙ୍କ ୨ ଲକ୍ଷ, ସିଲାରଞ୍ଜନଙ୍କ ୪ ଲକ୍ଷ ଓ ଭାଗ୍ୟଧରଙ୍କ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଅଦ୍ୟାବଧି ମିଳିନାହିଁ। ଏ ସମ୍ପର୍କରେ ସମବାୟ ବିଭାଗର ରେଜିଷ୍ଟ୍ରାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଧାରଣା ଦେଉଥିବା ବ୍ୟକ୍ତିମାନେ କହିଛନ୍ତି। ଏହି ସୋସାଇଟି ଦାୟିତ୍ୱରେ ଥିବା ସାଲେପୁର ବ୍ଲକ୍‌ର ସିଇଓ କିଶୋର ସ୍ୱାଇଁଙ୍କୁ ପଚାରିବାରେ ସେ ଏନେଇ ମୁହଁ ଖୋଲୁନାହାନ୍ତି। ଫଳରେ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୬ **ବିଜ୍ଞାପନ** ତା:୦୨।୦୫।୨୦୨୩

No. CAD-439: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✝ନୀଳମଣି ସାହୁ<br>ପିତା: ✝ବିଶ୍ୱନାଥ ସାହୁ<br>ସା/ପୋ.: ସୀମର<br>ଥାନା: ଖୋର୍ଦ୍ଧା<br>ଜି.: ଖୋର୍ଦ୍ଧା | ଘର ନଂ. ଏଚ୍.ଆଇ.ଜି.<br>(ଡି)-ସି-୫୭-<br>HIG(D)-C-57,<br>ବରମୁଣ୍ଡା ହାଉସିଂ ବୋର୍ଡ<br>କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ବାସନ୍ତୀ ସାହୁ (ସ୍ତ୍ରୀ)<br>୨. ପାର୍ଥ ସାରଥୀ ସାହୁ (ପୁତ୍ର)<br>୩. ଶ୍ରାବଣୀ ସାହୁ (ବି-କନ୍ୟା)<br>୪. ଶାଶ୍ୱତୀ ସାହୁ (ବି-କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0090/2324



**GOVT. OF ODISHA** No. i-103
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, KANTAPADA, CUTTACK**
Phone No.: 7008045394, Email ID: ori-kantapara@nic.in
**'E' - PROCUREMENT NOTICE**
No. 02 Dated: 02.05.2023

| | | |
|---|---|---|
| 1 | Name of Work | 1. Construction of Day care sub-centre cum Health & Wellness Centre at Nodha<br>2. Construction of Day care sub-centre cum Health & Wellness Centre at Taradapada<br>3. Construction of Day care sub-centre cum Health & Wellness Centre at Patsundarpur<br>4. 1. Construction of Day care sub-centre cum Health & Wellness centre at Uradha |
| 2 | Tender Cost | Rs.28.45 Lakh |
| 3 | Class of Contractor | C & B |
| 4 | Period of Completion | 8 Months |
| 5 | Date and time of availability of bid documents in the portal | 05.05.2023 at 10.00 A.M. |
| 6 | Last date/time for receipt of bids in the portal | 19.05.2023 upto 05.00 P.M. |
| 7 | Date and time of Opening of Bid | 20.05.2023 at 11.30 A.M. |
| 8 | Name and address of the Officer Inviting Bid | Block Development Officer, Kantapada, O/o. Panchayat Samiti, Kantapada, Cuttack |

Further details can be seen from the Govt. website www.tendersodisha.gov.in.
Sd./- Block Development Officer, Kantapada
OIPR-19292/11/0004/2324



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
**Bid Identification No. S.E.E.C. (R&B) 03/2023-24**
No. 658 Date: 26.04.2023
No. B-149: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in https://tendersorissa.gov.in. The details of bid documents will be available in the above website from Dt.06.05.2023 at 05.00 P.M. to Dt.20.05.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.22.05.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0006/2324



**OFFICE OF THE CDM & PHO-CUM-DISTRICT MISSION DIRECTOR**
District Programme Management Unit, DPMU, NHM, Dist: Balangir - 767001
E-mail: nhmbalangir@gmail.com
Advt. No. 1627/NHM/2023 Date: 03.05.2023
**ADVERTISEMENT**
No. E-75: Applications are invited from the eligible candidates to fill up the different vacant posts like MO Ayush (Co-located), MO Ayush under MHT, MO Ayush under Addl. MHU & Accountant-cum-DEO under NHM, Balangir. The eligibility criteria, term & conditions, vacancy, monthly remuneration & application form for the vacant post can be downloaded from the district website. Interested candidates may log on to https://balangir.nic.in for detail information.
Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only. The application should reach to the CDM&PHO-cum-DMD, NHM, Balangir latest by 18.05.2023 (upto 01.00 P.M.). The undersigned is not responsible for postal delay. The envelope containing the application should be super scribed with the name of the post applied for ___________, the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information. The undersigned reserves the right to cancel/reject any or all the applications without assigning any reason thereof.
Sd./- Dr. Kuber Chandra Mahanta
CDM & PHO-cum-DMD, Balangir
OIPR-10019/11/0002/2324



**GOVERNMENT OF ODISHA**
**OFFICE OF RURAL WATER SUPPLY & SANITATION, DIVISION, BOUDH**
E-mail ID: rwssboudh@gmail.com
**NATIONAL COMPETITIVE BIDDING THROUGH E-Procurement**
**Tender Identification No. 02/S.E. RWSS, Boudh of 2023-24**
No. O-105: The Superintending Engineer, RWS&S Division, Boudh on behalf of the Government of Odisha invites Percentage Rate Bids in Single Cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted online in the website www.tendersorissa.gov.in separately for the work.

| | | |
|---|---|---|
| 1 | Nature of work | 0.20 MLD Capacity Water Filter House |
| 2 | Estimated Cost | 25.64 lakhs |
| 3 | No. of works | 01 No. |
| 4 | Tender Cost | 6000.00 |
| 5 | Class of Contractor | "C" & "B" |
| 6 | Availability of Bid document in the website | Dt.10.05.2023, 11 hours to 17.05.2023 17 hours |
| 7 | Date of seeking clarification | During the office hours of 10.05.2023 to 15.05.2023 |
| 8 | Date of Opening Bid | Dt.18.05.2023 at 11.00 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.
Sd./- Superintending Engineer
RWS&S Division, Boudh
OIPR-25039/11/0002/2324

## ସଂକ୍ଷେପରେ

### ଅପହରଣ ଅଭିଯୋଗରେ ଯୁବକ ଗିରଫ

ଯାଜପୁର,୩।୫(ଡି.ଏନ୍.ଏ.): ଜଣେ ଯୁବକଙ୍କୁ ଅପହରଣ କରିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବାଲିହୁଙ୍କା ଗ୍ରାମର ପ୍ରଦୀପ କୁମାର ରାଉତରାୟ (୩୭)। ଖବର ଅନୁଯାୟୀ, ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ନିକଟସ୍ଥ ଅରୁଣଦତି ବିହାରରେ ଅନିଲ ସାହୁ ରୁହନ୍ତି। ସେ କିଛି ଦିନ ହେଲା ପ୍ରଦୀପଙ୍କଠାରୁ କିଛି ଟଙ୍କା ଉଧାର ଆଣିଥିଲେ। ପରେ ଟଙ୍କା ଫେରସ୍ତ ନ କରିବାରୁ ପ୍ରଦୀପ କେତେଜଣ ଯୁବକଙ୍କୁ ସାଙ୍ଗରେ ଆଣି ଅନିଲଙ୍କୁ ଘରୁ ଡାକି ଅପହରଣ କରିନେଇଥିଲେ। ଏନେଇ ଅନିଲଙ୍କ ମାମୁ ପ୍ରଶାନ୍ତ ଇନଫୋଭ୍ୟାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଘଟଣା ଦିନ ଅନିଲ ଘରେ ଠାକୁର ପୂଜା କରୁଥିଲେ। ଏହି ସମୟରେ ପ୍ରଦୀପ ଏବଂ ତାଙ୍କ ସହଯୋଗୀମାନେ ଅନିଲଙ୍କୁ ଏକ କାରରେ ଅପହରଣ କରିଥିଲେ। କିଛି ସମୟ ମଧ୍ୟରେ ପ୍ରଦୀପ ଅନିଲର ମାମୁଙ୍କୁ ଫୋନ କରି ୧,୪୦,୦୦୦ଟଙ୍କା ଦାବି କରିଥିଲେ। ଟଙ୍କା ନଦେଲେ ସେ ତାଙ୍କ ଭଣଜାଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏ ନେଇ ମାମୁ ପୋଲିସକୁ ଜଣାଇବା ପରେ ପୋଲିସ ପ୍ରଦୀପଙ୍କ ଫୋନ ଟ୍ରାକିଂ କରି ଡେଲାଙ୍ଗରେ ଥିବା ଜାଣିଥିଲେ। ଇନଫୋଭ୍ୟାଲି ପୋଲିସ ଡେଲଙ୍ଗା ଥାନା ସହାୟତାରେ ପ୍ରଦୀପଙ୍କୁ କାବୁ କରିବା ସହ ଅନିଲଙ୍କୁ ଉଦ୍ଧାର କରିଥିଲେ।

# 'ସଚେତନ ହେଲେ ଦୁର୍ଘଟଣା କମିବ'

ଖୋର୍ଦ୍ଧା ଅଫିସ,୩।୫

ରାଜ୍ୟରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢିଚାଲିଛି। ବେପରୁଆ ଗାଡ଼ି ଚାଳନା ହେଉ ଅଥବା ଅନ୍ୟ କାରଣରୁ ଅମୂଲ୍ୟ ଜୀବନ ଯାଉଛି। ନିକଟରେ ରାଜ୍ୟ ସରକାର ଏପ୍ରିଲ ପହିଲାରୁ ସପ୍ତାହବ୍ୟାପୀ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରିଥିଲେ। ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଆନୁକୂଲ୍ୟରେ ଜାତୀୟ ରାଜପଥରେ ଦୁର୍ଘଟଣାକୁ ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା ରଥକୁ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଟ୍ରାଫିକ ନିୟମ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରିବ। ଏଥିସହିତ ବୁଧବାର ଆଞ୍ଚଳିକ ପରିବହନ ବିଭାଗ ସହଭାଗିତାରେ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ସହରର ବିଭିନ୍ନ ଜନଗହଳି ସ୍ଥାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କରାଯାଇଛି। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ କରନ୍ତୁ। ବାଇକ ଚଳାଇବା ବେଳେ ମୋବାଇଲରେ ଗପନ୍ତୁ ନାହିଁ। ସଡ଼କ ନିୟମ ପାଳନ କରନ୍ତୁ। କାର୍ ସିଟ୍ ବେଲ୍ଟ ବାନ୍ଧନ୍ତୁ। ଗହଳି ସ୍ଥାନରେ ଓଭରଟେକ୍ କରନ୍ତୁ ନାହିଁ। ଆବଶ୍ୟକତା ଠାରୁ ଅଧିକ ଦ୍ରୁତଗତିରେ ଗାଡ଼ି ଚାଳନା ବିପଦକୁ ଡାକେ। ଘରେ ଆପଣଙ୍କ ପରିବାର ଅପେକ୍ଷା କରିଛନ୍ତି, ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମ ପାଳନ କଲେ ବିପଦରେ ପଡିବା ନାହିଁ। ୧୮ବର୍ଷରୁ କମ୍ ପିଲାଙ୍କୁ ଦୁଇଚକିଆ ଯାନ ଚଳାଇବାକୁ ଦିଅନ୍ତୁ ନାହିଁ। ପିଲାଙ୍କୁ ଧରି ଯାନବାହନ ଚଳାଇବା ବେଳେ ଧୀରଗତିରେ ଯାଆନ୍ତୁ। ବିଳମ୍ବ ହେଉ ପଛେ ବିପରୀତ ଦିଗରୁ ବାଇକ, କାର ଚଳାଇ ଯାଆନ୍ତୁ ନାହିଁ ବୋଲି ସଚେତନତା ସୃଷ୍ଟି କରାଯାଉଛି। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଡିଏସ୍‌ପି ମିନାକ୍ଷୀ ଠାକୁର, ସୁଜିତ କୁମାର ପଣ୍ଡା, ମଧୁସୂଦନ ରଥ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ଅନୁଷ୍ଠାନ ସଦସ୍ୟ କ୍ଷୀରୋଧ କୁମାର ଓଝା, ସୁଶ୍ରୀ କୁମାରୀ ସ୍ୱାଇଁ, ବିଷ୍ଣୁପଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଜଣେ ଯମ ବେଶଧାରୀ ସଚେତନ କରୁଛନ୍ତି।

## ସଡ଼କ ଦୁର୍ଘଟଣା: ମାସକରେ ୪ ମୃତ, ୧୨ ଆହତ

ଖୋର୍ଦ୍ଧା ଅଫିସ,୩।୫

ଭୁବନେଶ୍ୱର- ଚେନ୍ନାଇ ୧୬ ନମ୍ବର ଏବଂ ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ଖୋର୍ଦ୍ଧା ଜିଲାପାଳ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସୂଚନା ଅନୁଯାୟୀ, ଏପ୍ରିଲ ୭ରେ ଏସ୍‌ପି ଅଫିସ ନିକଟରେ ଟ୍ରକ୍ ଓ ହାଇୱା ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ୨୮ତାରିଖରେ ୧୬ ନମ୍ବର ଜାତୀୟ ରାଜପଥ ଗଡଖୋର୍ଦ୍ଧା ଛକରେ ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ୩୦ ତାରିଖରେ ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀ ଠାରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ସର୍ଭିସ ରୋଡ ନିକଟରେ ଟ୍ରକ୍ ସହ ମୋ ବସ୍ ଧକ୍କା ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଓ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମେ' ୧ରେ ୫୭ ନମ୍ବର ଜାତୀୟ ରାଜପଥ ମେଡିକାଲ ଛକରେ ଏକ ଯାତ୍ରୀବାହୀ ବସ୍ ଓ ବାଇକ ମୁହାଁମୁହିଁ ଧକ୍କାରେ ବାଇକ ଚାଳକଙ୍କ ଜୀବନ ଯାଇଥିଲା। ଗତ ମାସକ ମଧ୍ୟରେ ୪ଜଣଙ୍କ ପ୍ରାଣ ଯାଇଥିବାବେଳେ ୧୨ଜଣ ଆହତ ହେଲେଣି। ରାଜପଥରେ ଗୋଟିଏ ପରେ ଗୋଟିଏ ମୁଣ୍ଡ ଗଡ଼ିଚାଲିଥିବା ବେଳେ ଜିଲା ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବିଶେଷତଃ ୧୬ ନମ୍ବର ରାଜପଥ ପିତାପଲ୍ଲୀ ଛକଠାରୁ ମଳିପଡ଼ା ଏବଂ ୫୭ ନମ୍ବର ରାଜପଥର ମେଡିକାଲ ଛକ ଠାରୁ ବାଘମାରୀ ପର୍ଯ୍ୟନ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ନେଇ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକଶ ପାଇଛି।

## ଘରୁ ୭ କୁଇଣ୍ଟାଲ ଗଞ୍ଜେଇ, ବୋମା ଜବତ: ବାପପୁଅ ଗିରଫ

ବ୍ରହ୍ମଗିରି,୩।୫(ଡି.ଏନ୍.ଏ)

ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳରେ ଜଣେ ଗଞ୍ଜେଇ ମାଫିଆଙ୍କ ଘରେ ମଙ୍ଗଳବାର ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି ୭କୁଇଣ୍ଟାଲ ଗଞ୍ଜେଇ ସମେତ ଦୁଇଟି ଅଫୁଟା ବୋମା ଜବତ କରିବା ସହ ବିକ୍ରେତା ବାପପୁଅଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଦୁଇଟି ଗାଡ଼ି ସମେତ ସମ୍ପୃକ୍ତ ବେପାରୀଙ୍କ ଘରୁ ଦୁଇଟି ଅଫୁଟା ବୋମାକୁ ପୋଲିସ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୯୦/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁ ରହିଛି। ସୂଚନା ଅନୁଯାୟୀ, କୋରାପୁଟରୁ ବ୍ରହ୍ମଗିରିକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ମଙ୍ଗଳବାର ସକାଳେ ସ୍ପେଶାଲ ସ୍କ୍ୱାଡ୍ ବ୍ରହ୍ମଗିରିରେ ଡେରା ପକାଇ ଥିଲେ। ଏହି ସମୟରେ ଦୁଇଟି ଗାଡ଼ିରେ ଆସୁଥିବା ପ୍ରାୟ ୭ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଉକ୍ତ ଗାଡ଼ିରେ ଆସୁଥିବା ଗଞ୍ଜେଇ ବେପାରୀ ବିଜୟ କୁମାର ପାଣି ଓ ତାଙ୍କ ପୁଅ ସୁଜିତ ପାଣିଙ୍କୁ ଗିରଫ କରାଯାଇ ପଚରାଉଚରା ଜାରି ରହିଛି। ବିଜୟଙ୍କ ବ୍ରହ୍ମଗିରିସ୍ଥିତ ଘରୁ ୬କୁଇଣ୍ଟାଲ ଓ ଗାଡ଼ିରୁ ୯୬ କେଜି ଗଞ୍ଜେଇ ଜବତ କରାଯାଇଛି।

## ଭାଇଚାରା ସମ୍ପର୍କକୁ ଦୃଢ଼ୀଭୂତ କରେ ନାଟକ

ବୋଲଗଡ଼,୩।୫(ଡି.ଏନ୍.ଏ.)

**ପିଚୁକୁଳି ନାଟକ ମହୋତ୍ସବ ଉଦ୍‌ଘାଟିତ**

ବୋଲଗଡ଼ ବ୍ଲକ ପିଚୁକୁଳିଠାରେ ୩୧ତମ ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅନୁଷ୍ଠିତ ନାଟକ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ବଣିକ ସଂଘ ସଭାପତି ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ ଛୋଟରାୟ, ସରପଞ୍ଚ ଜୟନ୍ତି ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ, ଖବରଦାତା ମାନସ ରଞ୍ଜନ କର ପ୍ରମୁଖ ଉପସ୍ଥିତ ରହି କଳାକୁ ବଞ୍ଚାଇବା ପାଇଁ ତଥା ନାଟକ ମାଧ୍ୟମରେ ଭାଇଚାରା ସମ୍ପର୍କକୁ ଦୃଢୀଭୂତ କରିବା ନେଇ ଆୟୋଜକ ପିଚୁକୁଳି ବଣିକ ସଂଘର ଭୂମିକାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ନାଗରିକ ଅଇଁଠୁ ରଣଜିତସିଂହ, ନାରାୟଣ ସାହୁ ବୈରାଗୀ ଛୁଆଳସିଂହ, ଅକ୍ଷୟ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ବୋଲଗଡ଼ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ରାସୋଳ ଗ୍ରାମ ମା' ବାଉତି ନାଟ୍ୟ ସଂସଦ ଦ୍ୱାରା 'ଆଖି ତୁ କାନ୍ଦନା' ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା। ସଂଘ କୋଷାଧ୍ୟକ୍ଷ ପବିତ୍ର ମୋହନ ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଏହି ନାଟକ ମହୋତ୍ସବ ଆସନ୍ତା ୫ତାରିଖ ଯାଏଁ ଚାଲୁ ରହିବ ବୋଲି ସଂଘ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ସୂଚନା ଦେଇଛନ୍ତି।



ବୋଲଗଡ଼ ବ୍ଲକ ପିଚୁକୁଳିରେ ପିଚୁକୁଳି ନାଟକ ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ବଜ୍ରପାତରେ ମୃତକଙ୍କ ପରିବାରକୁ ସହାୟତା

ନିରାକାରପୁର,୩।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମର ଜଳନ୍ଧର ସାମନ୍ତରାୟଙ୍କ ବଜ୍ରପାତରେ ମୃତ ଖବରପାଇ ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର ବୁଧବାର ଜଳନ୍ଧରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ଉକ୍ତ ଗ୍ରାମର ଆଉ ଜଣେ ଯୁବକ ସର୍ବେଶ୍ୱରଙ୍କ ଅକାଳ ବିୟୋଗ ଖବର ଶୁଣି ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏଥିସହିତ ପରିବାରଦ୍ୱୟଙ୍କୁ ନିଜ ହାତରୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଉଭୟ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ପ୍ରଶାସନକୁ ଅନୁରୋଧ କରିଛନ୍ତି ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧୬ **ବିଜ୍ଞାପନ** ତା:୦୨।୦୫।୨୦୨୩

No. CAD-439: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ନୀଳମଣି ସାହୁ, ପିତା: ୰ବିଶ୍ୱନାଥ ସାହୁ, ସା/ପୋ.: ସୀମର, ଥାନା: ଖୋର୍ଦ୍ଧା, ଜି.: ଖୋର୍ଦ୍ଧା | ଘର ନଂ. ଏଚ୍.ଆଇ.ଜି. (ଡି)-ସି-୫୭- HIG(D)-C-57, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର, ଖୋର୍ଦ୍ଧା | ୧. ବାସନ୍ତୀ ସାହୁ (ସ୍ତ୍ରୀ) ୨. ପାର୍ଥ ସାରଥୀ ସାହୁ (ପୁତ୍ର) ୩. ଶ୍ରାବଣୀ ସାହୁ (ବି-କନ୍ୟା) ୪. ଶାଶ୍ୱତୀ ସାହୁ (ବି-କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0090/2324


## ଶ୍ରୀଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଓ ନାମ ସଂକୀର୍ତ୍ତନ



ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଶ୍ରଦ୍ଧାଳୁ।

ନିରାକାରପୁର,୩।୫(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ଶ୍ରୀଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ ଓ ନାମସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରରୁ ଦୀକ୍ଷାପତ୍ର (ଡିପି ଓାର୍କସ୍)କାର୍ଯ୍ୟକ୍ରମରେ ଆସିଥିବା ଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଦିବ୍ୟ ସୁନ୍ଦର ଭାଇ, ଦୀପାଳୀ ମା, ବେଦଶ୍ରୀ ମା, ହରି ପ୍ରସନ୍ନ ଭାଇ, ଗୌରୀଭାଇ ଓ ଦ୍ୱୁପାୟନ ଭାଇ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟାଧାରୀ ବଳିଆରସିଂହ, ହୃଦୟନାଥ ପଟ୍ଟନାୟକ, ଧନେଶ୍ୱର ମହାରଣା ପ୍ରମୁଖ ଠାକୁରଙ୍କ ଭାବଧାରା ଉପରେ ଆଲୋକପାତ କରିଥିଲେ। ପରେ କସ୍ତୁରିଚରଣ ଚମ୍ପତିରାୟ ଧ୍ୱନୀଦେବା ପରେ ଏହା ସମାପନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମନମୋହନ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସମ୍ପୂର୍ଣ୍ଣ ସାହାଯ୍ୟ ସହଯୋଗ କରିଥିଲେ।


**GOVT. OF ODISHA** No. i-103
**DEPARTMENT OF PANCHAYATI RAJ & DRINKING WATER**
**OFFICE OF THE PANCHAYAT SAMITI, KANTAPADA, CUTTACK**
Phone No.: 7008045394, Email ID: ori-kantapara@nic.in

**'E' - PROCUREMENT NOTICE**

No. 02 Dated: 02.05.2023

| | | |
|---|---|---|
| 1 | Name of Work | 1. Construction of Day care sub-centre cum Health & Wellness Centre at Nodha<br>2. Construction of Day care sub-centre cum Health & Wellness Centre at Taradapada<br>3. Construction of Day care sub-centre cum Health & Wellness Centre at Patsundarpur<br>4. 1. Construction of Day care sub-centre cum Health & Wellness centre at Uradha |
| 2 | Tender Cost | Rs.28.45 Lakh |
| 3 | Class of Contractor | C & B |
| 4 | Period of Completion | 8 Months |
| 5 | Date and time of availability of bid documents in the portal | 05.05.2023 at 10.00 A.M. |
| 6 | Last date/time for receipt of bids in the portal | 19.05.2023 upto 05.00 P.M. |
| 7 | Date and time of Opening of Bid | 20.05.2023 at 11.30 A.M. |
| 8 | Name and address of the Officer Inviting Bid | Block Development Officer, Kantapada, O/o. Panchayat Samiti, Kantapada, Cuttack |

Further details can be seen from the Govt. website **www.tendersodisha.gov.in**.
**Sd./- Block Development Officer, Kantapada**
**OIPR-19292/11/0004/2324**



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
**E-mail: seec.bbsr2010@gmail.com**
**Bid Identification No. S.E.E.C. (R&B) 03/2023-24**
**No. 658** **Date: 26.04.2023**

No. B-149: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. work which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.06.05.2023 at 05.00 P.M. to Dt.20.05.2023 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.22.05.2023 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

**Sd./- Superintending Engineer**
**Electrical Circle (R&B) Odisha, BBSR**
**OIPR-34006/11/0006/2324**


## ଟୁଇଟରରେ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ପ୍ରଦ୍ୟୁମ୍ନ

କୃଷ୍ଣପ୍ରସାଦ,୩।୫(ଡି.ଏନ୍.ଏ.)

**୩ବର୍ଷରେ ୨ହଜାର ସମସ୍ୟା ସମାଧାନ କରିଛନ୍ତି**

୫-ଟି ଓ ମୋ ସରକାରର ସଫଳ ରୂପାୟନ ଫଳରେ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖକୁ ପହଞ୍ଚାଇବା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। କିନ୍ତୁ ସଚେତନତାର ଅଭାବ ଯୋଗୁ ପୁରୀ ଜିଲାର ଚିଲିକା ଟାପୁ ମଧ୍ୟରେ ଥିବା କୃଷ୍ଣପ୍ରସାଦ ଲୋକେ ଯୋଜନାର ସୁବିଧା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଲୋକଙ୍କ ସମସ୍ୟାକୁ ଟୁଇଟର ଜରିଆରେ ସରକାରଙ୍କ ନିକଟରେ ଉପସ୍ଥାପନ କରି ତାହାର ସମାଧାନ କରୁଛନ୍ତି ସ୍ଥାନୀୟ ଅଞ୍ଚଳର ଯୁବ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ। ପୁରୀ, ଗଞ୍ଜାମ, ନୟାଗଡ଼, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର ଅଧିବାସୀଙ୍କୁ ଟୁଇଟ ଜରିଆରେ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ସମସ୍ୟା ଟୁଇଟ କରି ସମାଧାନ କରିବାରେ ସଫଳ ହୋଇଛନ୍ତି। ମାନବ ସେବା ହିଁ ଭଗବାନଙ୍କ ସେବା ବୋଲି ପ୍ରଦ୍ୟୁମ୍ନ କହିଛନ୍ତି। କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ଅଧୀନ ବ୍ରାହ୍ମଣଦେଓ ଗ୍ରାମର ପ୍ରଦ୍ୟୁମ୍ନ ଚିଲିକା ଟାପୁର ଆଲୋକ ସାଜିଛନ୍ତି। ବାପା ଗଙ୍ଗାଧର ବିଶ୍ୱାଳ ଜଣେ ବ୍ୟବସାୟୀ ହୋଇଥିବା ବେଳେ ମାଆ ପ୍ରଭାସିନୀ ଜଣେ ଗୃହିଣୀ। ରାଜ୍ୟର ବିଭିନ୍ନ ଜିଲାର ସମସ୍ୟା ଖବରକାଗଜ, ସାମାଜିକ ଗଣମାଧ୍ୟମ କିମ୍ବା ନିଜେ ସଂଗ୍ରହ କରି ସରକାର ତଥା ପ୍ରଶାସନକୁ ଟୁଇଟ ମାଧ୍ୟମରେ ଜଣାଇଥାନ୍ତି। ଏସବୁ ସମସ୍ୟାର ଅଧିକାଂଶ ସମାଧାନ ମଧ୍ୟ ହୋଇଥାଏ। ନବରଙ୍ଗପୁର ଜିଲା କୋଷାଗୁମୁ ବ୍ଲକ କୋଡ଼ିଙ୍ଗା ଗ୍ରାମରେ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ, ବାଲେଶ୍ୱର ରେଳ ଷ୍ଟେସନ ରାସ୍ତାରେ ରହୁଥିବା ଅସହାୟଙ୍କ ଥଇଥାନ ବ୍ୟବସ୍ଥା, ନୟାଗଡ଼ ଜିଲା ଦଶପଲ୍ଲାର ଅନାଥ ଶିଶୁଙ୍କୁ ସହାୟତା, ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ଗ୍ରାମର ଟିଙ୍କିନା ପାତ୍ରଙ୍କ ରାଶନ କାର୍ଡ ସମସ୍ୟା, ଗଞ୍ଜାମ ଜିଲା ରମ୍ଭା ଏନ୍‌ଏସିର ଶୌଚାଳୟ କାର୍ଯ୍ୟକ୍ଷମ କରିବା, ବ୍ଲକର ଉଠାଣିକୁଦା ଠାରୁ ମୋରଡା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ବ୍ରିଜ ମରାମତି, ଗ୍ରାମୀଣ କ୍ରୀଡାଙ୍ଗନରୁ ବିଦ୍ୟୁତ ଖୁଣ୍ଟ ହଟାଇବା, ବୋଲଗଡ଼ ବ୍ଲକ ସାନପଦର ଗ୍ରାମର ଜିତେନ୍ଦ୍ର ପଟ୍ଟନାୟକ କିଡ୍‌ନୀ ରୋଗରେ ପୀଡ଼ିତ ରହି ଅର୍ଥ ଅଭାବରୁ ଚିକିତ୍ସା ହୋଇପାରୁ ନ ଥିଲେ। ଟୁଇଟ କରିବା ପରେ ଜିଲାପାଳ ଘଟଣାର ତଦନ୍ତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଆଦି ସେବା ଯୋଗାଇପାରିଥିବା ପ୍ରଦ୍ୟୁମ୍ନ କହିଛନ୍ତି। ପ୍ରଦ୍ୟୁମ୍ନଙ୍କ ଏଭଳି ମହତ କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି। ସେ ମଧ୍ୟ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ଶୁଣାଣିରେ ଅଭିଯୋଗ ଆବେଦନ କରି ସମାଧାନର ସୂତ୍ର ଖୋଜିଛନ୍ତି।




**OFFICE OF THE CDM & PHO-CUM-DISTRICT MISSION DIRECTOR**
**District Programme Management Unit, DPMU, NHM, Dist: Balangir - 767001**
**E-mail: nhmbalangir@gmail.com**
**Advt. No. 1627/NHM/2023** **Date: 03.05.2023**

**ADVERTISEMENT**

No. E-75: Applications are invited from the eligible candidates to fill up the different vacant posts like MO Ayush (Co-located), MO Ayush under MHT, MO Ayush under Addl. MHU & Accountant-cum-DEO under NHM, Balangir. The eligibility criteria, term & conditions, vacancy, monthly remuneration & application form for the vacant post can be downloaded from the district website. Interested candidates may log on to **https://balangir.nic.in** for detail information.

Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only. The application should reach to the CDM&PHO-cum-DMD, NHM, Balangir latest by 18.05.2023 (upto 01.00 P.M.). The undersigned is not responsible for postal delay. The envelope containing the application should be super scribed with the name of the post applied for ____________, the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information. The undersigned reserves the right to cancel/reject any or all the applications without assigning any reason thereof.

**Sd./- Dr. Kuber Chandra Mahanta**
**CDM & PHO-cum-DMD, Balangir**
**OIPR-10019/11/0002/2324**



**GOVERNMENT OF ODISHA**
**OFFICE OF RURAL WATER SUPPLY & SANITATION, DIVISION, BOUDH**
**E-mail ID: rwssboudh@gmail.com**
**NATIONAL COMPETITIVE BIDDING THROUGH E-Procurement**
**Tender Identification No. 02/S.E. RWSS, Boudh of 2023-24**

No. O-105: The Superintending Engineer, RWS&S Division, Boudh on behalf of the Government of Odisha invites Percentage Rate Bids in Single Cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted online in the website **www.tendersorissa.gov.in** separately for the work.

| | | |
|---|---|---|
| 1 | Nature of work | 0.20 MLD Capacity Water Filter House |
| 2 | Estimated Cost | 25.64 lakhs |
| 3 | No. of works | 01 No. |
| 4 | Tender Cost | 6000.00 |
| 5 | Class of Contractor | "C" & "B" |
| 6 | Availability of Bid document in the website | Dt.10.05.2023, 11 hours to 17.05.2023 17 hours |
| 7 | Date of seeking clarification | During the office hours of 10.05.2023 to 15.05.2023 |
| 8 | Date of Opening Bid | Dt.18.05.2023 at 11.00 hours |

Further details can be seen in the bidding documents which is available in the e-procurement portal **https//www.tendersorissa.gov.in.** Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**RWS&S Division, Boudh**
**OIPR-25039/11/0002/2324**



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୩।୫।୨୦୨୩

| | |
|---|---|
| ୩,୯୯,୦୧୦ ଟଙ୍କା | |
| ସୁନା | ୬.୮୫୦ ଗ୍ରାମ୍ |
| ରୁପା | ୩୧.୧୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ନୃତ୍ୟାର୍ଚ୍ଚନା ପକ୍ଷରୁ ୬ଷ୍ଠ ଗୁରୁ ଦେବପ୍ରସାଦ ଦାସ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଓଡ଼ିଶା ଓ ଜୟଦେବ ବିହାର ସାଂସ୍କୃତିକ ଉନ୍ନୟନ ପରିଷଦ ପକ୍ଷରୁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ରାମେଶ୍ୱର ମନ୍ଦିର, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ୧୨ତମ ବିଶ୍ୱଶାନ୍ତି ମହାଯଜ୍ଞ, ପାରିବାସୁଦେଇପୁର ନୃସିଂହନାଥ ମନ୍ଦିର, ସକାଳ ୮ଟା।
- ମହାବୀରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଯଜ୍ଞର ପୂର୍ଣ୍ଣାହୁତି, ଦୁଦୁରାବସ୍ତର ମହାବୀର ମନ୍ଦିର, ଅପରାହ୍ନ ୫ଟା।
- ୨୨ତମ ବାର୍ଷିକ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଓ ମହୋତ୍ସବର ପ୍ରବଚନ, ଗଡ଼ନହରକଣ୍ଡା, ଶ୍ରୀ ରୁଦ୍ରେଶ୍ୱର ମହାଦେବ ମନ୍ଦିର, ରାତି ୭ଟା।
- ଭାଗବତ ବାସୁଦେବ ମେଳଣ, ବଇଁଚୁଆ ଭେଲୁରୀ ହାଟ ପଡ଼ିଆ, ଅପରାହ୍ନ ୫ଟା।
- ବାଦୀପାଲା ପରିବେଷଣ, ବଙ୍ଗୁଆରୀ ଗ୍ରାମର ମା' ଜାଗୁଳାଈ ପୀଠ ଓ ଜଗନ୍ନାଥପୁର ଗ୍ରାମ, ରାତି ୭ଟା।

କଟକ
- ସାରଳା ସାହିତ୍ୟ ସଂସଦର ୪୨ତମ ବାର୍ଷିକ ଉତ୍ସବ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।
- ଦିଲ୍ଲୀରେ ଚାଲିଥିବା କୁସ୍ତି ଯୋଦ୍ଧାମାନଙ୍କ ଆନ୍ଦୋଳନର ସମର୍ଥନରେ ଏଆଇଡିଏସ୍‌ଓ ପକ୍ଷରୁ ସର୍ବଭାରତୀୟ ସଂହତି ଦିବସ, କଲେଜ ଛକ, ପୂର୍ବାହ୍ନ ୧୧ଟା।

ବଡ଼ମ୍ବା
- ଏକାଦଶ ବୁଦ୍ଧ ମହୋତ୍ସବ ଉଦ୍‌ଘାଟନ, ବୁଦ୍ଧ ବିହାର, ମାଣିଆବନ୍ଧ, ରାତି ୭ଟା।
- ସପ୍ତବିଂଶ ବାର୍ଷିକ ନବାହ୍ନ ପାରାୟଣ ଜ୍ଞାନ ଯଜ୍ଞ, ଅଷ୍ଟପ୍ରହର ନାମ ଯଜ୍ଞ ଓ ଶ୍ରୀରାମ ଚରିତ ମାନସ ପ୍ରବଚନ ଶୁଭାରମ୍ଭ, ଶଙ୍ଖାମେରୀ, କପାପଡା ସାହି, ରାତି ୭ଟା।

# ଉଚ୍ଛେଦ ହେବ ଅନାବଶ୍ୟକ ଅଣଶିକ୍ଷକ ପଦବୀ

## ବିବରଣୀ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୩।୫(ବ୍ୟୁରୋ)

ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଅଣଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ସେଥିମଧ୍ୟରୁ ଅନେକ ପଦବୀ ଅନାବଶ୍ୟକ ରହିଛି। ତେଣୁ ଉକ୍ତ ପଦବୀଗୁଡ଼ିକ ଉଚ୍ଛେଦ କରିବାକୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଏନେଇ ବିଭାଗର ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଛନ୍ତି। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ଅନାବଶ୍ୟକ ପଦବୀଗୁଡ଼ିକ ସମ୍ପର୍କରେ ବିବରଣୀ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ପଦବୀର ନାମ, ପଦବୀରେ ନିଯୁକ୍ତ ମାନବ ସମ୍ବଳ, ବେତନରାଶି ଆଦି ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି। ସେହିପରି ଉକ୍ତ

Higher Education Department
Government of Odisha

ପଦବୀଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ଉଚ୍ଛେଦ କରାଯିବ ଓ କେଉଁଗୁଡ଼ିକ ଉଚ୍ଛେଦ କରାଯିବ ନାହିଁ, ପୂର୍ବରୁ କେତେକ ପଦବୀ ଉଚ୍ଛେଦ କରାଯାଇଛି, ଏ ସମସ୍ତ ସମ୍ପର୍କରେ ତଥ୍ୟ ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଣଶିକ୍ଷକ ପଦବୀକୁ ନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଚ୍ଚଶିକ୍ଷା ବିଭାଗ ସହ ଆଲୋଚନା ପରେ ଅର୍ଥ ବିଭାଗ ଅଧୀନରେ ଏହାର ଅନୁଧ୍ୟାନ କରାଯାଇଥିଲା। ତେବେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅନେକ ଅନାବଶ୍ୟକ ପଦବୀ ରହିଥିବା ବିଭାଗର ଦୃଷ୍ଟିଗୋଚର ହୋଇଥିଲା। ତେଣୁ ଉକ୍ତ ପଦବୀଗୁଡ଼ିକର ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯିବା ପରେ ଏହି ପ୍ରାରମ୍ଭିକ ପଦକ୍ଷେପ ଆରମ୍ଭ ହୋଇଥିବା ଚିଠିରେ ଦର୍ଶାଯାଇଛି।



ଶତାବ୍ଦୀର କଳାକାର ପକ୍ଷରୁ ବୁଧବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବକ୍ସି ଜଗବନ୍ଧୁଙ୍କ ଉପରେ ପରିବେଷିତ ନାଟକ 'ମହାସଂଗ୍ରାମର ମହାନାୟକ'ର ଏକ ଦୃଶ୍ୟ।

## ମହାସଂଗ୍ରାମର ମହାନାୟକ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଦେଶକୁ ସ୍ୱାଧୀନତା ଆଣି ଦେବା ପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀ ପ୍ରାଣବଳୀ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଅନ୍ୟତମ ଯୋଦ୍ଧା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ହୋଇଥିବା ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ନାମିତ କରାଯାଇଛି। ବକ୍ସିଙ୍କ ଗାଥାକୁ ନେଇ ବୁଧବାର ରବୀନ୍ଦ୍ର ମଣ୍ଡପରେ ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ମହାସଂଗ୍ରାମର ମହାନାୟକ' ପରିବେଷିତ ହୋଇଥିଲା। ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସାହିତ୍ୟିକ ଗୌରହରି ଦାସ, ପୂର୍ବତନ ଶାସନ ସଚିବ ସହଦେବ ସାହୁ, ଅନୁଷ୍ଠାନର ନିର୍ଦ୍ଦେଶକ ଧୀର ମଲ୍ଲିକ, ଲେଖକ ବିଜୟାନନ୍ଦ ସିଂ, ପୃଥ୍ୱୀ ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ। ନାଟକର ରଚନା ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କରିଥିବାବେଳେ ନିର୍ଦ୍ଦେଶନା ଧୀର ମଲ୍ଲିକ ଦେଇଛନ୍ତି।

# ୨୧ ସରକାରୀ କଲେଜରେ ହେବ ଏକକ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୩।୫(ବ୍ୟୁରୋ)

୨୦୨୩-୨୪ ଶିକ୍ଷାବର୍ଷରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଆସନ୍ତା ଜୁନ ୨୩ରୁ ଜୁଲାଇ ୭ ମଧ୍ୟରେ ଅନୁଷ୍ଠିତ ହେବ। ଜୁନ ୨୮ ଓ ୩୦ରେ ପରୀକ୍ଷା ବନ୍ଦ ରହିବ। ରାଜ୍ୟର ୨୧ଟି ସରକାରୀ କଲେଜକୁ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ସାମ୍ସ ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ କରାଯାଇଛି। ଆବେଦନକାରୀମାନେ ଏହି ଅନୁଯାୟୀ ପରୀକ୍ଷା କେନ୍ଦ୍ର ମନୋନୟନ କରିବାକୁ କୁହାଯାଇଛି। ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ଆସିବାକୁ ଥିବା ମାର୍ଗଦର୍ଶିକା ଅନୁସାରେ ପ୍ରବେଶିକା ପରୀକ୍ଷା କରାଇବାକୁ ସମ୍ପୃକ୍ତ କଲେଜଗୁଡ଼ିକର ଅଧ୍ୟକ୍ଷଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ଏହି କେନ୍ଦ୍ରଗୁଡ଼ିକ ହେଲା ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱରର ଫକୀରମୋହନ ମହାବିଦ୍ୟାଳୟ, ବରଗଡ଼ ପଞ୍ଚାୟତ ଡିଗ୍ରୀ କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ବଲାଙ୍ଗୀର ସରକାରୀ ମହିଳା ଡିଗ୍ରୀ କଲେଜ, କଟକର ଜାତୀୟ କବି ବୀରକିଶୋର ସରକାରୀ ଡିଗ୍ରୀ କଲେଜ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡିର ଶ୍ରୀକୃଷ୍ଣଚନ୍ଦ୍ର ଗଜପତି କଲେଜ, ବ୍ରହ୍ମପୁରର ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ଯାଜପୁରର ନରସିଂହ ଚୌଧୁରୀ କଲେଜ, ଭବାନୀପାଟଣାର ସରକାରୀ ମହିଳା ମହାବିଦ୍ୟାଳୟ, ଫୁଲବାଣୀର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝରର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜଧାନୀ ଡିଗ୍ରୀ ମହାବିଦ୍ୟାଳୟ, ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମ୍ବଲପୁରର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଡିଗ୍ରୀ କଲେଜ, ରାଉରକେଲାର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ର ସରକାରୀ ଡିଗ୍ରୀ କଲେଜ।

## ଗଞ୍ଜେଇ ଜବତ:୨ ଗିରଫ

ଭୁବନେଶ୍ୱର,୩।୫ (ବ୍ୟୁରୋ)

ବେଆଇନ ଭାବେ ଗଞ୍ଜେଇ ବିକ୍ରି କରୁଥିବାବେଳେ ଭରତପୁର ଥାନା ପୋଲିସ ଆଇଗିଣିଆ ମଶାଣି ପଡିଆରେ ଚଢ଼ାଉ କରି ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବୌଦ୍ଧ ଜିଲାର ତାରାକାନ୍ତ ଡାଙ୍ଗ(୨୭) ଓ ଗଞ୍ଜାମର ଅଶୋକ ସାହୁ (୩୩)। ଏମାନଙ୍କଠାରୁ ୧୨.୩୫୦ଗ୍ରାମ ଗଞ୍ଜେଇ ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ।

## ଇଣ୍ଡିଆସ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଲେ ନମିତା ସ୍ୱାଇଁ



**ଭୁବନେଶ୍ୱର,୩।୫(ବ୍ୟୁରୋ):** ଗୋଟିଏ ମିନିଟ୍‌ରେ ୫ଟି ମନ୍ତ୍ର ପାଠ କରି ଇଣ୍ଡିଆସ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି ୩ବର୍ଷ ୧୧ମାସର ବାଳିକା ନମିତା ସ୍ୱାଇଁ। ବକ୍ରତୁଣ୍ଡ ମହାକାୟ, ସିନ୍ଦୂର ଲାଲ ଚଢ଼େୟା, ଗୁରୁ ବ୍ରହ୍ମା, ଗାୟତ୍ରୀ ମନ୍ତ୍ର, ତ୍ୱମେବ ମାତା ଚ ପିତା ତ୍ୱମେବ ମନ୍ତ୍ର ଗାଇ ରେକର୍ଡ କରିଥିବା ନମିତା ବର୍ତ୍ତମାନ ଏଲକେଜିରେ ପଢୁଛନ୍ତି। ଲକ୍‌ଡାଉନ୍ ସମୟରେ ସେ ମୋବାଇଲ୍‌ରେ ସମୟ ନଷ୍ଟ ନ କରି କାର୍ଟୁନ ସହ ମନ୍ତ୍ରଗୁଡିକୁ ଶିଖିବାକୁ ଚେଷ୍ଟା କରିଥିଲେ ବୋଲି ତାଙ୍କ ମା' କସ୍ତୁରୀ ମହାପାତ୍ର କହିଛନ୍ତି। ବାପା ମନୋଜ ସ୍ୱାଇଁ କୁନି ଝିଅର ଏଭଳି ସଫଳତା ପାଇଁ ବେଶ୍ ଖୁସି ଥିବା ଜଣାଇଛନ୍ତି। ନମିତା ସତ୍ୟନଗରଠାରେ ପରିବାର ସହ ରହୁଛନ୍ତି।

# ହୋମିଓପାଥି ଓ ଆଧୁନିକ ଔଷଧ ଉପରେ ହେବ ଉଚ୍ଚତର ଗବେଷଣା

## ଏମ୍ସ ଓ ସିସିଆର୍‌ଏଚ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୩।୫(ବ୍ୟୁରୋ)

ହୋମିଓପାଥି ଏବଂ ଆଧୁନିକ ଔଷଧର ଯୁଗୋପଯୋଗୀ ସମ୍ମିଶ୍ରଣ ତଥା ଏହି ସନ୍ଦର୍ଭ ଉପରେ ହେବ ଉଚ୍ଚତର ଗବେଷଣା। ଏଥିନିମନ୍ତେ ମଙ୍ଗଳବାର ଏମ୍ସ ଭୁବନେଶ୍ୱର ଏବଂ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ(ସିସିଆର୍‌ଏଚ୍) ମଧ୍ୟରେ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ହୋମିଓପାଥିର ଉପଯୁକ୍ତ ଉପଯୋଗ ସହ ସ୍ୱାସ୍ଥ୍ୟ ସେବାରେ ଆଧୁନିକ ଔଷଧର ଅତ୍ୟଧିକ ବ୍ୟବହାରକୁ ହ୍ରାସ କରିବା ନେଇ ଆଶା ବଢ଼ିଛି। ଇତିମଧ୍ୟରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱୟଂଶାସିତ ପ୍ରତିଷ୍ଠାନ ସିସିଆର୍‌ଏଚ୍ ଓ ଏମ୍ସ ଭୁବନେଶ୍ୱର ମିଳିତ ଭାବେ ଏମ୍ସରେ ଏକୀକୃତ ଚିକିତ୍ସା ବିଭାଗ ପ୍ରତିଷ୍ଠାର ପ୍ରକ୍ରିୟା ଆରମ୍ଭ ହୋଇଛି। ହୋମିଓପାଥିର ବୈଜ୍ଞାନିକ ପ୍ରାମାଣିକତା, ଅନୁସନ୍ଧାନ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଏହି ପ୍ରାଚୀନ ଔଷଧିର ପ୍ରୟୋଗ ନେଇ ଏହି ବୁଝାମଣାରେ ବିଶେଷ ବ୍ୟବସ୍ଥା ରହିଥିବା ନେଇ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ହୋମିଓପାଥି ଚିକିତ୍ସା ନିମନ୍ତେ ପ୍ରମାଣଭିତ୍ତିକ ବ୍ୟବସ୍ଥିତ ଚିକିତ୍ସା ପଦ୍ଧତି ସୃଷ୍ଟି, ବିଭିନ୍ନ ରୋଗ ଉପଶମ କ୍ଷେତ୍ରରେ ଏହାର ପ୍ରୟୋଗଭିତ୍ତିକ କାର୍ଯ୍ୟଧାରା ସମ୍ପର୍କରେ ମଧ୍ୟ ଦୁଇ ଜାତୀୟ ଅନୁଷ୍ଠାନ ଗବେଷଣା କରିବେ ବୋଲି ସେ ପ୍ରକାଶ କରିଛନ୍ତି। ସିସିଆର୍‌ଏଚ୍‌ର ମହାନିର୍ଦ୍ଦେଶକ ଡ. ସୁଭାଷ କୌଶିକ କହିଛନ୍ତି, ଏକାଧିକ ରୋଗର ଉପଚାର କରିବାରେ ହୋମିଓପାଥିର ବୈଜ୍ଞାନିକ ପ୍ରମାଣ ରହିଛି। ବିଶେଷ ପାର୍ଶ୍ୱପ୍ରତିକ୍ରିୟା ପ୍ରକାଶ ପାଉ ନ ଥିବା ଏବଂ ସାଧାରଣ ଲୋକଙ୍କୁ ସୁହାଉଥିବା ହୋମିଓପାଥି ଚିକିତ୍ସା ବ୍ୟବସ୍ଥା ବର୍ତ୍ତମାନର ଆଧୁନିକ ଚିକିତ୍ସା ପ୍ରଣାଳୀ ସହିତ ଏକୀକୃତ ହେଲେ ବ୍ୟାପକ ସମ୍ଭାବନା ସୃଷ୍ଟି ହେବ। ଏହା ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ବୃଦ୍ଧି କରିବା ସହ ଜନସାଧାରଣଙ୍କ ପାଇଁ ଲାଭଦାୟକ ହେବ ବୋଲି ଡ. କୌଶିକ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ା, ଡିନ୍(ଗବେଷଣା) ଡ. ସତ୍ୟଜିତ ମିଶ୍ର, ବରିଷ୍ଠ ମେଡିକାଲ ଅଫିସର (ଆୟୁଷ ବିଭାଗ) ଡ. ପ୍ରଶାନ୍ତ କୁମାର ସାହୁ, ଡ. ଶୁଭାଶିଷ ସରକାର, ଡ. ଆସିଫ ସର୍ଦ୍ଦାର, ଡ. ଅଜିତ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁଙ୍କ ସମେତ ସିସିଆର୍‌ଏଚ୍‌ର ଡ. ଦେବଦତ୍ତ ନାୟକ, ଡ. ଉମାକାନ୍ତ ପୃଷ୍ଟି, ଡ. କରନ ପ୍ରୀତ ନହର୍ ପ୍ରମୁଖ ଉପସ୍ଥିତ ଥିଲେ।



ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ସିସିଆର୍‌ଏଚ୍‌ର ମହାନିର୍ଦ୍ଦେଶକ ଡ. ସୁଭାଷ କୌଶିକ ଓ ଅନ୍ୟମାନେ।

# ରଥ ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ବୁଧବାର ପୁରୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିବା ଅବସରରେ ମହାରଣା ଏବଂ ଅନ୍ୟ ସେବାୟତମାନଙ୍କ ସହ ଆଲୋଚନା କରୁଛନ୍ତି।

ପୁରୀ ଅଫିସ, ୩।୫

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଉପଲକ୍ଷେ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ସନ୍ଧ୍ୟାରେ ଶ୍ରୀମନ୍ଦିରର ନବନିଯୁକ୍ତ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ରଥଖଳାକୁ ଯାଇ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିବା ସହ ତିନିରଥର ମୁଖ୍ୟ ମହାରଣାମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟ ପ୍ରଶାସକ ଦାସ କାର୍ଯ୍ୟରେ ନିୟୋଜିତ ସେବକମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ଦାସ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ବୁଧବାର ରଥଖଳାକୁ ଯାଇ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ମହାରଣାମାନଙ୍କ ସହ ଆଲୋଚନା କରି ରଥ ନିର୍ମାଣର ଅଗ୍ରଗତି ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ନୀତି ପ୍ରଶାସକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସୁଧାଂଶୁ



@ ବୈଶାଳୀ



@ ସୁଦୀପ୍ତା



@ ତରୁଣ



@ ବାଦଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଦ୍ଦେଶକ ଦାୟିତ୍ୱ ନେଲେ ଦିଲୀପ ରାଉତରାଏ

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଭୁବନେଶ୍ୱର,୩।୫(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦିଲୀପ ରାଉତରାଏ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବରିଷ୍ଠ ଅଧିକାରୀମାନେ ନୂତନ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ସେ ବିଭାଗ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସମ୍ପର୍କିତ ୨ ଦିନିଆ କର୍ମଶାଳାରେ ଯୋଗଦେଇଥିଲେ। ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲାସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଜିଲା ସଂସ୍କୃତି ଅଧିକାରୀଙ୍କୁ ପରାମର୍ଶ ଦେବା ସହ ୫-'ଟି' ଆଧାରରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଲୋକଙ୍କ ଆଶା-ଆକାଂକ୍ଷା ଏବଂ ସରକାରଙ୍କ ସଫଳତା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବାକୁ ସେ କର୍ମଚାରୀ ଓ ଅଧିକାରୀମାନଙ୍କୁ କହିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଯୁଗ୍ମ ସଚିବ ଅତଶୀ ଦାଶ, ଅର୍ଥ ପରାମର୍ଶଦାତା ପଦ୍ମଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ନିର୍ଦ୍ଦେଶକ ଥିବା ରଞ୍ଜନ କୁମାର ଦାସ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ବଦଳି ହେବା ପରେ ଏହି ପଦରେ ରାଉତରାଏଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଥିଲେ।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂଆ ନିର୍ଦ୍ଦେଶକ ଭାବେ ଦିଲୀପ ରାଉତରାଏ ଦାୟିତ୍ୱ ଗ୍ରହଣ ଅବସରରେ ବରିଷ୍ଠ ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରୁଛନ୍ତି।

# ନିଷ୍ପତ୍ତି ବଦଳାଇବାକୁ ପାୱାର ଅମଙ୍ଗ

ମୁମ୍ବାଇ,୩।୫

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ପଦରୁ ଇସ୍ତଫା ଘୋଷଣା କରିଥିବା ବର୍ଷୀୟାନ୍ ରାଜନେତା ଶରଦ ପାୱାର ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି। ପାୱାର ଦୁଇ ତିନିଦିନ ମଧ୍ୟରେ ନିଷ୍ପତ୍ତିର ପୁନର୍ବିଚାର କରିବେ ବୋଲି ତାଙ୍କ ପୁତୁରା ତଥା ମହାରାଷ୍ଟ୍ର ବିଧାନସଭାର ବିରୋଧୀ ଦଳ ନେତା ଅଜିତ ପାୱାର ଗଣମାଧ୍ୟମକୁ ଜଣାଇଥିଲେ। କିନ୍ତୁ ମହାରାଷ୍ଟ୍ର ଷ୍ଟ୍ରଙ୍ଗମ୍ୟାନ୍ ପାୱାର ଦଳର ଅଧ୍ୟକ୍ଷ ପଦ ଛାଡ଼ିବା ନିଷ୍ପତ୍ତି ବଦଳାଇବାକୁ ରାଜି ନ ଥିବା ସୂତ୍ରରୁ ଜଣାପଡ଼ିଛି।

ମହାରାଷ୍ଟ୍ର ରାଜନୀତିର ଚାଣକ୍ୟ ଭାବେ ପରିଚିତ ତଥା ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସ୍ଥପତି ଶରଦ ପାୱାର ମଙ୍ଗଳବାର ମୁମ୍ବାଇରେ ନିଜ ମରାଠୀ ଆତ୍ମଜୀବନୀ 'ଲୋକ୍ ମାଝେ ସଙ୍ଗତି' (ମୋ ସାଥିରେ ଲୋକେ)ର ନୂଆ ସଂସ୍କରଣ ଉନ୍ମୋଚନ ଅବସରରେ ଏନ୍‌ସିପି ଅଧ୍ୟକ୍ଷ ପଦ ଛାଡ଼ିବା ନେଇ ଘୋଷଣା କରିବା ପରଠୁ ଜାତୀୟ ରାଜନୀତି ଚଳଚଞ୍ଚଳ ହୋଇଛି। ତାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ କଳ୍ପନାଜଳ୍ପନା ଲାଗି ରହିଥିବାବେଳେ ଝିଅ ତଥା ବାରାମତୀ ଏମ୍‌ପି ସୁପ୍ରିୟା ସୁଲେଙ୍କୁ ଦଳର ନୂଆ ଅଧ୍ୟକ୍ଷା କରାଯିବା ଚର୍ଚ୍ଚା ଜୋର୍ ଧରିଛି। ସେହିପରି ଅଜିତଙ୍କୁ ମହାରାଷ୍ଟ୍ର ଏନ୍‌ସିପି ସଭାପତି ପଦ ଦିଆଯାଇପାରେ। ଅଜିତଙ୍କୁ ଦଳର



ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ମଧ୍ୟ ଉପସ୍ଥାପନ କରାଯାଇପାରେ। ତେବେ ଏନେଇ କିଛି ନିଷ୍ପତ୍ତି ହୋଇନାହିଁ। ଦଳୀୟ କର୍ମୀ ପାୱାରଙ୍କ ନିଷ୍ପତ୍ତି ପରିବର୍ତ୍ତନ ଅପେକ୍ଷାରେ ରହିଥିବା ନେତା ଅନିଲ ପାଟିଲ କହିଛନ୍ତି। ବରିଷ୍ଠ ନେତା ଛଗନ ଭୁଜବଳ କହିଛନ୍ତି, ସାଂସଦ ଭାବେ ସୁପ୍ରିୟାଙ୍କ ପ୍ରଦର୍ଶନ ଭଲ ରହିଛି। ତାଙ୍କୁ ଏନ୍‌ସିପି ମଙ୍ଗ ଧରାଇଲେ କିଛି ଅସୁବିଧା ନାହିଁ। ଅଜିତ ରାଜ୍ୟର ଦାୟିତ୍ୱ ସମ୍ଭାଳିବା ଉଚିତ। ଇତିମଧ୍ୟରେ ପାୱାରଙ୍କ ନିଷ୍ପତ୍ତିକୁ ନେଇ କ୍ଷୁବ୍ଧ ଠାଣେ ବିଧାୟକ ଜିତେନ୍ଦ୍ର ଆହ୍ୱାଡ଼ ଏନ୍‌ସିପି ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି। ଅଧ୍ୟକ୍ଷ ପଦ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଫୁଲ୍ଲ ପଟେଲଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। କିନ୍ତୁ ପ୍ରଫୁଲ୍ଲ ଦଳର ମଙ୍ଗ ଧରିବା ପାଇଁ ଆଗ୍ରହୀ ନ ଥିବା କହିଛନ୍ତି।

### ଏନ୍‌ସିପି ସହ ମେଣ୍ଟ ଚାହିଁଥିଲେ ମୋଦି, ବାଜପେୟୀ

୨୦୧୯ ଲୋକ ସଭା ନିର୍ବାଚନ ପରେ ଏନ୍‌ସିପି ସହ ଭାଜପା ମେଣ୍ଟ କରିବାକୁ ଚାହୁଁଥିଲା। କିନ୍ତୁ ଗୈରିକ ଦଳ ସହ କୌଣସି ପ୍ରକାର ମେଣ୍ଟ ସମ୍ଭବ ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏନ୍‌ସିପି ମୁଖ୍ୟ ଶରଦ ପାୱାର ସ୍ପଷ୍ଟ ମନା କରିଦେଇଥିଲେ। ୨୦୧୫ ମସିହା ପରବର୍ତ୍ତୀ ରାଜନୈତିକ ଘଟଣାକ୍ରମକୁ ନେଇ ଲିଖିତ ନିଜ ଆତ୍ମଜୀବନୀ 'ଲୋକ ମାଝେ ସଙ୍ଗତି'ରେ ପାୱାର ଏହାର ଅବତାରଣା କରିଛନ୍ତି। ତେବେ ୨୦୧୯ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ସରକାର ଗଠନ ନେଇ ଅନିଶ୍ଚିତତା ଲାଗିରହିବାରୁ ରାଜ୍ୟରେ ଭାଜପା ସହ ମେଣ୍ଟ ଆଲୋଚନା ଚାଲିଥିବା ନେଇ ସେ ସ୍ୱୀକାର କରିଛନ୍ତି। ପାୱାର କହିଛନ୍ତି, ସରକାର ଗଢ଼ିବାକୁ ଏନ୍‌ସିପି ସେତେଟା ଆଗ୍ରହୀ ନ ଥିବାରୁ ଭାଜପା ସହ ମେଣ୍ଟ କରି ନ ଥିଲା। ଭାଜପାକୁ ଏହି ବିଷୟ ସ୍ପଷ୍ଟ ଭାବେ ଜଣାଇବା ଆବଶ୍ୟକ ଥିବାରୁ ପାୱାର ୨୦୧୯ ନଭେମ୍ବରରେ ପାର୍ଲାମେଣ୍ଟର ଶୀତ ଅଧିବେଶନ ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଥିଲେ। ୨୦୧୪ରେ ମଧ୍ୟ ଭାଜପା ପକ୍ଷରୁ ଏନ୍‌ସିପି ଶିବିର ସହ ମେଣ୍ଟ ପାଇଁ ପ୍ରୟାସ କରାଯାଇଥିଲା। ଏହା ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ୍ୟ ଏନ୍‌ସିପି ସହ ମେଣ୍ଟ ଚାହିଁଥିଲେ ବୋଲି ପାୱାର ନିଜ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି।

# ବିଜେଡିରେ ଯୋଗଦେଲେ ଭାଜପା ଜିଲା ସଭାପତି

**ଝାରସୁଗୁଡ଼ା ଉପନିର୍ବାଚନ ପୂର୍ବରୁ ଦଳ ଡିଆଁ**

ଭୁବନେଶ୍ୱର,୩।୫(ବ୍ୟୁରୋ)

ଝାରସୁଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୦ତାରିଖରେ ଉପନିର୍ବାଚନ ଲାଗି ମତଦାନ ହେବ। ବିଭିନ୍ନ ଦଳ ପକ୍ଷରୁ ପ୍ରଚାର ଜୋରସୋର ଚାଲିଛି। ପ୍ରତ୍ୟେକ ଦଳର ଷ୍ଟାର ପ୍ରଚାରକମାନେ ସେମାନଙ୍କ ପ୍ରାର୍ଥୀଙ୍କ ପାଇଁ ଦିନରାତି ଏକ କରିଦେଇଛନ୍ତି। ଏଭଳି ସ୍ଥିତିରେ ଭାଜପାକୁ ଲାଗିଛି ଶକ୍ତ ଧକ୍କା। ଝାରସୁଗୁଡ଼ା ଜିଲା ଭାଜପା ସଭାପତି ମଙ୍ଗଳ ସାହୁ ବିଜେଡିରେ ଯୋଗଦେଇ ଶଙ୍ଖ ଧରିଛନ୍ତି। ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ତଥା ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଉପସ୍ଥିତିରେ ବୁଧବାର ସାହୁ ଦଳୀୟ ନେତାଙ୍କ ଗହଣରେ ବିଜେଡିରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି। ପରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ।

ବିଜେଡିରେ ଯୋଗଦେବା ପରେ ମଙ୍ଗଳ କହିଛନ୍ତି, ସେ ଭାଜପାର ଜଣେ ଶୃଙ୍ଖଳିତ କର୍ମୀ ଥିଲେ। କଠିନ ପରିଶ୍ରମ କରି ତୃଣମୂଳସ୍ତରରୁ ସଂଗଠନକୁ ମଜଭୁତ କରିଥିଲେ। ହେଲେ ବର୍ତ୍ତମାନ ଦଳ ଏହାର



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ ଦଳରେ ଯୋଗଦେଇଥିବା ଝାରସୁଗୁଡ଼ା ଜିଲା ଭାଜପା ସଭାପତି ମଙ୍ଗଳ ସାହୁ (ଡାହାଣ)। ନିକଟରେ ଉପସ୍ଥିତ ଅଛନ୍ତି ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ (ବାମ)।

ମୂଳ ବିଚାରଧାରାରୁ ଦୂରେଇଯାଇଛି। ଭାଜପା ନବ ଦାସ ହତ୍ୟା ପ୍ରସଙ୍ଗକୁ ଦୀର୍ଘଦିନ ଧରି ବିରୋଧ କରି ପ୍ରକୃତ ପ୍ରସଙ୍ଗରୁ ଧ୍ୟାନ ହଟାଇବାକୁ ଚେଷ୍ଟା କରୁଛି। ଝାରସୁଗୁଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ସେସବୁ ପ୍ରସଙ୍ଗକୁ ଭାଜପା ଅଣଦେଖା କରୁଛି ବୋଲି ସାହୁ କହିଛନ୍ତି। ଅପରପକ୍ଷରେ ସାହୁଙ୍କ ବିଜେଡିରେ ଯୋଗଦାନ ସମ୍ପର୍କରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସମସ୍ତେ ନିଜ ପସନ୍ଦର ଦଳ ବାଛିପାରିବେ। ସେ ସମ୍ପର୍କରେ ଆଲୋଚନା କରି ଆମେ ସମୟ ନଷ୍ଟ କରିବା ଉଚିତ୍ ନୁହେଁ। ଜିଲା ସଭାପତି ଅନ୍ୟ ଦଳରେ ମିଶିବା ଦ୍ୱାରା ଉପନିର୍ବାଚନ କିମ୍ବା ଭାଜପା ଉପରେ ଏହାର ପ୍ରଭାବ କିଛି ପଡ଼ିବ ବୋଲି ଏକ ପ୍ରଶ୍ନର ଉତ୍ତରରେ ସାମଲ କହିଛନ୍ତି ଯେ, ଆମେ ପ୍ରଚାରରେ ବ୍ୟସ୍ତ ଅଛୁ। ଭାଜପା ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ସହିତ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରେ। ଏହା କୌଣସି ବ୍ୟକ୍ତିଙ୍କ ଉପରେ ନିର୍ଭର କରେ ନାହିଁ। ଦଳ ବିରୋଧୀଙ୍କୁ ବିରୋଧ କରିବାକୁ ଦିଅନ୍ତୁ। ଦଳର ପରବର୍ତ୍ତୀ ଜିଲା ସଭାପତି କିଏ ହେବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ। ଆସନ୍ତା ୧୦ରେ ଆମର ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ଦଳ ସମ୍ପୂର୍ଣ୍ଣ ଜୋସ୍‌ରେ ଲାଗିଛି ବୋଲି ସାମଲ କହିଛନ୍ତି। ଗତ ଜାନୁୟାରୀ ୨୯ରେ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ପରେ ଝାରସୁଗୁଡ଼ାରେ ଉପନିର୍ବାଚନ ହେଉଛି। ଭାଜପାରୁ ଟଙ୍କଧର ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଜେଡିରୁ ସ୍ୱର୍ଗତ ନବଙ୍କ ଝିଅ ଦୀପାଳି ଦାସ ଏବଂ କଂଗ୍ରେସରୁ ତରୁଣ ପାଣ୍ଡେ ପ୍ରାର୍ଥୀ ହୋଇଛନ୍ତି।

## ଆଜି ହନୁମାନ ଚାଳିଶା ଆବୃତ୍ତି କରିବ ବଜରଙ୍ଗ ଦଳ

**କର୍ଣ୍ଣାଟକ ବିଧାନସଭା ନିର୍ବାଚନ**

ବେଙ୍ଗାଲୁରୁ/ଆଙ୍କୋଲା,୩।୫

କଂଗ୍ରେସ କ୍ଷମତାକୁ ଆସିଲେ ବଜରଙ୍ଗ ଦଳକୁ ବେଆଇନ ଘୋଷଣା କରିବ ବୋଲି ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ଏହାର ପ୍ରତିବାଦରେ ବଜରଙ୍ଗ ଦଳ ସାରା କର୍ଣ୍ଣାଟକରେ ଗୁରୁବାର ହନୁମାନ ଚାଳିଶା ଆବୃତ୍ତି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନେଇଛି। ମେ' ୧୦ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ବିରୋଧୀ ଦଳ କଂଗ୍ରେସ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ଇସ୍ତାହାରରେ ଅନେକ ପ୍ରତିଶ୍ରୁତି ଦେଇଛି। ଜାତି ଓ ଧର୍ମ ଆଧାରରେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଘୃଣା ପ୍ରସାର କରାଉଥିବା ବ୍ୟକ୍ତିବିଶେଷ ଏବଂ ସଂଗଠନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି କହିଛି। ଆଇନ ଏବଂ ସମ୍ବିଧାନ ପବିତ୍ର ଯାହାକୁ ବଜରଙ୍ଗ ଦଳ, ପିଏଫ୍‌ଆଇ ଭଳି ସଂଗଠନ ଏବଂ ବ୍ୟକ୍ତିବିଶେଷ ଉଲ୍ଲଂଘନ କରିପାରିବେ ନାହିଁ। ସେମାନେ ସଂଖ୍ୟାଗରିଷ୍ଠ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ଓ ଘୃଣାର ପ୍ରସାର କରିପାରିବେ ନାହିଁ ବୋଲି କଂଗ୍ରେସ କହିଥିଲା।

କର୍ଣ୍ଣାଟକର ଉତ୍ତର କନ୍ନଡ ଜିଲାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଦୁର୍ବ୍ୟବହାର ସଂସ୍କୃତିରେ ବିଶ୍ୱାସ କରୁଥିବା ଅଭିଯୋଗ କରିଛନ୍ତି। ସେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ କଂଗ୍ରେସ ନେତାମାନେ ତାଙ୍କୁ ଗାଳି ଦେଉଛନ୍ତି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଲୁଟ୍ ପ୍ରତି ମୋଦି ଆଖି ବୁଜିଦେଇଛନ୍ତି: ପ୍ରିୟଙ୍କା

ଇଣ୍ଡି(କର୍ଣ୍ଣାଟକ),୩।୫



କର୍ଣ୍ଣାଟକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ଭାଜପାର ୪୦ ପ୍ରତିଶତ କମିଶନ ସରକାର ଚାଲିଛି। ଭାଜପା ସରକାର ରାଜ୍ୟକୁ ଲୁଟୁଥିବାବେଳେ ନିଜକୁ ସର୍ବବ୍ୟାପୀ ଓ ସର୍ବଜ୍ଞ ନେତା କହୁଥିବା ମୋଦି ଦେଖିପାରୁ ନାହାନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ବିକାଶ ପୁରୁଷ ମୋଦି ଏବେ ବି କର୍ଣ୍ଣାଟକକୁ ବିକଶିତ ରାଜ୍ୟରେ ପରିଣତ କରିବା ତାଙ୍କର ସ୍ୱପ୍ନ ଓ ଏହାକୁ ଦେଶର ବିକାଶ ମଡେଲ ଭାବେ ଉପସ୍ଥାପନ କରିବାକୁ ଚାହାନ୍ତି ବୋଲି କ'ଣ ପାଇଁ କହୁଛନ୍ତି ତାହା ଜାଣିବାକୁ ଚାହାନ୍ତି ବୋଲି ବିଜୟପୁରା ଜିଲାରେ ଏକ ଜନସଭାକୁ ସମ୍ବୋଧିତ କରି ପ୍ରିୟଙ୍କା କହିଥିଲେ। ଯଦି ତୁମେ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞ ତେବେ ନିଜ ସ୍ୱପ୍ନ ପୂରଣ କରିପାରୁନ କାହିଁକି ବୋଲି ପ୍ରିୟଙ୍କା ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ମୋଦି ସ୍ୱପ୍ନ ଦେଖିବାରେ ବ୍ୟସ୍ତ ରହି କର୍ଣ୍ଣାଟକରେ ଲୁଟ୍ ପ୍ରତି ଆଖି ବୁଜିଦେଇଥିବା କଂଗ୍ରେସ ନେତ୍ରୀ କହିଛନ୍ତି।

## ମାସକରେ ପଦକ୍ଷେପ ନ ହେଲେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର, ୩।୫(ବ୍ୟୁରୋ)

**କୋଟିଆ ସୀମା ବିବାଦ ପ୍ରସଙ୍ଗ**

ରାଜ୍ୟ ସରକାର କୋଟିଆ ସୀମା ବିବାଦର ସମାଧାନ ନେଇ କିଛି ଠୋସ୍ ପଦକ୍ଷେପ ନିଅନ୍ତୁ। ନଚେତ୍ 'ମୁଖ୍ୟମନ୍ତ୍ରୀ ଗାଦି ଛାଡ଼ ଆନ୍ଦୋଳନ' ଜୋର୍‌ଦାର କରାଯିବ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, କୋଟିଆରେ ଆନ୍ଧ୍ର ସରକାରଙ୍କ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ଅନୁପ୍ରବେଶ ବାରମ୍ବାର ହେଉଛି। ହେଲେ ଓଡ଼ିଶା ସରକାର ବି ଚୁପ୍ ବସିଛନ୍ତି। କୋରାପୁଟ ଜିଲା କୋଟିଆର ୨୧ ଗାଁ ସହିତ ଗଜପତି ଜିଲାର ୨ ପଞ୍ଚାୟତ ଅବସ୍ଥା ସମାନ। ସେହିଭଳି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲା ଗଞ୍ଜାମର ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତରେ ମଧ୍ୟ ସମାନ ଅବସ୍ଥା। ଏହିସବୁ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ନିଜସ୍ୱ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ଓଡ଼ିଶା ସରକାର ସେଠାରେ ଲୋକଙ୍କ ପାଖରେ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବାକୁ କୌଣସି ଚେଷ୍ଟା କରୁନାହାନ୍ତି। ଏପରିକି ତୁମ୍ବା ପଞ୍ଚାୟତ ଟିକିଟି ଅଞ୍ଚଳରେ ଆନ୍ଧ୍ର ସରକାର ବାସହୀନମାନଙ୍କୁ ପଟ୍ଟା ବାଣ୍ଟିଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଧିକୃତଭାବେ କୌଣସି ମନ୍ତ୍ରୀ, ଅଧିକାରୀ ସେ ଜାଗାରେ ପହଞ୍ଚିବା, ସରଜମିନ ତଦନ୍ତକରି ଓଡ଼ିଶାର ଲୋକଙ୍କ ସାମ୍ନାରେ ଯାହା ରଖିବା କଥା ତାହା ଦେଖାଯାଉନାହିଁ। ଜଗନମୋହନ ଜିନ୍ଦାବାଦ୍ ନାରା ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ କୋଟିଆରେ ପକାଇଲେ, ଯାହା ବିଜେଡିକୁ ବାଧିଲା ନାହିଁ। କୋଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଅସଲ ଆଭିମୁଖ୍ୟ କ'ଣ ଏଥିରୁ ହିଁ ସ୍ପଷ୍ଟ ବୁଝାପଡୁଛି ବୋଲି ପୃଥ୍ୱୀରାଜ କହିଛନ୍ତି।

## ବିଧାୟିକାଙ୍କ ଗାଡ଼ିକୁ ପଥରମାଡ଼ ଅଭିଯୋଗ



ଲଇକେରା ଥାନାରେ ନିଜ ସମର୍ଥକଙ୍କ ସହ ବିଧାୟିକା କୁସୁମ ଟେଟେ।

**ସମ୍ବଲପୁର,୩।୫(ବ୍ୟୁରୋ):** ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଭିନ୍ନ ଦଳୀୟ ପ୍ରାର୍ଥୀ ପ୍ରଚାର ମଇଦାନକୁ ଓହ୍ଲାଇ ଦିନରାତି ଏକ କରିଦେଇଛନ୍ତି। ଏପରିସ୍ଥଳେ ବିଭିନ୍ନ ଦଳ ମଧ୍ୟରେ ଛକପଞ୍ଝା ଭଳି ସ୍ଥିତି ଦେଖିବାକୁ ମିଳିଛି। ବୁଧବାର ଅନୁରୂପ ଭାବେ ଏକ ଘଟଣା ସାମ୍ନାକୁ ଆସିଛି। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ଲଇକେରା ଥାନା ନିକ୍ରିମାଲଠାରେ ପଥରମାଡ଼ କରିଥିବା ଅଭିଯୋଗ ହୋଇଛି। ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ସହ ଅନ୍ୟମାନେ ନିକ୍ରିମାଳ ଗ୍ରାମରେ ପ୍ରଚାର କରି ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିଲା। ବିଧାୟିକା ଟେଟେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଝାରସୁଗୁଡା ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଘଟଣା ନେଇ ବିଧାୟିକା ଟେଟେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଏପ୍ରିଲ ୨୯ରେ ଝାରସୁଗୁଡା ମ୍ୟୁନିସିପାଲିଟିର ପୁରୁଣାବସ୍ତିରେ ପ୍ରଚାର ସମୟରେ ଭାଜପା ପ୍ରଚାର ଗାଡିରୁ କେହି ଦୁର୍ବୃତ୍ତ ବ୍ୟାନର, ପୋଷ୍ଟର ଫାଡିଦେଇଥିଲେ।

## ଓଡ଼ିଶାରେ ଯୁବକଙ୍କ ଭବିଷ୍ୟତ, ବର୍ତ୍ତମାନ ଅନ୍ଧକାରାଚ୍ଛନ୍ନ: ଭାଜପା

ଭୁବନେଶ୍ୱର, ୩।୫(ବ୍ୟୁରୋ)

ଓଡ଼ିଶାରେ ନିଯୁକ୍ତିର ଅବସ୍ଥା କ'ଣ ଅଛି ଇପିଏଫ୍‌ଓ ସଂସ୍ଥା ଏପ୍ରିଲ ୨୦ରେ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟରେ ଓଡ଼ିଶାର ଯୁବକଙ୍କ ଭବିଷ୍ୟତ ଓ ବର୍ତ୍ତମାନ କିଭଳି ଅନ୍ଧକାରାଚ୍ଛନ୍ନ ହୋଇଛି ତାହା ସ୍ପଷ୍ଟଭାବେ ଦର୍ଶାଯାଇଛି। ଫେବୃୟାରୀ ୨୦୨୩ରେ ମହାରାଷ୍ଟ୍ରରେ ୨,୯୧,୮୧୮, ତାମିଲନାଡୁରେ ୧,୬୬,୪୯୧, ଗୁଜରାଟରେ ୧,୧୪,୨୭୦, ହରିୟାଣାରେ ୧,୧୨,୬୦୦, କର୍ଣ୍ଣାଟକରେ ୧,୩୨,୧୫୨, ତେଲଙ୍ଗାନାରେ ୭୯,୭୦୦ ନିଯୁକ୍ତି ସୃଷ୍ଟି ହୋଇ ବେକାର ଯୁବତୀଯୁବକମାନେ ଚାକିରି ପାଇଛନ୍ତି। ହେଲେ ଦୁଃଖର ବିଷୟ ଓଡ଼ିଶାରେ ମାତ୍ର ୧୭,୪୫୯ ଜଣ ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାରଙ୍କ କେଉଁ ନିଯୁକ୍ତି ନୀତି ଫଳରେ ଓଡ଼ିଶାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ରାଜ୍ୟ ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି, ଜାନୁୟାରୀ ତୁଳନାରେ ଫେବୃୟାରୀରେ ଭାରତରେ ନିଯୁକ୍ତି ୬.୯୪% ବୃଦ୍ଧି ପାଇଥିବାବେଳେ ଓଡ଼ିଶାରେ ୧୩.୬୫% ହ୍ରାସ ପାଇବା ଦୁର୍ଭାଗ୍ୟଜନକ। ଏହି ରିପୋର୍ଟରେ ବୟସର ତଥ୍ୟ ମଧ୍ୟ ପ୍ରକାଶ ପାଇଛି। ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୮-୨୧ବର୍ଷ ବୟସରେ ୦.୧୭%, ୨୨-୨୫ ବର୍ଷରେ ୦.୫%, ୨୬-୨୮ ବର୍ଷରେ ୧୦.୪୨%, ୨୯-୩୫ ବର୍ଷରେ ୧୭.୫୧% ଓ ୩୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ୨୬.୦୧% ହ୍ରାସ ପାଇଛି। ରାଜ୍ୟ ସରକାରଙ୍କ ଗତ ୨୩ ବର୍ଷ ଶାସନ କାଳରେ ଓଡ଼ିଶାର ଯୁବକଙ୍କ ଭବିଷ୍ୟତ ଅନ୍ଧାର ହୋଇଛି। ଏଥିଲାଗି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ଏନେଇ ଭାଜପା ସ୍ୱର ଉଠାଇଲେ ରାଜ୍ୟ ସରକାର ଚିଙ୍କି ଉଠୁଛନ୍ତି ବୋଲି ସତ୍ୟବ୍ରତ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଓଡ଼ିଶାର ନିଯୁକ୍ତି ସଂକ୍ରାନ୍ତରେ ତଥ୍ୟ ଦେଉଛନ୍ତି ସତ୍ୟବ୍ରତ ପଣ୍ଡା(ମଝି)।

## '୭୧ ବୁଥ୍‌ରେ ବ୍ୟାପକ ସୁରକ୍ଷା, ସିସିଟିଭି ବ୍ୟବସ୍ଥା କରାଯାଉ'

ଭୁବନେଶ୍ୱର, ୩।୫(ବ୍ୟୁରୋ)

**ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଅଭିଯୋଗ**

ରାଜ୍ୟରେ ଆଇନର ଶାସନ ଚାଲୁନାହିଁ। ଝାରସୁଗୁଡ଼ାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଯୋଗୁ ଦିବାଲୋକରେ ରାଜ୍ୟର ବରିଷ୍ଠ ମନ୍ତ୍ରୀ ନବକିଶୋର ଦାସଙ୍କୁ ହତ୍ୟା କରାଗଲା। ବିଜେଡି ସରକାରର ଅପାରଗତା ପାଇଁ ଝାରସୁଗୁଡ଼ାରେ ଉପନିର୍ବାଚନ ହେଉଛି। ଝାରସୁଗୁଡ଼ାରେ ଶାସକ ଦଳର ଗୁଣ୍ଡା ଓ ମାଫିଆରାଜ ପାଇଁ ଅଞ୍ଚଳବାସୀ ତ୍ରାହି ତ୍ରାହି ଡାକୁଛନ୍ତି। ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଉପନିର୍ବାଚନର ୭ ଦିନ ପୂର୍ବରୁ ବୁଧବାର ପୁଣି ଝାରସୁଗୁଡାର ମଙ୍ଗଳା ବଜାର ବୁଥ୍ ନଂ. ୨୦ରେ ଶାସକ ବିଜେଡି ଗଣ୍ଡଗୋଳ ଓ ଗୁଣ୍ଡାରାଜ ଆରମ୍ଭ କରିଥିବା ଭାଜପା ଅଭିଯୋଗ କରିଛି। ଭାଜପାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି, ଲୋକେ ଶାସକ ଦଳଠାରୁ ମୁହଁ ଫେରାଉଥିବାରୁ ସେମାନେ ଝାରସୁଗୁଡ଼ାରେ ହିଂସାକୁ ଆପଣାଇଛନ୍ତି। ଯାହା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଝାରସୁଗୁଡ଼ା ବିଧାନସଭାର ସମୁଦାୟ ୨୫୩ ବୁଥ୍ ମଧ୍ୟରୁ ୭୧ଟି ବୁଥ୍ ଅତି ଉତ୍ତେଜନାପ୍ରବଣ ଥିବା ଆଶଙ୍କା କରାଯାଉଛି। ନିର୍ବାଚନ ସମୟରେ ଏହି ବୁଥ୍‌ରେ ବ୍ୟାପକ ସୁରକ୍ଷା ଓ ସିସିଟିଭିର ବ୍ୟବସ୍ଥା କରି ଝାରସୁଗୁଡା ଉପନିର୍ବାଚନରକୁ ଅବାଧ, ମୁକ୍ତ, ନିରପେକ୍ଷ କରିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି।

**ଫୁରସତ**

## ୧୬ ବର୍ଷୀୟାଙ୍କୁ ବାହାହେଲେ ୬୫ ବର୍ଷୀୟ ମେୟର

**ବ୍ରାସିଲିଆ:** ଜଣେ ୬୫ ବର୍ଷୀୟ ବ୍ୟକ୍ତି ନିକଟରେ ୧୬ ବର୍ଷୀୟାଙ୍କୁ ବିବାହ କରିଛନ୍ତି। ଏହା ପୂର୍ବରୁ ସେ ୬ ଜଣଙ୍କୁ ବିବାହ କରିଛନ୍ତି ଏବଂ ତାଙ୍କର ୧୬ ସନ୍ତାନ ଅଛନ୍ତି। ରିପୋର୍ଟ ମୁତାବକ, ବ୍ରାଜିଲ ମେୟର ହିସାମ ହୁସେନ୍ ଦେହେନି ଏହି ବିବାହ ପାଇଁ ତାଙ୍କ ରାଜନୈତିକ ଦଳରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ସେ ଯେଉଁ ଝିଅଙ୍କୁ ବିବାହ କରିଛନ୍ତି, ସେ ଚାଇଲ୍ଡ ବ୍ୟୁଟି କୁଇନ କୌଆନେ ରୋଡ। ତାଙ୍କୁ କିଛିଦିନ ତଳେ ୧୬ ବର୍ଷ ହୋଇଛି। ବ୍ରାଜିଲ୍‌ରେ ୧୬ ବର୍ଷୀୟାଙ୍କ ବିବାହ କୌଣସି



ଅପରାଧ ନୁହେଁ। କୌଆନେ ଏବେ ମଧ୍ୟ ସ୍କୁଲ ଯାଉଛନ୍ତି। ହେଲେ ବିବାହ ପାଇଁ ପରିବାରର ଅନୁମତି ଥିବା ଆବଶ୍ୟକ। ତେବେ ଦେହେନି ବିବାହ ପୂର୍ବରୁ କୌଆନେଙ୍କ ମା' ଏବଂ ଆଣ୍ଟିଙ୍କୁ ଉଚ୍ଚ ପଦବୀରେ ରଖିଥିବା ଜଣାପଡିଛି। ଏହି ପଦବୀ ପାଇଁ ଦେହେନି ତାଙ୍କ ମେୟର ପଦବୀର ଫାଇଦା ଉଠାଇଥିଲେ। ଏହା ଜଣାପଡିବା ପରେ କୌଆନେଙ୍କ ମା' ଏବଂ ଆଣ୍ଟିଙ୍କୁ ସେଥିରୁ ବିଦା ହେବାକୁ ପଡିଛି। ଦେହେନି ୧୪ ମିଲିୟନ୍ ବ୍ରାଜିଲିଆନ ରିଆଲ୍ ସମ୍ପତ୍ତିର ମାଲିକ ହୋଇଥିବାବେଳେ ସେ ୧୯୮୦ ମସିହାରେ ପ୍ରଥମ ବିବାହ କରିଥିଲେ। ୨୦୦୦ ମସିହାରେ ଡ୍ରଗ୍ସ ମାମଲାରେ ୧୦୦ରୁ ଅଧିକ ଦିନ ପୋଲିସ ତାଙ୍କୁ କାବୁ କରିଥିଲା।

## ୯୮ ଲକ୍ଷ ଟଙ୍କାର କଳାକୃତିକୁ ଖାଇଦେଲେ ଛାତ୍ର

**ସିଓଲ:** ମ୍ୟୁଜିୟମ୍‌ରେ ଲାଗିଥିବା କୌଣସି ଚିତ୍ରକଳାକୁ କେହି କେବେ ଖାଇଦେବାର ଶୁଣିଛନ୍ତି? ଏପରି ଏକ ଘଟଣା ଦେଖିବାକୁ ମିଳିଛି ଦକ୍ଷିଣ କୋରିଆର ଏକ ମ୍ୟୁଜିୟମ୍‌ରେ। ରିପୋର୍ଟ ମୁତାବକ, ସିଓଲର ଲିଉମ୍ ମ୍ୟୁଜିୟମ୍‌ରେ ଇଟାଲିର ଜଣାଶୁଣା ଆର୍ଟିଷ୍ଟ ମୌରିଜିଓ କାଟେଲାନ୍‌ଙ୍କ ୯୮ ଲକ୍ଷ ଟଙ୍କାର ଏକ କଳାକୃତି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ସେହି କଳାକୃତିର ନାମ ଥିଲା 'କୋମେଡିୟନ୍'। ସେହି କଳାକୃତିରେ ଏକ ପାଚିଲା କଦଳୀ ଟେପ ସାହାଯ୍ୟରେ ଲଗାଯାଇଥିଲା। ଏହା ଶୁଣିବାକୁ ଅଜବ ଲାଗିବ, ହେଲେ ଏହା ତାଙ୍କ କଳାକୃତିର ଏକ ଅଂଶ। ସେହି ପ୍ରଦର୍ଶନୀ ଦେଖିବାକୁ ଆସିଥିବା ସିଓଲ ୟୁନିଭର୍ସିଟିର ଜଣେ ଛାତ୍ର ସେହି କଦଳୀକୁ ଖାଇ କଦଳୀର ଚୋପା ସେଠାରେ ଲଗାଇ ଦେଇଥିଲେ। ଛାତ୍ରଙ୍କ ଏପରି କାର୍ଯ୍ୟ ପାଇଁ ତାଙ୍କ ସାଙ୍ଗମାନେ ମଧ୍ୟ ତାଙ୍କର ଏକ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଛାତ୍ରଙ୍କ ଭୋକରେ ଥିବାରୁ ସେ ସେହି କଦଳୀକୁ ଖାଇଦେଇଥିବା କହିଥିଲେ। କିନ୍ତୁ ପରେ ଲାଗିଥିବା କଦଳୀ ଚୋପାକୁ ସେଠାରୁ ହଟାଯାଇ ନୂତନ କଦଳୀ ଲଗାଯାଇଥିଲା। ଏହି ଘଟଣା ହଠାତ୍ ଘଟିଥିବା ମ୍ୟୁଜିୟମ୍‌ର ଅଧିକାରୀ କହିଛନ୍ତି। ଏହି ପ୍ରଦର୍ଶନୀ ୧୬ ଜୁଲାଇ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ସେହି କଦଳୀ କିଛି ଦିନ ଅନ୍ତରାଳରେ ବଦଳାଯାଉଥିବା କାଟେଲାନ୍ କହିଛନ୍ତି।

## ଗୋଟିଏ ଗଛରେ ୧୪ କିସମ ଆମ୍ବ

**ରାଜକୋଟ:** ଗୋଟିଏ ଗଛରେ ୧୪ କିସମର ଆମ୍ବ ଫଳିବା ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ଗୁଜରାଟର ଆମ୍ରେଲି ଜିଲା ଧାରି ଚାଲୁକ ଅନ୍ତର୍ଗତ ଡିଟ୍‌ଲା ଗ୍ରାମର ଆମ୍ବ ଚାଷୀ ଉକାଭାଇ ଭଟ୍ଟି ଆମ୍ବ ଗଛର ଏକ ଜୀବନ୍ତ ଆଲବମ୍ ସୃଷ୍ଟି କରିଛନ୍ତି। ଉକ୍ତ ଆମ୍ବ ଗଛର ଡାଳଗୁଡ଼ିକରେ ୧୪ଟି ଭିନ୍ନ ପ୍ରଜାତିର ଆମ୍ବ ଝୁଲୁଥିବା ଦେଖିବାକୁ ମିଳିଛି। ଭଟ୍ଟିଙ୍କ ଏହି ଯାଦୁକରୀ ଗଛରେ ହୋଲିଠାରୁ ଦିୱାଲି ପର୍ଯ୍ୟନ୍ତ ଆମ୍ବ ରହିଥାଏ। ୭୦ ବର୍ଷୀୟ ଭଟ୍ଟି ଏବେ ବି ତାଙ୍କ ଗଛରେ ନୂଆ ଭେରାଇଟିର ଆମ୍ବକୁ ସାମିଲ କରିଚାଲିଛନ୍ତି। ସେଥିରେ ଜୁନାଗଡ଼ର ନବାବ ଯୁଗର ଆମ୍ବ ସମେତ ନାଲିୟେରୋ, ଗୁଲାବିୟୋ, ସିନ୍ଦୋରିୟୋ, ଡାଡମୋ, କାଲୋ ଜମାଦାର, କ୍ୟାପଟେନ୍, ପାଇଲଟ, ଭାରିୟାଲିୟୋ, ବାଦାମ, ସର୍ଦ୍ଦାର, ଶ୍ରାବଣିୟୋ, ଆଶାଢ଼ିୟୋ ଭେରାଇଟିର ଆମ୍ବ ରହିଛି। ଭଟ୍ଟି ନିଜ ଷ୍ଟାଇଲରେ କେତେକ ଆମ୍ବର ନାଁ ଦେଇଛନ୍ତି। ସିଧା ଆମ୍ବକୁ କ୍ୟାପ୍‌ଟେନ ନାଁ ଦିଆଯାଇଥିବାବେଳେ କଳା ଚୋପା ଥିବା ଆମ୍ବକୁ କାଲୋ ଜମାଦାର ନାଁ ଦିଆଯାଇଛି। ବିଭିନ୍ନ ଭେରାଇଟି ଭିନ୍ନ ଭିନ୍ନ ସମୟରେ ଫଳିଥାଏ। ଭଟ୍ଟି ବହିରୁ ବିଭିନ୍ନ ବିରଳ ପ୍ରଜାତିର ଆମ୍ବ ବିଷୟରେ ପଢ଼ି ଏହାକୁ ଖୋଜିଥାନ୍ତି। ସେଗୁଡ଼ିକର ଚାରା ସଂଗ୍ରହ କରି ନିଜ ବାଡ଼ିରେ ଲଗାଇଥାନ୍ତି।



## ଚର୍ଚ୍ଚାରେ ପ୍ରିୟଙ୍କାଙ୍କ ୨୦୪ କୋଟିର ହୀରା ନେକ୍‌ଲେସ

**ମୁମ୍ବାଇ:** ପ୍ରତିବର୍ଷ ଫ୍ୟାଶନ ଇଭେଣ୍ଟ ମେଟ୍ ଗାଲାକୁ ଅନେକ ବଡ଼ ବଡ଼ ଷ୍ଟାରମାନେ ଭିନ୍ନ ପୋଷାକରେ ରେଡ କାର୍ପେଟରେ ନଜରକୁ ଆସିଥାନ୍ତି। ଚଳିତ ମେଟ୍ ଗାଲାରେ ନିଜ ପୋଷାକକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା। ସେ କଳା ଓ ଧଳା ରଙ୍ଗର ପୋଷାକ ପରିଧାନ କରିଥିବାବେଳେ ବେକରେ ଏକ ଡାଇମଣ୍ଡ ନେକ୍‌ଲେସ ପିନ୍ଧିଥିଲେ। ଯେଉଁଥିପାଇଁ ସେ ଅଧିକ ସୁନ୍ଦର ଦିଶୁଥିଲେ। ତେବେ ସେହି ହୀରା ନେକ୍‌ଲେସକୁ ନେଇ ଏକ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ପ୍ରିୟଙ୍କା ପିନ୍ଧିଥିବା ୧୧.୬ କ୍ୟାରେଟ୍ ହୀରା ନେକ୍‌ଲେସକୁ ଜୁଏଲେରି ବ୍ରାଣ୍ଡ ବୁଲଗେରୀ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଯାହାର ମୂଲ୍ୟ ୨୫ ମିଲିୟନ ଆମେରିକୀୟ ଡଲାର୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ୨୦୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଗାଲା ଇଭେଣ୍ଟ ପରେ ସେହି ହୀରା ନେକ୍‌ଲେସକୁ ନିଲାମ ହେବ ବୋଲି ଜଣାପଡିଛି। ଏହି ଫ୍ୟାଶନ ଇଭେଣ୍ଟ ମେ'୧ରୁ ଆରମ୍ଭ ହୋଇଥିବାବେଳେ ସେଠାରେ ବହୁ ଭାରତୀୟ କଳାକାର ମଧ୍ୟ ସାମିଲ ଥିବା ଦେଖିବାକୁ ମିଳିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ରୁଦ୍ରାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଇଓବିର ପୁରୀ ଶାଖା ଗୃହ ଉଦ୍‌ଘାଟିତ

**ଭୁବନେଶ୍ୱର,୩।୫**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ପୁରୀ ଶାଖା ପରିସରରେ ଏକ ନୂତନ ଗୃହ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଇଓବିର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅପରପକ୍ଷରେ ସେ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଆଇଓବିର କ୍ଷେତ୍ରୀୟ ପ୍ରବନ୍ଧକମାନଙ୍କୁ ସମ୍ବୋଧିତ କରିବା ସହ ଉତ୍ତମ ପାରଦର୍ଶିତା ହାସଲ କରିଥିବା ଶାଖା ପ୍ରବନ୍ଧକମାନଙ୍କୁ ମଧ୍ୟ ସମ୍ବୋଧନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମହାପ୍ରବନ୍ଧକ ମୋହନ ଏମ୍, ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଗୌରବ ଭରଦ୍ୱାଜ ଏବଂ ସହାୟକ ମହାପ୍ରବନ୍ଧକ ଶଶୀକାନ୍ତ ଭାରତୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ସେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ।

# ବିଓଏମ୍‌ର ନୂତନ ଅଞ୍ଚଳ ମୁଖ୍ୟ


ଆଲୋକ କୁମାର ମିଶ୍ର

**ଭୁବନେଶ୍ୱର,୩।୫**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍), ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଅଞ୍ଚଳ ମୁଖ୍ୟ ଭାବେ ଆଲୋକ କୁମାର ମିଶ୍ର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇସ୍ଥିତ ଫୋର୍ଟ ଶାଖାରେ ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୪ରେ ସେ ବିଓଏମ୍‌ରେ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିଲେ। ଦୀର୍ଘ ୧୯ ବର୍ଷରୁ ଅଧିକ ସମୟ ହେବ ସେ ବିଓଏମ୍‌ର ଦିଲ୍ଲୀ, କୋଲକାତା, ପାଟନା, ରାୟପୁର, କାନପୁର, ଆକୋଲା, ପୁଣେ, ମୁମ୍ବାଇ ଭଳି ଅଞ୍ଚଳରେ ଭିନ୍ନ ଭିନ୍ନ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ମିଶ୍ର ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିବା ସହ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟର ବୃହତ୍ କର୍ପୋରେଟ୍ ଫାଇନାନ୍ସରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବିଶେଷକରି ଅଞ୍ଚଳ ମୁଖ୍ୟ ଭାବେ ଯୋଗଦେଲା ପରେ ମିଶ୍ର ମିଡ୍ କର୍ପୋରେଟ୍, ରିଟେଲ୍, ଏମ୍ଏସ୍ଏମ୍‌ଇ କ୍ଷେତ୍ରକୁ ଅଧିକ ଧ୍ୟାନଦେବା ସହ ବିଭିନ୍ନ ସରକାରୀ ଯୋଜନାକୁ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ କରି ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବ୍ୟାଙ୍କକୁ ସାମିଲ କରାଇବେ ବୋଲି ସେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଅଧୀନରେ ମୋଟ ୪୦ଟି ଶାଖା ରହିଛି। ଉକ୍ତ ଶାଖାଗୁଡ଼ିକ ମାଧ୍ୟମରେ ବ୍ୟାଙ୍କ ରାଜ୍ୟର ପ୍ରାୟ ସମସ୍ତ ଜିଲାରେ ତା'ର ଉପସ୍ଥିତି ଜାହିର କରିପାରିଛି।

# ଡା. ଅର୍ଥୋ ଭାରତର ଶ୍ରେଷ୍ଠ ବ୍ରାଣ୍ଡ୍

**ନୂଆଦିଲ୍ଲୀ,୩।୫**

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ୍ ଡା. ଅର୍ଥୋକୁ ନିକଟରେ ଭାରତର ଶ୍ରେଷ୍ଠ ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି ଡା. ଅର୍ଥୋକୁ ମୋଷ୍ଟ ଟ୍ରଷ୍ଟେଡ୍ ବ୍ରାଣ୍ଡ୍ ଅଫ୍ ଇଣ୍ଡିଆ-୨୦୨୩ ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ମାର୍କସମ୍ୟାନ ଡେଲି ଟିମ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡା. ଅର୍ଥୋ ବ୍ରାଣ୍ଡ୍ ପାଇଁ ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ରାଧିକା ଚିମାଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା। ଏପରିକି ସଂସ୍ଥାର ମିଶନ ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଦେଶର ବିକାଶ ଓ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନରେ ଯୋଗଦାନ ରଖିଥିବା ୫୦ ପ୍ରମୁଖ ପ୍ରତିଷ୍ଠାନକୁ ସଂସ୍ଥା ପକ୍ଷରୁ ଚୟନ କରାଯାଇ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶେଷ ଅବଦାନ ଓ ଗ୍ରାହକଙ୍କ ଚାହିଦା ପୂରଣ କରୁଥିବା ବେଳେ ଗୁଣାତ୍ମକ ଉତ୍ପାଦ ଓ ପ୍ରିମିୟମ କ୍ୱାଲିଟିର ସାମଗ୍ରୀ ବଜାରରେ ଉପଲବ୍ଧ କରାଉଛି। ସେହିଭଳି ବ୍ରାଣ୍ଡ୍‌ରେ ଦକ୍ଷ ଓ ଅଭିଜ୍ଞ କର୍ମଚାରୀ ଏବଂ ସର୍ବୋତ୍ତମ ଗ୍ରାହକ ସେବା ଆଦି ପାଇଁ ବ୍ରାଣ୍ଡ୍‌କୁ ଏଭଳି ଏକ ଜାତୀୟସ୍ତରର ସମ୍ମାନ ଦିଆଯାଇଛି। ଦିଭିସା ଗ୍ରୁପ୍‌ର ଡା. ଅର୍ଥୋ, ପେଟସଫା, ରୂପମନ୍ତ୍ରା ଏବଂ ସଚ୍ଚୀ ସହେଲୀ ଭଳି ଅନେକ ଲୋକପ୍ରିୟ ବ୍ରାଣ୍ଡ୍‌ର ବଜାର ଚାହିଦା ଆଜି ମଧ୍ୟ ବେଶ୍ ଉଚ୍ଚରେ ରହିଛି।



ସମ୍ମାନ ପ୍ରଦାନ ସମାରୋହରେ ବଲିଉଡ୍ ଅଭିନେତ୍ରୀ ନେହା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ଅର୍ଥୋ ବ୍ରାଣ୍ଡ୍‌କୁ ଭାରତର ଶ୍ରେଷ୍ଠ ବ୍ରାଣ୍ଡ-୨୦୨୩ ସମ୍ମାନରେ ସମ୍ମାନିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିଭିସା ହର୍ବାଲ୍ସ ପ୍ରା.ଲି.ର ରାଧିକା ଚିମା ଏବଂ ଗୁର୍‌ବିନ୍ଦର ଚିମା ନେହା ଶର୍ମାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 8985384630

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ ରିପୋର୍ଟ ଉନ୍ମୋଚିତ




**ନୂଆଦିଲ୍ଲୀ,୩।୫:** ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ଏକ ବିଶେଷଜ୍ଞ କମିଟି ଦ୍ୱାରା ପ୍ରସ୍ତୁତ 'ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ' ରିପୋର୍ଟ ନିକଟରେ ଉନ୍ମୋଚିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିକି ଇଣ୍ଡିଆର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡାଙ୍କ ସମେତ ଫିକି ଖଣି କମିଟିର କୋ-ଚେୟାରମ୍ୟାନ୍ ପଙ୍କଜ ସତିଜା, ସେକ୍ରେଟାରି ଜେନେରାଲ ଶୈଳେଶ ପାଠକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଉକ୍ତ ରିପୋର୍ଟରେ ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ ସମ୍ପର୍କରେ ବିସ୍ତୃତ ସୂଚନା ସହ ଭୌଗୋଳିକ ତଥା ଭୂତାତ୍ତ୍ୱିକ ତଥ୍ୟ, ବ୍ୟବହାର, ବଜାର ଦୃଷ୍ଟିକୋଣ, ଚ୍ୟାଲେଞ୍ଜ ଏବଂ ସୁଯୋଗ ଆଦି ସବିଶେଷ ସୂଚନା ରହିଛି। ଏହି ପରିପ୍ରେକ୍ଷୀରେ ଫିକି ଇଣ୍ଡିଆର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଭାରତର ଆର୍ଥିକ ବିକାଶ ଏବଂ ଚିରସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏପରିକି ଭାରତ ତା'ର ଖଣି ଜ୍ଞାନକୌଶଳ ଏବଂ ସୁସମ୍ପର୍କ ବ୍ୟବହାରକରି ଉକ୍ତ ମିନେରାଲକୁ ହାସଲ ଏବଂ ଉତ୍ତୋଳନ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଅପରପକ୍ଷରେ ପଣ୍ଡା ତାଙ୍କ ଅଭିଭାଷଣରେ କହିଥିଲେ, ଭାରତର ଜିଡିପି ଅଭିବୃଦ୍ଧି ପାଇଁ ଖଣି ଖନନର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନ୍ୟୁ ଏଜ୍ ଏନର୍ଜି ମିନେରାଲ୍ସର ଉତ୍ପାଦନ ବୃଦ୍ଧି ନିମନ୍ତେ ଚାଲିଥିବା ଖଣିଜ ସନ୍ଧାନ,ବୈଷୟିକ ଜ୍ଞାନକୌଶଳ ବିନିଯୋଗ ଏବଂ ଦକ୍ଷତା ବୃଦ୍ଧି ଉପରେ ସେ ବେଶ୍ ଗୁରୁତ୍ୱାରୋପ କରିଥିଲେ।

# ରାଉରକେଲା ଅରୁନ୍ଧତୀ ଜୁଏଲର୍ସର ପ୍ରଥମ ବାର୍ଷିକୀ



**ଭୁବନେଶ୍ୱର,୩।୫:** ଅରୁନ୍ଧତୀ ଜୁଏଲର୍ସର ରାଉରକେଲାସ୍ଥିତ ଏକ୍ସକ୍ଲୁସିଭ ଶୋ'ରୁମ୍‌ର ପ୍ରଥମ ବାର୍ଷିକ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସାଥ୍ ଦେଇଥିବା ସମସ୍ତ ଗ୍ରାହକ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏବଂ ଅରୁନ୍ଧତୀ ଜୁଏଲର୍ସ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ ଓ ସର୍ବଶ୍ରେଷ୍ଠ ଜୁଏଲେରି ବ୍ରାଣ୍ଡ୍ ଭାବେ ପ୍ରତିଷ୍ଠିତ କରାଇପାରିଛି। ଅପରପକ୍ଷରେ ପ୍ରତିଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନର ସର୍ବୋତ୍ତମ ଡିଜାଇନ୍‌ର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ରୁପାଗହଣା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏପରିକି ସୁନାଗହଣାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୨୦% ରିହାତି (୨% ଅତିରିକ୍ତ ରିହାତି କର୍ପୋରେଟ୍ ଓ ସରକାରୀ କର୍ମଚାରୀଙ୍କ ପାଇଁ) ରହିଛି। ସେହିଭଳି ପୁରୁଣା ଗହଣା ଉପରେ ୫୦୦ ଟଙ୍କାର ଅତିରିକ୍ତ ଏକ୍ସଚେଞ୍ଜ ବୋନସ ତଥା ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆକର୍ଷଣୀୟ ଉପହାର ମଧ୍ୟ ଦିଆଯାଉଛି। ବିଶେଷ କରି ଅନୁଷ୍ଠାନର ୫ଷ୍ଟାର୍ ପ୍ରମିଜସ' ଜରିଆରେ ମାଗଣା ଅଳଙ୍କାର ବୀମା ଓ ଆଜୀବନ ଗହଣାର ମରାମତିର ସୁବିଧା ଗ୍ରାହକମାନଙ୍କ ପାଇଁ ରଖାଯାଇଛି।


# Classified Everyday

0674-2580101, 2549949


REAL ESTATE

**SALE**

**Fully developed gated Society 30ft. each road, electricity, plantation, few plots available at Nakhara- 9439363944.** D-74848

**1BHK flat for sale near Sundarpada, Bhubaneswar at minimum price- 9776088188.** D-74856

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ **BDA Housing Project**କୁ ଲାଗି **sqft. 650/-. 9348767829, 7978850450.-** D-74855

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

**ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.** D-74851

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

Newly built bungalow pattern single BHK house on 1500 sq. feet plot with car parking at Puri for sale. Cont. No. 7205681340. D-73541


CONSTRUCTION

**Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101.** D-0082


Healthcare

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

**Relax, Refresh your body, Mind at Saikrupa Spa with best therapies. 8984068077.** D-0145

All types of professional body massage by professional therapy. 9556924059 / 7077933109. D-0202


BUSINESS

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର **Shifting Service** ପାଇଁ ଯୋଗାଯୋଗ କରନ୍ତୁ। **9777097322.** D-0225

**House Colouring & Packers Movers for service at Bhubaneswar. 9777097322.** D-0224

**LOST**

କବଲା କ୍ଷତିଗ୍ରସ୍ତ ହୋଇଛି
ମୁଁ ଡାକୁ ପ୍ରଧାନ, ବୟସ ବ୬୫ର୍ଷ, ପିତା- ସ୍ୱର୍ଗତ ଆନନ୍ଦ ପ୍ରଧାନ, ଗ୍ରାମ-କେସକେରା, ପୋ.- ଆମ୍ବପଡ଼ା, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ ଏହି ବିଜ୍ଞାପନ ଦ୍ୱାରା ସୂଚନା ଦେଉଅଛି ଯେ, ମୋର ନାମେ ଥିବା ଗୋଟିଏ ଓରିଜିନାଲ କବଲା ଗତ ତା୦୩।୦୫।୨୦୧୯ରେ ହୋଇଥିବା 'ଫନି' ମହାବାତ୍ୟାରେ କ୍ଷତିଗ୍ରସ୍ତ ହୋଇଛି, ଯାହାର କବଲା ନଂ.୪୧୫୫ ଅଟେ। ଉକ୍ତ ଜମିଟିର ମୌଜା- କେସକେରା, ଖାତା ନଂ.- ୧୭୭, ପ୍ଲଟ୍ ନଂ.- ୪୩୬, ଏରିଆ ଏ୦.୧୬ ଡିସିମିଲ ଅଟେ। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲାକୁ ପାଇବେ ତେବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବା ପାଇଁ ବିନୀତ ଅନୁରୋଧ କରୁଛି। ଆପଣଙ୍କ ବିଶ୍ୱସ୍ତ ଡାକୁ ପ୍ରଧାନ, Mob.- 8327789895। ଧ-୦୨୫୬

Your classified advertisement published in Dharitri will be listed free in Dharitri online edition: **dharitriepaper.in**

**ଜନ୍ମଦିନ ଶୁଭେଚ୍ଛା**



**ରୁଦ୍ରାଂଶ - ଓଁମ୍**
ଏନ୍.-୨/୧୭୨, ନୟାପଲ୍ଲୀ, ଭୁବନେଶ୍ୱର
ଆଜି ପ୍ରଭୁ ନୃସିଂହଙ୍କ ଜନ୍ମତିଥିରେ ତୋ ଜନ୍ମ ଦିବସ ପାଳନ କରି ତୋର ଭବିଷ୍ୟତ ଚଳାପଥ କୁସୁମିତ କରିବା ପାଇଁ ପରମେଶ୍ୱରଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଆଶୀର୍ବାଦ ସହ- ବୋଉ, ବାପାଙ୍କ ସହିତ ମାମି, ଭାଉଜ, ଭାଇ ଓ ଭଉଣୀମାନେ।
ଧ-୦୨୪୪

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**୰ସିତାଂଶୁ ଭୂଷଣ ମିଶ୍ର**
ରେମୁଆଁ, ହାଟତୋଟା, ତାଳଚେର
ଆବିର୍ଭାବ-୦୯।୧୧।୧୯୪୭
ତିରୋଧାନ- ୨୩।୦୪।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଡିମ୍ପୁ, ରିଙ୍କୁ, ପାୟଲ, ସୁବାସ, ଜିତୁ, ପଙ୍କଜ, ବର୍ଣ୍ଣି, ସୋନି, ଇଭାନ, ନୀର୍
ଧ-୭୩୭୬୧

**ଏକାଦଶାହ ଉପଲକ୍ଷେ**



**୰ପ୍ରହଲ୍ଲାଦ ଜେନା**
ଆବିର୍ଭାବ- ୧୪।୦୮।୧୯୪୧
ତିରୋଧାନ- ୨୪।୦୪।୨୦୨୩
ତୁମ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଦୁଲ୍ଲଭରାମ ଲେନ୍, ଦାଣ୍ଡିମାଳସାହି, ପୁରୀ
ଧ-୭୩୫୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ନାରାୟଣ ଚନ୍ଦ୍ର ପଣ୍ଡା**
ଆବିର୍ଭାବ: ୦୮।୦୫।୧୯୩୬
ତିରୋଧାନ: ୧୫।୦୫।୨୦୨୨ (ନୃସିଂହ ଚତୁର୍ଦ୍ଦଶୀ)
ବାପା, ଚାହୁଁ ଚାହୁଁ ଆମକୁ ଛାଡି ଚାଲିଯିବାର ଏକବର୍ଷ ବିତିଗଲା। ଆପଣଙ୍କର ସେହି ସ୍ନେହ ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟକରି ଆମେ ଜୀବନର ଚଲାପଥରେ ଆଗେଇ ଚାଲିଛୁ।
ସବୁଦିନେ ଆପଣ ଆମ ସ୍ମୃତିରେ ରହିଛନ୍ତି ଓ ରହିଥିବେ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା କରୁଛୁ।
ଆପଣଙ୍କର ଶୋକସନ୍ତପ୍ତ : ପତ୍ନୀ- ଲଳିତା, ପୁତ୍ର- ସିଦ୍ଧାର୍ଥ, ଅଶୋକ, ସନ୍ତୋଷ, ପ୍ରଶାନ୍ତ ଓ ପ୍ରଫୁଲ୍ଲ, ବୋହୂ- ଶାନ୍ତି, ଟିନା, ସିଲୁ ଓ ଟୋପା। ଝିଅଜ୍ୱାଇଁ- ଲିଲି-ଜୟଦୀପ, ମାମି-ମିଟୁ। ନାତି- ସୁମନ, ବାପୁ, ଦୀପୁ, ଗୋବିନ୍ଦ, ଶାମେନ ଓ ଚିକୁ। ନାତୁଣୀ- ଗାୟତ୍ରୀ, ଅମ୍ରିତା, ଅର୍ପିତା ଓ ଜୟଶ୍ରୀ।
ଧ-୦୨୪୭


# ବୈଷୟିକ ନିରାପତ୍ତାକୁ ଗୁରୁତ୍ୱ

**ଭୁବନେଶ୍ୱର,୩।୫**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ କାର୍ଯ୍ୟସ୍ଥଳରେ ନିରାପତ୍ତା ଓ ସ୍ୱାସ୍ଥ୍ୟ ବିଶ୍ୱ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ାଠାରେ ଏକ ଅଗ୍ନି ନିରାପତ୍ତା ତାଲିମ ପାର୍କର ମଧ୍ୟ ଉଦ୍‌ଘାଟନ କରାଯାଇଛି। ଉକ୍ତ ପାର୍କ କାରଖାନାର କର୍ମଚାରୀ ଓ ବ୍ୟବସାୟୀ ସହଯୋଗୀଙ୍କୁ ଅଗ୍ନି ସୁରକ୍ଷା ସମ୍ବନ୍ଧିତ ପ୍ରଦର୍ଶନ ଓ ତା'ର ପ୍ରତିକାର ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବ୍ୟାପକ ସହାୟତା କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ (ବିଜ୍‌ନେସ୍)ର ସିଇଓ ରାହୁଲ ଶର୍ମା କହିଛନ୍ତି, ଆମେ ଲୋକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଥାଉ। ଏପରିକି ଆମର ପରିଚାଳନା କ୍ଷେତ୍ରରେ ଉନ୍ନତ ସୁରକ୍ଷା ବୈଷୟିକ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଆମେ ଏହାକୁ ଆଚରଣଗତ ପଦକ୍ଷେପ ଦ୍ୱାରା ହାସଲ କରିପାରିବା ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଅଗ୍ନି ନିରାପତ୍ତା ପାର୍କ ପରି ନୂଆ କୌଶଳଗୁଡ଼ିକ ସୁରକ୍ଷା ଅଭ୍ୟାସକୁ ମଜଭୁତ କରିବ। ବିଶେଷକରି ଏଥିପାଇଁ ପ୍ରତିଟି କର୍ମଚାରୀ ଧ୍ୟାନଦେବା ସହ ପ୍ରତ୍ୟେକଙ୍କୁ ଏ ଦିଗରେ ସଚେନତନ କରାଇବ ଏବଂ ଅଧିକରୁ ଅଧିକ ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ଫଳରେ ଏହାକୁ ସବୁ ବର୍ଗର ଲୋକ ଆପଣାଇବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍‌ଠାରେ ଉକ୍ତ କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଆୟୋଜିତ ହୋଇଥିଲା, ଯେଉଁଥିରେ କମ୍ପାନୀ କର୍ମଚାରୀଙ୍କ ସୁରକ୍ଷା ଅଭ୍ୟାସ ପ୍ରଦର୍ଶନ ଓ ସ୍ଥାନୀୟ ଗୋଷ୍ଠୀକୁ ସଚେତନ କରାଇବା ଆଦି ଉକ୍ତ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା।

# ଟାଟା ଷ୍ଟିଲ୍‌ର ବାର୍ଷିକ ଫଳାଫଳ

**ନୂଆଦିଲ୍ଲୀ,୩।୫:** ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ଆର୍ଥିକ ବର୍ଷ ଏବଂ ୪ର୍ଥ ତ୍ରୈମାସିକର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଅସ୍ଥିର ପରିଚାଳନା ପରିବେଶ ସତ୍ତ୍ୱେ ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ରାଜସ୍ୱ ୨,୪୩,୩୫୩ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ରାଜସ୍ୱ ସ୍ତର ସହ ପ୍ରାୟ ସମାନ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ସମୟ ମଧ୍ୟରେ କମ୍ପାନୀର ଟିକସ ପରବର୍ତ୍ତୀ ଲାଭ ୮,୦୭୫ କୋଟି ଟଙ୍କା ହୋଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକରେ କମ୍ପାନୀର ରାଜସ୍ୱ ୬୨,୯୬୨ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୭,୨୨୫ କୋଟି ଟଙ୍କା ଏବଂ ଇବିଆଇଟିଡିଏ ମାର୍ଜିନ୍ ୧୧% ରହିଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ଅଶୋଧିତ ଇସ୍ପାତ ଉତ୍ପାଦନ ଭାରତରେ ୧୯.୯ ନିୟୁତ ଟନ୍ ରହିଛି, ଯାହା ଟାଟା ଷ୍ଟିଲ୍‌ର ମୋଟ ଉତ୍ପାଦନର ୬୫% ବୋଲି କୁହାଯାଉଛି। ଏପରିକି ଦେଶ ଭିତରେ ଡେଲିଭରି ୧୧% ବଢ଼ିଥିବା ବେଳେ ତ୍ରୈମାସିକ ଡେଲିଭରି ୯% ବୃଦ୍ଧି ପାଇ ୫.୧୫ ନିୟୁତ ଟନ୍ ହୋଇଛି। ଅପରପକ୍ଷରେ ଟାଟା ଷ୍ଟିଲ୍‌ର ନିର୍ଦ୍ଦେଶକ ବୋର୍ଡ, ଫୁଲି ପେଡ୍ ଅପ୍ ଇକ୍ୱିଟି ଶେୟାର ପିଛା ୩.୬ ଟଙ୍କାର ଲାଭାଂଶ ସମ୍ପର୍କରେ ଘୋଷଣା କରିଛନ୍ତି।

# ଫେରିଲେ ମୁଁ ତୁମର


ବବି ମିଶ୍ର

ବବି ମିଶ୍ର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଫେରିଲେ ମୁଁ ତୁମର'। ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡିର ଭରପୂର ତଡ଼କା ମଧ୍ୟ ରହିଛି । ପ୍ରଯୋଜନା ଭାର ଦେବକାନ୍ତ ମିଶ୍ର ସମ୍ଭାଳିଥିବା ବେଳେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଅଛନ୍ତି ପ୍ରସନ୍ନ ଦ୍ୱିବେଦୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କୋରିଓଗ୍ରାଫର-କମ୍-ନିର୍ଦ୍ଦେଶକ ସୁଧାକର ବସନ୍ତ। ଏହାର କାହାଣୀ ଅଭିନେତା ବବି ମିଶ୍ର ଲେଖିଥିବା ବେଳେ ତାହାକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମର ମୁଖ୍ୟ ଭୂମିକାରେ ସମ୍ବିତ, ବବି ମିଶ୍ର, ତୃପ୍ତି, ଭାବନା, ପପି ସନ୍ତୁକା ଏବଂ ହରିହର ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲି ରଥ। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ରିଲିଜ ହେବା ପରେ ହିଁ ଜଣାପଡ଼ିବ।

# ବ୍ୟସ୍ତ ରହିବେ ସାନ୍ୟା

ସାନ୍ୟା ମାଲହୋତ୍ରା ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଅଭିନୟ ସହ ସମାଜସେବା ମଧ୍ୟ ଚାଲିବ। କେବଳ ସେତିକି ନୁହେଁ, ନିଜ ପାରିଶ୍ରମିକର କିଛି ଅଂଶ ମଧ୍ୟ ସେ ଏଥିଲାଗି ଖର୍ଚ୍ଚ କରିବେ। ଏଭଳି ଯୋଜନାକୁ ରୂପରେଖ ଦେବାକୁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏଥି ପାଇଁ ସେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଗଠନ କରିବାକୁ ସ୍ଥିର କରିଛନ୍ତି। ଏ ବିଷୟରେ ସାନ୍ୟା କହନ୍ତି, ' ମୋର କେତେଜଣ ସାଙ୍ଗଙ୍କ ସହ ଭେଟ ହେବା ପରେ ଆମେ ଏଭଳି କାମରେ ମନୋନିବେଶ କରିବାକୁ ସ୍ଥିର କରିଛୁ। ମୋର ଏଭଳି ପ୍ରସ୍ତାବକୁ ସେମାନେ ସମର୍ଥନ କରିବା ସହ ମୋ ସହ ରହି କାମ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତା' ସହ ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ସମାଜସେବା ପାଇଁ ଖର୍ଚ୍ଚ କରିବି।' 'ଦଙ୍ଗଲ'ରୁ ସାନ୍ୟାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା, ଆଉ ଏଥିରେ ତାଙ୍କର ବବିତା ପୋଘଟ ଭୂମିକା ତାଙ୍କୁ କେତେ ମାଇଲେଜ ଦେଇଥିଲା ତାହା କହିବା ଅନାବଶ୍ୟକ। ତା'ପରେ ସେ 'ବଧାଇ ହୋ', 'ପଟାକା', 'ଫଟୋଗ୍ରାଫ', 'ଲୁଡୁ' ଏବଂ 'ଶକୁନ୍ତଳା ଦେବୀ' ଆଦି ସିନେମାରେ ଅଭିନୟ କରିଛନ୍ତି। ରିଲିଜ ଅପେକ୍ଷାରେ ଥିବା 'ସାମ୍ ବାହାଦୁର' ଏବଂ 'ଲଭ୍ ହଷ୍ଟେଲ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।


ସାନ୍ୟା

# ଆସୁଛି ରାଉଡି ରାଜା

ଅଭିନେତା ସୋହମ ସିଂ ଏକ ଭିନ୍ନ ଭୂମିକାରେ ଖୁବ୍‌ଶୀଘ୍ର ଦର୍ଶକଙ୍କ ସାମନାକୁ ଆସିବେ। ଆଉ ଏପରି ଭୂମିକାରେ ସଫଳ ହେବାକୁ ସେ ଆଶା ରଖିଛନ୍ତି। ରିଲିଜ ଅପେକ୍ଷାରେ ଥିବା ନୂଆ ସିନେମା 'ରାଉଡି ରାଜା'ର ଟାଇଟଲ ଭୂମିକାରେ ଏହି ୟଙ୍ଗ ସେନ୍‌ସେସନଙ୍କୁ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ଆକ୍ସନ ଡ୍ରାମା ଏବଂ ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ନିର୍ମାଣ ହେବାକୁ ଯାଉଛି। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟିକୁ ଲେଖିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ ଏବଂ ତାହାକୁ ଆଧାର କରି ସଂଳାପ ରଚନା ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିବେ 'ଅଜାତ ଶତ୍ରୁ' ଏବଂ 'ଲଭ୍ ୟୁ ପ୍ରିୟା'ର ନାୟକ ସାଜିଥିବା ସୋହମ ସିଂ। ଏ ବିଷୟରେ ସେ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଳ କୁମାର ମହାନ୍ତିଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଶ୍ରଦ୍ଧା ପାଣିଗ୍ରାହୀ।


ରକୁଲ

# ଆକ୍ସନ ଅବତାର

ରକୁଲ୍ ପ୍ରୀତ୍ ସିଂ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ରକୁଲ୍ ନିକଟରେ ସାଇନ୍ କରିଥିବା ଏକ ନୂଆ ସିନେମାରେ ଆକ୍ସନ ଭୂମିକାରେ ଅଭିନୟ କରିବେ। ଏଥିରେ ଆକ୍ଟିଂ କରିବେ ବୋଲି ସିନା ରାଜି ହୋଇଗଲେ, ହେଲେ ସେ ନେଇ ପୁଣି ପ୍ରସ୍ତୁତ ହେବାକୁ ପଡିବ। ତେବେ ଆକ୍ସନ ଭୂମିକାକୁ ନେଇ ଆଣି ଥୋଇବାକୁ ସେ ଥରେ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରିଥିଲେ। ବାସ୍ ତା'ପରେ ତାଙ୍କୁ ଯେମିତି ଖୋଜିଲା ଚିଜ ମିଳିଯାଇଥିଲା। ଆକ୍ସନ ରୋଲ ପାଇଁ ଅକ୍ଷୟ ଯେଉଁ କେତୋଟି ଟିପ୍ସ ଦେଇଥିଲେ ତାହାକୁ ଅନୁସରଣ କରିବାକୁ ଅଣ୍ଟା ଭିଡିଛନ୍ତି ରକୁଲ୍। ଏ ନେଇ ସେ କହନ୍ତି, 'ଯେତେବେଳେ ମୁଁ ଏ ବିଷୟରେ ଅକ୍ଷୟଙ୍କୁ କହିଲି ସେ ମୋତେ ସାହାଯ୍ୟ କରିବାକୁ ରାଜି ହୋଇଥିଲେ। ଏଥିଲାଗି ସେ ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ନିଶ୍ଚୟ ଫଲୋ କରିବି। ଏଥିଲାଗି ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ରକୁଲ୍ ସାଇନ୍ କରିଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁରହିଛି। ହେଲେ ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆଉ କିଛି ସପ୍ତାହ ଭିତରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଚାରି ବର୍ଷ ପରେ...

ଏଥର ରଜରେ ପରଦା ଉପରକୁ ଆସୁଛି ହାଇ ବଜେଟ ଓଡ଼ିଆ ସିନେମା 'ଲଭ୍ ଇନ୍ ଲଣ୍ଡନ'। ଖାସ୍ କଥା ହେଲା କିଛି ବର୍ଷର ଗ୍ୟାପ୍ ପରେ ଅନୁଭବ ମହାନ୍ତି ପୁଣି ଥରେ ଦର୍ଶକଙ୍କ ସାମନାକୁ ଆସିବେ। ଜେ.ବି. ଫିଲ୍ମସ୍ ଓ ଆମର ଷ୍ଟୁଡିଓ ବ୍ୟାନରରେ, ନବୀନ ଭଣ୍ଡାରି ଓ ଜେ. ବର୍ଖା ପ୍ରଯୋଜିତ ଏହି ଫିଲ୍ମଟି ଏକ ଭିନ୍ନ ଧରଣର ରୋମାଣ୍ଟିକ କାହାଣୀକୁ ନେଇ ଆଧାରିତ। ଏଥିରେ ଅନୁଭବଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ସ୍ୱପ୍ନା ପ୍ରିୟଦର୍ଶିନୀ। ତାଙ୍କ ବ୍ୟତୀତ ସୌମ୍ୟା ସଚଦେବଙ୍କୁ ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ତାପସ ସରଘରିଆ। ଚିତ୍ରନାଟ୍ୟ ସୁରେଶ ପଟ୍ଟନାୟକ ଲେଖିଥିବା ବେଳେ ସଂଳାପ ରଚନା କରିଛନ୍ତି ଅନ୍ତର୍ଯ୍ୟାମୀ ସରଘରିଆ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ସୋମେସ୍ ଶତପଥୀ। ଫିଲ୍ମର ଶୁଟିଂ ଲଣ୍ଡନ ଓ ବାରିପଦାରେ କରାଯାଇଛି। ଫିଲ୍ମଟିର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଖାସ୍ କଥା ହେଲା ଚାରି ବର୍ଷର ଗ୍ୟାପ୍ ପରେ ଅନୁଭବ ପୁଣି ଥରେ ବଡ ପରଦାରେ କମ୍ ବ୍ୟାକ୍ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମଟି ମଧ୍ୟ ହିଟ୍ ହେବ ବୋଲି ଆଶା ରଖିଛନ୍ତି ସେ। ତେବେ ଏଥର ରଜରେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛି ତାହା ସିନେମାଟି ରିଲିଜ ହେଲେ ହିଁ ଜଣାପଡିବ। ଫିଲ୍ମର ପ୍ରଚାର ଓ ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନରର ମୁଖ୍ୟ ପ୍ରଣୟ ଜେଠୀ।


ସ୍ୱପ୍ନା-ଅନୁଭବ

# ଦିନ ଗଣୁଛନ୍ତି ବିଶ୍ୱରୂପ


'ଜୟୀ ରାଜଗୁରୁ' ଫିଲ୍ମରେ ବିଶ୍ୱରୂପ

ଅଭିନେତା ବିଶ୍ୱରୂପ ମିଶ୍ର ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ସେ ଅଭିନୟ କରିଥିବା ଐତିହାସିକ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ଉକ୍ତ ଫିଲ୍ମଟିର ଟାଇଟଲ ରହିଛି 'ଜୟୀ ରାଜଗୁରୁ'। ପାଇକ ସଂଗ୍ରାମର ଅନ୍ୟତମ ବୀର ଜୟୀ ରାଜଗୁରୁଙ୍କ ଜୀବନୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଜୟଭାରତ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଜୟ ସେନ୍। ଫିଲ୍ମର ଅଧିକାଂଶ ଭାଗ ଓଡ଼ିଶାର କୋରାପୁଟ, ସୁନାବେଡ଼ା ଜଙ୍ଗଲ,ଗଞ୍ଜାମ, ଖୋର୍ଦ୍ଧା, ବାଣପୁର, ପୁରୀ,କୃଷ୍ଣପ୍ରସାଦ,ବ୍ରହ୍ମଗିରି, ଚିଲିକା ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ଏହାର ଶୁଟିଂ କରାଯାଇଛି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ । ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଅନ୍ୟପକ୍ଷରେ ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା, ଡ. ଭଗବାନ ତ୍ରିପାଠୀ, ସୁଦାମ ବିଶୋୟୀ, ଦୀପକ ରାଉତ, ଶିଶୁକଳାକାର ଭାବେ ସୃଜନୀ ପ୍ରିୟଦର୍ଶନୀ, ଶ୍ରୁତିଯା,ସାଇରାମ, ଅନାମ ଚରଣ ନାୟକ ଆଦି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ।

# ଫୁରସତ ମିଳିଲେ..

ଯାମି ଗୌତମ ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ପିଜା । ସେ ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ନେଇଯାଆନ୍ତି। ଏ ନେଇ ଯାମି କହନ୍ତି, 'ଶୁଟିଂରୁ ଫୁରସତ ମିଳିଲେ ମୁଁ ଗୋଟିଏ ଜିନିଷକୁ ଖୋଜିଥାଏ। ତାହା ହେଲା ପିଜା। କାରଣ ଟାଇମ୍ ପାସ୍ ପାଇଁ ଏହା ଏକ ଭଲ ମାଧ୍ୟମ। ଘରେ ମଧ୍ୟ ମୁଁ ପିଜା ପ୍ରସ୍ତୁତ କରିଥାଏ। ଆଉ ଏକ ଜିନିଷ ପ୍ରତି ମଧ୍ୟ ମୋର ଲୋଭ ରହିଛି। ତାହା ହେଲା ବିଭିନ୍ନ ଭେରାଇଟିର ଚକୋଲେଟ୍। ମୁଁ କାହାକୁ ଗିଫ୍ଟ ଦେଲେ ତା'ସହ ଚକୋଲେଟ୍ ଦେବାକୁ ଭୁଲି ନ ଥାଏ। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ଯାମିଙ୍କର ଆଗାମୀ ଫିଲ୍ମଗୁଡିକ ହେଉଛି 'ଚୋର୍ ନିକଲକେ ଭାଗା', 'ଲଷ୍ଟ' ଏବଂ 'ଓ ମାଇଁ ଗଡ-୨'।


ଯାମି

ଅପେରା ହାଲଚାଲ

# ନାଟକ ହେଉଛି ଭାତହାଣ୍ଡି

'ଦର୍ଶକଙ୍କ ମନଜିଣିବାକୁ ମୁଖ୍ୟ ମାଧ୍ୟମ ହେଲା ନାଟକ। ତେଣୁ ଧଉଳି ଗଣନାଟ୍ୟ ସବୁବେଳେ ନାଟକକୁ ହିଁ ଗୁରୁତ୍ୱ ଦିଏ। ଆମ ପ୍ରୋପ୍ରାଇଟର ନାଟକ ଉପରେ ହିଁ ଜୋର୍ ଦିଅନ୍ତି। ତେଣୁ ଧଉଳି ସବୁବେଳେ ହିଁ ମନକୁ ଛୁଇଁଲା ଭଳି ନାଟକ ମଞ୍ଚସ୍ଥ


ବାବୁଲି

କରିଆସିଛି। ନାଟକ ହେଉଛି ଆମର ଭାତହାଣ୍ଡି ବୋଲି କହନ୍ତି ଜଲିଉଡ୍‌ର ଅନ୍ୟତମ ଆଗଧାଡିର ପରିଚାଳକ ସଞ୍ଜୟ କୁମାର ମହାନ୍ତି ଓରଫ ବାବୁଲି ବାବୁ।' ବର୍ତ୍ତମାନ ସେ ଧଉଳି ଗଣନାଟ୍ୟର ପରିଚାଳନା ଦାୟିତ୍ୱ ବେଶ୍ ସୁଚାରୁରୂପେ ତୁଲାଇ ଆସୁଛନ୍ତି। ୧୯୮୯ରେ ସେ ପ୍ରଥମେ ଅଭିନୟ ସହ ଜଡିତ ଥିଲେ। କିନ୍ତୁ ୨୦୧୨ରେ ଧଉଳି ଗଣନାଟ୍ୟର ପ୍ରୋପ୍ରାଇଟର ହିମାଂଶୁ ଶେଖର ଦେଓ ତାଙ୍କୁ ପରିଚାଳନା ଦାୟିତ୍ୱ ଦେଇଥିଲେ। ନିଜର ବୁଦ୍ଧିମତ୍ତା ଏବଂ ସୁପରିଚାଳନା ପାଇଁ ବାବୁଲି ବାବୁ ନିଜକୁ ଜଣେ ଦକ୍ଷ ପରିଚାଳକ ଭାବରେ ପରିଚିତ କରାଇ ପାରିଛନ୍ତି। 'ବର୍ତ୍ତମାନ ଅପେରା ଏକ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଛି। ଏହାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ସୁସ୍ଥ ପରିବେଶ ଲୋଡା ବୋଲି କହନ୍ତି ବାବୁଲି ବାବୁ।' ୨୦୨୩-୨୪ସିଜନ୍‌ରେ ଏହି ପାର୍ଟିରେ ଉତ୍ତମ, ଆକାଶ ନନ୍ଦ, ସ୍ମରଣିକା, ଦୀପୁ, ସାନମଣି, ଲିଜା ପଣ୍ଡା, ଏଲିନା, ଛବି ଏବଂ ଅଭିନ୍ନ ପାଢ଼ୀ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମେ ୪/୨୦୨୩ Bhubaneswar, Thursday, May 4/ 2023

# ମୁମ୍ବାଇ ଇଣ୍ଡିଆନ୍ସର ପଞ୍ଚମ ବିଜୟ

**ମୋହାଲି,୩।୫**

ଆଇପିଏଲ୍‌ର ୪୬ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସକୁ ୬ ଉଇକେଟରେ ହରାଇ ପଞ୍ଚମ ବିଜୟ ସହ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି ମୁମ୍ବାଇ ଇଣ୍ଡିଆନ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଲିଆମ ଲିଭିଙ୍ଗଷ୍ଟୋନଙ୍କ ୮୨ ରନ୍ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ଜବାବରେ ୧୮.୫ ଓଭରରେ ୪ ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା ମୁମ୍ବାଇ। ପ୍ରଭସିମରନ୍‌ଙ୍କ ସ୍ଥାନରେ ନାଥାନ ଏଲିସ୍ ଓ ଆକାଶ ମଧୱାଲଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ଭାବରେ ସାମିଲ ହୋଇଥିଲେ। ପଞ୍ଜାବ ପକ୍ଷରୁ ପ୍ରଭସିମରନ୍ ସିଂ (୯), ଶିଖର ଧାୱନ(୩୦) ଓ ମାଥ୍ୟୁ ଶର୍ଟ (୨୭)ରନ୍ କରିଥିଲେ। ୯୫ ରନ୍‌ରେ ୩ ଉଇକେଟର ପତନ ଘଟିବା ପରେ ଜୀତେଶ ଶର୍ମାଙ୍କ ସହ ଚତୁର୍ଥ ଉଇକେଟରେ ୫୨ ବଲ୍ ଖେଳି ଅବିଭାଜିତ ୧୧୯ ରନ୍ ଯୋଡିଥିଲେ ଲିଭିଙ୍ଗଷ୍ଟୋନ। ସେ ୪୨ ବଲ୍ ଖେଳି ୭ ଚୌକା ଓ ୪ ଛକା ମାରି ଥିଲେ। ଜିତେଶ ୨୭ ବଲ୍ ଖେଳି ୪୯ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା ୨ ଓ ଅର୍ଶଦ ଖାନ ଗୋଟିଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଇଶାନ୍ କିଶନ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୯ | ୬ | ୩ | ୧୨ | +୦.୫୩୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୫ | ୪ | ୧୧ | +୦.୩୨୯ |
| ରାଜସ୍ଥାନ ରୟାଲ୍ସ | ୯ | ୫ | ୪ | ୧୦ | +୦.୮୦୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୦୩୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୫ | ୪ | ୧୦ | -୦.୩୭୩ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୩ | ୬ | ୬ | -୦.୭୬୮ |

୨୧୫ ରନ୍ ଲକ୍ଷ୍ୟରେ ମୁମ୍ବାଇ ୫୪ ରନ୍‌ରେ ଦୁଇ ଉଇକେଟ ହରାଇଥିଲା। ଇଶାନ୍ କିଶନ୍(୭୫) ଓ ସୂର୍ଯ୍ୟକୁମାର ଯାଦବ(୬୬) ତୃତୀୟ ଉଇକେଟରେ ୧୧୬ ରନ୍ ଯୋଡିଥିଲେ। ଇଶାନ ୪୧ ବଲ ଖେଳି ୭ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ସୂର୍ଯ୍ୟକୁମାର ୩୧ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରିଥିଲେ। ଉଭୟ ଖେଳାଳି ମାତ୍ର ୮ ରନ୍ ବ୍ୟବଧାନରେ ଆଉଟ ହୋଇଥିଲେ ମଧ୍ୟ ତିଲକ ବର୍ମା ୧୦ ବଲ୍‌ରୁ ୨୬ ରନ୍ କରି ମ୍ୟାଚ୍ ଜିତାଇଥିଲେ। ପଞ୍ଜାବ ପକ୍ଷରୁ ଏଲିସ ୨, ଅର୍ଶଦୀପ ସିଂ ଓ ରିଷି ଧାୱନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୨୧୪/୩ (ଲିଆମ୍ ଲିଭିଙ୍ଗଷ୍ଟୋନ-୮୨*, ଜୀତେଶ ଶର୍ମା-୪୯*, ଶିଖର ଧାୱନ-୩୦, ପୀୟୁଷ ଚାୱଲା-୨/୨୯, ଅର୍ଶଦ ଖାନ-୧/୪୮)। ମୁମ୍ବାଇ ଇଣ୍ଡିଆନ୍ସ ୧୮.୫ ଓଭରରେ ୨୧୬/୪ (ଇଶାନ୍ କିଶନ-୭୫, ସୂର୍ଯ୍ୟକୁମାର ଯାଦବ-୬୬, ତିଲକ ବର୍ମା-୨୬*, ନାଥାନ ଏଲିସ୍-୨/୩୪, ରିଷି ଧାୱନ-୧/୨୦, ଅର୍ଶଦୀପ ସିଂ-୧/୬୬)।

# ପଏଣ୍ଟ ବାଣ୍ଟିଲେ ଚେନ୍ନାଇ, ଲକ୍ଷ୍ନୌ

**ଲକ୍ଷ୍ନୌ,୩।୫(ପି.ଟି.)**

ବୁଧବାର ଆଇପିଏଲର ୪୫ ତମ ମ୍ୟାଚରେ ପଏଣ୍ଟ ବାଣ୍ଟିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଆୟୁଷ ବଦୋନୀଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୭ ଉଇକେଟ ହରାଇ ୧୨୫ ରନ୍ କରିଥିଲା। ଏହି ସମୟରେ ବର୍ଷା ହେବାରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ୩୩ ବଲ୍‌ରୁ ୫୯ ରନ୍ କରି ଅପରାଜିତ ରହିଥିଲେ ଆୟୁଷ ବଦୋନୀ।

ଲକ୍ଷ୍ନୌର ଏକାନା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ପ୍ରଥମେ ବୋଲିଂ ନେଇଥିଲେ। ଆହତ ଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ମନନ ଭୋହରା ଓ ଦୀପକ ହୁଡାଙ୍କ ସ୍ଥାନରେ କରଣ ଶର୍ମାଙ୍କୁ ସାମିଲ କରିଥିଲା ଲକ୍ଷ୍ନୌ। ବୋଲିଂ ଅନୁକୂଳ ପିଚ୍‌ରେ ଚେନ୍ନାଇ ସ୍ପିନରଙ୍କ ଘାତକ ବୋଲିଂ କାରଣରୁ ଲକ୍ଷ୍ନୌର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ମାତ୍ର ୪୪ ରନ୍‌ରେ ୫ ଉଇକେଟ ହରାଇଥିଲା। ଏକ ସମୟରେ ଦଳ ୧୦୦ ରନ୍ ପାର କରିବା ନେଇ ଆଶଙ୍କା ଦେଖା ଦେଇଥିବା ବେଳେ ଯୁବ ବ୍ୟାଟର ଆୟୁଷ ବଦୋନୀ ଦୃଢ ବ୍ୟାଟିଂ କରିଥିଲେ। ପ୍ରଥମ ଉଇକେଟରେ ୧୮ ରନ୍ ଯୋଡି କାଇଲ୍ ମେୟର୍ସ(୧୪) ଆଉଟ ହୋଇଥିବା ବେଳେ ଦଳୀୟ ସ୍କୋର ୨୭ରେ ପ୍ୟାଭିଲିୟନ୍ ଫେରିଥିଲେ ଭୋହରା। କରଣ ଶର୍ମା(୯), କ୍ରୁଣାଲ ପାଣ୍ଡ୍ୟା(୬) ଓ ମାର୍କସ୍ ଷ୍ଟୋଇନିସ୍(୬) ମାତ୍ର ୩ ଓଭର ମଧ୍ୟରେ ଆଉଟ ହେବାରୁ ଦଳ ୪୪ ରନରେ ୫ ଉଇକେଟ ହରାଇଥିଲା। ନିକୋଲାସ ପୁରନ୍ ଧୀମା ୨୦ ରନ୍ କରିଥିଲେ ହେଁ ବଦୋନୀଙ୍କ ସହିତ ୫୯ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୩୧ ବଲ୍ ଖେଳି ପୁରନ୍ ଆଉଟ ହେବା ପରେ ବଦୋନୀ ଗିୟର ବଦଳାଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ପରବର୍ତ୍ତୀ ୮ ବଲ୍‌ରୁ ସେ ୨୨ ରନ୍ ସଂଗ୍ରହ କରିଥିଲେ। ବର୍ଷା କାରଣରୁ ଖେଳ ବନ୍ଦ ହେବା ବେଳକୁ ବଦୋନୀ ୫୯ ରନ୍‌ରେ ଅପରାଜିତ ରହିଥିଲେ। ବଦୋନୀଙ୍କ ଇନିଂସରେ ୨ ଚୌକା ଓ ୪ ଛକା ସାମିଲ ଥିଲା। ଏହା ସହ ଉଭୟ ଦଳ ୧୦ଟି ମ୍ୟାଚରୁ ସମାନ ୧୧ ପଏଣ୍ଟ ଅର୍ଜନ କରିଛନ୍ତି। ଲକ୍ଷ୍ନୌ ଉନ୍ନତ ରନ୍ ରେଟ୍ ଆଧାରରେ ଦ୍ୱିତୀୟ ଓ ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି। ଚେନ୍ନାଇ ପକ୍ଷରୁ ମୋଇନ୍ ଅଲୀ, ମହୀଷ ଥିକ୍‌ସାନାଓ ମଥିଶା ପଥିରାନା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ହାଇଦ୍ରାବାଦ ବନାମ କୋଲକାତା
ସ୍ଥାନ:ହାଇଦ୍ରାବାଦ, ସମୟ: ଅପରାହ୍ନ ୩.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୧୨୫/୭ (ଆୟୁଷ ବଦୋନୀ-୫୯*, ନିକୋଲାସ୍ ପୁରନ୍-୨୦, କାଇଲ ମେୟର୍ସ-୧୪, ମୋଇନ୍ ଅଲୀ-୨/୧୩, ମଥୀଷା ପଥିରାନା-୨/୨୨, ମହୀଷ ଥିକ୍‌ସାନା-୨/୩୭)।

# ଓଏଫ୍‌ସିର ଦ୍ୱିତୀୟ ବିଜୟ



ଓଡ଼ିଶା ଏଫ୍‌ସି ଓ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ଭୁବନେଶ୍ୱର,୩।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଗୁଜରାଟରେ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ପ୍ରଥମ ସଂସ୍କରଣ ଚାମ୍ପିୟନ ଇଷ୍ଟର୍ନ ସ୍ପୋର୍ଟିଂ ୟୁନିୟନକୁ ବୁଧବାର ୪-୦ରେ ପରାସ୍ତ କରିଛି ଓଡିଶା। ଦଳ ପକ୍ଷରୁ ଯଶୋଦା ମୁଣ୍ଡା, ଅଞ୍ଜୁ ତମାଙ୍ଗ, ନାନ୍‌ଗୋମ ବାଲା ଦେବୀ ଓ ଏସ୍ ଲିଣ୍ଡା କୋମ୍ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଏଫ୍‌ସି ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ଲେଖାଏ ଗୋଲ ସ୍କୋର କରିଥିଲା।

ଓଏଫ୍‌ସି ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୧୭ ତମ ମିନିଟରେ ଅଞ୍ଜୁ ତମାଙ୍ଗ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ୨୫ ତମ ମିନିଟରେ ଓଏଫ୍‌ସି ଅଧିନାୟିକା ନାନଗୋମ ବାଲା ଦେବୀ ଦଳ ପକ୍ଷରୁ ଦ୍ୱିତୀୟ ଗୋ୍ଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଓଏଫ୍‌ସି ଆଉ ଦୁଇଟି ଗୋଲ ସ୍କୋର କରିଥିଲା। ୪୬ ତମ ମିନିଟରେ ଓଡ଼ିଆ ଖେଳାଳି ଯଶୋଦା ମୁଣ୍ଡା ତୃତୀୟ ଗୋଲ ମାରିଥିଲେ। ମ୍ୟାଚ୍‌ର ଇଞ୍ଜୁରୀ ଟାଇମ୍‌ରେ ୯୦+୧ ମିନିଟରେ ଏସ୍ ଲିଣ୍ଡା କୋମ ଅନ୍ତିମ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ୫ ମେରେ ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚରେ ଚର୍ଚ୍ଚିଲ୍ ବ୍ରଦର୍ସକୁ ଭେଟିବ। ଯଶୋଦା ମୁଣ୍ଡାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ସୁନୀଲଙ୍କୁ ସଂଯୋଜକ ଦାୟିତ୍ୱ



**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ):** ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩ ଲାଗି ପ୍ରସ୍ତୁତି ସକାଶେ ଆୟୋଜିତ ଜାତୀୟ ଫୁଟ୍‌ବଲ ଦଳର କୋଚିଂ କ୍ୟାମ୍ପ ପାଇଁ ସୁନୀଲ ମିତ୍ରଙ୍କୁ ସଂଯୋଜକ ଭାବେ ନିଯୁକ୍ତି ମିଳିଛି। ସୁନୀଲ ହେଉଛନ୍ତି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ଜଣେ ସଦସ୍ୟ। ସେ ପୂର୍ବତଟ ରେଳପଥର ଜଣେ କର୍ମଚାରୀ। କୋଚିଂ କ୍ୟାମ୍ପ ଓଡ଼ିଶାରେ ମେ ୧୫ ରୁ ୨୮ ପର୍ଯ୍ୟନ୍ତ ହେବ। ଭୁବନେଶ୍ୱରରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଆସନ୍ତା ଜୁନ୍ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ହେବ। ସୁନୀଲଙ୍କ ଏହି ନୂଆ ନିଯୁକ୍ତିକୁ ନେଇ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଗଣ ଅଭିନନ୍ଦନ ଜଣାଇଛନ୍ତି।

# ୨୮ ଜଣିଆ ଓଡ଼ିଶା ଦଳ ଘୋଷିତ

**ଜାତୀୟ ସବ୍ ଜୁନିୟର ମହିଳା ହକି**

**ଭୁବନେଶ୍ୱର,୩।୫(ସ୍ପୋର୍ଟ୍ସ ବ୍ୟୁରୋ)**

ଜାତୀୟ ସବ୍ ଜୁନିୟର ମହିଳା ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ୨୮ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଅମୀଷା କୁଲୁଙ୍କୁ ଏହି ଦଳର ଅଧିନାୟିକା ରଖାଯାଇଥିବା ବେଳେ ତନୁଜା ଟପ୍ପୋ ଉପ ଅଧିନାୟିକା ରହିଛନ୍ତି। ଖେଲୋ ଇଣ୍ଡିଆ ୨୦୨୨ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ସୁସ୍ମିତା ଡୁଙ୍ଗଡୁଙ୍ଗ୍, କରୁଣା ମିଞ୍ଜ ଓ ପୂଜା ମାଝୀଙ୍କୁ ଏହି ଦଳରେ ସାମିଲ କରାଯାଇଛି।

ଓଡ଼ିଶା ଦଳ: ଗୋଲକିପର: ଅମୀଷା କୁଲୁ (ଅଧିନାୟିକା) ଏବଂ ପବିତ୍ରା ହୋଦମ।

ଡିପ୍ ଡିଫେଣ୍ଡର: ସୁସ୍ମିତା ଡୁଙ୍ଗଡୁଙ୍ଗ, ନେହାରିକା ଟପ୍ପୋ ଏବଂ ସୋନାଲି ଏକ୍କା।

ଫ୍ଲାଙ୍କ ଡିଫେଣ୍ଡର: ସନାଦମ ବେବିରାଣୀ ଦେବୀ, ନିଶା ଦାଦେଲ ଏବଂ ପୂଜା ମାଝି।

ଡିଫେନ୍ସିଭ୍ ମିଡଫିଲ୍ଡର: ଦ୍ରୌପଦୀ ନାୟକ, ପ୍ରେମଶୀଲା ବେଗ ଏବଂ ଅମଷା ଏକ୍କା।

ଆଟାକିଂ ମିଡଫିଲ୍ଡର: ଜାହ୍ନବୀ ବାଡା ଏବଂ ତନୁଜା ଟପ୍ପୋ (ଉପ-ଅଧିନାୟିକା)।

ଲେଫ୍ଟ ଷ୍ଟ୍ରାଇକର: ଦୀପିକା ବରୱା।

ସେଣ୍ଟର ଷ୍ଟ୍ରାଇକର: କରୁଣା ମିଞ୍ଜ ଏବଂ ଜ୍ୟୋତି ଖାଖା।

ରାଇଟ୍ ଷ୍ଟ୍ରାଇକର: ବିନତି ମିଞ୍ଜ ଏବଂ ଡଲି ଭୋଇ।


ୟଙ୍ଗ୍ ଉତ୍କଳ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳି ଓ କର୍ମକର୍ତ୍ତା।

# ଡୋପିଂ ପାଇଁ ଅଲିମ୍ପିକ ରୌପ୍ୟ ବିଜେତା ବାସନ୍ଦ

**ମୋନାକୋ, ୩।୫ (ଏପି):** ଡୋପିଂ ପାଇଁ ପୁରୁଷ ୮୦୦ ମିଟର ରୌପ୍ୟ ପଦକ ବିଜେତା ନିଜେଲ ଆମୋସ ୩ ବର୍ଷ ବାସନ୍ଦ ହୋଇଥିବା ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) କହିଛି। ଗତବର୍ଷ ଟ୍ରାକ୍ ୱାର୍ଲ୍ଡ ଚାମ୍ପିୟନଶିପ ସମୟରେ ବତ୍ସ୍ୱାନାର ଏହି ଧାବକଙ୍କର ଡୋପ୍ ଟେଷ୍ଟ ବେଳେ ତାଙ୍କଠାରୁ ସଂଗୃହୀତ ନମୁନାରୁ ନିଷିଦ୍ଧ ଜିଡବ୍ଲ୍ୟୁ ୧୫୧୬ ଦ୍ରବ୍ୟର ମାତ୍ରା ଠାବ କରାଯାଇଥିଲା। ତାଙ୍କୁ ୪ ବର୍ଷ ବାସନ୍ଦ କରାଯିବା କଥା, ମାତ୍ର ସେ ଦୋଷ ସ୍ୱୀକାର କରିବାରୁ ଦଣ୍ଡର ଅବଧିକୁ ୧ ବର୍ଷ କରାଇ ଦିଆଯାଇଥିଲା।

# ୟଙ୍ଗ୍ ଉତ୍କଳ ଫୁଟ୍‌ବଲ ଏକାଡେମୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ):** କଟକସ୍ଥିତ ଖାନନଗର ଗ୍ରାଉଣ୍ଡରେ ଚତୁର୍ଥ ଗ୍ରାସ୍‌ରୁଟ୍ ସେଣ୍ଟର ବୁଧବାର ସଫଳତାର ସହ ଉଦ୍‌ଘାଟିତ ହୋଇଯାଇଛି। ଏହାର ନାମ ୟଙ୍ଗ ଉତ୍କଳ ଫୁଟ୍‌ବଲ ଏକାଡେମୀ ରଖାଯାଇଛି। ଉଦ୍‌ଘାଟନୀ ଅବସରରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସଦସ୍ୟ ତଥା ୟଙ୍ଗ ଉତ୍କଳ କ୍ଲବର ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ଫାଓର ବୈଷୟିକ ନିର୍ଦ୍ଦେଶକ ସୁରଜିତ ଘୋଷ ଏବଂ ୟଙ୍ଗ ଉତ୍କଳ କ୍ଲବର ଅନ୍ୟ ସଦସ୍ୟଗଣ ଉପସ୍ଥିତ ଥିଲେ।

# ମେସିଙ୍କୁ ସସ୍‌ପେଣ୍ଡ କଲା ପିଏସ୍‌ଜି

**ପ୍ୟାରିସ, ୩।୫(ଏପି):** ପ୍ୟାରିସ ସେଣ୍ଟ୍ ଜର୍ମେନ (ପିଏସ୍‌ଜି) ଷ୍ଟାର ଫୁଟ୍‌ବଲ ଖେଳାଳି ଲିଓନେଲ ମେସିଙ୍କୁ ସସ୍‌ପେଣ୍ଡ କରିଛି। କାରଣ କ୍ଲବର ବିନା ଅନୁମତିରେ ସେ ସାଉଦି ଆରବ ଗସ୍ତରେ ଯାଇଥିଲେ। ପିଏସ୍‌ଜି ତରଫରୁ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଆର୍ଜେଣ୍ଟିନା ଫୁଟ୍‌ବଲ ଅଧିନାୟକଙ୍କୁ ୨ ସପ୍ତାହ ସସ୍‌ପେଣ୍ଡ କରାଯାଇଥିବା ଫ୍ରେଞ୍ଚ ଗଣମାଧ୍ୟମରେ ପ୍ରକାଶ ପାଇଛି। ଦୁଇ ସପ୍ତାହ ସସ୍‌ପେଣ୍ଡ ହେବାଦ୍ୱାରା ଏଲ୍'ଇକ୍ୱିପ୍ ଓ ଆରଏମ୍‌ସି ସ୍ପୋର୍ଟ୍ସ ବିପକ୍ଷ କ୍ଲବର ଦୁଇଟି ମ୍ୟାଚରେ ସେ ଖେଳିବାରୁ ବଞ୍ଚିତ ହେବେ। ସସ୍‌ପେଣ୍ଡ ସମୟସମୀମା ମଧ୍ୟରେ ମେସି ଦଳ ସହିତ ଟ୍ରେନିଂ ନେଇପାରିବେନି କିମ୍ବା ଖେଳିପାରିବେନି। ଏହି ସମୟରେ ସେ ପାରିଶ୍ରମିକ ମଧ୍ୟ ପାଇବେ ନାହିଁ। ମଧ୍ୟପ୍ରାଚ୍ୟ ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲାଗି ୩୫ବର୍ଷୀୟ ମେସିଙ୍କର ସାଇଦି ଆରବ ସହ ଏକ କମର୍ସିଆଲ କଣ୍ଟ୍ରାକ୍ଟ ରହିଛି। ଆର୍ଜେଣ୍ଟିନା ଫୁଟ୍‌ବଲ ଷ୍ଟାର ଏଭଳି ଏକ ସମୟରେ ସସ୍‌ପେଣ୍ଡ ହୋଇଛନ୍ତି, ଯେତେବେଳେ ଏହି ସିଜନ ପରେ ଫ୍ରେଞ୍ଚ କ୍ଲବ ତାଙ୍କ ସହିତ ଚୁକ୍ତି ମିଆଦ ବୃଦ୍ଧି କରିବ ବୋଲି ଆଶା କରାଯାଉଥିଲା।

# 'ମାମଲା ଚପାଇବାକୁ ଉଦ୍ୟମ ହୋଇଥିଲା'

**ନୂଆଦିଲ୍ଲୀ,୩।୫:** ଭାରତୀୟ ରେସ୍‌ଲିଂ ସଂଘ ସଭାପତିଙ୍କ ବିରୋଧରେ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନରତ ଆଥ୍‌ଲେଟମାନେ କେନ୍ଦ୍ର କ୍ରୀଡାମନ୍ତ୍ରୀଙ୍କ ବିରୋଧରେ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର ଏହି ମାମଲାକୁ ଚପାଇବାକୁ ଉଦ୍ୟମ କରୁଥିଲେ ବୋଲି କହିଛନ୍ତି ଭିନେଶ ଫୋଗତ। ପ୍ରଥମ ଥର ଆନ୍ଦୋଳନ ସମୟରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଓଭର ସାଇଟ୍ କମିଟି ଗଠନ କରିଥିଲେ। ପ୍ରଥମ ଥର ଆନ୍ଦୋଳନ ସମୟରେ କେନ୍ଦ୍ର କ୍ରୀଡାମନ୍ତ୍ରୀ ଆଥଲେଟମାନଙ୍କୁ ଭେଟିବା ସମୟରେ ଯୌନ ଶୋଷଣ ସମ୍ପର୍କରେ ଅବଗତ କରାଯାଇଥିଲା। ତେବେ କଡା କାର୍ଯାନୁଷ୍ଠାନ ପରିବର୍ତ୍ତେ ସେ ଏକ କମିଟି ଗଠନ କରି ମାମଲାକୁ ଦୁର୍ବଳ କରିବାକୁ ଉଦ୍ୟମ କରିଥିଲେ। ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କ ବିରୋଧରେ ଲଢେଇ ସର୍ବଦା କଷ୍ଟସାଧ୍ୟ ରହିଥାଏ। ବ୍ରିଜ୍‌ଭୂଷଣ ଦୀର୍ଘ ଦିନ ଧରି କ୍ଷମତାରେ ରହିଛନ୍ତି।

# ରେସ୍‌ଲରଙ୍କୁ ଭେଟିଲେ ପି.ଟି. ଉଷା

**ଡବ୍ଲ୍ୟୁଏଫ୍‌ଆଇ ଯୌନ ନିର୍ଯାତନା ମାମଲା**

**ନୂଆଦିଲ୍ଲୀ,୩।୫(ପି.ଟି.)**

ଭାରତୀୟ ରେସ୍‌ଲିଂ ସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ମାମଲାରେ ଆନ୍ଦୋଳନରତ ଆଥ୍‌ଲେଟଙ୍କୁ ଭେଟିଛନ୍ତି ଇଣ୍ଡିଆନ୍ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ସଭାପତି ପିଟି ଉଷା। ଏହା ସହିତ ସେ ଖେଳାଳିମାନଙ୍କୁ ନ୍ୟାୟ ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ପୂର୍ବତନ ଅଲିମ୍ପିଆନ୍ ଧାବିକା ଉଷା ବୁଧବାର ଯନ୍ତରମନ୍ତରଠାରେ ଆନ୍ଦୋଳନ କରୁଥିବା ଖେଳାଳିମାନଙ୍କୁ ଭେଟିଥିଲେ। ପୂର୍ବରୁ ରେସ୍‌ଲରମାନଙ୍କ ବିରୋଧରେ ଦେଇଥିବା ବୟାନ ପାଇଁ ଉଷାଙ୍କୁ ସମସ୍ତ ମହଲରୁ ସମାଲୋଚନା କରାଯାଇଥିଲା। ରେସ୍‌ଲରମାନେ ଆଇଓଏର ଦ୍ୱାରସ୍ଥ ହେବା ପରିବର୍ତ୍ତେ ରାସ୍ତାକୁ ଓହ୍ଲାଇ ଦେଶର ଛବି ମଳିନ କରୁଛନ୍ତି ବୋଲି ଉଷା କହିଥିଲେ। ଏହା ପରେ ଉଷାଙ୍କ ମନ୍ତବ୍ୟକୁ ସବୁ ଆଡୁ ନିନ୍ଦା କରାଯାଇଥିଲା। ଆଥ୍‌ଲେଟମାନଙ୍କୁ ଭେଟିବା ପରେ ଉଷା ଗଣମାଧ୍ୟମକୁ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ତେବେ ସମସ୍ତ ପ୍ରକାର ସହାୟତାର ପ୍ରତିଶ୍ରୁତି ମିଳିଥିବା ନେଇ ସୂଚନା ଦେଇଥିଲେ ବଜରଙ୍ଗ ପୁନିଆ। ଉଷାଙ୍କ ପ୍ରାରମ୍ଭିକ ମନ୍ତବ୍ୟ ଆମକୁ ଆଘାତ ଦେଇଥିଲା। ମାତ୍ର ଆଜିର ଆଲୋଚନା ପରେ ସମସ୍ତ ଦ୍ୱନ୍ଦ୍ୱ ଦୂର ହୋଇଛି। ସେ ପ୍ରଥମେ ଜଣେ ଆଥ୍‌ଲେଟ ଓ ପରେ ଜଣେ କ୍ରୀଡା ପ୍ରଶାସକ ବୋଲି ଉଷା ଆଲୋଚନା ସମୟରେ କହିଥିଲେ।


ଧାରଣାରତ ରେସ୍‌ଲରଙ୍କ ସହ ଆଲୋଚନା କରୁଛନ୍ତି ପି.ଟି. ଉଷା।

# କଟକ, ଆରଏସ୍‌ପି, ସୁବର୍ଣ୍ଣପୁର, ଦେବଗଡ଼ ବିଜୟୀ

**ସାହାଣୀ କପ୍ ଫୁଟବଲ**

**ଭୁବନେଶ୍ୱର, ୩।୫ (ସ୍ପୋର୍ଟ୍ସ ବ୍ୟୁରୋ)**

୬୨ତମ ସିନିୟର ପୁରୁଷ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ବୁଧବାର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଇଥିବା ୪ଟି ମ୍ୟାଚରେ କଟକ, ଆରଏସ୍‌ପି, ସୁବର୍ଣ୍ଣପୁର ଓ ଦେବଗଡ଼ ବିଜୟୀ ହୋଇଛନ୍ତି। କଟକର ଓଟିଏମ୍ ଗ୍ରାଉଣ୍ଡରେ କଟକ ୧-୦ ଗୋଲ୍‌ରେ କେନ୍ଦୁଝରକୁ ପରାସ୍ତ କରିଛି। ଦୀନବନ୍ଧୁ ଦାସ ଖେଳର ୯ମ ମିନିଟରେ ବିଜୟସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସ୍‌ପି) ୫-୦ ଗୋଲ୍‌ରେ ଯାଜପୁରକୁ ହରାଇ ଦେଇଛି। ଦଳ ପକ୍ଷରୁ ବେତାଳ ଲାକ୍ରା, ଆନନ୍ଦ ଓରାମ, ସମୀର କେରକେଟା, ଅଡୱିନ ତିର୍କୀ ଓ ପ୍ରଦୀପ ବରୁଆ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଗ୍ରାଉଣ୍ଡରେ ସୁବର୍ଣ୍ଣପୁର ୭-୧ ଗୋଲ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜିତୁ ମୁଦୁଲି ୨ଟି ଗୋଲ୍ ସ୍କୋର କରିଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନ, ବିକ୍ରମ ମାଝି, ବିନୟ ମାଝି, କବୀର ଖାଡିଆ ଓ ଚନ୍ଦ୍ରକାନ୍ତ ଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ଦେବଗଡ଼ ୬-୨ରେ ରାୟଗଡ଼ାକୁ ପରାଜିତ କରିଛି। ଏଥିରେ ଦେବଗଡ଼ ପକ୍ଷରୁ ପାତ୍ରାସ ମିଞ୍ଜ୍ ୧୧ତମ, ୩୫ତମ ଓ ୭୨ତମ ମିନିଟ୍‌ରେ ବ୍ୟକ୍ତିଗତ ୩ଟି ଗୋଲ ଦେଇଥିବା ବେଳେ ସୁଶୀଲ କେରକେଟା, ସୁରେଶ ଖାଡ଼ିଆ ଓ ରୋହିତ ମୁଣ୍ଡା ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ।



କଟକସ୍ଥିତ ବିଡ଼ାନାସୀ ଗ୍ରାଉଣ୍ଡରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଓ ଯାଜପୁର ମଧ୍ୟର ଅନୁଷ୍ଠିତ ମ୍ୟାଚ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ